

ସ୍ୱଦେଶୀ ସାମଗ୍ରୀ ଆପଣାଇବାକୁ ଆହ୍ୱାନ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମା’ ହେବେ ପରିଣୀତି ! |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୫ Vol. 22 No-125 4 AUGUST 2025 MONDAY, BHUBANESWAR ସୋମବାର, ୪ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଚାଷୀଙ୍କୁ ଦଳିଦେଲା ହାତୀ, ବିଷ ପିଇଲେ ସ୍ତ୍ରୀ

ତେଲକୋଇ,୩।୮ (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ହାତୀ ଆକ୍ରମଣ ବୃଦ୍ଧି ପାଇଛି। ପ୍ରତିଦିନ କେହି ନା କେହି ହାତୀ ଆକ୍ରମଣରେ ପ୍ରାଣ ହାରୁଛନ୍ତି। ରବିବାର ସକାଳେ କେନ୍ଦୁଝର ଜିଲ୍ଲା ତେଲକୋଇ ଗୋବିନ୍ଦପୁର ଗାଁରେ ଫସଲ ରକ୍ଷାପାଇଁ ହାତୀ ଘଉଡାଉଥିବା ବେଳେ ଜଣେ ଚାଷୀଙ୍କୁ ହାତୀ ଦଳିଦେଇ ମାରି ଦେଇଥିବା ଅଭିଯୋଗ ହୋଇଛନ୍ତି। ଖବର ପାଇବା ପରେ ତାଙ୍କ ପତ୍ନୀ ବିଷ ପିଇ ଗୁରୁତର ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ସମୁଦ୍ରରେ ୩ ମତ୍ସ୍ୟଜୀବୀ ନିଖୋଜ

ବସ୍ତା,୩।୮ (ଭାସ୍କର ନ୍ୟୁଜ): ରବିବାର ସକାଳେ ଦୀଘା ନିକଟ ସମୁଦ୍ରରେ ମାଛ ମାରିବାକୁ ଯାଇ ୪ ମତ୍ସ୍ୟଜୀବୀ ନିଖୋଜ ହୋଇଥିବାବେଳେ ଅନ୍ୟ ୩ଜଣଙ୍କ ପତ୍ତା ମିଳିପାରି ନାହିଁ। ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତାଙ୍କୁ ଦୀଘା ମେରାଇନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୩ଜଣଙ୍କୁ ଖୋଜିବା ପାଇଁ ୩ଟି ଅତ୍ୟାଧୁନିକ ବୋଟ୍ ସହ ତଲାସୀ ଜାରି ରହିଛି।

### ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା ପରେ ଫିଙ୍ଗିଦେଲେ

ପାରଳାଖେମୁଣ୍ଡି,୩।୮ (ଭାସ୍କର ନ୍ୟୁଜ): ୧୫ଦିନ ତଳେ ଜଣେ ମହିଳାଙ୍କ ମୃତ୍ୟୁରୁ ଗୁଣିଗାରେଡି ସନ୍ଦେହରେ ଜଣେ ଯୁବକଙ୍କୁ କେତେକ ଯୁବକ ହତ୍ୟାକରି ହରଭଙ୍ଗୀ ଡ୍ୟାମରେ ଫିଙ୍ଗି ଦେଇଥିବାବେଳେ ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗଜପତି ଜିଲ୍ଲା ମୋହନା ରାଚାଗୁଡ଼ା ଗାଁରେ ଏହି ଅଘଟଣ ଘଟିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି।

ସେନ୍‌ସେକ୍ସ: ୮୦,୫୯୯.୯୧
ସର୍ବାଧିକ: ୩୨ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

**୩। ୮।୨୦୨୫ ର ମତାମତ**

ମୁଖ୍ୟମନ୍ତ୍ରୀଙ୍କ ସଭାରେ ସାମ୍ବାଦିକଙ୍କୁ ଆକ୍ରମଣ ଠିକ୍ କି ?




**ଆଜିର ପ୍ରସଙ୍ଗ**

କଠୋର ଆଇନ ଗୁଣିଗାରେଡି ପ୍ରଥାକୁ ବିଲୋପ କରିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ସର୍କାର କହିଲେ ଦିଲ୍ଲୀରେ ପୀଡ଼ିତା
ଚେଷ୍ଟା ସତ୍ତ୍ୱେ ଗଲେ ମରି,
ପୁଲିସି କହିଲା କ୍ଲୁ କିଛି ନାହିଁ
କେସ୍ ଦେଲୁ କ୍ଲୋଜ୍ କରି ।
ବାପ ଦାଦା ଭାଗିଦାରୀ,
ସେମାନେ କହିଲେ ‘ନୋ ରାଜନୀତି,
ଫର୍‌ଦର୍ ଇନ୍‌କ୍ୱାରୀ’ !!

## ଆନ୍ଧ୍ର ଗ୍ରାନାଇଟ୍ ଖଣିରେ ଭୟଙ୍କର ବିସ୍ଫୋରଣ

# ୬ ଓଡ଼ିଆ ଶ୍ରମିକ ମୃତ



- ମୋଟ ମୃତ୍ୟୁସଂଖ୍ୟା ୯ ନେଇ ସୂଚନା
- ମୃତକଙ୍କ ମଧ୍ୟରେ ଗଜପତି, ଗଞ୍ଜାମ ଶ୍ରମିକ
- ଅନ୍ୟ ୧୦ ଗୁରୁତର ହସ୍ପିଟାଲରେ ଭର୍ତ୍ତି
- ତଦନ୍ତ ନିର୍ଦ୍ଦେଶ ଦେଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ
- ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ହାଇଦ୍ରାବାଦ/ଭୁବନେଶ୍ୱର,୩।୮ (ବ୍ୟୁରୋ): ଆନ୍ଧ୍ର ପ୍ରଦେଶର ଏକ ଗ୍ରାନାଇଟ୍ ଖାଦାନରେ ରବିବାର ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ମୋଟ ୯ ଶ୍ରମିକଙ୍କର ମୃତ୍ୟୁ ଘଟିଥିବାବେଳେ ମୃତକଙ୍କ ମଧ୍ୟରେ ୬ଜଣ ଓଡ଼ିଆ ଶ୍ରମିକ ରହିଛନ୍ତି। ଅନ୍ୟ ୧୦ଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ଯେଉଁ ୬ ଶ୍ରମିକ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ମଧ୍ୟରେ ଗଞ୍ଜାମର ୪ଜଣ ରହିଥିବାବେଳେ ଅନ୍ୟ ଦୁଇଜଣ ଗଜପତି ଜିଲ୍ଲାର ବୋଲି ସୂଚନା ଦିଆଯାଇଛି। ଏହି ଘଟଣାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଗଭୀର ଶୋକ ପ୍ରକାଶ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶ ବାପଟାଲା ଜିଲ୍ଲା ବାଲିକୁରୁମା ଗ୍ରାନାଇଟ୍ ଖାଦାନରେ ରବିବାର ସକାଳେ ଶ୍ରମିକମାନେ କାମ କରୁଥିଲେ। ତେବେ ସେଠାରେ ମୋଟ ୧୮ରୁ ଊର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ। ଶ୍ରମିକମାନେ କାର୍ଯ୍ୟ କରୁଥିବାବେଳେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ୧୦ଜଣଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ବି ପଥର ଖଣ୍ଡତଳେ କିଛି ଶ୍ରମିକ ଚାପିହୋଇ ରହିଥିବା ଆଶଙ୍କାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଆନ୍ଧ୍ରପ୍ରଦେଶ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ବାପଟାଲା ଜିଲ୍ଲା ବାଲିକୁରୁମା ନିକଟ ସତ୍ୟକ୍ରିଷ୍ଣା ଗ୍ରାନାଇଟ୍ ଖାଦାନରେ ଏହି ଅଘଟଣ ଘଟିଛି। ଏହି ସମୟରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପରେ ଘଟଣାସ୍ଥଳରୁ ୪ଜଣଙ୍କର • ପୃଷ୍ଠା ୫ ଦେଖନ୍ତୁ

## ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣା

# ଜନ୍ମମାଟିରେ ପହଞ୍ଚିଲା ମରଶରୀର



ନିମାପଡ଼ା/ପୁରୀ,୩।୮ (ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ପୁରୀଜିଲ୍ଲା ବଳଙ୍ଗା ଥାନା ବାୟାବର ଗ୍ରାମର ୧୫ବର୍ଷୀୟା ନାବାଳିକାଙ୍କର ଦିଲ୍ଲୀ ଏମ୍ସରେ ଶନିବାର ପରଲୋକ ହେବା ପରେ ତାଙ୍କ ଶେଷକୃତ୍ୟ ପାଇଁ ଜନ୍ମମାଟିରେ ପ୍ରସ୍ତୁତିପର୍ବ ଶେଷ ହୋଇଛି। ତାଙ୍କ ମୃତଦେହ ଦିଲ୍ଲୀ ଏମ୍ସରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ ତାଙ୍କ ମୃତଦେହ ଜନ୍ମମାଟିରେ ପହଞ୍ଚି ସାରିଛି। ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ନୂଆଦିଲ୍ଲୀ ବିମାନ ବନ୍ଦରରୁ ପୀଡ଼ିତାଙ୍କ ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସ୍ୱର୍ଗରଥରେ ବାୟାବରକୁ ନିଆଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରେ ସ୍ୱର୍ଗରଥ ଏଥିପୂର୍ବରୁ ପହଞ୍ଚିଥିଲା। ସେହି ସ୍ୱର୍ଗରଥରେ ତାଙ୍କ ମୃତଦେହକୁ ଜନ୍ମମାଟିକୁ ନିଆଯାଇଥିଲା। ପୀଡ଼ିତାଙ୍କୁ କବର ଦେବାପାଇଁ ତାଙ୍କ ଘରର ବାଡିପଟେ ଖୋଳା ଯାଇଥିବା ଗାତରେ ମୁସଲିମ ରୀତିନୀତି ଅନୁସାରେ କବର ଦିଆଯାଇଥିଲା। ତାଙ୍କ ଘର ସମ୍ମୁଖ ଓ ଗାଁରେ ପୋଲିସ ପହରା ଦେଉଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ଏଡାଇବା ପାଇଁ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଶନିବାର ଦିଲ୍ଲୀ ଏମ୍ସ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସନ୍ଧ୍ୟାରେ ପୀଡ଼ିତା ଆଖି ବୁଜିଥିଲେ। ଏ ନେଇ ସାରା ରାଜ୍ୟମଧ୍ୟ ସ୍ତବ୍ଧ ହେବା ସହ ବାୟାବରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁକୁ ରାଜନୀତିକରଣ ନ କରିବା ପାଇଁ ପୀଡ଼ିତାଙ୍କ ବାପା ଏକ ଭିଡିଓ ମାଧ୍ୟମରେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ସମ୍ବେଦନହୀନ ମନ୍ତବ୍ୟ ନ ଦେବାପାଇଁ ମଧ୍ୟ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ ଗତମାସ ୧୯ ତାରିଖରେ ଏହି ପୀଡ଼ିତା ଜଣକ ନିଜ ସାଙ୍ଗ ଘରକୁ ଯାଉଥିବାବେଳେ ରାସ୍ତାରେ ୩ଜଣ ଯୁବକ ତାଙ୍କୁ ଅନୁସରଣ କରିବା ସହ ଅପହରଣ କରି ନିକଟସ୍ଥ ନଦୀପଠାକୁ ନେଇ କିରାସିନି ଢାଳି ନିଆଁ ଲଗାଇଥିବାର ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ସେଠାରେ ତାଙ୍କ ପୋଡ଼ିଯାଇଥିବା ଅଂଶରେ ଅସ୍ତ୍ରୋପଚାର କରାଯିବା ସହ ତିନି ତିନିଥର ତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡିର ଏକ ଟିମ୍ ଏମ୍ସ ଯାଇଥିଲେ। ସେମାନେ ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ପରିବାରବର୍ଗଙ୍କୁ ଭେଟି ଆଲୋଚନା କରିଥିଲେ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ଜେଲ୍ ଗଲେ ବୋର୍ଡ ଉପ ସଭାପତି



- ଜିତନଙ୍କ ସହ ୧୦୦ଥର କଥା ହୋଇଛନ୍ତି ଉପସଭାପତି
- ପ୍ରଶ୍ନପତ୍ର ଲ୍ୟାପଟପ୍‌କୁ ଆସିବା ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ
- ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯିବ: କ୍ରାଇମବ୍ରାଞ୍ଚ ଡିଜି

କଟକ,୩।୮ (ଭାସ୍କର ନ୍ୟୁଜ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚର ବଡ଼ଧରଣର କାର୍ଯ୍ୟାନୁଷ୍ଠାନ। ବନ୍ଧା ହେଲେ ମାଧ୍ୟମିକ ଶିକ୍ଷାବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି। ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ସେ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିଲେ। ଗତ କିଛିଦିନ ଧରି ତାଙ୍କ କାର୍ଯ୍ୟକଳାପ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ଲାଗି ରହିଥିଲା। ତେବେ ଶନିବାର ଶ୍ରୀ ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଅଫିସ ଡକାଯାଇ ଦୀର୍ଘ ୬ଘଣ୍ଟା ଧରି ଜେରା କରାଯାଇଥିଲା। ଏପରିକି ତାଙ୍କୁ ପ୍ରଶ୍ନପତ୍ର ଲିକ୍ ନେଇ ବାରମ୍ବାର ପଚରାଯାଇଥିଲା। ତାଙ୍କୁ ଗିରଫ କରାଯିବା ପରେ କଟକ ଦୌରାଜଜଙ୍କ ଅଦାଲତରେ ହାଜର କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୭ଜଣଙ୍କୁ ଗିରଫ କରାଯାଇଥିବ ।ବେଳେ ଏବେ ଗିରଫଦାରୀ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଏହି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରଚଳିତ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଚାଲିଥିବା ନିୟମ ବହିର୍ଭୂତ କାର୍ଯ୍ୟ ଲୋକଲୋଚନକୁ ଆସିଛି। ବୋର୍ଡ ଉପସଭାପତିଙ୍କ ଲ୍ୟାପଟପ୍‌କୁ ପ୍ରଶ୍ନପତ୍ର ଆସିବା କଥା ନୁହେଁ। କିନ୍ତୁ ମୁଦ୍ରଣ ସଂସ୍ଥାରୁ ବୋର୍ଡ ଉପସଭାପତିଙ୍କ ଲ୍ୟାପଟପ୍‌କୁ ଏଫଟିପି ମାଧ୍ୟମ ବଦଳରେ ଇ-ମେଲ୍‌ରେ ପ୍ରଶ୍ନପତ୍ର ଆସିଥିଲା। ତଦନ୍ତବେଳେ କ୍ରାଇମବ୍ରାଞ୍ଚ ଏହାର ପ୍ରମାଣ ପାଇଛି। ବୋର୍ଡର ନିୟମ ଅନୁଯାୟୀ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନ ବିତରଣ କାର୍ଯ୍ୟ ବୋର୍ଡ ସଂପାଦକଙ୍କ ଦାୟିତ୍ୱ। କିନ୍ତୁ ଉପସଭାପତି ଶ୍ରୀ ମହାନ୍ତି କିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସଂପୃକ୍ତ ହେଲେ ଓ ତାଙ୍କର ବ୍ୟକ୍ତିଗତ ଲ୍ୟାପଟପକୁ ପ୍ରଶ୍ନର ସଫ୍ଟ କପି କିପରି ଆସିଲା ତାକୁ ନେଇ ପ୍ରଶ୍ନ ଉଠିଛି। ୩ବର୍ଷ ତଳେ ହୋଇଥିବା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ସଂପାଦକଙ୍କଠାରୁ ଏହି ଦାୟିତ୍ୱ କାଢିଆଣି ଉପସଭାପତିଙ୍କୁ ଦିଆଯାଇଥିଲା। କିନ୍ତୁ ବୋର୍ଡର ଡିଏଲଆର କର୍ମଚାରୀ ଜିତନ ମହାରଣାଙ୍କୁ ଉପସଭାପତି ଡକ୍ଟର ମହାନ୍ତି ବୋର୍ଡର ଗୋପନୀୟ କାର୍ଯ୍ୟରେ ନିୟୋଜିତ କରିବା • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ

# ଖୁବ୍‌ଶୀଘ୍ର ମେଗା ଷ୍ଟିଲପ୍ଲାଣ୍ଟ



ମା’ ତାରିଣୀଙ୍କ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ

- ଉନ୍ନତିମୂଳକ କାର୍ଯ୍ୟର କଲେ ସମୀକ୍ଷା
- ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ
- ଜିଲ୍ଲାର ଭିତ୍ତିଭୂମିକୁ ସର୍ବଶ୍ରେଷ୍ଠ କରିବାକୁ ଆହ୍ୱାନ
- ମା ତାରିଣୀଙ୍କ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ

ଭୁବନେଶ୍ୱର /କେନ୍ଦୁଝର, ୩।୮ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲଠାରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଯୋଗୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକଳ୍ପ ଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜିର ବୈଠକରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ଗମନାଗମନ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ରକଳ୍ପଗୁଡିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ରାଇସୁଆଁ ଏୟାର୍ ଷ୍ଟ୍ରିପ୍, କେଉଁଝର ବାଇପାସ୍, ଆଇକନିକ୍ ବ୍ରିଜ୍, ରେଲୱେ ଷ୍ଟେସନ୍ ରାସ୍ତା, ନୁଦୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା • ପୃଷ୍ଠା ୫ ଦେଖନ୍ତୁ

## ଭିଜିଲାନ୍ସ ଜାଲରେ ଏମ୍‌ଭିଆଇ

# ୪୪ ପ୍ଲଟ୍ ସହ ବିପୁଳ ସମ୍ପତ୍ତି ଠାବ





- ବ୍ୟାଙ୍କ ଜମା ୧କୋଟି ୧୦ଲକ୍ଷ
- ୫୦୦ଗ୍ରାମ ସୁନା, ଅଢେଇ କେଜି ରୁପା ଅଳଙ୍କାର
- ଝିଅ ପାଠପଢାରେ ୪୦ ଲକ୍ଷ ଖର୍ଚ୍ଚ
- ଗୋଟିଏ ୪ଚକିଆ, ୩ ବାଇକ୍ ଜବତ

ବୌଦ୍ଧ,୩।୮ (ଭାସ୍କର ନ୍ୟୁଜ): ଯେତେଯାହା କଲେ ମଧ୍ୟ ସରକାରୀ ବାବୁଙ୍କର ଦୁର୍ନୀତି ଉପରେ ଲଗାମ ଲାଗିପାରୁ ନାହିଁ। ଲାଞ୍ଚ ନେଇ ହେଉ ଅଥବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ହେଉ, ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଉଥିଲେ ମଧ୍ୟ ସେମାନଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ଘଟିବାର ଦେଖାଯାଉ ନାହିଁ। ଜଣକ ପରେ ଜଣେ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଛନ୍ଦି ହେଉଥିବା ପ୍ରତିଦିନ ଦେଖିବାକୁ ମିଳୁଛି। ଏହି କ୍ରମରେ ରବିବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୌଦ୍ଧର ଏମ୍‌ଭିଆଇ ଗୋଲାପଚନ୍ଦ୍ର ହାଁସଦା। ତାଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଠାବ କରାଯାଇଛି। ବାବୁଙ୍କର ୪୪ଟି ପ୍ଲଟ୍ ଥିବାନେଇ ଭିଜିଲାନ୍ସ ସୁରାକ ପାଇଛି। ଏଥିସହ ତାଙ୍କର ବ୍ୟାଙ୍କରେ ୧ କୋଟି ୧୦ଲକ୍ଷ ଟଙ୍କା ଜମା ରହିଛି। ସେହିପରି ନିଜ ଝିଅର ପାଠପଢା ବାବଦରେ ସେ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏତଦ୍‌ବ୍ୟତୀତ ତାଙ୍କ ଘରୁ ନଗଦ ୨ଲକ୍ଷ ୩୮ହଜାର ୭୨୫ଟଙ୍କା ଜବତ କରାଯାଇଥିବାବେଳେ ୫୦୦ ଗ୍ରାମର ସୁନା ଅଳଙ୍କାର ଓ ଅଢେଇ କେଜିର ରୁପା ଅଳଙ୍କାର ଠାବ ହୋଇଛି। ସେହିପରି ତାଙ୍କର • ପୃଷ୍ଠା ୫ ଦେଖନ୍ତୁ

## ସହିଦ ସପ୍ତାହରେ ମାତିଲେ ମାଓବାଦୀ

# ଉଡାଇଲେ ରେଳ ଧାରଣା

- ବିସ୍ଫୋରଣରେ ରେଳ କର୍ମଚାରୀ ମୃତ
- ୧୦ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



କୋଇଡା/ବଣାଇ,୩।୮ (ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ମାଓବାଦ ଲୋପ ପାଇବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୃଢୋକ୍ତି ବାଢିଛନ୍ତି। ତଦନୁଯାୟୀ ସୁରକ୍ଷାକର୍ମୀ ପ୍ରତିଦିନ ମାଓପ୍ରବଣ ଅଞ୍ଚଳଗୁଡ଼ିକରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ବହୁ ସ୍ଥାନରେ ମାଓବାଦୀମାନେ ନିହତ ହେଉଥିବାବେଳେ ଶହଶହ ସଂଖ୍ୟକ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରୁଛନ୍ତି। ଗୋଟିଏ ପଟେ ମାଓ ସଂଗଠନ ଭୁଶୁଡ଼ୁଥିବା କୁହାଯାଉଥିବାବେଳେ କିନ୍ତୁ ମାଓବାଦୀଙ୍କ ତୋଡ଼ ଭାଙ୍ଗିବାର ନା ଧରୁନି। ସେମାନେ ଲୁଚିଛପି ଆକ୍ରମଣ କରୁଛନ୍ତି। ତେବେ ସହିଦ ସପ୍ତାହରେ ମାଓବାଦୀମାନେ ପୁଣିଥରେ ମାତିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ବଣାଇସ୍ଥିତ ବିମଳାଗଡ଼ ସେକ୍ସନ ରେଞ୍ଜଡ଼ା ଓ କରମପଦା ମଝିରେ ମାଓବାଦୀମାନେ ରେଳ ଧାରଣାକୁ ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ମାଓବାଦୀମାନେ ରେଳ ଧାରଣାର ବିଭିନ୍ନ ସ୍ଥାନରେ ପଥର ରଖି ଅବରୋଧ କରିଛନ୍ତି। ଫଳରେ ସଂପୃକ୍ତ ଲାଇନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର

ପୃଷ୍ଠା-୨
Page-2
ଭୁବନେଶ୍ୱର
Bhubaneswar
୦୪.୦୮.୨୦୨୫
04.08.2025




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବା ଓଷ୍ଟାର ଅସ୍ତରଙ୍ଗ ଶାଖା ପକ୍ଷରୁ ଶହେରୁ ଉର୍ଦ୍ଧ୍ୱଶିକ୍ଷକ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଦିନ ଧାରଣା ଦେଇଛନ୍ତି। ଶିକ୍ଷକମାନେ ବିଭିନ୍ନ ସମସ୍ୟାକୁ ନେଇ ଦୀର୍ଘ ବର୍ଷ ହେବ ସରକାରଙ୍କୁ ନିଜ ୬ ଦଫା ଦାବି ବିଷୟରେ ଅବଗତ କରାଇ ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାର ହେଉ କି ବର୍ତ୍ତମାନ ସରକାର ଦାବିକୁ ଗ୍ରହଣ କରୁନଥିବାରୁ ଶିକ୍ଷକ ସାରା ରାଜ୍ୟ ରେ ବିଭିନ୍ନ ବ୍ଲକସ୍ତରୀୟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷା ଅନୁଷ୍ଠାନରେ ଅବସର ନେଇଥିବା, ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ ଓ ଅବସର କାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସରର ବୟସ ସୀମା ୬୦ ବର୍ଷ ପରିବର୍ତ୍ତେ ୬୨ ବର୍ଷ କୁ ବୃଦ୍ଧି, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁମୋଦିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ସ୍କିମକୁ ପୁନଃ ପ୍ରଚଳନ କରିବା, ଏହି ଭଳି ୬ ଗୋଟି ଦାବୀ ପାଇଁ ସଂଘର ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକଙ୍କ ନେତୃତ୍ୱ ରେ ଶତାଧିକ ଶିକ୍ଷକ ଏହି ଆନ୍ଦୋଳନରେ ଭାଗ ନେଇଛନ୍ତି। ଆଗାମୀ ୮ ତାରିଖ ରେ ପୁନଃବାର ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ଦାବି କରିଛି। ଯଦି ଆସନ୍ତା ୮ ତାରିଖରେ ସରକାର ଏମାନଙ୍କ ପାଇଁ କୌଣସି ଦାବି ଗ୍ରହଣ ନକରିବେ ତେବେ ଅଗଷ୍ଟ ୧୬ ତାରିଖରେ ସମ୍ପୂର୍ଣ୍ଣ ସଂଘ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ଓହ୍ଲାଇ ପିଏମଜିରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।

## ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଦୌଡ଼ରେ ଭକ୍ତବତ୍ସଳ



ନିଆଳି (ଭାସ୍କର ନ୍ୟୁଜ): ମନ ମୋହନ ସାମଲ ପୁଣି ଥରେ ରାଜ୍ୟ ବିଜେପି ସଭାପତି ମଙ୍ଗ ସମ୍ଭାଳିବା ପରେ ବିଜେପି କର୍ମୀ ଓ ସମର୍ଥକଙ୍କ ମଧ୍ୟମରେ ଉତ୍ସାହ ବୃଦ୍ଧି ପାଇଛି । ଦଳକୁ ମଜବୁତ କରିବା ପାଇଁ ଶ୍ରୀ ସାମଲ ସାଙ୍ଗଠନିକ ପଦପଦବୀକୁ ଗୁରୁତ୍ୱ ଦେଉଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ସାଙ୍ଗଠନିକ ସ୍ତରରେ ବଡ ପରିବର୍ତ୍ତନ ହେବା ଆଭାସ ମିଳିଛି । ଯୁବ ଚେହେରା ମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦେଇ ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ ଅଣ୍ଟା ଭିଡିଥିବା ନେଇ ସୂଚନା ମିଳିଛି। ଆଗକୁ ବିଜେପି ଯୁବମୋର୍ଚ୍ଚା ସଭାପତି ପଦବୀ ପାଇଁ ଯୁବ ସାଙ୍ଗଠନିକ ଦକ୍ଷତା ଥିବା ଯୁବ ଚେହେରା ତଲାସରେ ଅଛନ୍ତି ଶ୍ରୀ ସାମଲ । ଏହି ରେସର ଅଛନ୍ତି ଯୁବ ଚେହେରା ତଥା ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭକ୍ତବତ୍ସଳ ବସ୍ତିଆ । କଟକ ଜିଲ୍ଲା ନିଆଳି ଅଞ୍ଚଳର ଯୁବ ଚେହେରା ଓ ବିଜେପି ଏବଂ ଆର.ଏସ.ଏସ ଆଇଡୋଲୋଜିକୁ ନେଇ ଯୁବକ ଅବସ୍ଥାରେ ରାଜନୀତିରେ ପାଦ ଦେଇଥିବା ଏବଂ ବର୍ତ୍ତମାନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭାବରେ କାର୍ଯ୍ୟ କରୁଥିବା ଭକ୍ତବତ୍ସଳ ବସ୍ତିଆ ଏବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ରେସରେ ଥିବା ଜଣାପଡିଛି । ଶ୍ରୀ ବସ୍ତିଆ ଛାତ୍ର ଜୀବନରୁ ନିଜକୁ ସମାଜ ସହିତ ଯୋଡିବା ଏବଂ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିଛନ୍ତି । ଦୀର୍ଘ ବର୍ଷ ଧରି ବିଜେପି ଆଇଡୋଲୋଜିରେ କାର୍ଯ୍ୟ କରି ଆସୁଛନ୍ତି । ପୂର୍ବରୁ ସେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ଶ୍ରୀ ବସ୍ତିଆ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରୁ ବିଦ୍ୟାର୍ଥୀ ପରିଷଦରେ ଛାତ୍ର ରାଜନୀତି, ମଣ୍ଡଳ ବିଜେପି ଯୁବମୋର୍ଚ୍ଚା ସଭାପତି, କଟକ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଂଯୋଜକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜେପି ଯୁବମୋର୍ଚ୍ଚା, ଅନୁଗୁଳ ଜିଲ୍ଲା ପ୍ରଭାରୀ, ପାର୍ଟିର ପୂର୍ଣ୍ଣକାଳୀନ ଯୋଜନାରେ ବିସ୍ତାର ଭାବେ କାମ କରି ଦଳ ଭିତରେ ଓ ବାହାରେ ଚର୍ଚ୍ଚାରେ ଅଛନ୍ତି । ପାର୍ଟିର ସାଙ୍ଗଠନିକ ଦାୟିତ୍ୱ ରେ ରହି ପାର୍ଟି ଯାହା ଯେତେବେଳେ ଦାୟିତ୍ୱ ଦେଇଛି ନିଷ୍ଠାପର ଦାୟିତ୍ୱ ତୁଲାଉଥିବା ସୂଚନା ମିଳିଛି । ଏଥର ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ପାଇଁ ଭକ୍ତବତ୍ସଳ ବସ୍ତିଆ ମନୋନୀତ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି ।

## ଶିଶୁମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା

### ■ ୨୧୨ଟି ପ୍ରକଳ୍ପ ପ୍ରଦର୍ଶିତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁଆଁରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ରେ ଶନିବାର ଦିନ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜ୍ଞାନ ବିଜ୍ଞାନ ମେଳାକୁ ପରିଚାଳନା କମିଟି ସମ୍ପାଦକ ବିଜୟ କୁମାର ଭଟ୍ଟ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଶିଶୁମାନଙ୍କୁ ୩ ଟି ବର୍ଗରେ ଭାଗ କରାଯାଇଥିଲା। ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରେ ବିଭକ୍ତ କରାଯାଇ ୧୭୦ଟି ପ୍ରକଳ୍ପ ଓ ୪୨ଟି ପ୍ରକଳ୍ପ କନିଷ୍ଠ, ସର୍ବ କନିଷ୍ଠ ବର୍ଗର। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ବିଜୟ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ ଯୋଗଦେଇ ବିଜ୍ଞାନର ଉପଯୋଗୀତା ସମ୍ବନ୍ଧରେ ପିଲାଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଲକ୍ଷ୍ମୀଧର ମହାନ୍ତି, ଆଲୋକ ଗୁରୁଜୀ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡା ଉଭୟ ଉଦଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ ଆଦି ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ୩୮୦ଜଣ ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।ସମସ୍ତ ଗୁରୁଜୀ, ଗୁରୁମା ପିଲାଙ୍କୁ ଉତ୍ସାହିତ କରିବା ସହ ଜିଜ୍ଞାସା ଭାବ ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ଅଂଶ ଗ୍ରହଣ କାରୀ କୃତି ଛାତ୍ର, ଛାତ୍ରୀଙ୍କୁ ଉପସ୍ଥିତ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଗୁରୁଜୀ ଶ୍ରୀଯୁକ୍ତ ପ୍ରଦୀପ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ, ଗୁରୁମା ପରିଚାଳନା କରିଥିଲେ।

## ୧୭ ସ୍କୁଲକୁ ଜମିପଟ୍ଟା ବଣ୍ଟନ

ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକର ୧୧୨ ହିତାଧିକାରୀ, ୧୭ ସ୍କୁଲକୁ ଜମିପଟ୍ଟା ବଣ୍ଟନକଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା। ଗୋପ ବଜାରରେ ଥିବା ଏକ କଲ୍ୟାଣ ମଣ୍ଡପରେ ଗୋପ ତହସିଲ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମୁତାବକ ସ୍ଥାୟୀ ପଟ୍ଟା ବଣ୍ଟନ କରାଯାଇଥିଲା। ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ମେଗା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଯୋଜନାରେ ୧୭ଟି ବିଦ୍ୟାଳୟ ଓ ୧୧୨ ଜଣ ହିତାଧିକାରୀଙ୍କୁ ସରକାରଙ୍କ କଲମ ଟୁ ଯୋଜନାରେ ପଟ୍ଟା ବଣ୍ଟନ କରିଥିଲେ। ଦୀର୍ଘ ୨ବର୍ଷ ଧରି ବିଭିନ୍ନ ଜମିଜମା ସମ୍ପର୍କିତ ଦାଖଲ ଖାରଜ ମାମଲାରେ ଦୈନନ୍ଦିନ ଶତାଧିକ ଲୋକ ଗୋପ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଆସୁଥିଲେ ମଧ୍ୟ ସେମାନଙ୍କୁ ଜମି ପଟ୍ଟା ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାକୁ ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କାର୍ଯ୍ୟକ୍ରମରେ ମଧ୍ୟ ଅନେକ ବ୍ୟକ୍ତି ଜମିପଟ୍ଟା ନେବାକୁ ଆସି ନ ଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ବିଡିଓ ଛବିରାଣୀ ସାହୁ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



## ୟୁଏଏସ୍‌କୁ ବିରୋଧ କରି ଶିକ୍ଷକ ସମନ୍ୱୟ ସମିତିର ଦାବିପତ୍ର




ଗୋପ (ଭାସ୍କର ନ୍ୟୁଜ): ୟୁନିଫାଏଡ୍ ଅଟୋମେସନ ସିଷ୍ଟମ(ୟୁଏଏସ୍) ପ୍ରତ୍ୟାହାର ଦ୍ୱି କରିଛି ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି। ଶୁକ୍ରବାର ଅପରାହ୍ନରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ ଓ ସାଧାରଣ ସଂପାଦକ ସରୋଜ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ କୁସୁପୁର ସ୍ଥିତ ଶିକ୍ଷକ ଭବନଠାରୁ ଶୋଭାଯାତ୍ରାରେ ଯାଇ ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡିକର ଭୌତିକ ତଥା ଶୈକ୍ଷିକ ଭିତ୍ତିଭୂମିରେ ସୁଧାର ନ ଆଣି ସରକାର ୟୁଏଏସ୍ ଲାଗୁ କରିବା କ୍ଷୋଭ ତଥା ପରିତାପର ବିଷୟ। ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ମୋବାଇଲ ନେଟୱର୍କ ସମସ୍ୟା, ଶିକ୍ଷକଙ୍କ ଦୀର୍ଘଦିନର ଦ୍ୱିପ୍ରତି ସରକାରଙ୍କ ଉଦାସୀନତା ପ୍ରଭୃତି ମୂଳଭୂତ ସମସ୍ୟା ଦୂର ନହେବା ଯାଏଁ ୟୁଏଏସ୍ ଲାଗୁ କରିବା ପ୍ରକ୍ରିୟାକୁ ଶିକ୍ଷକ ସଂଘ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିବା ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିୟନର ସାଧାରଣ ସଂପାଦକ ଶିବଦତ୍ତ ନାୟକ ପ୍ରକାଶ କରିଛନ୍ତି। ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିରୋଧ କରି ଗୋପ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଂପାଦକ ଶିବଦତ୍ତ ନାୟକ, ସରୋଜ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ଲିଙ୍ଗରାଜ ସ୍ୱାଇଁ, ଦିବାକର ପରିଡ଼ା, ଶିକ୍ଷକ ନେତା ଜଳନ୍ଧର ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ସନ୍ତୋଷୀ ନନ୍ଦ, ହରପ୍ରିୟା ଦାସଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

## ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନ ନିଧି ସହାୟତା ଟଙ୍କା ହସ୍ତାନ୍ତର

ଆଳି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଏମ କିଷାନ ସମ୍ମାନ ନିଧି ଅନ୍ତର୍ଗତ ଚାଷୀମାନଙ୍କୁ ସହାୟତା ରାଶି ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମକୁ ସାଂସଦ କେନ୍ଦ୍ରାପଡ଼ା ବୈଜୟନ୍ତ ପଣ୍ଡା, ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ମୁଖ୍ୟ




ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କୁ ତାଙ୍କ ଜମା ଖାତାରେ ୨୦ ତମ କିସ୍ତି ମାଧ୍ୟମରେ ୨୦,୫୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୨୭୬୦୫ ଜଣ ଚାଷୀ ଙ୍କ ଜମାଖାତା ୬୦୦୦ ଟଙ୍କା ହିସାବରେ ୭୬୫୬୩୦, ୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି ।

## ବିଶ୍ୱଶାନ୍ତି ସରୋବରରେ ରକ୍ଷା ବନ୍ଧନ



ଫୁଲନଖରା (ଭାସ୍କର ନ୍ୟୁଜ୍): ପାହାଳ ଥାନା ଅନ୍ତର୍ଗତ ଅନନ୍ତ ପୁରସ୍ଥିତ ବ୍ରହ୍ମାକୁମାରିସ୍ ବିଶ୍ୱଶାନ୍ତି ସରୋବର ଠାରେ ପବିତ୍ର ଆଧ୍ୟାତ୍ମିକ ରକ୍ଷାବନ୍ଧନ ପର୍ବ ଉପଲକ୍ଷେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ଝାଞ୍ଜିରୀ ମଙ୍ଗଳା ଆଶ୍ରମର ବ୍ରହ୍ମାକୁମାରିସ୍ ଡାଇରେକ୍ଟର ଡା.ରାଜଯୋଗିନୀ କମଲେଶ ଦିଦୀ ଜୀ ଉପସ୍ଥିତ ରହି ରାକ୍ଷୀ କାହିଁକି ଭାଇ ହାତରେ ଭଉଣୀ ବାନ୍ଧେ ସେ ବିଷୟରେ ନିଜର ଆଶ୍ରୀବଚନ ମାଧ୍ୟମରେ ଉପସ୍ଥିତ ଥିବା ଭାଇ ଓ ଭଉଣୀଙ୍କୁ ବୁଝାଇଥିଲେ। ଅନନ୍ତପୁର ଆଶ୍ରମର ଆଡିସନାଲ ଡାଇରେକ୍ଟର ରାଜଯୋଗିନୀ ସୁଲୋଚନା ଦିଦି ଜି ରକ୍ଷାବନ୍ଧନ ପର୍ବର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନିଜନିଜ ଭିତରେ ଭାତୃତ୍ୱ ଭାବ ଜାଗୃତ କରିବା ପାଇଁ ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧାପୂର୍ଣ୍ଣ ବାତାବରଣ ସୃଷ୍ଟିକରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଦୁଇଶହରୁ ଉର୍ଦ୍ଧ୍ୱ ଭାଇ ଭଉଣୀଙ୍କ ହାତରେ ରାକ୍ଷୀ ବନ୍ଧାଯାଇ ପବିତ୍ର ସମ୍ପର୍କକୁ ଦୃଢ଼ କରଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ, ଶିକ୍ଷାବିତ, ବୁଦ୍ଧିଜୀବୀଙ୍କ ସହ ଆଶ୍ରମର ଭଉଣୀ ବ୍ରହ୍ମ କୁମାରୀ ତ୍ରିବେଣୀ,ବ୍ରହ୍ମ କୁମାରୀ ସିପ୍ରା,ବ୍ରହ୍ମ କୁମାରୀ ଦେବସ୍ମିତା,ଭ୍ରାତା ବ୍ରହ୍ମକୁମାର ଗୋପାଳ ଭାଇଙ୍କ ସହ ଆଶ୍ରମର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି ମହତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ




ଆସିକା(ଭାସ୍କର ନ୍ୟୁଜ୍):ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ପ୍ରକାଶ ଥାଉକି ଆସିକା ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଏକ ସପିଙ୍ଗ ମଲରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଆସିକା ପାକଲାପଲ୍ଲୀ ଗ୍ରାମର କାଳିଆ ଦାସ ପିତା ଲକ୍ଷ୍ମଣ ଦାସ ନାମକ ଯୁବକ ଜିନିଷ କିଣିବା ବାହାନାରେ ଅଶ୍ଲୀଳ ଇଙ୍ଗିତ କରିବା ସହ ଅସଦାଚରଣ କରିଥିବା ନେଇ ଯୁବତୀ ଜଣଙ୍କ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସରେ ୩୬୦/୨୫ରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଆସିକା ଥାନା ପକ୍ଷରୁ ସୂଚନା ମିଳିଛି।

## ଓଡ଼ିଶା ସ୍କୁଲ୍ କଲେଜ୍ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା



ବେତନଟୀ(ଭାସ୍କର ନ୍ୟୁଜ୍): ଓଡ଼ିଶା ସ୍କୁଲ୍ କଲେଜ୍ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବେତନଟୀ ବ୍ଲକ ପକ୍ଷରୁ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ବ୍ଲକ୍ ଓଷ୍ଟା ସଂଘର ସଂପାଦକ ସୂର୍ଯ୍ୟାନନ୍ଦ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଷ୍ଟାର ଜିଲ୍ଲା ସଂପାଦକ ତଥା ସମନ୍ୱୟ ସମିତିର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ ଯୋଗଦାନ କରି ସ୍କୁଲ କଲେଜ ଶିକ୍ଷକ କର୍ମଚାରୀମାନଙ୍କର ଦାବି ଯଥା ଅନୁଦାନରୁ ବଞ୍ଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜମାନଙ୍କରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଚାକିରି କାଳ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି, ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ୨୦୦୪ ରୁ ୨୦୧୩ ବ୍ୟାଚର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ୬ ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସମସ୍ତ ବିଦ୍ୟାଳୟ ଓ କଲେଜକୁ ସରକାରୀକରଣ, ନୂତନ ପେନସନ ବଦଳରେ ପୁରୁଣା ପେନସନ ପ୍ରଦାନ ଆଦି ବିଷୟ ଉପରେ ସରକାର ସହୃଦୟତାର ସହ ବିଚାର କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ଟୋଲରୁ ଜଗଦୀଶ ଚନ୍ଦ୍ର ମହାନ୍ତ, ଅଲ୍ ଓଷ୍ଟାରୁ ଶ୍ୟାମସୁନ୍ଦର ମଲୁଆଲ, ପୂର୍ବତନ ଶିକ୍ଷକ ନେତା ସଚିଦାନନ୍ଦ ମହାନ୍ତି, ବାସୁଦେବ ନାପିତ ଓ ଶିକ୍ଷକ ଧିରେନ୍ଦ୍ର ପ୍ରଧାନ, ନରହରି ମହାନ୍ତ,ଟିକାୟତ ମହାନ୍ତ, ଜୟନ୍ତ କୁମାର ମହାନ୍ତ, ସୁରମା ଓତା, ବଂଶୀଧର ଗିରି, ସୁବ୍ରତ ଦୁର୍ଗା, ପ୍ରଦ୍ୟୁମ୍ନ ଭୂଇଁ,ଅଞ୍ଜନ ମହାପାତ୍ର, କବିତା ସାହୁ, ହରେକୃଷ୍ଣ ପଣ୍ଡା, ସଂଜିବ କୁମାର ପଣ୍ଡା, ବିଜୟ କୁମାର ପଣ୍ଡିତ,କ୍ଷଣପ୍ରଭା ମହାନ୍ତ, ଧୃବେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ପ୍ରଦିପ କୁମାର ମହାନ୍ତ , କାଞ୍ଚନବାଳା କର , ସୁଶାନ୍ତ ପଣ୍ଡା ପ୍ରଭୃତି ଯୋଗଦାନ କରିଥିଲେ।

## ଦୁଇ ପୁରୁଣା ୱାରେଣ୍ଟି ଗିରଫ




ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଥାନା ପୋଲିସ ଗତକାଲି ରାତିରେ ବିଭିନ୍ନ ଜାଗାରେ ଚଢ଼ାଉ କରି ଦୁଇ ଜଣ ପୁରୁଣା ୱାରେଣ୍ଟିକୁ ଗିରଫ କରିଛନ୍ତି। ସେମାନେ ହେଲେ ଉକ୍ତ ଥାନା ଅଧିନସ୍ଥ ରତନପୁର ପଞ୍ଚାୟତ ପୋଡ଼ପୋଡ଼ା ଗ୍ରାମର ସଂଜୟ କାଣ୍ଡି (୩୭) ତା ନାମରେ ପୂର୍ବରୁ ୧୧୪/୨୪ ରେ ପୁରୁଣା ୱାରେଣ୍ଟ ଜାରି ହୋଇଥିଲା। ସେହିଭଳି ଉକ୍ତ ଥାନା ଅଧିନସ୍ଥ ସଢ଼ାନ୍ତ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଓରଫ ପର୍ଶୁଆ (୫୩)ତା ନାମରେ ୩୬୫/୨୪ ରେ ପୁରୁଣା ମାମଲା ରହିଥିଲା। ୨ ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକ ଆହତ

### ମାଉଜର ସହ ୩ ଜୀବନ୍ତ ଗୁଳି ଜବତ





ରଙ୍ଗେଇଲୁଣ୍ଡା (ଭାସ୍କର ନ୍ୟୁଜ୍): ଗତ କିଛି ମାସ ହେଲା ଗଞ୍ଜାମ ଜିଲ୍ଲାରେ ଅଶାନ୍ତି ହେବା ସହ ଅପରାଧୀ କାର୍ଯ୍ୟକଳାପ ବଢି ଚାଲିଥିବାବେଳେ ପୋଲିସର ନିଦ ହଜିଯାଇଥିଲା। ଶନିବାର ଭୋରୁ ପିତାତଳି-ସୋର୍ଲ ରୋଡ୍ ନିକଟରେ ଗୋଳନ୍ଥରା ଥାନା ପୋଲିସ ଚଢାଉ କରିବା ବେଳେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଏନ୍‌କାଉଣ୍ଟର କରି କାବୁ କରିଥିବା ସୂଚନା ମିଳିଛି। ଆହତ ଜଣକ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ସୁନୀଲ ନାହକ ଓରଫ ମଲ୍ଲ । ସୁନୀଲକୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା ଚାଲିଛି । ଖବର ଅନୁସାରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଗତ ୧୦ ଦିନ ହେଲା ସୁନା ଚେନ ଲୁଟ ଅଭିଯୋଗ ହୋଇଥିଲା। ନିମଖଣ୍ଡି ଓ ଗୋପାଳପୁର ଥାନା ଅଧୀନରେ ଦୁଇଟି ସୁନା ଚେନ ଲୁଟ୍ ହୋଇଥିଲା। ନିମଖଣ୍ଡି ଥାନା ଅଞ୍ଚଳରେ ଜଣେ ମହିଳା ସହ ଦୁଇ ଝିଅ ଟିଉସନ ଯାଉଥିବା ବେଳେ ଦୁର୍ବୃତ୍ତ ଫାଇରିଙ୍ଗ କରି ସୁନାହାର ଲୁଟ କରି ଚମ୍ପଟ ମାରିଥିଲେ । ପୋଲିସ ଅଭିଯୁକ୍ତ କୁ ଚିହ୍ନଟ କରିବା ପରେ ଧରିବା ପାଇଁ ବ୍ରହ୍ମପୁର ସଦର ଏସଡିପିଓ ନେତୃତ୍ୱରେ ୩ଟି ଟିମ ଗଠନ କରାଯାଇଥିଲା। ଶନିବାର ଭୋର ସମୟରେ ସୁନୀଲ ଓ ଅନ୍ୟ ସହଯୋଗୀ ପଲସର ବାଇକ ଯୋଗେ ପିତାତଳି - ସୋର୍ଲା ରାସ୍ତା ଦେଇ ଆସୁଥିବା ଖବର ପାଇ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି ତଥା ଗୋଳନ୍ଥରା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ତାଙ୍କ ଟିମ ଧରିବା ପାଇଁ ଛକି ରହିଥିଲା। ଏରେଣ୍ଡ୍ରା ରାସ୍ତା ନିକଟରେ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ କରିଥିବାବେଳେ ପୋଲିସ ଉପରକୁ ସୁନୀଲ ଦୁଇ ରାଉଣ୍ଡ ଗୁଳି ମାଡ଼ କରିଥିଲା। ଏଥିରେ ଅଳ୍ପକେ ପୋଲିସ ବର୍ତ୍ତି ଯାଇଥିବା ବେଳେ ପୋଲିସ ବୋଲେରୋରେ ଗୁଳି ବାଜିଥିଲା। ଡିଏସପି ବିବେକାନନ୍ଦ ସ୍ୱାଇଁ ପାଲଟା ଗୁଳି ମାଡ଼ରେ ସୁନୀଲର ବାମ ଗୋଡ଼ ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜି ଆହତ ହୋଇଥିବା ବେଳେ ଘଟଣା ସ୍ଥଳରୁ ସହଯୋଗୀ ଫେରାର ହୋଇଯାଇଥିଲେ। ପୋଲିସ ଆହତ ସୁନୀଲକୁ କାବୁ କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ଚାଲିଛି । ଏ ନେଇ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ବ୍ରହ୍ମପୁର ସଦର ଏସ୍‌ଡିପିଓ ମାମଲାର ତଦନ୍ତ କରିବେ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ ପ୍ରେସ ମିଟ୍‌ରେ ସୂଚନା ଦେଇଛନ୍ତି । ସୁନୀଲ ନାଁରେ ହତ୍ୟା, ଦାଦା ବଟି, ହତ୍ୟା ଉଦ୍ୟମ, ଡକାୟତି ଓ ୨୦ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଅଭିଯୁକ୍ତ ଠାରୁ ୨୧ ହଜାର ଟଙ୍କା, ୭.୬୫ ଏମ୍‌ଏମ୍ ବନ୍ଧୁକ, ତିନୋଟି ଜୀବନ୍ତ ଗୁଳି ଓ ବାଇକ ଜବତ କରିଛି । ଅପରାହ୍ନରେ ଘଟଣା ସ୍ଥଳକୁ ସାଇଣ୍ଟିଫିକ ପହଞ୍ଚି ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିବା ଜଣାପଡିଛି ।

**ଗୋଳନ୍ଥରା ପୋଲିସ ପକ୍ଷରୁ ଏନକାଉଣ୍ଟର**

## ୩ ବର୍ଷ ହେବ ଅଧାରେ ଅଟକିଛି ରାସ୍ତାକାମ

### ■ ରାସ୍ତା କାଦୁଅରେ ତଳି ରୋଇଲେ ଲୋକେ

- ◆ ଠିକାଦାର ଓ କନିଷ୍ଠଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଅଭିଯୋଗ
- ◆ ଅବଧି ସାରିଥିଲେ ମଧ ଠିକାଦାରଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ



ବୋଲଗଡ (ଭାସ୍କର ନ୍ୟୁଜ୍): ୩ ବର୍ଷ ହେବ ରାସ୍ତା କାର୍ଯ୍ୟ ଅଧାରେ ଅଟକିଥିବା ଯୋଗୁଁ ରାସ୍ତାଟି କାଦୁଅ, ପଙ୍କରେ ପରିପୂର୍ଣ୍ଣ ହୋଇ ରହୁଛି । ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଛି। ଯାହାଫଳରେ ରାସ୍ତାର ପାଣି କାଦୁଅ ରାସ୍ତାରେ ଆଜି ଗ୍ରାମ ଲୋକ ଧାନ ତଳି ରୋଇଛନ୍ତି। ଏଭଳି ଅଭାବନୀୟ ଘଟଣାଟି ଘଟିଛି ବୋଲଗଡ ବ୍ଲକ ସାନପଦର ଗ୍ରାମପଞ୍ଚାୟତର ବୟାପଲ୍ଲୀ ଗ୍ରାମରେ । ସାନପଦରଠାରୁ ବୟାପଲ୍ଲୀ ଆରଡ଼ି ରାସ୍ତା ସଂଯୋଗ ହୋଇ ୫ କୋଟି ବ୍ୟୟରେ ୩ ତିନିବର୍ଷ ତଳେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ରାସ୍ତା କାର୍ଯ୍ୟ ତିନିବର୍ଷ ଠାରୁ ଆରମ୍ଭ ହୋଇ ମଧ ଏ ପର୍ଯ୍ୟନ୍ତ ସରୁନାହିଁ । କିନ୍ତୁ କାର୍ଯ୍ୟ ଅବଧି ୧୦ ମାସ ଭିତରେ ଶେଷ ହେବା ବେଳେ ତାହା କାହିଁକି ଆଜିପର୍ଯ୍ୟନ୍ତ ପଡି ରହିଛି ଏଠାରେ ପ୍ରଶ୍ନ ସୃଷ୍ଟି ହେଉଛି । ଆରଡ଼ି କନିଷ୍ଠ ଯନ୍ତ୍ରୀ କଣ ପାଇଁ ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି କି ଉପରିସ୍ଥ ଅଧିକାରୀଙ୍କ ସମ୍ମୁଖରେ ଏହାକୁ ପ୍ରକାଶ କରୁନାହାନ୍ତି । ବୋଧେ ଠିକାଦାର ଏବଂ ଆରଡ଼ି କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ କିଛି ମଧୁ ଚନ୍ଦ୍ରିକା ଚାଲିଛି ବୋଲି ଗ୍ରାମ ଲୋକ କହିଛନ୍ତି । ସରକାରଙ୍କ ନିୟମ ଅନୁସାରେ ଆରଡ଼ି କାର୍ଯ୍ୟ ୧୦ ମାସ ଭିତରେ ଶେଷ ହେବ ପାଇଁ ରହିଥିବା ବେଳେ ଏଠାରେ ଠିକାଦାର କାହିଁକି ୩ ବର୍ଷ ହେଲା ରାସ୍ତା କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିନାହାନ୍ତି ? କନିଷ୍ଠଯନ୍ତ୍ରୀ ନିୟମ ଅନୁସାରେ କଣ ପାଇଁ ତାଙ୍କ ଲାଇସେନ୍ସକୁ କ୍ୟାନସଲ କରୁନାହାନ୍ତି ଏବଂ ନୂତନ ଟେଣ୍ଡର ଡାକୁନାହାନ୍ତି। ବୟାପଲ୍ଲୀର ଏହି ଅସପୂର୍ଣ୍ଣ ଆରଡ଼ି ରାସ୍ତାଟିରେ ପ୍ରତିଦିନ ଅଙ୍ଗନବାଡି ପିଲା, ସ୍କୁଲ ପିଲା, କଲେଜ ପିଲାଙ୍କ ସହିତ ଗ୍ରାମବାସୀ ଏହି ରାସ୍ତା ଦେଇ ସାନପଦର ପିଚୁକୁଳି ଦେଇ ବୋଲଗଡକୁ ଯାଇଥାନ୍ତି। କିନ୍ତୁ ରାସ୍ତାର ଏହି ଶୋଚନୀୟ ଅବସ୍ଥାରେ ପିଲାମାନେ ସ୍କୁଲ ଗଲାବେଳେ କାଦୁଅରେ ଗୋଡ଼ଖସି ନାହିଁ ନଥିବା ହଇରାଣ ହେଉଛନ୍ତି। ଆମ୍ବୁଲାନ୍ସ ଆସିଲେ ଫସି ରହୁଛି ଏହି ରାସ୍ତାରେ। ଗ୍ରାମବାସୀ ସେମାନଙ୍କର ସୁବିଧା ପାଇଁ ବଜାର ଆଦି ବାହାରକୁ ଗଲାବେଳେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ରାସ୍ତାଟି ଗ୍ରାମର ମୁଖ୍ୟ ରାସ୍ତା ହେଇଥିବାବେଳେ ଗତ କାଲି ବର୍ଷାରେ ଏହି ରାସ୍ତାଟିରେ ପାଣି ଆଣ୍ଠୁଏ ହେଇଯାଇଛି । ଆଜି ଗ୍ରାମ ଲୋକ ଏହିରାସ୍ତାରେ ଧାନ ତଳି ରୋଇଛନ୍ତି । ଗ୍ରାମର ଲୋକ ମାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କହିଛନ୍ତି ବିଲରେ ତ ପାଣି ନାହିଁ ହେଲେ ରାସ୍ତାରେ ପାଣି ଅଛି ସେଥିପାଇଁ ଆମେ ରାସ୍ତାରେ ତଳି ରୋଉଛୁ । ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଆରଡ଼ି ଜେଇଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ କୌଣସି ସମାଧାନ ହେଉନାହିଁ। ଜେଇ କହୁଛନ୍ତି ହଁ ଜଲଦି କାର୍ଯ୍ୟ ଆମେ ଶେଷ କରିଦେବୁ । ଏ ସମ୍ପର୍କରେ ଆରଡ଼ି ଜେଇ ରବୀନ୍ଦ୍ର କୁମାର ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି ଆମେ ଠିକାଦାରଙ୍କୁ କହିଛୁ ସେ କିଛି ଶୁଣୁନାହାନ୍ତି ଏବଂ ଠିକାଦାରଙ୍କୁ ସବଡ଼ିଭିଜନରୁ ନୋଟିସ ହେଇଥିଲା ବେଳେ ସେ କାର୍ଯ୍ୟଟିକୁ ଶିଘ୍ର ଶେଷ କରିଦେବ ବୋଲି ଉତ୍ତର ରଖିଥିଲେ। କିନ୍ତୁ କାର୍ଯ୍ୟ ସେ କରୁନାହାନ୍ତି । ଏଠାରେ ଆରଡ଼ି ଜେଇ କାହିଁକି ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ସାଧାରଣରେ ଚର୍ଚ୍ଚା ହେଉଛି । ଠିକାଦାର ଓ ଆରଡ଼ି ଜେଇଙ୍କ ମଧ୍ୟରେ କିଛି ଭିତିରିଆ ସମ୍ପର୍କ ରହିଛି ବୋଲି ଲୋକମାନେ କହୁଛନ୍ତି । ରାଜ୍ୟ ସରକାର ମୋହନ ମାଝୀ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ,ବୋଲଗଡ ବିଡ଼ିଓ, ଆରଡ଼ି ଉଚ୍ଚ ପଦସ୍ତ ଅଧିକାରୀ ମାନେ ଦୃଷ୍ଟି ଦେଇ ତୁରନ୍ତ ଏହି ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ବୟାପଲ୍ଲୀ ଗ୍ରାମବାସୀ ଓ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଅନୁରୋଧ କରିଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ଭୁବନେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ପରିଷଦର ଦିବଂଗତ ସଦସ୍ୟଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଅନୁଷ୍ଠାନ ପକ୍ଷରୁ ମନୋଜ କୁମାର ସାହୁଙ୍କୁ ବୀର ସୁରେନ୍ଦ୍ର ସାଏ ସମ୍ମାନରେ ସମ୍ମାନୀତ କରାଯିବା ସହ ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା । ପରିଷଦ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥୀକ ବିବରଣୀ ପାଠ କରିଥିଲେ । ବୈଠକରେ ରାସ୍ତା ଉପରେ ମାଂସ କଟାଯାଉଥିବା ଓ ପାଣି ବିଲରେ ମାସକୁ ୫୦ ଟଙ୍କା ମିଟର ଭଡାକୁ ତିବ୍ର ବିରୋଧ କରାଯାଇଥିଲା । ଭିଏସ୍ଏସ୍ ନଗରକୁ ରାଜସ୍ୱ ଗ୍ରାମ, ସୈନିକ ସ୍କୁଲ ପାଖରେ ଅଳିଆ ଗଦା ହଟାଇବା, ବାଣୀବିହାର ଗେଟ ଖୋଲିବା, ଲକ୍ଷ୍ମୀବିହାର-ଭିଏସ୍ଏସ୍ ନଗର ରାସ୍ତା ନିର୍ମାଣ, ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ପାର୍କକୁ ଉନ୍ନୟନ ପରିଷଦ ହାତକୁ ନେବା ଆଦି ବହୁ ବିଷୟରେ ଆଲୋଚନା କରାଯାଇଥିଲା ।

### ଫିର୍ ଭି ଦିଲ୍ ହୈ ହିନ୍ଦୁସ୍ତାନୀ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ

# ଏ ମେରେ ୱତନ କେ ଲୋଗୋ...



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ. ଡି କ୍ରିଏସନ ଆଣ୍ଡ ଗ୍ରୁପ ପକ୍ଷରୁ ଫିର ଭି ଦିଲ ହୈ ହିନ୍ଦୁସ୍ତାନୀ ଏକ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଯୋଗ ଦେଇ ଥିଲେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସର ଭାରତ ଭୂଷଣ ସେଠି, (କଟକ-ଭୁବନେଶ୍ୱର) ପୋଲିସ କମିଶନର ଡ଼ ଏସ. ଦେବ ଦତ୍ତ ସିଂହ, ବୋର୍ଡର ସେନା ସୁରକ୍ଷା କର୍ମୀ ଫୋର୍ସର ଦିୱାକର କୁମାର, ବୋର୍ଡର ସେନା ସୁରକ୍ଷା ବଳ କମାଣ୍ଡିଂ ଅଫିସର ୧୨୦ ଇନଫାନଟ୍ରି ବାଟାଲିୟନ କର୍ଣ୍ଣେଲ ରୋହିତ ସିଂ, ଡିଜି କଷ୍ଟ ଗାର୍ଡ ସତ୍ୟ ରଞ୍ଜନ ଦାସ ଯୋଗ ଦେଇଥିଲେ । ସହିଦଙ୍କ ବଳିଦାନ ବିଷୟରେ ଅତିଥି ମାନେ ଆଲୋକ ପାତ କରିଥିଲେ । ଏହି ପରି ଏକ ଚିନ୍ତା ଧାରା ରଖି ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରି ଥିବାରୁ ଏମ. ଡି. କ୍ରିଏସନକୁ ଖୁବୁ ପ୍ରଶଂସା କରିଥିଲେ ଅତିଥିମାନେ । ଏହି ଅବସରେ ଦେଶ ପାଇଁ ଯୁଦ୍ଧରେ ଲଢ଼ି ବଳିଦାନ ଦେଇଥିବା ଅମର ସୈନକ ଶହିଦ ସୁଶାନ୍ତ କୁନ୍ତିଆ, ଶହିଦ ପ୍ରଦୀପ କୁମାର ପଣ୍ଡା, ଶହିଦ ଗୋବିନ୍ଦ ପ୍ରଧାନ, ଶହିଦ ପ୍ରସନ୍ନ କୁମାର ସାହୁ, ସମ୍ମାନ ବାବଦକୁ ପ୍ରତ୍ୟେକ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କାରାଯାଇଥିଲା । ପରେ ଆରମ୍ଭ ହୋଇଥିଲା ଏହି ସାଂସ୍କୃତିକ ସନ୍ଧ୍ୟାରେ ସଙ୍ଗୀତ ମାଧ୍ୟମରେ ଦେଶ ଭକ୍ତି ଗୀତ ଏ ମେରେ ୱତନ କେ ଲୋଗୋ, ଏ ୱତନ ତେରେ ଲିୟେ, ଏ ଜାତଏ ହୁଏ ଲମହୋ, ଫିର ଭି ଦିଲ ହୈ ହିନ୍ଦୁସ୍ତାନୀ, କର ଚଲେ ହମ ଫିଦା, ଜାନ ତନ ସାଥି ଓ ଏକ ରାଧା ଏକ ମୀରା ଭଳି ଦେଶାତ୍ମବୋଧ ସଙ୍ଗୀତକୁ ୩୦ ଜଣ କଣ୍ଠଶିଳ୍ପୀ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ । ଶେଷରେ ଭାରତୀୟ ଭାଷାକୁ ଜିନୀଥ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ଛୋଲା, ତୀରଙ୍ଗା, ପରିବେଷଣ କରିଥିଲେ । ଏମ.ଡି. କ୍ରିଏସନ ଅନୁଷ୍ଠାନ ପକ୍ଷରୁ ମେରା ତୁମହାରା ଏକ ସୁନ୍ଦର ଦଳଗତ ନୃତ୍ୟ ପରିବେଷଣ କାରାଯାଇଥିଲା । ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରି ହୋଇଆସୁଛି । ଭାରତୀୟ ମୂଲ୍ୟବୋଧ ସଂସ୍କୃତି ଓ ପରମ୍ପରା ବଜାଇ ରଖିବା ପାଇଁ ଏମଡି. କ୍ରିଏସନ ଅନୁଷ୍ଠାନ ଅଧ୍ୟକ୍ଷ ମମତା ଦାସ, ଅଧ୍ୟକ୍ଷ ମନୋରଞ୍ଜନ ଦାସ ପ୍ରକାଶ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଗୁଲସନ ନଦୀମ ଓ କୁମାର ଗୌରବ ପଣ୍ଡା ।

## ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ରପ୍ରଦେଶଠାରେ ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଆନ୍ଧ୍ରପ୍ରଦେଶର ଏକ ପଥର ଖଣିରେ ଅଘଟଣ ଘଟି ଓଡ଼ିଶାର କିଛି ଲୋକଙ୍କ ମୃତ୍ୟ ହୋଇଥିବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।



କଟକ ଗଡ଼ଗଡ଼ିଆ ଘାଟରେ କାଉଡିଆଙ୍କ ପ୍ରବଳ ଭିଡ଼

## ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଉପ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ସରକାର ସବୁ ପଦକ୍ଷେପ ନେଇଥିଲେ । କିନ୍ତୁ ଝିଅର ଜୀବନ ବଂଚି ପାରିଲା ନାହିଁ । ବେଷ୍ଟ ଟ୍ରିଟମେଂଟ ତାଙ୍କୁ ଯୋଗାଇ ଦିଆଯାଇଛି । ତାଙ୍କ ବାପା କହିଛନ୍ତି, ଯେ ସରକାର ଯାହା ପଦକ୍ଷେପ ନେଇଛନ୍ତି ସେଥିରେ ସେ ଖୁସି । ବିରୋଧୀ ଦଳଙ୍କ କାମ ବିରୋଧ କରିବା କିନ୍ତୁ କାହା ଜୀବନକୁ ନେଇ ରାଜନୀତି ନହେଉ ।

## ଶବ ଉପରେ ରାଜନୀତି କରୁଛନ୍ତି ବିରୋଧୀ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଳଙ୍ଗା ପୀଡିତାଙ୍କ ମୃତ୍ୟୁ ପରେ ବିରୋଧୀ ଦଳ ଦ୍ୱାରା ଅଭିଯୋଗକୁ ନେଇ ବିଜେପି ପ୍ରତିକ୍ରିୟା ଦେଇଛି। ବିଜେପିର ପ୍ରବକ୍ତା ମନୋଜ ମହାପାତ୍ର କହିଛନ୍ତି ଯେ ଶାଗୁଣା ଯେମିତି ଶବକୁ ଚାହିଁ ବସିଥାଏ । ସେମିତି ଶବ ଉପରେ ରାଜନୀତି କରୁଛନ୍ତି ବିରୋଧୀ । ଏହା ହୀନ ରାଜନୀତି । ଶାଗୁଣା ପ୍ରକୃତିର ଲୋକ ଏଭଳି ରାଜନୀତି କରନ୍ତି । ଏଭଳି ସ୍ଥିତିରେ ବିଜେଡ଼ି ଓ କଂଗ୍ରେସ ରାଜନୀତି କରନ୍ତୁ ନାହିଁ । ଯେଉଁମାନେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି, ସେମାନେ ଓଡ଼ିଶାର ଡେମୋଗ୍ରାଫି ଜାଣିନାହାନ୍ତି । ଓଡ଼ିଶା ୟୁପି କି ବିହାର ନୁହେଁ । ରାଜ୍ୟ ସରକାର ବଳଙ୍ଗା ପୀଡ଼ିତାଙ୍କୁ ତୁରନ୍ତ ଏମ୍ସରେ ଚିକିତ୍ସା ବ୍ୟବସ୍ଥା କଲେ । ଉତ୍ତମ ଚିକିତ୍ସା ପାଇଁ ଏୟାର ଲିଫ୍ଟ କରି ଦିଲ୍ଲୀ ପଠାଇଲେ । କିନ୍ତୁ ଦୁର୍ଭାଗ୍ୟ ଝିଅର ଜୀବନ ବଞ୍ଚି ପାରିଲା ନାହିଁ । ଏ ଘଟଣାରେ ସମସ୍ତେ ଦୁଃଖିତ । ପୀଡ଼ିତାଙ୍କ ବାପା କହିଛନ୍ତି, ରାଜ୍ୟ ସରକାରଙ୍କ ସହାୟତାରେ ସେମାନେ ଖୁସି । କିନ୍ତୁ ଏଭଳି ସ୍ଥିତିରେ ବିରୋଧୀମାନେ ରାଜନୀତି କରୁଛନ୍ତି ।

### ବଳଙ୍ଗା ପୀଡିତା ମୃତ୍ୟୁ ପରେ ବିଜେଡିର ତୀବ୍ର ପ୍ରତିକ୍ରିୟା

## ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୋଲିସର ସୁଇସାଇଡ ଥିଓରୀ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଳଙ୍ଗା ପୀଡିତାଙ୍କ ମୃତ୍ୟୁ ପରେ ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କୁ ଦାୟୀ କରିବା ସହିତ ରାଜ୍ୟରେ ଛାତ୍ରୀ ଓ ନାରୀଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛି। ରାଜ୍ୟ ସରକାର ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଯେଉଁଥିପାଇଁ ଓଡିଶା ଆଜି ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ଦୁଷ୍କର୍ମ, ଅସଦାଚରଣ, ହତ୍ୟା ଆଦି ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଝିଅଙ୍କୁ ଜାଳିଦେଇ ହତ୍ୟା କରିବା ଏକ ନୂଆ ଅପରାଧ ସୃଷ୍ଟି ହୋଇଛି ବୋଲି ବିଜୁ ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ ଓ ଡ. ସାମନ୍ତସିଂହାର କହିଛନ୍ତି। ଡ. ସାମନ୍ତସିଂହାର କହିଥିଲେ ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ବି, ବାସ୍ତବରେ ଏହା ହତ୍ୟା। ପ୍ରକୃତ ଅପରାଧୀଙ୍କୁ ଖସାଇ ଦେବା ପାଇଁ, ପୀଡିତା ଯେତେବେଳେ ସତ୍ୟ ବୟାନ ଦେବା ପାଇଁ ଆଉ ଏ ଦୁନିଆରେ ନାହାନ୍ତି, ସେତିକିବେଳେ ପୋଲିସ ଆତ୍ମହତ୍ୟା ଥିଓରୀ ଉପସ୍ଥାପନା କରୁଛି, ଯାହା ଆଦୌ ଗ୍ରହଣୀୟ ନୁହେଁ।

## ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ ଖାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମୀମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଛାତ୍ର କଂଗ୍ରେସର କର୍ମୀମାନେ ବଳଙ୍ଗା ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜେଶ ବେହେରା, ଏସକେ ଜିଆଉଦ୍ଦିନ, ଦେବାଶିଷ ମଙ୍ଗରାଜ, ସନାତନ ବେହେରା, ଟିଟୁ ରାଉତରାୟ, ଅନିଲ ପଣ୍ଡା, ସୁବ୍ରତ ସ୍ୱାଇଁ, ସ୍କନ୍ଦନ ସ୍ୱାଇଁ, ରାହୁଲ ରାଓ, ରାହୁଲ ମାଝୀ, ଆୟୁଶ ଖୁଣ୍ଟିଆ, ରାଜେଶ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ଅମ୍ଲାନ ମହାନ୍ତି ଓ ରବିନାରାୟଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ତଦନ୍ତ ବାଟବଣା ନ ହେବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୫ ଦିନଧରି ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଲେ ବଳଙ୍ଗା ପୀଡ଼ିତା। ୧୯ ଜୁଲାଇ ଶନିବାର ସକାଳେ ଘଟଣା ଘଟିଥିଲା ଏବଂ ସେଇ ଶନିବାର ୨ ଅଗଷ୍ଟ ଜୀବନ ଚାଲିଗଲା। ଏତେ ବଡ଼ ଘଟଣା ଘଟିଥିଲେ ବି ସରକାର, ପୋଲିସ ପ୍ରଶାସନ କେବଳ ଶୋକ ବାର୍ତ୍ତା ଦେଇ ନିଜର ଦାୟିତ୍ୱ ସାରିଦେଲେ। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣଙ୍କ ମାନସିକ ସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହେଇ ଆସୁଥିବା ବେଳେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାଗତ ହତ୍ୟା ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ, ମଧୁସ୍ମିତା ଆଚାର୍ଯ୍ୟ, ଡ଼ ମନିଶା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର ଏବଂ ପ୍ରଣତି ମିଶ୍ର ଅଭିଯୋଗ କରିଥିଲେ। ମୁଖପାତ୍ର ଶ୍ରୀମତୀ ସାହୁ କହିଥିଲେ ଯେ, ଏତେଥର ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ମଧ୍ୟ ପୋଲିସ ଜଣେ ବି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ ମତପ୍ରକାଶ କରିଥିଲେ। ଘଟଣାର ସଠିକ୍ ତଦନ୍ତ ପାଇଁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଥିଲେ । ମହିଳା କଂଗ୍ରେସର ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର ଆଗାମୀ ଦିନରେ ମହିଳା କଂଗେସ ରାଜରାସ୍ତାରେ ଏହାର ଉଚିତ୍ ଜବାବ ଦେବ ବୋଲି ପ୍ରକାଶ କରିଥିଲେ। ସାତ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କଲେ ଡିଜିପି ଅଫିସ ଘେରାଉ କରାଯିବ ବୋଲି ସେ ସରକାରଙ୍କୁ ଚେତାବନୀ ଦେଇଥିଲେ। ପୋଲିସ ବିଭାଗର ତଦନ୍ତର ବିଭିନ୍ନ ଦିଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା କାରଣରୁ ମୁଖ୍ୟମନ୍ତ୍ରୀ ଯିଏ କି ଗୃହ ବିଭାଗରେ ଦାଇତ୍ୱରେ ଅଛନ୍ତି, ସେ ମଧ୍ୟ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।




ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ




# ପୁଣି ସେହି ଅଶୁଭ ଶନିବାର

## ଚିରନିଦ୍ରାରେ ବଲଙ୍ଗା ପୀଡିତା

ଜୀବନ-ମୃତ୍ୟୁର ଲଢ଼େଇରେ ଶେଷରେ ହାରି ଯାଇଛନ୍ତି ପୁରୀ ଜିଲ୍ଲା ବଲଙ୍ଗା ଅଞ୍ଚଳର ହତଭାଗିନୀ ପୀଡିତା ନାବାଳିକା। ଦିଲ୍ଲୀସ୍ଥିତ ଏମ୍ସରେ ପନ୍ଦର ଦିନ ଧରି ଚିକିତ୍ସିତ ହେବା ପରେ ଶନିବାର ସନ୍ଧ୍ୟା ୬ଟା ୨୨ ମିନିଟ୍ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ବଲଙ୍ଗାର ପୀଡିତା। ଜୁଲାଇ ୧୯ ତାରିଖ ଦିନ ଜଣେ ସମ୍ପର୍କୀୟଙ୍କ ଘରକୁ ଯିବା ସମୟରେ ତିନିଜଣ ନରପିଶାଚ ବାଇକ୍‌ରେ ଆସି ତାଙ୍କୁ ଜୋରଜବରସ୍ତ ଟେକି ନେଇ ଭାର୍ଗବୀ ନଦୀବନ୍ଧ ତଳେ ତାଙ୍କ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଇଥିବାର ଅଭିଯୋଗ ହୋଇଥିଲା। ପ୍ରାଣ ବିକଳରେ ପୀଡିତା ଜଳନ୍ତା ଅବସ୍ଥାରେ ଗାଁ ମୁଣ୍ଡର ଜଣେ ଲୋକଙ୍କ ଘରକୁ ଦୌଡ଼ି ଯାଇଥିଲେ ହେଁ ସେତେବେଳକୁ ତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ି ଯାଇଥିଲା। ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ଏୟାରଲିଫ୍ଟ କରାଯାଇ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ପୀଡିତାଙ୍କୁ ବଞ୍ଚାଇବା ପାଇଁ ଏମ୍ସ ଡାକ୍ତରମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବା ସହ ଶରୀରରେ ସ୍କିନ-ଟ୍ରାନ୍ସପ୍ଲାଣ୍ଟ ମଧ୍ୟ ହୋଇଥିଲା। ଏଥିଯୋଗୁ ପୀଡିତା ବଞ୍ଚିଯିବାର କ୍ଷୀଣ ଆଶା ଉଦ୍ରେକ ହୋଇଥିଲା। ମାତ୍ର ସବୁ ଆଶା ମଉଳି ଯାଇଛି ଏବଂ ଶନିବାର ଚିରନିଦ୍ରାରେ ଶୋଇ ଯାଇଛନ୍ତି ପୀଡିତା। ନାବାଳିକାଙ୍କୁ ଜାଳି ଦିଆଯିବା ଘଟଣା ଥିଲା ଜୁଲାଇ ୧୯ ଶନିବାର, ଅଗଷ୍ଟ ୨ ତାରିଖରେ ଦୁନିଆରୁ ଚିର ବିଦାୟ ନେବାର ଦିନ ମଧ୍ୟ ଥିଲା ଶନିବାର। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ହତଭାଗିନୀ ଛାତ୍ରୀ ସୌମ୍ୟାଶ୍ରୀ ମାନସିକ ନିର୍ଯାତନାର ଶିକାର ହୋଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମଦାହ କରିବାକୁ ଜୁଲାଇ ୧୨ ତାରିଖରେ ଉଦ୍ୟମ କରିବା ଦିନ ବି ଥିଲା ଶନିବାର। ତେବେ ବଲଙ୍ଗାର ଦୁଃଖଦ ଘଟଣାର ସବୁଠାରୁ ଦୁର୍ଭାଗ୍ୟଜନକ ଦିଗଟି ହେଉଛି ଏହାର ପଶ୍ଚାତ ଭାଗରେ ଥିବା ଅପରାଧୀଙ୍କୁ ଧରିବା ଦିଗରେ ତଦନ୍ତକାରୀ ସଂସ୍ଥାର ବିଫଳତା। ପନ୍ଦର ଦିନ ଭିତରେ ତଦନ୍ତରୁ କୌଣସି ନିଷ୍କର୍ଷ ବାହାରି ପାରିନଥିବା ବେଳେ ପୀଡିତା ଆଖିବୁଜି ଦେଇଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ପୀଡିତାଙ୍କ ଠାରୁ ଚାରିଥର ବୟାନ ରେକର୍ଡ କରାଯିବା ପରେ ମଧ୍ୟ ପୋଲିସ ଓ କ୍ରାଇମବ୍ରାଞ୍ଚ ଏହି ଜଘନ୍ୟ କାଣ୍ଡ ଉପରୁ ପରଦା ହଟାଇବାରେ ସକ୍ଷମ ହୋଇନାହାନ୍ତି। କୌଣସି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନପାରି ଏହାକୁ ଏକ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ ହେବା ଘଟଣାଟିକୁ ଅଧିକ ରହସ୍ୟମୟ କରୁଛି। ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜବରଦସ୍ତ ଟେକି ନିଆଯାଇ ନଦୀବନ୍ଧ ତଳେ ଜଳାଇ ଦିଆଯିବା ଏକ ମାମୁଲି ଘଟଣା ନୁହେଁ। ଅନେକ ଦେଖଣାହାରୀ ହୁଏତ ସେଠାରେ ଉପସ୍ଥିତ ଥିବେ, ମାତ୍ର ଭୟରେ ସାକ୍ଷ ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ମୋଟାମୋଟି ଭାବରେ ପୀଡିତାଙ୍କ ମୃତ୍ୟୁ ପରେ ତଦନ୍ତ ବାଟବଣା ହେବା ସଙ୍ଗେ ଅପରାଧୀ ସବୁଦିନ ପାଇଁ ଲୁଚିଯିବାର ଆଶଙ୍କା ସ୍ପଷ୍ଟ ହୋଇଛି। ଶନିବାର ସନ୍ଧ୍ୟାରେ ପୀଡିତା ଆଖିବୁଜିବାର ଠିକ୍ ପରେ ପରେ ତାଙ୍କ ଶରୀରରେ ନିଆଁ ଲଗାଯିବାରେ କାହାରି ସଂପୃକ୍ତି ନାହିଁ ବୋଲି ପୋଲିସର ବୟାନ ନିଶ୍ଚିତ ଭାବରେ ସନ୍ଦେହକୁ ଦ୍ୱିଗୁଣିତ କରୁଛି।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଏକାଗ୍ରତାର ବୈଜ୍ଞାନିକ ବିଶ୍ଳେଷଣରେ 'ଏକାଦଶୀ'



**ଡ. ସତ୍ୟ ନାରାୟଣ ମିଶ୍ର**
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ହିନ୍ଦୁ ଧର୍ମରେ ଏକାଦଶୀ ହେଉଛି ଏକ ପୁଣ୍ୟ ତିଥି। 'ଏକ' ଓ 'ଦଶୀ'। ଅର୍ଥାତ ଏକର ଅର୍ଥ 'ଏକ' ଓ 'ଦଶୀ' ର ଅର୍ଥ ଦଶ ଯାହା ସ୍ତ୍ରୀ ଲିଙ୍ଗରେ ତାହାକୁ ଦଶୀ କୁହାଯାଏ। ତେଣୁ ଏକ ଅର୍ଥରେ ଏହା ସ୍ପଷ୍ଟ ଯେ ଏକାଦଶୀ ହେଉଛି ଏକ ସ୍ତ୍ରୀ ଲିଙ୍ଗ ବାଚକ ଶବ୍ଦ। ଏହା ପ୍ରତ୍ୟେକ ମାସର ଅମାବାସ୍ୟାରୁ ଏଗାର ଦିନ ଅର୍ଥାତ କୃଷ୍ଣ ପକ୍ଷରେ ଆସେ ଓ ପୂର୍ଣ୍ଣିମାରୁ ଏଗାର ଦିନ ଅର୍ଥାତ ଶୁକ୍ଳ ପକ୍ଷରେ ଆସେ। ତେଣୁ ମାସକୁ ଏକାଦଶୀ ଦୁଇଥର ଆସେ। ସୌରଜଗତର ଘୂର୍ଣ୍ଣୟମାନ ପ୍ରକ୍ରିୟା ଅନୁସାରେ ସୂର୍ଯ୍ୟ ହେଉଛି ସକଳ ଶକ୍ତିର ଆଧାର ଓ ସୌର ଜଗତର କେନ୍ଦ୍ରବିନ୍ଦୁ। ଯେହେତୁ ସୂର୍ଯ୍ୟ ହେଉଛନ୍ତି କେନ୍ଦ୍ରବିନ୍ଦୁ ତେଣୁ ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଘୂର୍ଣ୍ଣୟମାନ ଅନ୍ୟ ଗ୍ରହ ମାନେ ଏକ ଆକର୍ଷଣରେ ଘୂର୍ଣ୍ଣୟମାନ ହୋଇଥାନ୍ତି। ସୂର୍ଯ୍ୟ ଯଦି ଗ୍ରହ ପରିବାରର ମୁଖ୍ୟ ଅନ୍ୟ ଗ୍ରହମାନେ ପରିବାରର ସଦସ୍ୟ ହିସାବରେ ସୂର୍ଯ୍ୟଙ୍କର ନିର୍ଦ୍ଦେଶରେ ଅନୁଧାବିତ। ସୂର୍ଯ୍ୟ ଯେପରି ପରିବାରକୁ ଅନ୍ୟ ଗ୍ରହ ମାନଙ୍କୁ ନିୟନ୍ତ୍ରିତ କରିଥାନ୍ତି, ଆମ୍ଭେ ପୃଥିବୀରେ ଅଧିବାସୀ ହିସାବରେ ସୂର୍ଯ୍ୟଙ୍କର ନିୟନ୍ତ୍ରଣରେ ନିୟନ୍ତ୍ରିତ ହୋଇଥାଉ। ଏକାଦଶୀ ବ୍ରତ ପାଳନ ହେଉଛି ଏକ ମହାଜାଗତିକ ଜ୍ୟୋତିଷ ଶାସ୍ତ୍ରର ଘଟଣାକ୍ରମ। ସୌର ଜଗତରେ କେତେଗୁଡିଏ ଗ୍ରହମାନଙ୍କର ପରସ୍ପର ପ୍ରତି ଆକର୍ଷଣର କ୍ଷେତ୍ରଫଳ ହେଉଛି ଏକାଦଶୀ। ପୃଥିବୀ ବକ୍ଷରେ ମନୁଷ୍ୟର ପ୍ରତ୍ୟେକ ଗତିବିଧି ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ନିୟନ୍ତ୍ରିତ। ଉକ୍ତ ନିୟନ୍ତ୍ରଣ ସୂର୍ଯ୍ୟଙ୍କର ନିର୍ଦ୍ଦେଶରେ ନିୟନ୍ତ୍ରିତ ହୋଇଥାଏ। ତେଣୁ ସୂର୍ଯ୍ୟଙ୍କୁ "ଆତ୍ମକାରକ" ବୋଲି କୁହାଯାଏ। ସେ ହେଉଛନ୍ତି ମନୁଷ୍ୟର ଆତ୍ମା କାରକ, ଯିଏ ମନୁଷ୍ୟର ଶରୀରକୁ ପ୍ରତି ମୁହୂର୍ତ୍ତରେ ଗତିଶୀଳ କରାଇଥାଏ। କାରକର ଅର୍ଥ ନିର୍ଦ୍ଦେଶ ବା ଯେ କରେ। ଯଦି ସୂର୍ଯ୍ୟ ନଥାନ୍ତେ ତେବେ ଜୀବ ଜଗତର ଦୈନନ୍ଦିନ ସମସ୍ତ ପ୍ରକ୍ରିୟା କେବେ ସମ୍ପାଦନ ହୋଇପାରନ୍ତା ନାହିଁ। ସୂର୍ଯ୍ୟ ଶରୀରକୁ ଗତିଶୀଳ ବା କ୍ଷମ କରିଥାନ୍ତି ଏହା ଜ୍ୟୋତିଷ ଶାସ୍ତ୍ର ସମ୍ମତ ଓ ବୈଜ୍ଞାନିକ ସମ୍ମତ। ସେହିପରି ସୌର ଜଗତରେ ଅନ୍ୟ ଏକ ସଦସ୍ୟ 'ଚନ୍ଦ୍ର' ମଧ୍ୟ ମନୁଷ୍ୟ ଶରୀରକୁ ନିୟନ୍ତ୍ରିତ କରିଥାଏ। ତେଣୁ ଏକାଦଶୀ ତିଥିରେ ସୂର୍ଯ୍ୟ ଶରୀରକୁ ନିୟନ୍ତ୍ରିତ କରୁଥିବା ବେଳେ ଚନ୍ଦ୍ର ମନକୁ ନିୟନ୍ତ୍ରଣ କରେ।

ମନୁଷ୍ୟର ଶରୀରରେ କେତେକ କେନ୍ଦ୍ର ଥାଏ ଯାହାକୁ ଚକ୍ର କୁହାଯାଏ। ଉକ୍ତ ଚକ୍ର ଗୁଡିକ ଶକ୍ତିର ଆଧାର ରୂପେ ସୂର୍ଯ୍ୟ ଚନ୍ଦ୍ରଙ୍କର ନିର୍ଦ୍ଦେଶରେ ନିୟନ୍ତ୍ରିତ ହୋଇଥାନ୍ତି। ଚନ୍ଦ୍ରଙ୍କର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଉକ୍ତ ଚକ୍ର ଗୁଡିକ ଗତି ନିୟନ୍ତ୍ରିତ କରିଥାନ୍ତି। ଉକ୍ତ ଗତିର ପରିବର୍ତ୍ତନରେ ମନର ଗତି ନିରୂପଣ ହୋଇଥାଏ। ଯେତେବେଳେ ଉକ୍ତ ଗତି ମନୁଷ୍ୟର ସଚେତନ ଅବସ୍ଥାରେ ହୁଏ ସେତେବେଳେ ତାହା 'ଯୋଗ' ବୋଲି କୁହାଯାଏ। ଯେତେବେଳେ ଉକ୍ତ ପ୍ରକ୍ରିୟା ଅବଚେତନ ଅବସ୍ଥାରେ ହୁଏ ସେତେବେଳେ ଏହାକୁ 'ପ୍ରଭାବ' ବୋଲି କହିଥାଉ। ଚନ୍ଦ୍ର ସହ ସମୁଦ୍ରର ଆକର୍ଷଣ ଗତିରେ ଯେତେବେଳେ ପୂର୍ଣ୍ଣିମା ବା ଅମାବାସ୍ୟାରେ ସମୁଦ୍ରରେ ଜୁଆର ଆସେ, ସ୍ୱାଭାବିକ ଭାବରେ ଉକ୍ତ ସମୟରେ ମଣିଷ ମନ ପ୍ରଭାବିତ ହୁଏ। ଆମ୍ଭେ ଚନ୍ଦ୍ରଙ୍କର ପୃଥିବୀର ସ୍ଥଳ ଭାଗ ଉପରେ ପ୍ରଭାବକୁ କେବେ ଦେଖି ପାରୁ ନାହୁଁ କାରଣ ପୃଥିବୀର ସ୍ଥଳ ଭାଗ ହେଉଛି ଏକ ସ୍ଥୂଳ ବା କଠିନ ଅଂଶ। ମାତ୍ର ଏହାକୁ ତରଳ ପଦାର୍ଥ ଯଥା ସମୁଦ୍ରରେ ଯଥାର୍ଥରେ ଅନୁଭବ କରି ହୁଏ। ଚନ୍ଦ୍ର ସମଗ୍ର ପୃଥିବୀକୁ ନିୟନ୍ତ୍ରିତ କରେ ମାତ୍ର ଉକ୍ତ ଶକ୍ତିର ରୂପରେଖ କେବଳ ଜଳଭାଗରେ ପରିଲକ୍ଷିତ ହୋଇଥାଏ ଯାହା ସ୍ଥଳ ଭାଗରେ ମଣିଷ ନିଜ ଉପରେ ତାହାର ଆକର୍ଷଣର ପ୍ରଭାବ ପଡେ ବୋଲି ଅନୁଭବ କରିପାରେ ନାହିଁ। ଉକ୍ତ ଆକର୍ଷଣ ଗତିର ପ୍ରଭାବ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଥିବା ଦ୍ୱିପାକ୍ଷିକ ଗତି ଦ୍ୱାରା ହୋଇଥାଏ। ସୂର୍ଯ୍ୟଙ୍କର ପ୍ରଭାବ ଚନ୍ଦ୍ର ଉପରେ ପଡେ ଓ ଚନ୍ଦ୍ରଙ୍କର ପ୍ରଭାବ ପୃଥିବୀ ଉପରେ ପଡେ। ତେଣୁ ଚନ୍ଦ୍ରଙ୍କର ଗତି ମଣିଷ ମଧ୍ୟରେ ଥିବା ଚକ୍ରର ଗତି ଉପରେ ନିୟନ୍ତ୍ରଣ କରିଥାଏ। ମନୁଷ୍ୟ ବିଭିନ୍ନ ସ୍ଥାନରେ ବସବାସ କରିପାରେ, ମାତ୍ର ମନୁଷ୍ୟ ମଧ୍ୟରେ ଥିବା ମନ କେବଳ ମନୁଷ୍ୟ ମଧ୍ୟରେ ଥିବା ଚକ୍ରରେ ବାସ କରେ। ଉକ୍ତ ଚକ୍ର ମୁଖ୍ୟତଃ ଦୁଇ ଚକ୍ଷୁ ମଧ୍ୟରେ ଓ ହୃଦୟରେ ବାସ କରେ। ମନୁଷ୍ୟ ଯେତେବେଳେ ଚେତନଶୀଳ ଥାଏ ସେତେବେଳେ ଉକ୍ତ ଚକ୍ର ଓ ମନ ଦୁଇ ନେତ୍ରର ମଧ୍ୟରେ ଥାଏ ମାତ୍ର ମନୁଷ୍ୟ ଯେତେବେଳେ ଅବଚେତନ ବା ନିଦ୍ରାରେ ଥାଏ ସେତେବେଳେ ମନ ଓ ଚକ୍ର ମଣିଷର ହୃଦୟରେ ଥାଏ। ଏହା ଯେତେବେଳେ ମସ୍ତିଷ୍କରେ ଥାଏ ସେତେବେଳେ ସଚେତନ ଓ କର୍ମ ଦକ୍ଷ ଥାଏ। କାରଣ ମଣିଷର ଚେତନଶୀଳରେ ମନ ଓ ଚକ୍ର ନିମ୍ନଗାମୀ ହୁଏନାହିଁ। ଯେତେବେଳେ ମନ ଚକ୍ଷୁ ଭ୍ରୂଲତା ଓ ହୃଦୟ ମଧ୍ୟରେ ଥାଏ ସେତେବେଳେ ମଣିଷ ସ୍ୱପ୍ନ ଦେଖେ। ତେଣୁ ମଣିଷ ଶରୀରରେ ସାତ ପ୍ରକାର ଚକ୍ର ରହିଥାଏ ବୋଲି କୁହାଯାଏ। ମାତ୍ର ଗବେଷଣାରୁ ଏହା ନିଶ୍ଚିତ ଯେ ମଣିଷ ଶରୀରରେ ୧୧୪ ପ୍ରକାରର ଚକ୍ର ଓ ୭୨,୦୦୦ ନାଡି ବା ସ୍ନାୟୁ ବା ଶକ୍ତିର ଉତ୍ସ ରହିଅଛି। ଉକ୍ତ ଚକ୍ର ମଧ୍ୟରୁ ମୁଖ୍ୟତଃ ଦୁଇ ଭାଗରେ ମଣିଷ ଶରୀରରେ ରହିଥାଏ ଓ ଗୋଟିଏ ହେଉଛି 'ଆଜ୍ଞା' ଚକ୍ର ଯାହା ଭ୍ରୂଲତା ମଧ୍ୟରେ ଥାଏ ଓ ଅନ୍ୟଟି ହେଉଛି 'ଅନାହତ' ଚକ୍ର ଯାହା ହୃଦୟରେ ଥାଏ। ଏହି ଦୁଇ କ୍ଷେତ୍ରରେ ମନ ଶାନ୍ତ ଭାବେ ମଣିଷର ଶରୀରରେ ରହିଥାଏ। ଉକ୍ତ କ୍ଷେତ୍ରରେ ଯେତେବେଳେ ମନ ବିରାଜମାନ କରିଥାଏ ଦୁଇ ପକ୍ଷ ଯଥା ଶୁକ୍ଳ ପକ୍ଷ ଓ କୃଷ୍ଣ ପକ୍ଷର ଏକାଦଶୀ ତିଥିରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପୂର୍ଣ୍ଣ ଆକର୍ଷଣ ସମୟରେ ଉକ୍ତ ଦୁଇ ଚକ୍ର ଶରୀର ମଧ୍ୟରେ ଘୂର୍ଣ୍ଣାୟମାନ ହୋଇଥାନ୍ତି। ଉକ୍ତ ଗତି ଓ ଘୂର୍ଣ୍ଣୟମାନ ଅବସ୍ଥାରେ ମନକୁ ଏକାଗ୍ରତାରେ ରଖିବାକୁ ହେଲେ ଶରୀର ଖାଦ୍ୟ ଉପରେ ନିର୍ଭର କରିଥାଏ। ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଆକର୍ଷଣରେ ଖାଦ୍ୟର ପାଚନ ପ୍ରକ୍ରିୟା ନିର୍ଭର କରୁଥିବାରୁ ଏକାଦଶୀ ତିଥିରେ ଖାଦ୍ୟର ପ୍ରକାର ଉପରେ ଶରୀରର ସ୍ଥିତି ଓ ମନର ଅବସ୍ଥା ନିର୍ଭର କରିଥାଏ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଉପବାସ ଏକ ପ୍ରକ୍ରିୟା ଯାହାଦ୍ୱାରା ପାକସ୍ଥଳୀକୁ ନିୟନ୍ତ୍ରିତ କରିବାରେ ସକ୍ଷମ ହୋଇଥାଏ। ପାକସ୍ଥଳୀର କାର୍ଯ୍ୟ ଖାଦ୍ୟକୁ ହଜମ କରିବା। ଶରୀରରେ ବୈଜ୍ଞାନିକ ତତ୍ତ୍ୱ ଅନୁସାରେ ପାକସ୍ଥଳୀରେ ଖାଦ୍ୟ ଥିଲେ ପାଚନ ପ୍ରକ୍ରିୟା ପାଇଁ ରକ୍ତ ସଂଚାଳନର ଆବଶ୍ୟକତା ହୋଇଥାଏ। ଯେତେବେଳେ ପାକସ୍ଥଳୀ ସଂପୂର୍ଣ୍ଣ ଭାବରେ ପୂରଣ ହୋଇଯାଏ ସେତେବେଳେ ମସ୍ତିଷ୍କକୁ ରକ୍ତ ସଂଚାଳନ ଧୀରେ ଧୀରେ ନିଷ୍କ୍ରିୟ ହୋଇଯାଏ, ଯାହାଦ୍ୱାରା ମଣିଷ ନିଦ୍ରା ଯାଏ ଓ ଶରୀରରେ ଥିବା ଚିନ୍ତା କରିବାର ଶକ୍ତି ଧୀରେ ଧୀରେ ନିଷ୍ପ୍ରଭ ହୋଇଯାଏ। ଶରୀରର କୌଣସି ଅଙ୍ଗକୁ ଯଦି ନିର୍ଦ୍ଧାରିତ ସମୟ ବ୍ୟବଧାନରେ ବିଶ୍ରାମ ଦିଆ ନଯାଏ ତେବେ ସମୟକ୍ରମେ ଅଳ୍ପ ସମୟ ବ୍ୟବଧାନରେ ଉକ୍ତ ଅଙ୍ଗର କାର୍ଯ୍ୟ ଦକ୍ଷତା ହ୍ରାସ ପାଏ। ପ୍ରତିଦିନର ଜୀବନଚର୍ଯ୍ୟାରେ ମଣିଷ ଯେତେବେଳେ ବିଶ୍ରାମ ନିଏ, ସେତେବେଳେ ମଣିଷର ସମସ୍ତ ଅବୟବ ବିଶ୍ରାମ ନିଅନ୍ତି, ମାତ୍ର ପାକସ୍ଥଳୀ ଅହୋରାତ୍ର କର୍ମରତ ଥାଏ। ତେଣୁ ଉକ୍ତ ଅଙ୍ଗକୁ ସମୟ କ୍ରମେ କାର୍ଯ୍ୟରୁ ନିବୃତ୍ତ କରି ବିଶ୍ରାମ ଦେବା ହେଉଛି ଏକାଦଶୀ। ଉକ୍ତ ଦିନରେ ଉପବାସ ରହିଲେ ଏକାଗ୍ରତା ସହ ସୂର୍ଯ୍ୟ ଚନ୍ଦ୍ରଙ୍କର ଆକର୍ଷଣରେ ଶରୀରର ସୁସ୍ଥତା ପରିଲକ୍ଷିତ ହୋଇଥାଏ। ତେଣୁ ଉପବାସ ଏକ ବିଧି ସମ୍ମତ ପ୍ରକ୍ରିୟା ଯାହାଦ୍ୱାରା ଶରୀରରେ ଶକ୍ତି ସଂରକ୍ଷିତ ହୋଇ ତାହା ଦ୍ୱିଗୁଣିତ ହୋଇଥାଏ। ପୌରାଣିକ ଦୃଷ୍ଟିକୋଣରୁ ବିଚାରକୁ ନେଲେ ଏକାଦଶୀ ହେଉଛି ଏକ ନାରୀର ରୂପ। ସତ୍ୟ ଯୁଗରେ ଭଗବାନ ବିଷ୍ଣୁ ମୁରା ନାମକ ଏକ ରାକ୍ଷସ ସହିତ ଯୁଦ୍ଧ କରି ରାତ୍ରିରେ ବିଶ୍ରାମ ନେଉଥିବା ବେଳେ ଉକ୍ତ ରାକ୍ଷସ ଭଗବାନଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଉଥିବା ସମୟରେ ଭଗବାନଙ୍କ ଶରୀରରୁ ଏକ ନାରୀ ଆବିର୍ଭାବ ହୋଇ ଉକ୍ତ ରାକ୍ଷସକୁ ନିହତ କଲେ ଓ ଭଗବାନ ପ୍ରୀତ ହୋଇ ଉକ୍ତ ନାରୀର ନାମ 'ଏକାଦଶୀ' ଦେଇଥିଲେ। କାରଣ ଉକ୍ତ ଦିନ ଥିଲା ଚନ୍ଦ୍ର ଉଦୟର ଏଗାର ଦିନ। ଉକ୍ତ ନାରୀ ଉପରେ ସନ୍ତୋଷ ପ୍ରକାଶ କରି ଭଗବାନ ବର ଦେଇଥିଲେ ଯେ ଉକ୍ତ ଏକାଦଶୀ ଦିନରେ ଯିଏ ଉପବାସ କରିବ ସେ ସମସ୍ତ ଦୁଃଖରୁ ମୁକ୍ତି ପାଇବ। ପୌରାଣିକ ଦୃଷ୍ଟିଭଙ୍ଗୀ ଯାହା ହୋଇଥାଉନା କାହିଁକି, ବୈଜ୍ଞାନିକ ଓ ମହାଜାଗତିକ ଦୃଷ୍ଟିକୋଣରୁ ବିଚାର କଲେ ସୂର୍ଯ୍ୟ ଚନ୍ଦ୍ରଙ୍କର ଆକର୍ଷଣ ଓ ଉପବାସ ମଣିଷ ଶରୀରରେ ବିଶେଷ ପ୍ରଭାବ ପଡିଥାଏ। ନିଷ୍ଠାର ସହ ବିଚାର କଲେ ଏକାଦଶୀରେ ସଂପୂର୍ଣ୍ଣ ଉପବାସ କରିବା ବିଧେୟ ଓ ଶରୀରକୁ ସନ୍ତୁଳିତ କରି ଶରୀର ମଧ୍ୟରେ ଥିବା ତେଜ ଶକ୍ତିକୁ ପୁନଃ ଜାଗରଣ କରିବାରେ ବିଧି ସମ୍ମତ ଭାବେ ଶରୀରକୁ ବିଭିନ୍ନ ରୋଗ ଆକ୍ରମଣରୁ ରକ୍ଷା କରିବା ଓ ଶରୀରରେ ରୋଗ ପ୍ରତିଷେଧକ ଶକ୍ତିକୁ ପୁନଃ ଜାଗରଣ କରିବାକୁ ହେଲେ ଉପବାସ ଏକ ନିଶ୍ଚିତ ମାଧ୍ୟମ। ତେଣୁ ସୂର୍ଯ୍ୟ ଚନ୍ଦ୍ରଙ୍କର ଆକର୍ଷଣରେ ଶରୀର ଓ ମନକୁ ସୁନିୟନ୍ତ୍ରିତ କରିବାରେ ଏକାଦଶୀ ଏକ ପ୍ରୟାସ ମାତ୍ର ଯାହାର ଅର୍ଥ ଏକାଗ୍ରତା।

# ଏଭୋ ମୋରାଲେସ ବଲିଭିଆର ଗାନ୍ଧୀ

**ମିହିର ପ୍ରତାପ ଦାସ**
ମୋ: ୯୯୩୭୮୬୩୫୨୮

ବିଶ୍ୱ ରାଜନୀତିରେ ଯେଉଁ ବ୍ୟକ୍ତିମାନଙ୍କର ନାମ ଆଦରରେ ଉଚ୍ଚାରଣ କରାଯାଏ ସେମାନଙ୍କ ମଧ୍ୟରେ ବଲିଭିଆର ପ୍ରାକ୍ତନ ରାଷ୍ଟ୍ରପତି ଏଭୋମୋରାଲେସ ଅନ୍ୟତମ। ଛେଳି ଚରାଳୀରୁ ନିଜ ଦେଶର ଜାତୀୟ ରାଜନୀତିର କର୍ଣ୍ଣଧାର ହେବା ଏବଂ ସଂଖ୍ୟାଧିକ ଇଉରୋପୀୟ ଆଗନ୍ତୁକ ବାସିନ୍ଦାଙ୍କର ହୃଦୟରେ ସ୍ଥାନ ପାଇବା ଚମତ୍କାର ଗାଥା। ବଲିଭିଆର ପ୍ରଥମ ମୂଳ ନିବାସୀ ରାଷ୍ଟ୍ରପତି ସେ ଥିଲେ। ତାଙ୍କର ଜୀବନର ଯାତ୍ରା ଆଶ୍ଚର୍ଯ୍ୟଜନକ ଓ ପ୍ରେରଣାଦାୟୀ। ସେ ଅତି ସାଧାରଣ ଦରିଦ୍ର ନାମମାତ୍ର ଚାଷୀ ପରିବାରରେ ଭୂମିଷ୍ଠ ହୋଇଥିଲେ। ତାଙ୍କର ଅହିଂସା ଆଚରଣ ମଧୁର ବ୍ୟବହାର, ସତ୍ୟ ପ୍ରତି ନିଷ୍ଠା ଜନସାଧାରଣଙ୍କର ମନକୁ ଜିଣି ନେଇଥିଲା। ଗରିବ, ଖଟିଖିଆ, ନାମମାତ୍ର ଚାଷୀ ଆଦିବାସୀମାନଙ୍କର ସ୍ୱାଧୀନତା ପାଇଁ ସେ ଲଢେଇ କରିଥିଲେ । ଏଥିପାଇଁ ସ୍ୱଦେଶ ବାସୀ ତାଙ୍କୁ ମର୍ଯ୍ୟାଦାର ସହ ବଲିଭିଆ ଗାନ୍ଧୀ ଭାବରେ ସମ୍ବୋଧନ କରୁଛନ୍ତି।

ଏଭୋମୋରାଲେସ ୧୯୫୯ ମସିହାର ଅକ୍ଟୋବର ୨୬ ତାରିଖରେ ବଲିଭିଆର ଇସାଲଭାନା ଜିଲ୍ଲା ଅନ୍ତର୍ଗତ ଓରିନୋକ ଗ୍ରାମରେ ସେଠାକାର ମୂଳନିବାସୀ ଆଲମୋରା ଜନଜାତିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପା ଓ ମାଆ ଦୁଇଜଣ କୃଷିଜୀବୀ ଥିଲେ। ଏଭୋମୋରାଲେସ ବାଲ୍ୟ ଅବସ୍ଥାରେ ଗାଈ ଚରାଇବା, ଚାଷକାମ କରିବା, ବଜାରକୁ ପରିବାପତ୍ର ନେଇ ବିକ୍ରିବଟା କରିବା କାମ କରୁଥିଲେ। ତାଙ୍କୁ ପେଟ ପୋଷିବା ପାଇଁ ବାପା ଓ ମାଆଙ୍କୁ ସହଯୋଗ କରିବାକୁ ପଡୁଥିଲା। ସେ ଆବଶ୍ୟକତା ଯୋଗୁ ଏହିସବୁ ବାଧ୍ୟ ହୋଇ କରୁଥିଲେ। ପିତାମାତାଙ୍କୁ କାମରେ ସହଯୋଗ କରିବା ସମୟରେ ନିଜର ଦେଶ ପାଇଁ ଓ ଗରିବ ଭୋକିଲା ଦେଶବାସୀଙ୍କର ଅବସ୍ଥା ସୁଧାରିବାକୁ ମନେ ମନେ ପ୍ରତିଜ୍ଞା କରିଥିଲେ। ତାଙ୍କର ରକ୍ତ ସଂପର୍କୀୟମାନେ ଶାସନ କଳ ଦ୍ୱାରା ଅତ୍ୟାଚାରିତ ହେଉଥିଲେ। ୧୯୯୦ ଦଶକ ଆରମ୍ଭରେ ବଲିଭିଆର କୋକ୍ ଚାଷୀମାନେ ଆମେରୀକିୟ ବେପାରୀ ଗୋଷ୍ଠୀ ଓ ସ୍ଥାନୀୟ ସରକାରୀ ଶାସନ କଳ ଦ୍ୱାରା ଦମନର ଶିକାର ହେଲେ। ବଲିଭିଆରେ କୋକୋ ଗୋଟିଏ ଅର୍ଥକାରୀ ଫସଲ। ଏହାର ଫଳର ସୁସ୍ୱାଦୁ ଚକୋଲେଟ୍ ତିଆରି ହୁଏ। ପତ୍ରରୁ କୋକେନ ନିଶା ଦ୍ରବ୍ୟ ତିଆରି ହୁଏ। ଏଣୁ ପେଶାଦାର ଗୁଣ୍ଡା ମୁତୟନ କରି ଚାଷୀଙ୍କ ଠାରୁ ସାଗମାଛ ମୂଲରେ କୋକ୍ ଗଛର ଫଳ ଓ ପତ୍ର ହାତେଇବାକୁ ଆମେରିକା ବେପାରୀ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରୁଥିଲେ। ଏହି ଜଘନ୍ୟ ପାଶବିକ ଲୁଣ୍ଠନକୁ ବନ୍ଦ କରିବାକୁ ଏଭୋମୋରାଲେସ କୋକୋ ଚାଷୀମାନଙ୍କୁ ଏକଜୁଟ କରିଥିଲେ। ସଂଗଠିତ ଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଗୋଟିଏ ରାଜନୈତିକ ମଞ୍ଚ ତିଆରି କରାଯାଇଥିଲା। ତା'ର ନାମକରଣ କରାଗଲା ଏମ୍.ଏ.ଏସ୍। ମୁଭମେଣ୍ଟ ଅଲ୍ ସୋସିଆଲିଷ୍ଟ ଅର୍ଥାତ ସମାଜବାଦ ପ୍ରତିଷ୍ଠା ପାଇଁ ଆନ୍ଦୋଳନ। ଏହି ମଞ୍ଚ ମୁଖ୍ୟତଃ ଆଦିବାସୀ, ଶ୍ରମିକ, ଚାଷୀ ଏବଂ ନିମ୍ନବର୍ଗର ଲୋକଙ୍କର ଅଧିକାର ସୁନିଶ୍ଚିତ କରିବାକୁ ନିଷ୍ପତ୍ତି କରିଥିଲେ। କୋକ୍ ଚାଷୀ ଆନ୍ଦୋଳନକୁ ଭାରତରେ ଗାନ୍ଧୀଙ୍କର ନିଳ ଚାଷୀ ଆନ୍ଦୋଳନ ସହ ତୁଳନା କରିଥାନ୍ତି। ୨୦୦୨ ମସିହାର ଜୁନ ମାସରେ ବଲିଭିଆର ରାଷ୍ଟ୍ରପତି ନିର୍ବାଚନ ହେଲା। ଏଥିରେ ନବଗଠିତ ଏମ୍.ଏ.ଏସ୍ ଦଳ ପ୍ରତିଦ୍ୱନ୍ଦିତା କରିବାକୁ ନିଷ୍ପତ୍ତି କରିଥିଲେ। ଏଭୋମୋରାଲେସ ସର୍ବ ସହମତିରେ ପ୍ରାର୍ଥୀ ହୋଇଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ସେ ଦେଶର ଗରିବ, ଆଦିବାସୀ ଓ ଶ୍ରମିକମାନଙ୍କର ମୌଳିକ ଅଧିକାର ସମାନ କରିବାକୁ ନିର୍ବାଚନ ଇସ୍ତାହାରରେ ପ୍ରକାଶ କରିଥିଲେ। କୋକ୍ ଚାଷୀମାନଙ୍କର ଅଭାବ ଅସୁବିଧାକୁ ବିଶ୍ୱ ଆଗରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅର୍ଥନୈତିକ ସ୍ୱାବଲମ୍ବନ ଆଣିବାକୁ ଯୋଜନାମାନ ପ୍ରକାଶ କରିଥିଲେ। ଏହି ନିର୍ବାଚନରେ ସେ ପରାଜିତ ହୋଇଥିଲେ। ଖୁବ କମ୍ ଦିନ ମଧ୍ୟରେ ରାଜନୀତିରେ ପାଦ ଦେଇଥିଲେ ମଧ୍ୟ ସମଗ୍ର ଦେଶରୁ ୨୧ ପ୍ରତିଶତ ଭୋଟ ପାଇ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ବିଜୟୀ ପ୍ରାର୍ଥୀ ଗୋଲା ଲୋଜାଡା ୨୨ ପ୍ରତିଶତ ଭୋଟ ପାଇଥିଲେ। ଜନମତର ପ୍ରାର୍ଥକ୍ୟ ଖୁବ କମ୍ ଥିଲା। ନିର୍ବାଚନରେ ହାରିବା ସତ୍ତ୍ୱେ ଏଭୋମୋରାଲେସ ଗରିବ ଓ ଆଦିବାସୀମାନଙ୍କର କାର୍ଯ୍ୟ ଅଧିକାର ପାଇଁ ଅଧିକରୁ ଅଧିକ ପରିଶ୍ରମ କରି ସବୁ ବର୍ଗରେ ସଚେତନତା ସୃଷ୍ଟି କରି ଚାଲିଲେ। ଏମ୍.ଏ.ଏସ୍ ପାର୍ଟିରେ ବଲିଭିଆର ପ୍ରତି ରାଜ୍ୟ, ଜିଲ୍ଲା ଗ୍ରାମମାନଙ୍କରୁ ସଦସ୍ୟ ଯୋଗ ଦେବାରେ ଲାଗିଲେ। ମଣିଷର ମୌଳିକ ଅଧିକାରକୁ ବ୍ୟବସ୍ଥିତ କରିବା ପାଇଁ ଏମ୍.ଏ.ଏସ୍ ପାର୍ଟି ଶାଣିତ ସ୍ୱରରେ ଦାବି ଉପସ୍ଥାପନ କରିବାରେ ଲାଗିଲା। ଅନ୍ୟପକ୍ଷରେ ନିର୍ବାଚନରେ ବିଜୟୀ ହେବା ପରେ ରାଷ୍ଟ୍ରପତି ଗୋଞ୍ଜାଲା ଲୋଜାଡା ପୂର୍ବପରି ମନମୁଖି ଶାସନ ଚଳାଇଲେ। ଦୁର୍ନୀତି ଅଧିକ ହେଲା। ଲୋକମାନେ ଅଧିକ ଗରିବ ହୋଇ ଗଲେ। ବେକାରୀ ସମସ୍ୟା ବଢିଗଲା। ସରକାର ଦେଶର ତୈଳ ସମ୍ପଦ ଓ ଗ୍ୟାସ୍‌କୁ ବିଦେଶୀ କରପୋରେଟ ହାତକୁ ଦେଇ ଦେଲେ। ୨୦୦୩ ମସସିହାରେ ଏହା ବିରୁଦ୍ଧରେ ଜନ ଆନ୍ଦୋଳନ ଆରମ୍ଭ ହୋଇଗଲା। ଗୟାସ ଆନ୍ଦୋଳନ ନାମରେ ଏହା ଇତିହାସରେ ସ୍ଥାନ ପାଇଥିଲା। ଏଭୋମୋରାଲେସଙ୍କର ପ୍ରାଞ୍ଜଳ ଭାଷଣରେ ବଲିଭିଆ ଜନତା, ଯୁବକ, ଛାତ୍ର ଆନ୍ଦୋଳନରେ ଝାସ ଦେଲେ। ବିପ୍ଳବ ନବକଳେବର ନେଇଥିଲା। ୨୦୦୪ ମସିହାରେ ଏମ୍.ଏ.ଏସ୍ ପାର୍ଟିର ଜନପ୍ରିୟତା ଆକାଶ ଛୁଇଁଲା। ମୋରାଲେସ ଦେଶର ଅପ୍ରତିଦ୍ୱନ୍ଦୀ ନେତା ମାର୍ଗଦର୍ଶକ ହୋଇଗଲେ। ରାଜନୀତୀରେ ଅଧିକ ଶକ୍ତିଶାଳୀ ହୋଇଗଲେ। ତାଙ୍କର ଏମ୍.ଏ.ଏସ୍ ପାର୍ଟି ପଞ୍ଚାୟତ, ମ୍ୟୁନିସିପାଲଟି ରାଜ୍ୟ ପରିଷଦ, ଜିଲ୍ଲା ପରିଷଦ ନିର୍ବାଚନରେ ବିପୁଳ ସଂଖ୍ୟାରେ ବିଜୟୀ ହୋଇଥିଲେ। ୨୦୦୫ରେ ରାଷ୍ଟ୍ରପତି ନିର୍ବାଚନରେ ଏଭୋମୋରାଲେସ ପ୍ରାର୍ଥୀ ହୋଇଥିଲେ। ସେ ୫୪ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୦୬ ମସିହା ଜାନୁଆରି ୨୨ ତାରିଖରେ ସେ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ଭାବରେ ସେ ପ୍ରଥମ ପଦକ୍ଷେପ ନେଇ ତୈଳ ସଂପଦ ଓ ପ୍ରାକୃତିକ ଗ୍ୟାସ ଉତ୍ପାଦନକୁ ରାଷ୍ଟ୍ରୀୟ ବ୍ୟବସ୍ଥା ଅଧୀନ କରାଇଥିଲେ।୨୦୦୬ ମସିହା ମଇ ମାସ ୧ ତାରିଖରେ ଗୋଟିଏ ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେଇ କହିଥିଲେ ଆମର ଇତିହାସରେ ପ୍ରମାଣ ଥିବା ଆମର ସମ୍ପତିର ଅଧିକାର ଆମେ ଫେରି ପାଉଛୁ। ଏହି ନିଷ୍ପତ୍ତି ବଲିଭିଆର ଆର୍ଥିକ ବିକାଶ କରିବା ସହିତ ଦେଶବାସୀ ଅଧିକାରକୁ ସାବ୍ୟସ୍ତ କରିବା ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୦୯ ପର୍ଯ୍ୟନ୍ତ ଥିଲା ବଲିଭିଆର ନବଯୁଗର ଆରମ୍ଭ ଏହି କାଳରେ ହୋଇଥିଲା। ସେ ଆଇନ ଶୃଙ୍ଖଳାକୁ ମାର୍ଜିତ କରି ବିକାଶ କାର୍ଯ୍ୟର ଭିତ୍ତିସ୍ଥାପନ କରିଥିଲେ। ନୂତନ ସମ୍ବିଧାନ ରଚନା କରିବାକୁ ସମ୍ବିଧାନ ସଭା ଗଠନ କରିଥିଲେ। ତାଙ୍କର ଇଚ୍ଛା ଥିଲା ତାଙ୍କର ଦେଶ ସବୁ ଜାତି ସବୁ ଧର୍ମ ସବୁ ସଂପ୍ରଦାୟର ଲୋକଙ୍କ ବାସଯୋଗ୍ୟ ହେବା ଉଚିତ୍। ସମ୍ବିଧାନ ମଧ୍ୟ ତତ୍‌ଅନୁଯାୟୀ ଗଢା ଗଲା। ୨୦୦୯ ମସିହାରେ ସମ୍ବିଧାନ ସପକ୍ଷରେ ୬୧ ପ୍ରତିଶତ ଜନସମର୍ଥନ ମିଳିଥିଲା। ବଲିଭିଆ ଗୋଟିଏ ମୂଳନିବାସୀ ଜନଜାତି କଲ୍ୟାଣ ରାଷ୍ଟ୍ର ଭାବରେ ସ୍ୱୀକୃତି ପାଇଲା। ଏଭୋ ସାଧାରଣ ଜନତାଙ୍କ ପାଇଁ ଅନେକ କାର୍ଯ୍ୟ ଯୋଜନା କରିଥିଲେ। ଗରିବ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ ପାଇଁ ବାର୍ଷିକ ବୃତ୍ତିର ବନ୍ଦୋବସ୍ତ, ଗର୍ଭବତୀ ମାତା ଓ ଶିଶୁଙ୍କର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଆର୍ଥିକ ଅନୁଦାନ, ବରିଷ୍ଠ ନାଗରିକମାନଙ୍କର ପାଇଁ ବାର୍ଦ୍ଧକ୍ୟ ଭତ୍ତା ଓ ସୁଲଭ ଚିକିତ୍ସା ଆଦି ସର୍ବାଧିକ ଜନାଦୃତ ହୋଇଥିଲା। ୨୦୦୯ ପୁର୍ନବାର ରାଷ୍ଟ୍ରପତି ଭାବରେ ବିପୁଳ ଭୋଟରେ ନିର୍ବାଚିତ ହୋଇଥିଲେ। ବଲିଭିଆର ଜିଡିପି ବୃଦ୍ଧି ପାଇଲା। ଅନ୍ତର୍ଜାତୀୟ ଋଣ କମିଗଲା। ବିଦେଶରୁ ସାହାଯ୍ୟର ଆବଶ୍ୟକତା କମି ଯାଇଥିଲା। ୨୦୧୪ରେ ତୃତୀୟ ଥର ପାଇଁ ସେ ୬୧ ପ୍ରତିଶତ ଭୋଟ ପାଇ ରାଷ୍ଟ୍ରପତି ହୋଇ ଥିଲେ। ଇତିମଧ୍ୟରେ ଆମେରିକାର ଷଡ଼ଯନ୍ତ୍ର ଆରମ୍ଭ ହୋଇଗଲା। ୨୦୧୯ରେ ସେ ଚାପରେ ପଡି ପଦତ୍ୟାଗ କରିଥିଲେ। ଶତ୍ରୁମାନଙ୍କର ଉଦ୍ୟମ ପଣ୍ଡ କରିବାକୁ ସେ ଦେଶ ତ୍ୟାଗ କରିଥିଲେ।ତାଙ୍କର ହାତ ଗଢା ଏମ୍.ଏ.ଏସ୍ ପାର୍ଟି ତାଙ୍କର ମାର୍ଗ ଅନୁସରଣ କରି ଲୋକଙ୍କର ଆବଶ୍ୟକତା ପୂରଣ କରି ଚାଲିଲା। ୨୦୨୦ରେ ତାଙ୍କର ଘନିଷ୍ଠ ସହଯୋଗୀ ଓ ଅନୁଗାମୀ ଲୁଇସ ଆରସେ ରାଷ୍ଟ୍ରପତି ନିର୍ବାଚନ ଜିତିଲେ। ଏଭୋମୋରାଲେସଙ୍କର ନୈତିକ ବିଜୟ ହୋଇଥିଲା। ତାଙ୍କର ଗରିବ, ଆଦିବାସୀମାନଙ୍କର ଉତ୍ଥାନ ପାଇଁ ସମର୍ପିତ ସଂଘର୍ଷ ପାଇଁ ସେ ତାଙ୍କର ଦେଶବାସୀଙ୍କର ହୃଦୟରେ ମୁକୁଟ ବିହୀନ ସମ୍ରାଟ ହୋଇ ରହିଲେ। ତାଙ୍କର ଶିଷ୍ୟମାନେ ତାଙ୍କ ବଲିଭିଆର ଗାନ୍ଧୀ ଭାବରେ ସମ୍ବୋଧନ କରନ୍ତି। ବର୍ତ୍ତମାନ ନିଜ ଦେଶରେ ତାଙ୍କର ଶତ୍ରୁପକ୍ଷ ଆମେରିକାର ସହଯୋଗରେ ଶକ୍ତିଶାଳୀ ହୋଇ ଏଭୋଙ୍କୁ ଦେଶାନ୍ତର କରିଛି।

# ଶ୍ରୀକୃଷ୍ଣ ବଳରାମଙ୍କ ମଥୁରା-ବୃନ୍ଦାବନ ଲୀଳା



**ରାଇଚରଣ ବିଶ୍ୱାଳ**
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ପରମେଶ୍ୱର ପରମାତ୍ମା ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣବଳରାମ ଓ ପରମେଶ୍ୱରୀ ଶ୍ରୀରାଧାରାଣୀଙ୍କ କୃପାରୁ ଏହି ଅଧମ ଲେଖକ ଓ ତାଙ୍କ ଧର୍ମପତ୍ନୀ ଏବଂ ଦୁଇ ଝିଅ କ୍ରିଷ୍ଣା ଓ ଲଳିତାଙ୍କ ସହିତ; ଅର୍ଥାତ୍ ସପରିବାର ମଥୁରା-ବୃନ୍ଦାବନ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲା। ଆମେ ଗତ ଜୁଲାଇ ମାସ ୨୨ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ (ଆଠ ଦିନ) ଶ୍ରୀକୃଷ୍ଣ ଜନ୍ମଭୂମି ପାର୍ଶ୍ୱସ୍ଥ ଶ୍ରୀକୃଷ୍ଣ ଜନ୍ମସ୍ଥାନ ସେବା ସଂସ୍ଥା ଦ୍ୱାରା ପରିଚାଳିତ ଅତିଥି ଭବନରେ ଧାର୍ଯ୍ୟଭଡା ଦେଇ ଏକ ଶୀତତାପ ନିୟନ୍ତ୍ରିତ କୋଠରୀରେ ଦୀର୍ଘ ୮ ଦିନ କାଳ ସମସ୍ତ ପ୍ରକାରର ସୁବିଧାସୁଯୋଗ ସହିତ ଅବସ୍ଥାନ କରି ଶ୍ରୀକୃଷ୍ଣ ଜନ୍ମଭୂମି, ବିଶ୍ରାମ ଘାଟ, ଗୋକୁଳ ଓ ରମଣରେତି, ନିଧୁବନ ଓ ବାଙ୍କେବିହାରୀ ମନ୍ଦିର, ଗିରିରାଜ ଗୋବର୍ଦ୍ଧନ-ରାଧା ଓ ଶ୍ୟାମକୁଣ୍ଡ- ମାନସୀ ଗଙ୍ଗା ତଥା ନନ୍ଦଗାଁଓ ଓ ବରଷାଣା ଦର୍ଶନ କରିଥିଲୁ। ଆମର ମଥୁରା-ବୃନ୍ଦାବନ ଗମନ ଓ ଭଦ୍ରକ ପ୍ରତ୍ୟାଗମନ କଳିଙ୍ଗ-ଉତ୍କଳ ଏକ୍ସପ୍ରେସ ଟ୍ରେନର ଶୀତତାପ ନିୟନ୍ତ୍ରିତ ତୃତୀୟ ଶ୍ରେଣୀ କୋଚରେ ହୋଇଥିଲା।

ବର୍ତ୍ତମାନ ଏହି ଅଧମ ଦର୍ଶନ କରିଥିବା ଲୀଳାପୁରୁଷୋତ୍ତମଙ୍କ ଧରାବତରଣ ସ୍ଥାନ ସମ୍ବନ୍ଧରେ ପ୍ରଥମେ ବର୍ଣ୍ଣନା କରୁଛି। ପୌରାଣିକ ତଥ୍ୟାନୁସାରେ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣ ୩୨୨୮ BCE ଜୁଲାଇ ମାସ ୧୮ ତାରିଖ ମଧ୍ୟରାତ୍ର; ଅର୍ଥାତ୍ ଶ୍ରାବଣ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ମଧ୍ୟରାତ୍ରରେ (ଆଜକୁ ପ୍ରାୟ ୫ ହଜାର ୨୫୩ ବର୍ଷ ପୂର୍ବେ) ଦୁର୍ମିଳ ନନ୍ଦନ କଂସାସୁର କାରାଗାର ମଧ୍ୟରେ ହୋଇଥିଲା। ଅବଶ୍ୟ ଏଠାରୁ ମହାପ୍ରଭୁ ତତ୍‌କ୍ଷଣାତ୍ ଗୋକୁଳ ନନ୍ଦରାଜାଙ୍କ ଘରକୁ ଯାତ୍ରା କରିଥିଲେ ଓ ସେଠାରେ ପ୍ରାୟ ୩ ବର୍ଷ ୪ ମାସ ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ପୂର୍ବ ନିର୍ଦ୍ଧାରିତ ଲୀଳାଖେଳାମାନ କରିଥିଲେ, ଯଥା- ମାଖନ ଚୋରି, ରମଣରେତିରେ ଅଷ୍ଟ ସଖା (ଶ୍ରୀଦାମା, ସୁଦାମା, ସୁବଳ, ସ୍ତୋକକୃଷ୍ଣ, ଅର୍ଜୁନ, ବୃଷବନ୍ଧୁ, ମନଃସୌଖ୍ୟ ଓ ବଳି)ମାନଙ୍କ ସହିତ ବାଲିରେ ଖେଳିବା, ଯାମଳାର୍ଜୁନ ଭ୍ରାତାଦ୍ୱୟଙ୍କୁ ଉଦ୍ଧାର କରିବା, ମାଟି ଖାଇ ଜନନୀ ଯଶୋଦାଙ୍କୁ ନିଜ ମୁଖ ଗହ୍ୱର ମଧ୍ୟରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଦେଖାଇବା ଇତ୍ୟାଦି ଲୀଳାମାନ କରିଥିଲେ। ଏଥିସହିତ ପୁତନା, ତୃଣାବର୍ତ୍ତ, ବତ୍ସାସୁର, ବକାସୁର ଓ ଅଘାସୁର ଆଦି କଂସ ପ୍ରେରିତ ରାକ୍ଷସ ଓ ରାକ୍ଷସୀଙ୍କୁ ବାଳକ ଶ୍ରୀକୃଷ୍ଣ ବଧ କରିଥିଲେ ଓ ଅଗ୍ରଜ ବଳରାମ ପ୍ରଳମ୍ବାସୁରକୁ ବଧ କରିଥିଲେ।

ଏହାପରେ ମାତା ଯଶୋଦା ଓ ନନ୍ଦ ବାବା ଶ୍ରୀକୃଷ୍ଣ ଓ ବଳରାମଙ୍କ ସୁରକ୍ଷା ପାଇଁ ତତ୍କାଳୀନ ବରଷାଣାର ରାଜା ତଥା ନନ୍ଦବାବାଙ୍କ ପରମ ମିତ୍ର ବୃଷଭାନୁ ଓ ଗର୍ଗ ମୁନିଙ୍କ ପରାମର୍ଶ କ୍ରମେ ନନ୍ଦିଶ୍ୱର ପାହାଡ ଉପରେ ନନ୍ଦଗାଁଓ ସ୍ଥାପନ କରି ରହିଥିଲେ। ଏଠାକୁ କଂସ ଓ ତା'ର ଅନୁଚରଗଣ



ଆସିପାରିନଥିଲେ କାରଣ ସେମାନଙ୍କୁ ଗର୍ଗମୁନି ଅଭିଶାପ ଦେଇଥିଲେ। ଏଠାରେ ଭଗବାନ ଶ୍ରୀକୃଷ୍ଣ ୧୧ବର୍ଷ ୬ମାସ ଓ ଅଗ୍ରଜ ବଳରାମଙ୍କୁ ୧୨ବର୍ଷ ହେବା ପର୍ଯ୍ୟନ୍ତ ରହି ବ୍ରଜଲୀଳା କରିଥିଲେ। ଏହି ସମୟରେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ସେମାନଙ୍କ ଅଷ୍ଟ ସଖାମାନଙ୍କ ସହିତ ମିଶି ଗାଈ ଚରାଉଥିଲେ। ଶ୍ରୀକୃଷ୍ଣ ବଂଶୀ ବାଦନ କରୁଥିଲେ ଓ ରମଣରେତିର ବାଲିରେ ଖେଳୁଥିଲେ। ବ୍ରଜଲୀଳା ସମୟରେ କିଶୋର କୃଷ୍ଣ ବ୍ରଜର ୧୬୧୦୮ ଗୋପିକା ଓ ପରମେଶ୍ୱରୀ ଶ୍ରୀରାଧାରାଣୀଙ୍କ ସହିତ ମିଶି ବୃନ୍ଦାବନର ନିଧୁବନରେ ଶାରଦୀୟ ମହାରାସ କରିଥିଲେ। ଏଠାରେ ଦିବ୍ୟ ନୃତ୍ୟଗୀତ ପରିବେଷିତ ହୋଇଥିଲା ଓ ଶ୍ରୀକୃଷ୍ଣ ୧୬୧୦୮ ଜଣ ଶ୍ରୀକୃଷ୍ଣ ହୋଇ ସମସ୍ତ ଗୋପିକାଙ୍କ ମନୋବାଞ୍ଛା ପୂର୍ଣ୍ଣ କରିଥିଲେ; ଅର୍ଥାତ୍ ଏଠାରେ ଜୀବାତ୍ମା ସହିତ ପରମାତ୍ମାଙ୍କ ମିଳନ ହୋଇଥିଲା। ଏଠାରେ କୃଷ୍ଣ ଅସୁର କୃତ ବନାଗ୍ନିକୁ ଗିଳି ପକାଇ ସମସ୍ତ ବ୍ରଜବାସୀଙ୍କୁ ରକ୍ଷା କରିଥିଲେ। ତାଳବଣରେ ବଳରାମ ଧେନୁକାସୁରକୁ ବଧ କରିଥିଲେ ଓ ଶ୍ରୀକୃଷ୍ଣ ସନ୍ଧ୍ୟାରେ ବଂଶୀ ବଜାଇ ବଜାଇ ଗୋଧେନୁ ପଲ, ଅଗ୍ରଜ ବଳରାମ ଓ ସଖାମାନଙ୍କ ସହିତ ନନ୍ଦଗାଁଓ ଫେରିଆସୁଥିଲେ। ମାତ୍ର ୭ ବର୍ଷ ବୟସରେ ଗିରିରାଜ ଗୋବର୍ଦ୍ଧନଙ୍କୁ ବାମହସ୍ତ କନିଷ୍ଠାଙ୍ଗୁଷ୍ଠିରେ ଦୀର୍ଘ ୭ଦିନ ଓ ୭ରାତି ଛତ୍ରପ୍ରାୟ ଟେକିଧରି ସମସ୍ତ ଗୋପାଳ ଓ ଗୋପିକା ତଥା ସେମାନଙ୍କ ଲକ୍ଷ ଲକ୍ଷ ଗାଈବାଛୁରୀଙ୍କୁ ସୁରକ୍ଷିତ ରଖି ଦେବରାଜ ଇନ୍ଦ୍ରଙ୍କ ଗର୍ବକୁ ଖର୍ବ କରିଥିଲେ। ମାତ୍ର ୭ ବର୍ଷ ୨ ମାସ ବୟସରେ ଶ୍ରୀକୃଷ୍ଣ ଯମୁନା ନଦୀରେ ବାସ କରୁଥିବା ଅତି ବିଷାକ୍ତ କାଳୀୟ ନାଗର ଦଳନ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ବରଷାଣା ଯାଇ ରାଧାରାଣୀ ଓ ଅନ୍ୟ ସଖୀ ତଥା ଗୋପିକାଙ୍କ ସହିତ ଲାଠିମାଡ ହୋଲି ଖେଳୁଥିଲେ। ଆଜି ମଧ୍ୟ ନନ୍ଦଗାଁଓର ଗୋପାଳ ଓ ବରଷାଣାର ଗୋପାଳୁଣୀଙ୍କ ମଧ୍ୟରେ ଲାଠିମାଡ ହୋଲିଖେଳର ପରମ୍ପରା ଉଜ୍ଜୀବିତ ରହିଛି।

ମାମୁଁ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମାରିବାରେ ସଂପୂର୍ଣ୍ଣ ବିଫଳ ହୋଇ ସେମାନଙ୍କୁ ନନ୍ଦଗାଁଓରୁ ମଥୁରା ଆଣିବାକୁ ନିଜ ମହାମନ୍ତ୍ରୀ ଅକ୍ରୁରକୁ ନନ୍ଦଗାଁଓ ପ୍ରେରଣ କରିଥିଲା ଓ କୃଷ୍ଣବଳରାମ ମଥୁରା ଆସି ମାମୁଁ କଂସକୁ ବଧ କରିଥିଲେ। କଂସକୁ ମାରିବା ପୂର୍ବରୁ କୁବ୍ଜାକୁ ସ୍ପର୍ଶ କରି ତାଙ୍କୁ ଅପରୂପ ପ୍ରଦାନ କରିଥିଲେ। ଏହି ସମୟରେ କୃଷ୍ଣଙ୍କୁ ୧୧ ବର୍ଷ ୬ ମାସ ଓ ବଳରାମଙ୍କୁ ୧୨ ବର୍ଷ ହୋଇଥିଲା। ଖ୍ରୀଷ୍ଟ ପୂର୍ବ ୩୨୧୯ ଫେବୃୟାର ମାସ ୯ ତାରିଖ( ୫୨୪୪ ବର୍ଷ ପୂର୍ବେ) ମହାଶିବରାତ୍ରି ଦିନ କଂସାସୁର ବଧ ହୋଇଥିଲା। ଏହି ଦିନ ପରମେଶ୍ୱରଙ୍କ ବ୍ରଜଲୀଳା ସମାପ୍ତ ହୋଇ ମଥୁରା ଲୀଳା ଆରମ୍ଭ ହୋଇଥିଲା। କଂସକୁ ମାରିବା ପରେ ଉଗ୍ରସେନଙ୍କୁ ମଥୁରାର ରାଜ୍ୟଭାର ଅର୍ପଣ କରି କୃଷ୍ଣବଳରାମ ଉଜ୍ଜୟିନୀର ସନ୍ଦିପନୀ ମୁନିଙ୍କ ଆଶ୍ରମରେ ରହି ୬୪ ପ୍ରକାରର କଳାକୁ ଆୟତ୍ତ କରି ପୁନଃ ମଥୁରା ପ୍ରତ୍ୟାବର୍ତ୍ତନ କରି ଜରାସନ୍ଧ ଆକ୍ରମଣର ମୁକାବିଲା କରିଥିଲେ। ମଥୁରା ଲୀଳାରେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ କଂସର ଶ୍ୱଶୁର ଜରାସନ୍ଧକୁ ୧୭ ଥର ପରାସ୍ତ କରିଥିଲେ; ଅଥଚ ତା'ର ପ୍ରାଣ ନେଇନଥିଲେ କାରଣ ସେ ମଧ୍ୟମ ପାଣ୍ଡବ ଭୀମଙ୍କୁ ଜରାସନ୍ଧ ବଧର ବିଧାନ କରିଥିଲେ। ସୁତରାଂ, ଆମେ ସମସ୍ତେ ଇହଜନ୍ମରେ ପରମେଶ୍ୱର ପରମାତ୍ମା ଶ୍ରୀକୃଷ୍ଣବଳରାମଙ୍କ କୃପାପ୍ରାପ୍ତି ନିମିତ୍ତ ଯାଜ୍ଞସେନୀ ଓ ମୀରାଙ୍କ ପରି ପୂର୍ଣ୍ଣ ସମର୍ପିତ ହୋଇ ନିଜ ଦୁର୍ଲଭ ମାନବ ଜନ୍ମକୁ ସାର୍ଥକ କରିବା ଉଚିତ୍।




ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ଭାବା ନଗର ସ୍ଥିତ ଡିଭାଇନ ନର୍ସିଂହୋମ ସମ୍ମିଳନୀ କକ୍ଷରେ ଅଖିଳ ଭାରତୀୟ ଆୟୁର୍ବେଦିକ ସମ୍ମିଳନୀ ଗଂଜାମ ଶାଖାର ନୂତନ ପଦାଧିକାରୀ ଚୟନ କରାଗଲା ସଭାପତି ରୂପେ ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ, ସଧାରଣ ସମ୍ପାଦକ ଡ଼ା. କିରଣ କୁମାର ପାଣିଗ୍ରାହି, ଯୁଗ୍ମ ସମ୍ପାଦକ ଡ଼ା. ରବୀନ୍ଦ୍ର ନାଥ ଗନ୍ତାୟତ, କୋଷାଧ୍ୟକ୍ଷ ଭାବେ ଡ଼ା. ବିପିନ ବିହାରୀ ସାହୁ, ଓର୍ଗାନାଇଜିଁ ସେକ୍ରେଟାରୀ ଡ଼ା. ଶିଶିର କାନ୍ତ ମିଶ୍ର, ସାଂଗଠାନିକ ସଦସ୍ୟ ଭାବେ ଡ଼ା. ଗାନ୍ଧୀ ଚୌଧୁରୀ, ଡ଼ା. ହୃଷିକେଶ ପାଢ଼ୀ ମନୋନୀତ ହେଲେ, ଗଂଜାମ ଶାଖା ଉପଦେଷ୍ଟା ଭାବେ ବରିଷ୍ଠ ଆୟୁର୍ବେଦିକ ଡାକ୍ତର ପ୍ରାଣ ଚାନ୍ଦ ପଣ୍ଡା, ଡାକ୍ତର ଶରତ ଚନ୍ଦ୍ର ମହାପାତ୍ର ଡାକ୍ତର ରମେଶ ଚନ୍ଦ୍ର ଦାସ, ଡାକ୍ତର ରାମଚନ୍ଦ୍ର ରଥ, ଡାକ୍ତର ପ୍ରଦୀପ କୁମାର ପାତ୍ର, ମନୋନୀତ ହେଲେ। ଉକ୍ତ ଚୟନ ପ୍ରକ୍ରିୟାରେ ରାଜ୍ୟ ସଭାପିତି ଧନେଶ୍ୱର ବଳିଆର ସିଂହ, ରାଜ୍ୟ ସମ୍ପାଦକ ଡ଼ା ଶରତ ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଡ଼ା ବ୍ରଜେନ୍ଦ୍ର ପାତ୍ର ଏଂ ରାଜ୍ୟ ସାଂଗଠାନିକ ସଦସ୍ୟ ପ୍ରଫେସର ଡ଼ା. ସତ୍ୟ ପଟ୍ଟନାୟକ ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

## ସରଳ ହେଉନି ଚାଷୀ ପଞ୍ଜିକରଣ ବ୍ୟବସ୍ଥା



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଚାଷୀ ପଞ୍ଜିକରଣ ଜଟିଳ ବ୍ୟବସ୍ଥାକୁ ସରଳ କରିବାକୁ ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ନାହିଁ। କେବଳ ସ୍ୱ ଘୋଷଣା ପତ୍ର (ସେଲ୍ଫ ଡିକ୍ଲାରେସନ ଫର୍ମ) ଦେଇ ପଞ୍ଜିକରଣ ହେବ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ବିଭାଗୀୟ ଚିଠି ହୋଇ ନଥିବାରୁ ଯେଉଁ ଭଳି ସମସ୍ୟା ଲାଗି ରହିଥିଲା ସେଥିରେ ସୁଧାର ଆସିପାରିନାହିଁ। ଓଲଟି ଘୋଷଣା ଓ ବାସ୍ତବତା ଭିତରେ ଚାଷୀଙ୍କ ଠାରୁ ଅଧିକାରୀ ଦହଗଞ୍ଜ ହେଉଛନ୍ତି। ଏବେ ବି ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ପଡୁଛି। ରାଜସ୍ୱ ନିରୀକ୍ଷକ (ଆର ଆଇ )ଏହା ତୁରନ୍ତ ଦେବାରେ କୁନ୍ଥୁକୁନ୍ଥୁ ହେଉଥିବା ଅଭିଯୋଗ ହୋଇ ଆସୁଛି। ଯାହା ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମଙ୍ଗଳବାର ତଥ୍ୟ ଅନୁଯାୟୀ ୧୨୯ଜଣ ଚାଷୀଙ୍କ ପଞ୍ଜିକରଣ ହୋଇପାରିଛି। ସ୍ୱଘୋଷଣା ପତ୍ର ନିୟମ କେବେ ଲାଗୁ ହେବ ଚାଷୀ ଅପେକ୍ଷାରେ ରହିଛନ୍ତି। ଚଳିତ ବର୍ଷ ଜମିର ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଯେଉଁ ପ୍ଲଟ ବାପା, ଜେଜେବାପା ଙ୍କ ନାମରେ ରହିଛି, ତାହାର ଉତ୍ତରାଧିକାରୀ କେଉଁ ମାନେ ରହିଛନ୍ତି ତାହାର ବଂଶାନୁକ୍ରମ ପ୍ରମାଣପତ୍ର ପ୍ରଥମେ ଆରଆଇ ଙ୍କ ନିକଟରୁ ଆଣିବାକୁ ପଡୁଛି। ସେଥିରେ ଥିବା ଅନ୍ୟ ଉତ୍ତରାଧିକାରୀ ଠାରୁ ଅନୁମତି ପତ୍ର ଆଣି ଦେଲେ ପଞ୍ଜିକରଣ କରାଯାଉଛି। ଯାହା ଫଳରେ ଭାଇ ଭାଇ ବିବାଦ ଓ ଭଉଣୀଙ୍କ ଅନୁମତି ପାଇଁ ଚାଷୀ ନାକେଦମ୍ ହେଉଛନ୍ତି। ଭାଇ ବାହାରେ ରହୁଥିଲେ ହ୍ୱାଟ୍ସଅପ ରେ ଫର୍ମ ପଠାଇବାକୁ ପଡୁଛି। ସେ ସେଠାରେ ପୂରଣ କରି ପଠାଇବା ପରେ ଚାଷୀ ଦାଖଲ କରି ପଞ୍ଜିକରଣ କରୁଛି। ଯଦି କୌଣସି ଭାଇ ବା ଭଉଣୀ ଅନୁମତି ନ ଦେଲେ ପଞ୍ଜିକରଣ କରିବା ଚାଷୀ ପାଇଁ ଅସମ୍ଭବ ହୋଇପଡୁଛି। ଚାଷ ସମୟରେ ଚାଷୀ ଆରଆଇଙ୍କ ପାଖକୁ ଧାଇଁବା ଓ ଅନୁମତିପତ୍ର ସଂଗ୍ରହ କରି ପଞ୍ଜିକରଣ କରିବା ଚାଷ କାମରେ ବାଧା ସୃଷ୍ଟି ହେଉଛି। ଏ ସମ୍ପର୍କରେ ପୂର୍ବରୁ ଖବର ପ୍ରକାଶ ପାଇବା ପରେ ସରକାର ଏହାକୁ ସରଳିକରଣ କରିଥିବା ଘୋଷଣା କରିଛନ୍ତି। ଚାଷୀ କେବଳ ସ୍ୱ ଘୋଷଣା ପତ୍ର ଦେଇ ପଞ୍ଜିକରଣ କରିବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ କିନ୍ତୁ ବିଭାଗ ପକ୍ଷରୁ ଚିଠି କରାଯାଇ ନାହିଁ। ଯାହା ଫଳରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସ୍ୱ ଘୋଷଣା ପତ୍ର ଫର୍ମ ମିଳିବ ବୋଲି କୁହାଯାଉଥିବା ବେଳେ ଏ ପର୍ଯ୍ୟନ୍ତ ପଞ୍ଜିକରଣ ପୋର୍ଟାଲ ରେ ଉକ୍ତ ଫର୍ମ ଉପଲବ୍ଧ ହୋଇନାହିଁ। ବରଂ ଜମି ରେକର୍ଡ ଧାରକଙ୍କ ଦ୍ୱାରା ଧାନ ବିକ୍ରି ପାଇଁ ସଂମ୍ମତି ପତ୍ର ଓ ଭାଗ ଚାଷ ନିମନ୍ତେ ପ୍ରକୃତ ରେକର୍ଡ ଧାରକଙ୍କ ଦ୍ୱାରା ଧାନ ବିକ୍ରି ପାଇଁ ସଂମ୍ମତି ପତ୍ରର ଫର୍ମ ଉପଲବ୍ଧ ରହିଛି। ସ୍ୱଘୋଷଣା ପତ୍ର ସମ୍ପର୍କରେ ସରକାର ଘୋଷଣା କରିଥିବାରୁ ଚାଷୀ ସମିତିରେ ପହଂଚି ପ୍ରଶ୍ନ କରୁଛନ୍ତି। ହେଲେ ଚିଠି ହୋଇନଥିବାରୁ ପୂର୍ବଭଳି ବଂଶାନୁକ୍ରମ ପ୍ରମାଣପତ୍ର ଓ ଅନୁମତି ପତ୍ର ଦେଲେ ହିଁ ପଞ୍ଜିକରଣ କରାଯାଉଛି। ଅନ୍ୟ ପକ୍ଷରେ ବଂଶାନୁକ୍ରମ ପ୍ରମାଣପତ୍ର ଦେବାରେ ଅନେକ ସ୍ଥାନରେ ଆରଆଇ ମାନେ ବିଳମ୍ବ କରୁଛନ୍ତି। ଫଳରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ବଂଶାନୁକ୍ରମ ପ୍ରମାଣପତ୍ର କିଭଳି ଶୀଘ୍ର ମିଳିପାରିବ ସେନେଇ ଜିଲ୍ଲାସ୍ତରୀୟ ଅଧିକାରୀ ସମୀକ୍ଷା କରିବା ଜରୁରି।

## ବିଡ଼ିଓଙ୍କ ସ୍ୱାମୀଙ୍କୁ ମାରଣାନ୍ତକ ଆକ୍ରମଣ, ଦୁଇ ଗିରଫ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଅପରାଧୀ ମାନଙ୍କର ଆତଙ୍କ ଦେଖା ଦେଇଥିବା ବେଳେ ବିଡ଼ିଓଙ୍କ ସ୍ୱାମୀଙ୍କୁ ମାରଣାନ୍ତକ ଆକ୍ରମଣ କରି ସୁନା ଚେନ୍ ଲୁଟି ନେବା ଘଟଣାରେ ନିମାପଡ଼ା ଥାନା ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ସଂପୃକ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋପ ବ୍ଲକ୍‌ର ବିଡ଼ିଓ ଛବିରାଣୀ ସାହୁଙ୍କ ସ୍ୱାମୀ ଅବନି ରଂଜନ ପଟ୍ଟନାୟକ ରବିବାର ଛୁଟି ଥିବାରୁ ମଧ୍ୟାହ୍ନରେ ଗତ ଶନିବାର ଅପରାହ୍ନରେ କାର ଯୋଗେ ଭୁବନେଶ୍ୱରରୁ ଗୋପ ଯାଉଥିବା ବେଳେ ତଳଅଣ୍ଟିଆ ଛକ ନିକଟରେ ନିମାପଡ଼ାର ସନ୍ତୋଷ ପରିଡ଼ା, ଲୁଲୁ ନାମକ ଯୁବକ ଓ ତାଙ୍କର ୭-୮ ସହଯୋଗୀ ଗାଡ଼ିକୁ ଅଟକାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ କାର ଭିତରୁ ଅବନିଙ୍କୁ ଭିଡ଼ି ନେଇ ମାଡ଼ ମାରିବା ସହ ପିନ୍ଧିଥିବା ୩ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଚେନ୍‌କୁ ଛିଣ୍ଡାଇ ନେଇ ଯାଇଥିଲେ ଓ ମୋବାଇଲ୍ ମନିପର୍ସକୁ ଛଡ଼ାଇ ନେବା ସହିତ କାର୍ ଚାବି ଛଡ଼ାଇ ନେଇ ମାରପିଟ୍ କରିଥିଲେ। ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ବେଳେ ସମ୍ବେଦନଶୀଳ ସ୍ଥାନକୁ ଗୋଇଠା ମାରିଥିଲେ। ଏ ସଂପର୍କରେ ଅବନି ପଟ୍ଟନାୟକ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୩(୨)/୩୫୧(୨)/୨୯୬ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତ ସନ୍ତୋଷ ପରିଡ଼ା ଓ ତା'ର ସହଯୋଗୀ ଲୁଲୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ୍ ନାମଞ୍ଜୁର ପରେ ଦୁଇ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି। ଘଟଣାରେ ଅନ୍ୟ ୬ ଅଭିଯୁକ୍ତ ପୋଲିସ ଭୟରେ ଫେରାର ଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢ଼ଉ ଜାରି ରହିଛି। ପ୍ରକାଶ ଥାଉକି, ତଳଅଣ୍ଟିଆ କେନାଲ ପୋଲ ନିକଟରେ ପ୍ରତ୍ୟେକ ଦିନ କେତେକ ଅସାମାଜିକ ଅପରାଧୀ ଏକତ୍ରିତ ହୋଇ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କୁ ଦୀର୍ଘଦିନ ହେବ ଲୁଟ୍‌ପାଟ ଓ ଗାଳିଗୁଲଜ କରି ଆସୁଛନ୍ତି। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏପରି ଘଟଣା ଦେଖିବାକୁ ମିଳିଛି। କେତେକ ଯୁବକ ବିନା କାରଣରେ ସାଧାରଣ ଲୋକଙ୍କୁ ଗାଳି ଗୁଲଜ କରୁଛନ୍ତି। ଏହି ଘଟଣା ପ୍ରତି ପୋଲିସ ଦୃଷ୍ଟି ଦେଇ ଅସମାଜିକଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ୫ ହଜାର ଟଙ୍କା ପାଇଁ ଯୁବକଙ୍କୁ ହତ୍ୟା କଲା ଠିକାଦାର

କାଲିମେଲା(ଭାସ୍କର ନ୍ୟୁଜ): ମାତ୍ର ୫ ହଜାର ଟଙ୍କା ପାଇଁ ଜଣେ ଠିକାଦାର ଜଣେ ୨୧ ବର୍ଷୀୟ ଯୁବକଙ୍କୁ ପ୍ରଥମେ ଅପହରଣ ଓ ପରେ ହତ୍ୟା କରିଥିବା ପରି ସଂଗୀନ ଅଭିଯୋଗ ମୋଟୁ ଥାନାରେ ହୋଇଛି। ଅଭିଯୋଗ ପାଇବା ପରେ ମୋଟୁ ପୁଲିସ ଠିକାଦାର ଓ ତାଙ୍କର ଜଣେ ସହଯୋଗୀଙ୍କୁ ଥାନାରେ ଅଟକ ରଖି ଅନୁସନ୍ଧାନ ଆରମ୍ଭ କରିଥିବାର ସୂଚନା ମିଳିଛି। ମୋଟୁ ଥାନା ଅନ୍ତର୍ଗତ ଏମପିଭି ୮୧ ଗ୍ରାମର ଠିକାଦାର ଅନନ୍ତ ହାଲଦାର ଓ ସହ ଯୋଗୀ ସୁଜିତ ରାୟ ଅପରାହ୍ନ ୫ଟାରେ ଏମପିଭି -୧୦ ଗ୍ରାମକୁ ଆସି ବାପି ମଣ୍ଡଳ ନାମକ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଘରୁ ଜୋର ଜବରଦସ୍ତ ହାତ ବାନ୍ଧି ଏକ ବାଇକରେ ନିଜ ଘରକୁ ଅପହରଣ କରି ନେଇ ଯାଇଥିଲେ। ତେବେ ଶନିବାର ସକାଳୁ ବାପି ମରିଯାଇଛି ବୋଲି ଠିକାଦାର ଜଣଙ୍କ ଏମପି ଭି- ୧୦ ଗ୍ରାମର ଗାଁ ସଭାପତିଙ୍କୁ ଜଣାଇଥିଲେ। ଏହାପରେ ମୃତ ଯୁବକଙ୍କ ଅଜା ମୋଟୁ ଥାନାରେ ମୋ ନାତିକୁ ଠିକାଦାର ମାତ୍ର ୫ ହଜାର ଟଙ୍କା ପାଇଁ ଅପହରଣ କରି ହତ୍ୟା କରିଥିବା ଅଭିଯୋଗ କରିଥିଲେ। ମୃତ ଯୁବକ ଜଣଙ୍କ ଠିକାଦାର ନିକଟରେ ରହି ଆନ୍ଧ୍ର ପ୍ରଦେଶରେ ଦାଦନ ଖଟୁଥିଲା। ମୃତ ଯୁବକ ଜଣଙ୍କ ୫ ହଜାର ଟଙ୍କା ଅଗ୍ରିମ ଆଣିଥିଲେ ମଧ ଆଉ ପରିଶୋଧ କରି ପାରିନଥିଲା।

## ୩ ଚୋରଙ୍କୁ ବାନ୍ଧିଲା ପୋଲିସ

ଗୋପ(ଭାସ୍କର ନ୍ୟୁଜ): ଗତ କାଲି ବିଳମ୍ବିତ ରାତ୍ରୀରେ ୩ ଚୋରଙ୍କୁ ଗୋପ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ୩ ଜଣ ହେଲେ ଏହି ଥାନା ଅଧିନ ନାଗପୁର ଷୋଳପୁର ଗ୍ରାମର ସତ୍ୟ ନାରାୟଣ ମଲ୍ଲିକ, ପଦ୍ମପଡା ଗ୍ରାମର ସୁବ୍ରତ କାଣ୍ଡି ଏବଂ ଓମ୍ ପ୍ରକାଶ ରାଉତ। ସେମାନେ ଦୀର୍ଘ ଦିନ ହେଲା ଗୋପ ତଥା ତାର ଆଖପାଖ ଅଞ୍ଚଳରୁ ପାଣି ମଟର, ଟିୟୁବୱେଲ, ଫ୍ୟାନ ଆଦି ଚୋରି କରି ପୋଲିସ ଆଖିରେ ଧୂଳି ଦେଇ ବୁଲୁଥିଲେ। ଗତ ଶନିବାର ବିଳମ୍ବିତ ରାତ୍ରିରେ ସେମାନେ ଏକ ଗାଡିରେ ବେଦପୁର ବାଲିକନ୍ଦଳ ଗ୍ରାମରେ ଚୋରି କରିବା ନିମନ୍ତେ ବୁଲୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଥିଲେ। ହେଲେ ଘଟଣା ସ୍ଥଳରୁ ଦୁଇ ଜଣ ଚମ୍ପଟ ମାରିଥିବା ଥିବା ବେଳେ ଜଣଙ୍କୁ ଧରି ଲୋକମାନେ ଉତ୍ତମ ମଧ୍ୟମ ଦେବା ପରେ ପୋଲିସ ଜିମା ଦେଇଥିଲେ। ପଚରା ଉଚାରରେ ସେ ଆଉ ଦୁଇଜଣଙ୍କ ନାମ କହିଥିଲା। ଗତକାଲି ରାତ୍ରୀରେ ଥାନା ଏସଆଇ ବୁଦ୍ଧରାମ ମାଝୀ ସଦଳବଳେ ବିଭିନ୍ନ ସ୍ଥାନରେ ଚଢାଉ କରି ସେମାନଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ପାଣି ପମ୍ପ, ଟିୟୁବୱେଲ ଏବଂ ୩ଟି ଫ୍ୟାନ ଉଦ୍ଧାର କରିଥିଲେ। ଏନେଇ ଗୋପ ଥାନା ପକ୍ଷରୁ ୨୪୭/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ଜମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜାତକୁ ପଠାଇ ଦିଆଯାଇଛି।

## ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଲହଡ଼ି ଖେଳୁଛି ବର୍ଷା ପାଣି

ଚାନ୍ଦବାଲି(ଭାସ୍କର ନ୍ୟୁଜ୍): ଅସରାଏ ବର୍ଷାରେ ଉବୁଟୁବୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଦୀର୍ଘ କିଛି ଦିନ ହେବ ଚାନ୍ଦବାଲି ରେ ଲଗାଣ ବର୍ଷା ହେଉଥିବାରୁ ଚାନ୍ଦବାଲିର ବିଭିନ୍ନ ଜାଗାରେ ପାଣି ଜମିରହିବା ଦେଖାଯାଏ। ହେଲେ ଶିକ୍ଷା ଅନୁଷ୍ଠାନ ଏବଂ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ପାଣି ଜମିରହିବା ଏବଂ ବିଶେଷ କରି କମ୍ପ୍ୟୁଟର ସେକ୍ସନରେ ଦୁଇଫୁଟରୁ ଉର୍ଦ୍ଧ୍ୱ ପାଣି ଲହଡି ଖେଳୁଥିବା ଦେଖିବାକୁ ବାକିଥିଲା। । ସେହି ପାଣି ଭିତରେ ପଶି କାମ କରୁଛନ୍ତି କର୍ମଚାରୀ। ଦିନ ଦିନ ପାଣି ଜମି ରହିବା ଫଳରେ ନଷ୍ଟ ହେଉଛି ଆସବାବପତ୍ର, ବିଭିନ୍ନ ଦରକାରୀ କାଗଜପତ୍ର, ତା ସହିତ ସାପର ଭୟ। ପାଣିରେ ପଶି କାର୍ଯ୍ୟ କରିବା ଫଳରେ ଜ୍ୱର, ଥଣ୍ଡା ଆଦି ବିଭିନ୍ନ ରୋଗରେ ପଡୁଛନ୍ତି କର୍ମଚାରୀ। ଏଥି ପ୍ରତି କାହାରି ଦୃଷ୍ଟି ନାହିଁ ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କାର୍ଯ୍ୟରତ କର୍ମଚାରୀ। ତା ସହିତ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଏହି କାର୍ଯ୍ୟାଳୟକୁ ପ୍ରତିଦିନ ଆସୁଥିବାବେଳେ ଏପରି ଦୃଶ୍ୟ ଦେଖି ଆସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି।

## ଚୋରା ମାଟି ଚାଲାଣ, ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱହାନି



ବାଙ୍କୀ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଚୋରାରେ ଖଣିଜ ପଦାର୍ଥ ଲୁଟ ହେଉଥିବା ନଜିର ରହିଛି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଥିବା ଚର୍ଚ୍ଚା ହେଉଛି। ଗତ କିଛି ଦିନ ଧରି ବାଙ୍କୀ ତହସିଲ ଅନ୍ତର୍ଗତ ବୈଦେସ୍ୱର ଥାନା ନିକଟ ରାମନାଥ ମନ୍ଦିର ନିକଟବର୍ତ୍ତୀ ସ୍ଥାନରୁ ବେନିୟମ ଭାବେ ମେସିନ ଲଗାଇ ଶହ ଶହ ଟ୍ରିପ୍ ବଡ ବଡ ହାଇୱା ଓ ଟ୍ରାକ୍ଟରରେ ମାଟି ଚାଲାଣ ହେଉଛି। ଆରଆଇ ଅଫିସ୍ କାର୍ଯ୍ୟାଳୟରୁ ମାତ୍ର ୨ କିଲୋମିଟର ଦୂରତାରୁ ଚୋରା ମାଟି ଚାଲାଣ ହେଉଥିବା ବେଳେ ଆରଆଇଙ୍କ ପକ୍ଷରୁ କୌଣସି ରାଜସ୍ୱ ଆଦାୟ ନକରିବା ହେତୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଥିବା ନେଇ ଜନ ମାନସରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଖବର ପ୍ରସାରଣ ପାଇଁ ଘଟଣା ସ୍ଥଳକୁ ଯାଉଥିବା ଗଣ ମାଧ୍ୟମ ପ୍ରତିନିଧି ଙ୍କୁ ମେସିନ ଗାତ ଖୋଳି ପୋତି ଦେବା ଓ ମାରଧର କରିବା ପାଇଁ ଧମକ ଦେଉଛନ୍ତି ଚୋରା ମାଟି ଚାଲାଣ କାରୀ ମାଫିଆ। ଏଥିପ୍ରତି କଟକ ଜିଲାପାଳ ନିରପେକ୍ଷ ତଦନ୍ତ କଲେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରିବ ଏବଂ ପ୍ରଶାସନ ପ୍ରତି ମାଫିଆ ମାନଙ୍କ ଭୟ ରହିବ ବୋଲି ଅଞ୍ଚଳ ବାସି କହିଛନ୍ତି।

## ସଫେଇ ଆପଣାଅ, ରୋଗ ହଟାଅ କାର୍ଯ୍ୟକ୍ରମ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୌରପାଳିକା ପକ୍ଷରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ 'ସଫେଇ ଆପଣାଅ, ରୋଗ ହଟାଅ' ଶୀର୍ଷକ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ସକାଳେ ସମୁଦ୍ର ବେଳାଭୂମି କଳିଙ୍ଗ ବାଲିଯାତ୍ରା ପଡିଆରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସ୍ମୃତି ସ୍ୱାଇଁ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ ଉପସ୍ଥିତ ରହି ପରିବେଶ ସ୍ୱଚ୍ଛ ରହିଲେ ବିଭିନ୍ନ ରୋଗ ପ୍ରତିହତ ହେବା ନେଇ ସମସ୍ତଙ୍କୁ ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରୀନ ପାରାଦୀପ ଟ୍ରଷ୍ଟ, ପାରାଦୀପ ମହାବିଦ୍ୟାଳୟ ଏନସିସି ଆଲୁମୁନି ଆସୋସିଏସନ, ନୀଳଚକ୍ର, ସ୍ୱାମୀ ବିବେକାନନ୍ଦ ଯୁଥ କ୍ଲବ, କଳିଙ୍ଗ ମହିଳା ଶକ୍ତି, ସାର୍ଥକ ସୋଲ ଆହ୍ୱାନ କମ୍ୱାଇନ୍ଡ, ଆମ୍ବେଦକର ଯୁଥ କ୍ଲବର ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ସାମୁହିକ ଭାବେ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ନିମ୍ନମାନର ଛତୁଆ ସଂସ୍ଥା ନାମରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ହେବ ଅଭିଯୋଗ

କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ନୂତନ ଭାବେ ପାଇଥିବା ମା' ମଙ୍ଗଳା ଏସଓଜି ଗ୍ରୁପ ଯୋଗାଉଛି ଛତୁଆ। ପ୍ରତେକ ଅଙ୍ଗନବାଡିରେ ଥିବା ଶିଶୁ, କିଶୋରୀ ଓ ଗର୍ଭବତୀ ମା'ଙ୍କୁ କିଭଳି ପୌଷ୍ଟିକ ଖାଦ୍ୟ ଖାଇ କିଭଳି ସୁସ୍ଥ ରହିପାରିବେ ସେଥିପାଇଁ କୋଟି କୋଟି ଟଙ୍କା ସରକାର ଖର୍ଚ୍ଚ କରୁଥିବା ବେଳେ ଏଠାରେ କିନ୍ତୁ ନିମ୍ନମାନର ଛତୁଆ ଯୋଗାଯାଉଥିବା ଅଭିଯୋଗ ହେଉଛି। ଏମିତିକି ନିର୍ମାଣ କରାଯାଉଥିବା ଛତୁଆ ପ୍ୟାକେଟ ଉପରେ ପ୍ରସ୍ତୁତି ତାରିଖ ଓ ଅବଧି ଲେଖାଯାଉନାହିଁ। କେତେକ ଜାଗାରେ ଛତୁଆରୁ ଚୋକଡ଼ ବାହାରୁଥିବା ଅଭିଯୋଗ ହେଉଛି। ଏସଓଜି ଗ୍ରୁପ ଛତୁଆ ଯୋଗାଇବା ନିମନ୍ତେ ସରକାରଙ୍କଠାରୁ ମାନ୍ୟତା ପାଇବା ସମୟରେ ସର୍ତ୍ତାବଳି ସମ୍ପୃକ୍ତ ସଂସ୍ଥା ସଠିକ ଭାବରେ ପାଳନ କରୁନାହିଁ। ଏସଓଜି ଗ୍ରୁପ ଛତୁଆ ପ୍ରସ୍ତୁତି ନିମନ୍ତେ କୌଣସି ମେସିନ, ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି କିଭଳି ଭାବରେ ସମ୍ପୃକ୍ତ ସଂସ୍ଥାକୁ ସରକାର ଛତୁଆ ପାଇଁ ମାନ୍ୟତା ଦେଇଛନ୍ତି। ଏମିତିକି ବାଦାମ ଲଡ୍ଡୁ, ଖଜୁରୀ ଓ ଅନ୍ୟ ସାମଗ୍ରୀ ନିମ୍ନମାନର ଦିଆଯାଉଥିବା ଅଭିଯୋଗ ହୋଇଛି। ସୋମବାର କଣ୍ଟାପଡା ବ୍ଲକ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୂର୍ବତନ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମାଡା ମାଡକାମିଙ୍କୁ କୋରୁକୋଣ୍ଡା ଶିକ୍ଷକ ପରିବାର ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟାଜିତ ସଭାରେ ସଭାପତିତ୍ୱ କରିଥିଲେ କୋରୁକୋଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ଅସିତ୍ ମିସ୍ତ୍ରୀ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ଗୋଷ୍ଠି ଶିକ୍ଷା ଅଧିକାରୀ ମାଡା ମାଡକାମି। ମୁଖ୍ୟବକ୍ତା ଏୟୁପିଟିଏଫ୍ ଖାରବେଳ ନଗର ଭୁବନେଶ୍ୱରର, ମାଲକାନଗିରି ଜିଲ୍ଲା ସଭାପତି ନୀଳକଣ୍ଠ ବେହେରା ଓ ମୁଖ୍ୟ ଅତିଥି ଭାବେ ଲୟୁପିଟିଏଫ୍ ହରିପୁରରୋଡ, ମାଲକାନଗିରି ଜିଲ୍ଲା ସଭାପତି ତାରକ ମଣ୍ଡଳ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ମାଲକାନଗିରି ଜିଲ୍ଲା ଏସ୍‌ସି/ଏସ୍‌ଟି ଶିକ୍ଷକ ସଂଘ ସଭାପତି ବିଶ୍ୱନାଥ ଶବର ଓ କୋରୁକୋଣ୍ଡା ବ୍ଲକ ସଭାପତି ଅରବିନ୍ଦ ପ୍ରସାଦ ଜେନା।

## ଦଣ୍ଡନାଚକୁ ନେଇ ଜିଲ୍ଲାସ୍ତରୀୟ ବୈଠକ



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଲୋକ ନୃତ୍ୟ ଦଣ୍ଡନାଚକୁ ନେଇ ପୁଣି ତେଜିଲା ବିବାଦ। ୨୦୨୬ ଦଣ୍ଡ ନାଚରେ ସାମାଜିକ ନାଟକ ପରିବେଷଣ ଉପରେ ଦଣ୍ଡନାଚ ମହାସଂଘ ରୋକ ଲଗାଇଥିବା ବେଳେ ଏହାକୁ ବିରୋଧ କରି ଆଜି ଗଞ୍ଜାମ ଜିଲ୍ଲାର ବହୁ ଦଣ୍ଡ ନାଚ ପାର୍ଟି ସଦସ୍ୟ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ଅଞ୍ଚଳର ବରିଷ୍ଠ କଳାକାର ତଥା ଦକ୍ଷିଣାଞ୍ଚଳ ଜୋନ ସରପଞ୍ଚ ସଂଘ ସଭାପତି ଭବାନୀଶଙ୍କର ମଲ୍ଲିକଙ୍କ ଆହ୍ୱାନ କ୍ରମେ ବୁଗୁଡ଼ା ବ୍ଲକ ମା' ସାଙ୍କୁଳେଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ପକ୍ଷରୁ ନିଆଯାଇଥିବା ସାମାଜିକ ନାଟକ ପରିବେଷଣ ବନ୍ଦ ନିଷ୍ପତ୍ତି ବେଆଇନ। ଏହି ନିଷ୍ପତି ଅନେକ କଳାକାରଙ୍କ ରୋଜଗାର ଛଡାଇନେବାର ସମ୍ଭବାନା ରହିଛି। ଆର୍ଟିଷ୍ଟ, ବାଦ୍ୟ ବାଦକ, ମ୍ୟୁଜିସିଆନ ଭଳି ବିଭିନ୍ନ କଳାକାର ବର୍ଷକର ରୋଜଗାର ହରାଇବେ। ତେଣୁ ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାସଂଘ ନେଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନ କରି ନାଚର ଦର ନିୟନ୍ତ୍ରଣ ଓ ଅସିଳତା ନୃତ୍ୟ ବନ୍ଦ ଉପରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଦଣ୍ଡ ନାଚ ମହାସଂଘର ବହୁ ସଦସ୍ୟଙ୍କ ସମେତ ଜିଲ୍ଲାର ପାଖାପାଖି ୩୮ଟି ପାର୍ଟିର ସଦସ୍ୟମାନେ ଯୋଗ ଦେଇଥିବା ବେଳେ ଏହି ଦାବି ଉପରେ ମହାସଂଘ କମିଟି ଆଲୋଚନା କରାଯିବା ନେଇ କହିଛନ୍ତି ଦଣ୍ଡନାଚ ମହାସଂଘ ସଦସ୍ୟ।

## ନୂତନ ଅପରାଧିକ ଆଇନ ସଚେତନତା ଶିବିର



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ଆନୁକୂଲ୍ୟରେ ଓ ବୋଲଗଡ଼ ବରିଷ୍ଠ ନାଗରିକ ମଞ୍ଚ ଆବାହକତ୍ୱରେ ରବିବାର ନୂତନ ଭାରତର ନୂତନ ଆଇନ ଅନୁଯାୟୀ ନୂତନ ଅପରାଧିକ ଆଇନ ସଚେତନତା ଶିବିର ଓ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଗୋପୀନାଥ ଖଡଙ୍ଗାଙ୍କ ସଭାପତିତ୍ୱରେ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ ଥାନା ଅଧିକରିଣୀ ସ୍ନିଗ୍ଧାମୟୀ ବରାଳ, ମୁଖ୍ୟବକ୍ତା ଭାବେ ଥାନା ସବ ଏସଆଇ ଲିଲି ପାଢ଼ୀ ଓ ସଂମ୍ମାନୀତ ଅତିଥି ଏଏସଆଇ ଯଶୋଦା ଦେବୀ, ଏଏସଆଇ ଉମା ଶଙ୍କର ନାୟକ, ପ୍ରସନ୍ନ କୁମାର ଦଳେଇ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରଂଭରେ ଭକ୍ତ ବଲ୍ଲଭ ପଟ୍ଟନାୟକ ଗୀତା ପାଠ କରିଥିଲେ। ଏହି କାର୍ଯ୍ୟରେ ନୂତନ ଭାବେ ୪୦ଜଣ ବରିଷ୍ଠ ନାଗରିକଙ୍କ ସମେତ ୧୨୦ଜଣ ବରିଷ୍ଠ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଭାପତି ଶ୍ରୀ ଖାଡାଙ୍ଗ ସ୍ୱାଗତ ଅଭିଭାଷଣ ଦେଇ ଆମ ପୋଲିସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ରାଧାଶ୍ୟାମ ରାୟଗୁରୁ ମହାପାତ୍ର ବରିଷ୍ଠ ନାଗରିକ ମାନଙ୍କର ବିଭିର୍ଣ୍ଣ ସମସ୍ୟା ଓ ଦାବୀ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ବରାଳ ଭାରତୀୟ ଦଣ୍ଡ ବିଧି ଆଇନ ପରିବର୍ତ୍ତନ କରାଯାଇ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ କରାଯାଉଛି ବୋଲି ବରିଷ୍ଠ ନାଗରିକଙ୍କୁ ସୂଚନା ଦେଥିଲେ। ୧୮ବର୍ଷରୁ କମ ଝିଅ ଓ ୨୧ବର୍ଷରୁ କମ ପୁଅ ମାନେ ଶାରୀରିକ ସମ୍ପର୍କ ରଖିଲେ ଭାରତୀୟ ନୂତନ ଅପରାଧିକ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ଏବଂ ବରିଷ୍ଠ ନାଗରିକଙ୍କ ପୁଅ ଝିଅ କିମ୍ବା ଆତ୍ମୀୟ ସଜନ ଶାରୀରିକ ନିର୍ଯାତନା ମାନସିକ ନିର୍ଯାତନା ଦେଉଥିଲେ ସେମାନଙ୍କ ବିରୁଦ୍ଧରେ ନୂତନ ଭାରତର ନୂତନ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ମୁଖ୍ୟ ବକ୍ତା ଲିଲି ପାଢ଼ୀ ପରାମର୍ଶ ଦେଇଥିଲେ। ସମସ୍ତ ଜନସାଧାରଣ, ଶିକ୍ଷାବିତ, ସାମ୍ବାଦିକ ଓ ସାମାଜିକ କର୍ମୀ ପୋଲିସ ବାହିନୀଙ୍କୁ ସହଯୋଗ କଲେ ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇପାରିବ ବୋଲି ସମ୍ମାନୀତ ଅତିଥି ଉମାସଙ୍କର ନାୟକ କହିଥିଲେ। ବରିଷ୍ଠ ନାଗରିକ ମଞ୍ଚ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ୪୦ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ସମ୍ପାଦକ ରଘୁନାଥ ଦଲବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ସମାଚାରର ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ପ୍ରତିଭା ମହୋତ୍ସବ

ପୁରୀ(ଭାସ୍କର ନ୍ୟୁଜ): ପିଲାଙ୍କ ମାସିକ ଖବରକାଗଜ ଶିଶୁ ସମ୍ବାଦପତ୍ର ଶିଶୁ ସମାଚାରର ଅଷ୍ଟାଦଶ ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ପ୍ରତିଭା ମହୋତ୍ସବ ସ୍ଥାନୀୟ ପୌର ସଦନରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମାଜସେବୀ ମନୋଜ କୁମାର ରଥ, ଉତ୍ସବ କମିଟି ସଦସ୍ୟ ଅବନୀଶ ରଥ, ବିଜୟ କୁମାର ପଣ୍ଡା, ଉପଦେଷ୍ଟା ଚକ୍ରଧର ମହାପାତ୍ର, ସାହିତ୍ୟିକ ତଥା ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ଶିକ୍ଷାବିତ୍ ଧ୍ରୁବ ଚରଣ କର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସୁକାନ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ଶିଶୁ ସମାଚାରର ସ୍ୱନକ୍ଷତ୍ର ସଂଖ୍ୟା ଓ ମୁଖଶାଳା ୨୦୨୫ ଉନ୍ମୋଚିତ ହୋଇଥିଲା। ଶିଶୁଙ୍କ ସୃଜନଶୀଳତାର ବିକାଶ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଜରୁରି। ଏଥିପାଇଁ ସେମାନଙ୍କୁ ସୁଯୋଗ ଯୋଗାଇଦେବା ଦରକାର ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଭାଗ ନେଇଥିବା ଶିଶୁ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶରତ ଚନ୍ଦ୍ର ମହାପାତ୍ର, ପୁରୀ ମୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ବିଶିଷ୍ଟ ସେବାୟତ ଭାଗବାନ ସୁଆର, ଇ ୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିଶ୍ର, ଟେଲିଭିଜନ ଉଦଘୋଷିକା କଳ୍ପନା ମିଶ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୁକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଉତ୍ସବରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢୀଙ୍କୁ ସାରସ୍ୱତ ସମ୍ମାନ ଶିଶୁ ଲେଖକ ସାଦ୍ୟାନ୍ତ ଶତପଥୀଙ୍କୁ ଅନନ୍ୟ ମେଧା ପ୍ରତିଭା ସମ୍ମାନ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା ପ୍ରଭାତ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ କୋଣାର୍କ ଉଚ୍ଚ ବିଦ୍ୟାଳୟକୁ ସବୁଜ ବିଦ୍ୟାଳୟ ସମ୍ମାନ ସହିତ ପୁରୀ ଜିଲ୍ଲା ସ୍କୁଲ ପୁରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡାବଜାର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନଙ୍କୁ ଉତ୍କର୍ଷ ବିଦ୍ୟାଳୟ ସମ୍ମାନ ଓ ବିନାୟକ ବିଦ୍ୟା ମନ୍ଦିରକୁ ପୂରକ ସମ୍ମାନରେ ସମ୍ମାନିତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ସଙ୍ଗୀତ ଗୁରୁ, ନୃତ୍ୟ ଗୁରୁ, ସମାଜସେବୀ ଓ ଶିଶୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୪୨୫ ଜଣ ଶିଶୁ ପ୍ରତିଭା ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଉତ୍ସବ କମିଟି ଓ ଶିଶୁ ସମାଚାର ପରିଚାଳନା ମଣ୍ଡଳୀର ସମସ୍ତ ସଦସ୍ୟ ସଦସ୍ୟା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶିବ ସୁନ୍ଦର ମିଶ୍ର, ଶରତ ରାୟଗୁରୁ, ଶ୍ରୀକାନ୍ତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବ କମିଟି ଉପାଧ୍ୟକ୍ଷ ବିଜୟକୃଷ୍ଣ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ରେଣୁକା ମିଶ୍ର, ଅନୁପମା ପଣ୍ଡା, ସ୍ୱାଧୀନ ପଣ୍ଡା, ସ୍ୱେଚ୍ଛାସେବୀ ସଂଗଠନ ଦ ବେଲ୍‌ର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିନା ସୂଚନା ଫଳକରେ ଗୋଚର ଓ ଶ୍ମଶାନ ଜମିରେ ପ୍ରକଳ୍ପ ନିର୍ମାଣ ଅଭିଯୋଗ

## ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଶାସନ ତରଫରୁ ସମସ୍ତ ସରକାରୀ ନୀତି ନିୟମକୁ ଖୁଲମଖୁଲା ଉଲଙ୍ଘନ କରାଯାଇ ଏକ ଗୋଚର ଓ ଶ୍ମଶାନ ଜମିରେ ପ୍ରକଳ୍ପ ନିର୍ମାଣ କରାଯାଉଥିବାର ସ୍ଥାନୀୟ ଲୋକେ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି। କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ଭଗବାନପୁରରେ ଏକ ଉପସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ନିମନ୍ତେ ସରକାର ୩୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ ଜ୍ଞାତସାରରେ ଏହି ପ୍ରକଳ୍ପ ନିର୍ମାଣ ବିନା ସୂଚନା ଫଳକରେ କରୁଥିବାର ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ନିମନ୍ତେ କେତେଟଙ୍କା ମଞ୍ଜୁର କରାଯାଇଛି ସେ ସମ୍ପର୍କରେ ସୂଚନା ଫଳକରେ କୌଣସି ତଥ୍ୟ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଏହି ପ୍ରକଳ୍ପ ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଶିଳାନ୍ୟାସ କରାଯାଇଥିବା ସ୍ଥାନଟି ନିଶ୍ଚିନ୍ତକୋଇଲି ତହସିଲ ନେମାଳ ରାଜସ୍ୱ ନିରୀକ୍ଷକଙ୍କ ଅଧିନରେ ଥିବା ଭଗବାନପୁର ମୌଜାର ପ୍ଲଟ ନଂ୩ ପୂର୍ବ ଦକ୍ଷିଣ ଦିଗରେ ଶୁଭ ଦିଆଯାଇଥିଲା। ଏହି ପ୍ଲଟଟି ଶ୍ମଶାନ ସଂରକ୍ଷିତ ଅଟେ। ଏହି ପ୍ଲଟ ସଲଗ୍ନ ପୂର୍ବଦିଗରେ ଥିବା ପ୍ଲଟ ନଂ ୪୨୫ ଜଳାଶୟ ଅଟେ। ଏହି ପ୍ଲଟକୁ ଗମନା ଗମନ କରିବା ନିମନ୍ତେ କୌଣସି ସରକାରୀ ରାସ୍ତା ନକ୍ସାରେ ନାହିଁ। ତେବେ ଏଭଳି ଏକ ଶ୍ମଶାନ ସ୍ଥାନରେ ଠିକାଦାର କିଭଳି ଭାବେ ସରକାରୀ ନିୟମକୁ ଖୋଲମଖୁଲା ଭାବେ ଉଲଙ୍ଘନ କରି ପ୍ରକଳ୍ପ ନିର୍ମାଣ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ବେଳେ କୌଣସି ସୂଚନା ଫଳକ ନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି। ତେବେ ଶ୍ମଶାନ ଜମିରେ କୌଣସି ଶିଳାନ୍ୟାସ କରାଯିବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଥିଲା ବେଳେ ଏଠାରେ ଶ୍ମଶାନ ଜମିରେ କିପରି ଶିଳାନ୍ୟାସ କରାଯାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଟୁ ଆମିଷ ବେଣ୍ଟ ନିରାମିଷ ନ୍ୟାୟରେ ନିକଟରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଜମରା କମଳପୁର ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗୋଚର ଓ ଶ୍ମଶାନ ଜମିରେ ନିର୍ମାଣ କରାଯାଇଥିବା ପ୍ରକଳ୍ପ ଗୁଡିକୁ ଓଡିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଭାଙ୍ଗି ଦିଆଯାଇଥିବା ଘଟଣା କାହାରିକୁ ଅଛପା ନାହିଁ। ଏହି ପ୍ରକଳ୍ପ ଭଙ୍ଗା ଯିବା ଦ୍ୱାରା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା। ତେବେ ଏହି ଘଟଣା ମନରୁ ଲିଭିନଥିଲା ବେଳେ ପ୍ରଶାସନ ତରଫରୁ କିଭଳି ଭାବେ ପୁନର୍ବାର ଶ୍ମଶାନ ଜମିରେ ଶିଳାନ୍ୟାସ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ତିଳକଣା ଓଡଗିପୁର ଗ୍ରାମରେ ଗତ ୨୦୧୪ ମସିହାରେ ଏକ ଅଙ୍ଗନୱାଡି ନିର୍ମାଣ କରାଯାଉଥିଲା। ନିର୍ମାଣାଧିନ ଅଙ୍ଗନୱାଡ଼ି ଗୃହର କିଛି ଅଂଶ ଗୋଚର ଜମିକୁ ମାଡିଯାଇଥିବାରୁ ତପନ କୁମାର ଜେନା ଓଡିଶା ଉଚ୍ଚ ନ୍ୟାୟାଳରେ ଏକ ମାମଲା ଦାୟର କରିଥିଲେ। ଯାହାକି କେଶ ନଂ ଡବ୍ଲୁପିସି ୧୦୭୧୭/୨୦୧୪ ଅଟେ। ଏହି ମାମଲାରେ ନିଶ୍ଚିନ୍ତକୋଇଲି ତହସିଲଦାର, ବିଡିଓ ଓ ସିଡିପିଓଙ୍କୁ ପକ୍ଷଭୂକ୍ତ କରାଯାଇଥିଲା। ଯାହାଦ୍ୱାରାକି ପ୍ରଶାସନ ତରଫରୁ ଅଙ୍ଗନୱାଡି ଗୃହ ନିର୍ମାଣ ଅଧାରୁ ବନ୍ଦ ରହିଥିଲା। ତେବେ ବର୍ତ୍ତମାନ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରକଳ୍ପ ଶ୍ମଶାନ ଜମିରେ କରାଯାଉଥିବା କାରଣରୁ ଆଗାମୀ ଦିନରେ ବିବାଦ ମୁଣ୍ଡ ଟେକିବା ଘଟଣାକୁ ଏଡାଇ ଦିଆଯାଇନପାରେ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚନ୍ଦନ କୁମାର ରାଉତଙ୍କୁ ପଚାରିବାରୁ ଶ୍ମଶାନ ଜମି ସମ୍ପର୍କରେ ସେ ଅବଗତ ନଥିବା ପ୍ରକାଶ କରିଥିଲେ।



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଂଚାୟତ ଅଧିନ ଶୋଧ ଗ୍ରାମର ସମାଜସେବୀ ରମାକାନ୍ତ ପତିଙ୍କ ଧର୍ମପତ୍ନୀ ସୁଧାଙ୍ଗନା ପତିଙ୍କ ଦ୍ୱାଦଶାହ ଉପଲକ୍ଷେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପତିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱାଦଶାହ କ୍ରିୟାରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଓ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁଭି କାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ,ବିଜେଡି ନିର୍ବାଚନ ମଣ୍ଡଳୀୟ ନେତା ସଞ୍ଜୟ କୁମାର ଦାସ, ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, କଂଗ୍ରେସ ନେତା ଅଭିଷେକ ରାଉତ, ବିଦ୍ୟାଧର ଯେନା, ନାରଣ ଚନ୍ଦ୍ର ପାଢ଼ୀ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତା ପତିଙ୍କ ସ୍ମୃତିଚାରଣ କରିଥିଲେ ଓ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ପତି ପରିବାରର ପୁଅ, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତୀ ନାତୁଣୀ, ଭିଣେଇ, ଭଣଜା, ଭାଣିଜୀ ଓ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ସ୍ୱର୍ଗତ ପତିଙ୍କ ପୁଅ କୃଷ୍ଣ ଚନ୍ଦ୍ର ପତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଶିକ୍ଷାବିତ ଭୋଳାନାଥ ସାହୁ ସ୍ମୃତି ଚାରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଲୁଟ୍ ଘଟଣା

## ୨ ଲୁଟେରା ଗିରଫ : ମୋବାଇଲ, ବାଇକ୍ ଓ ଟଙ୍କା ଜବତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ନିକଟ ଭଦ୍ରକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ଏୟୁ ଫାଇନାନ୍ସ ବ୍ୟାଙ୍କରୁ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତ ମାନେ ୭ଲକ୍ଷରୁ ଅଧିକ ଟଙ୍କା ଲୁଟ କରି ନେଇଥିବା ଅଭିଯୋଗ ହୋଇଥିଲା। ତିହିଡ଼ି ପୁଲିସ ଏହି ଘଟଣାରେ ରବିବାର ଫୁଲବାଣି ଜିଲା ଅଧୀନ ଜାମୁଝରି ଗ୍ରାମର ଅନୀଲ କୁମାର ବେହେରା ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳଙ୍ଗା ଗ୍ରାମର ପ୍ରହଲ୍ଲାଦ ରାଉତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୪ଟି ମୋବାଇଲ, ଗୋଟିଏ ବାଇକ୍ ଓ ୨ହଜାର ଟଙ୍କା ଜବତ କରିଥିବା ଜଣା ପଡ଼ିଛି। ପ୍ରକାଶ ଯେ, ବ୍ୟାଙ୍କର ପୂର୍ବତନ କର୍ମଚାରୀ ପ୍ରହଲ୍ଲାଦ ରାଉତଙ୍କ ସୂଚନା ମୁତାବକ ଅନୀଲ ବେହେରା ଓ ତାଙ୍କର ୩ ସହଯୋଗୀ ଗତ ଜୁନ୍ ମାସ ୧୧ ତାରିଖ ରାତି ୯ଟା ସମୟରେ ବନ୍ଧୁକ ସହିତ ବିଭିନ୍ନ ମାରଣାସ୍ତ୍ର ଧରି ମୁହଁରେ କଳା କପଡ଼ା ବାନ୍ଧି ବ୍ୟାଙ୍କ ଭିତରକୁ ପଶି ବ୍ୟାଙ୍କ କର୍ମଚାରୀମାନଙ୍କୁ ଭୟଭୀତ କରି ୭ଲକ୍ଷ ୫୫ହଜାର ଟଙ୍କା ଲୁଟି ନେଇଥିଲେ। ପରେ ବ୍ୟାଙ୍କ ଶାଖା ପରିଚାଳକ ମଳୟ କୁମାର ସାହୁ ଥାନାରେ ଏତଲା ଦେବା ପରେ କେଶ ନଂ ୨୦୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ପରେ ଏସପି ମନୋଜ କୁମାର ରାଉତ ମଧ ଘଟଣାସ୍ଥଳକୁ ଆସି ଅନୁଧାନ କରିବା ସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିଲେ। ଏସପି ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଅନ୍ୟ ପୁଲିସ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଥିଲା। ଲୁଟ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଆଇଆଇସି ଗ୍ରହାଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



କାକଟପୁର, (ଭାସ୍କର ନ୍ୟୁଜ୍): ମାନବିକତାର ପୂର୍ଣ୍ଣ ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକଙ୍କର ନିଃସ୍ୱାର୍ଥପର କାର୍ଯ୍ୟ ହିଁ ସମାଜର ସାମଗ୍ରିକ ଉନ୍ନତିରେ ସହାୟକ ହୋଇଥାଏ ବୋଲି ପିଏମଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବରିଷ୍ଠ ସହକାରୀ ଶିକ୍ଷକ ପୀତବାସ ଦୀକ୍ଷିତଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥି ମାନେ ମତ ପୋଷଣ କରିଥିଲେ। ଶିକ୍ଷକ ଦୀକ୍ଷିତଙ୍କ ଦୀର୍ଘ ତିରିଶବର୍ଷର ରହଣି କାଳରେ ବିଦ୍ୟାଳୟର ବିକାଶ କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ସମ୍ପର୍କରେ ଅବତାରଣା କରି ମୁଖ୍ୟ ଅତିଥି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାର କାନ୍ତି ବେହେରା କହିଲେ ଯେ ବର୍ତ୍ତମାନର ନୂଆପିଢିର ଶିକ୍ଷକଙ୍କ ନିମନ୍ତେ ଦୀକ୍ଷିତଙ୍କର କାର୍ଯ୍ୟଧାରା ବାସ୍ତବରେ ଆଦର୍ଶ। ଅନ୍ୟତମ ଅତିଥି ଭାବରେ ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୁଧାନନ୍ଦ ପରିଡା କହିଲେ ଯେ, ନିଃସ୍ୱାର୍ଥପର କାର୍ଯ୍ୟ ଶୈଳୀ ହିଁ ସ୍ୱତନ୍ତ୍ର ସ୍ୱୀକୃତି ଦେଇଥାଏ, ଯାହା ଶିକ୍ଷକ ଦୀକ୍ଷିତ ପ୍ରମାଣ କରି ଦେଖାଇଛନ୍ତି। ଜଣେ ଶିକ୍ଷକ ଭାବରେ ଅନେକ ଶିକ୍ଷାନୁସନ୍ଧାନୀଙ୍କୁ ପ୍ରକୃଷ୍ଟ ମାର୍ଗ ଦେଖାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାରେ ଶିକ୍ଷକ ଦୀକ୍ଷିତ ଯେଉଁ ଉଦ୍ୟମ କରିଛନ୍ତି, ସେ ସବୁଦିନ ପାଇଁ ଶିକ୍ଷାର୍ଥୀ ମହଲରେ ପୂଜ୍ୟ ହୋଇ ରହିବେ ବୋଲି ପୁରୀ ଜିଲ୍ଲା ପରିଷଦର ଉପସଭାପତି ସ୍ୱାଧୀନ ନାୟକ ମତ ପୋଷଣ କରିଥିଲେ। ଶିକ୍ଷାବିତ ତଥା ଆଲୁମୁନି କମିଟିର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବରେ କାକଟପୁର ପଞ୍ଚାଯତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ସରପଞ୍ଚ ଅଭୟ କୁମାର ସେଠୀ, ବରିଷ୍ଠ ସମାଜସେବୀ ରତିକାନ୍ତ ବେହେରା, ପୁରୀ ସଦର ତଥା ଗୋପ ଶିକ୍ଷା ମଣ୍ଡଳର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ବନମାଳୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର ବେଉରା, ଶିକ୍ଷାବିତ ଭାସ୍କର ଚନ୍ଦ୍ର ବେଉରା, ଶ୍ରୀବନ୍ତ କୁମାର ରାଉତ, ନିରୋଦ ବରନ ମହାନ୍ତି, କ୍ଷୀରୋଦ ମହାନ୍ତି, ଅଶୋକ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଦୀପ୍ତ କୁମାର ଦୀକ୍ଷିତ, ଆଇନଜୀବୀ ଅଶୋକ କୁମାର ଦାଶ, ସହ ବ୍ଲକ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ବିଚିତ୍ରାନନ୍ଦ ପାତ୍ର, ପଙ୍କଜିନୀ ଦେବୀ ପରିଚାଳନା କମିଟିର ଅଧ୍ୟକ୍ଷ ରିନାଲତା ପରିଡ଼ା, ସଦସ୍ୟ ବିଭୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଦୀକ୍ଷିତଙ୍କର ବହୁମୂଖୀ ଗୁଣାବଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରି କହିଲେ ଯେ, ପୀତବାସ ସାରଙ୍କ ଅବସର ଉକ୍ତ ଶିକ୍ଷା ଅନୁଷ୍ଠାନ ପାଇଁ ଏକ ଅପୂରଣୀୟ କ୍ଷତି। ଅବସର ପରେ ବି ସେ ପୂର୍ବଭଳି ବିଦ୍ୟାଳୟ ପ୍ରତି ତାଙ୍କର ସହଯୋଗ ରହିବ ବୋଲି ଅନୁରୋଧ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ଅତିଥି ମାନଙ୍କର ପରିଚୟ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଗାନ କରିଥିଲେ, ଯାହା ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ବର୍ଣ୍ଣମାଳା ଉଦ୍ୟାନକୁ ପୁରୀଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ ଉଦ୍ଘାଟନ କରିବା ସହିତ ବିଦ୍ୟାଳୟର ସୌଜନ୍ୟରେ ସ୍ୱତନ୍ତ୍ର ବିଶେଷାଙ୍କ 'ଗଛ ପାଇଁ ଶହେଟି କବିତା'କୁ ଉନ୍ମୋଚନ କରି ବିଦ୍ୟାଳୟ ଦ୍ୱାରା ଏତାଦୃଶ ସଫଳ ଉଦ୍ୟମ ନିମନ୍ତେ ସମସ୍ତ ଶିକ୍ଷକ ଓ ଶିକ୍ଷିକାଙ୍କୁ ପ୍ରଶଂସା କରିଥିଲେ। ପରିଶେଷରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ବଜାର ପରିକ୍ରମା କରାଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷିକା, ଶୁଭେଚ୍ଛୁ ମାନେ ବିଦାୟୀ ଶିକ୍ଷକଙ୍କୁ କାକଟପୁର ସ୍ଥିତ ବ୍ରାହ୍ମଣ ସାହି ବାସଭବନରେ ବିଦାୟ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କମିଟି, ଆଲମୁନି କମିଟି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ପ୍ରତିଯୋଗିତାପୂର୍ଣ୍ଣ ଭାବେ ରାସ୍ତାପାର୍ଶ୍ୱରୁ ଚାଲିଛି ଗଛକଟା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ-ଭାୟା ଚୁଆଗଡିଆ ଠାରୁ ମଞ୍ଜୁରୀରୋଡକୁ ସଂଯୋଗକାରୀ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୁଇ ପାର୍ଶ୍ୱରେ ପଞ୍ଚାୟତ ପକ୍ଷରୁ ରୋପଣ କରାଯାଇଥିବା ଗଛଗୁଡିକୁ ପ୍ରତିଯୋଗୀତା ପୂର୍ଣ୍ଣ ଭାବେ କଟାଯାଉଥିବା ଅଭିଯୋଗ ହୋଇଛି। ସାମ୍ପ୍ରତିକ ବିଶ୍ୱ ତାପାୟନ ସମସ୍ୟାର ଲାଘବ ପାଇଁ ବୃକ୍ଷରୋପଣକୁ ସର୍ବଶ୍ରେଷ୍ଠ ପରିବେଶ ଉପଯୋଗୀ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଗଛଟି ଲଗାଇବା ଦୂରର କଥା, ରୋପଣ ହୋଇଥିବା ଗଛଗୁଡିକୁ ଅବାଧରେ କାଟି ଦିଆଯିବା ପରିବେଶ ପ୍ରେମୀଙ୍କୁ ବ୍ୟଥିତ କରିଛି। ୨୦୧୯ ମସିହାରେ ପଞ୍ଚାୟତ ପକ୍ଷରୁ ବୃକ୍ଷରୋପଣ କରାଯାଇ ରାସ୍ତାକୁ ସବୁଜ ଆଚ୍ଛାଦିତ କରାଯାଇଥିଲା। ଏହି ରାସ୍ତାର ପାର୍ଶ୍ୱ ଜମିକୁ ଅବରୋଧ କରାଯାଇ ଚାଷ କରାଯିବା ପରେ ଗଛଗୁଡିକ ଚାଷ ପ୍ରତି ସମସ୍ୟା ଭାବେ କୁହାଯାଇ ଗଛଗୁଡିକୁ ସମ୍ପୂର୍ଣ୍ଣ ଅଥବା ଆଂଶିକ କାଟି ଦିଆଯାଇଛି। ଏହା ଫଳରେ ଜୀବିତ ଥିବା ଗଛଗୁଡିକ ଅକାଳରେ ମୃତ୍ୟୁବରଣ କରିବା ସାର ହୋଇଛି। ଏଭଳି ଶହ ଶହ ସଂଖ୍ୟାରେ ଗଛକଟା ଦୈନିକ ପ୍ରତିଯୋଗୀତା ଭାବେ ଚାଲୁଛି। ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଏହି କାର୍ଯ୍ୟକୁ ଦେଖି ନଦେଖିଲା ପରି ଆଡେଇ ଚାଲିଯାଉଛନ୍ତି। ଫଳରେ ଗଛକଟାଳିମାନେ ନିର୍ଭୟ ହୋଇ ଏହି ବେଆଇନ କାର୍ଯ୍ୟ କରୁଥିବା ଜଣାଯାଇଛି। ଏଭଳି ବେଆଇନ ଗଛକଟା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍ଗଲ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ମତଦେଇଛନ୍ତି।

## କରଞ୍ଜିଆରେ ଅବକାରୀ ଚଢ଼ାଉ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଅବକାରୀ ବିଭାଗ ପକ୍ଷରୁ ରବିବାର କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଳା ଓ ରସମତଳା ପଞ୍ଚାୟତର ଜରାସାହି ଓ ଝାରବେଡା ଗ୍ରାମରେ ଚଢ଼ାଉ କରାଯାଇ ମୋଟ ୧୮ ହଜାର ପୋଚ ଓ ୮୬୫ ଲିଟର ମହୁଲି ଜବତ ହୋଇଛି। ଜରାସାହି ଗ୍ରାମ ନିକଟସ୍ଥ ଜଙ୍ଗଲ ପାର୍ଶ୍ୱରେ ମହୁଲି ରନ୍ଧା ସ୍ଥଳରେ ଚଢ଼ାଉ ହୋଇଥିଲା। ଚଢ଼ାଉ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯିବା ପାଇଁ ସକ୍ଷମ ହୋଇଥିଲେ। ଘଟଣାସ୍ଥଳରୁ ମଦ ରନ୍ଧା ସାମଗ୍ରୀ ସମେତ ପ୍ଲାଷ୍ଟିକ ଡ୍ରମରେ ଥିବା ୧୨ହଜାର କେଜି ପୋଚ ଏବଂ ୪୮୦ ଲିଟର ମହୁଲିକୁ ଜବତ ପରେ ନଷ୍ଟ କରାଯାଇଥିଲା। ସେହିପରି ଝାରବେଡା ଗ୍ରାମ ପାର୍ଶ୍ୱରେ ଥିବା ଦେଓ ନଦୀ କୂଳରେ ମଦ ରନ୍ଧା ସ୍ଥଳରେ ଚଢ଼ାଉ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ୬ହଜାର କେଜି ପୋଚ ଏବଂ ୩୮୫ ଲିଟର ମହୁଲିକୁ ଜବତ ପରେ ନଷ୍ଟ କରାଯାଇଥିଲା। ଅବକାରୀ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ, ଶୁକ୍ଳି ଓଆଇସି କୃଷ୍ଣଚନ୍ଦ୍ର ବିନ୍ଧାଣି, ଯଶିପୁର ଓଆଇସି ସୂର୍ଯ୍ୟକାନ୍ତି ମଲ୍ଲିକ, ଠାକୁରମୁଣ୍ଡା ଓଆଇସି ଭାରତୀ ନାୟକ ଏବଂ ଅବକାରୀ ବଳ ସାମିଲ ଥିଲେ। ଏ ବାବଦରେ କରଞ୍ଜିଆ ଅବକାରୀ ଥାନାରେ ପିଆର ନଂ ୮୮, ୮୯/୨୫-୨୬ରେ ମୋକଦ୍ଦମା ରୁଜୁ ହୋଇଥିବା ଜଣାଯାଇଛି।

### ବନବିଭାଗ ପକ୍ଷରୁ ଚଢ଼ାଉ

## ବାର୍ହା ମାଂସ ଜବତ, ୨ ଶିକାରୀ ଅଟକ

ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ତିଖାଳି ସଂରକ୍ଷିତ ଜଙ୍ଗଲରୁ ବାରାହ ମାଂସ ସହିତ ବାରାହ ଫାଶ ଏବଂ ବ୍ୟବହୃତ ଅସ୍ତ୍ରଶସ୍ତ୍ର ମୁରିବାହାଲ ବନବିଭାଗ ଜବତ କରିଛି। ସୂଚନାଅନୁସାରେ ସାରେ କୌଣସି ସୂତ୍ରରୁ ଖବର ପାଇ ମୁରିବାହାଲ ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ାଉ କରିଥିଲେ। ଦୁଇଜଣଙ୍କ ସହିତ ରାନ୍ଧୁଥିବା ବାରାହ ମାଂସ, ବାରାହ ଜାଲ, ଟାଙ୍ଗିଆ, ମାଂସ କାଟିବା ପାଇଁ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରି ଫରେଷ୍ଟ ବଙ୍ଗଳାକୁ ଆଣିଥିଲେ। ଦୁଇ ଶିକାରୀ ଜଣକ ହେଲେ ମୁରିବାହାଲ ସଦର ମହକୁମା ଯୁଧିଷ୍ଠିର ପ୍ରଧାନୀ ଓ ମାଖନୁ କରନ। ଫରେଷ୍ଟଗାର୍ଡ ଅଜିତ ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରିଥିବା ବେଳେ ଆଇ ପିସିଇ ଏ ସ୍କ୍ୱାଡ଼ ଗୁଣନିଧି ପୁଟେଲ, ମଧୁ ବାଗ, ଶିବ ନାଗ, ସୁରେଶ ମାଝୀ, ସୁନୀଲ ତାଣ୍ଡି, ବରୁଣ ସାହୁ, ହରମନ ମହାନନ୍ଦ, କୁବେର ମାଝୀ, ଲିଙ୍ଗେଶ୍ୱର ମହାନନ୍ଦ ବଙ୍ଗଳା ଚୌକିଦାର କୁବେର ଠେଲା ଟିମରେ ସାମିଲ ଥିଲେ। ଏ ବିଷୟରେ ମୁରିବାହାଲ ରେଞ୍ଜରଙ୍କୁ ପଚାରିବାରୁ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ମହିଳାଙ୍କ ନାମରେ ଫେକ ଇଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ୨ ଯୁବକ ଗିରଫ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ଜଣେ ବିଧବା ମହିଳାଙ୍କ ଫୋଟ ସୋସିଆଲ ମିଡିଆରେ ଫେକ ଇଷ୍ଟାଗ୍ରାମ ଆଇଡି ଖୋଲି ସେଥିରେ ଅପଲୋଡ କରି ଗିରଫ ହେଲେ ୨ ଯୁବକ। ମିଳିଥିବା ସୁଚନାନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତର ଏମଭି-୩୬ ଗ୍ରାମର ସ୍ୱପ୍ନା ମଣ୍ଡଳ ନାମକ ଜଣେ ବିଧବା ମହିଳା ତାଙ୍କର ଫଟୋଗୁଡିକ ଅନ୍ୟ କେହି ଜଣେ ମିସେସ ବିଶ୍ୱାସ ନାମକ ଫେକ ଇଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ତାଙ୍କର ଫୋଟ ଗୁଡିକ ଏଡିଟ କରି ଅଶ୍ଳୀଳ ବନାଇ ସେଥିରେ ଅପଲୋଡ କରୁଥିଲା। ଏନେଇ ମହିଳା ଜଣଙ୍କ ଗତ ଜୁନ ମାସରେ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିସହ ମହିଳା ଜଣଙ୍କ ଗ୍ରାମରେ ଥିବା ସୁଜନ ମଜୁମଦାର ନାମକ ଜଣେ ଯୁବକ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ପୋଲିସକୁ ଜଣାଇଥିବା ବେଳେ ପୋଲିସ ଉକ୍ତ ଯୁବକଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲା। ଯୁବକ ଜଣଙ୍କ କିଛି ଜାଣି ନଥିବା କହିଥିଲେ। ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଉକ୍ତ ଫେକ ଇଷ୍ଟା ଆଇଡିଟିକୁ ମୋଟୁ ଥାନା ଅନ୍ତର୍ଗତ ଏମପିଭି-୪୧ ଗ୍ରାମର ସଞ୍ଜିତ ହାଲଦାର(୨୨) ନାମକ ଯୁବକ ନିଜ ମୋବାଇଲରେ ଚଳାଉଥିବା ପୋଲିସ ଜାଣିବାକୁ ପାଇଥିଲା। ସଞ୍ଜିତକୁ ଗିରଫ କରି ପୋଲିସ ଓରକେଲ ଥାନାକୁ ଆଣି ତା ମୋବାଇଲ ଜବତ କରି ଦେଖିଲା ବେଳକୁ ଉକ୍ତ ସୁଜନ ନାମକ ଯୁବକ ହିଁ ମହିଳାଙ୍କର ସବୁ ଫୋଟ ସେୟାର କରିଥିବା ଦେଖିବାକୁ ପାଇଥିଲେ। ଏହାପରେ ଦୁହିଁଙ୍କ ମୋବାଇଲ ଜବତ କରାଯିବା ସହ ରବିବାର ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କାନ୍ଥ ପଡି ୨ ଆହତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ କଣ୍ଟିସାହି ପଞ୍ଚାୟତ ଅଧିନ ଶୁଳିଆପଦା ଗ୍ରାମରେ ବସବାସ କରୁଥିବା ଗୋପାଳ ଚନ୍ଦ୍ର ସାହୁଙ୍କ ଘର କାନ୍ଥ ପଡିଯିବାରୁ ୨ଟି ଛେଳିର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ଆହତ ହୋଇ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ ରବିବାରି ଅପରାହ୍ନରେ ଶୁଳିଆପଦା ଅଞ୍ଚଳରେ ମଧମ ଧରଣର ବର୍ଷା ହୋଇଥିଲା। ଏହି ବର୍ଷାରେ ସାହୁଙ୍କ ଦିବ୍ୟାଙ୍ଗ ଭଉଣୀ ଘରେ ଥିବା ବେଳେ ହଠାତ ପ୍ରଚଣ୍ଡ ଶବ୍ଦ ସହିତ ମାଟି କାନ୍ଥ ଖସି ପଡିଥିଲା। ଭାଗ୍ୟବଶତଃ ସାହୁଙ୍କ ଭଉଣୀ ସୁରକ୍ଷିତ ଥିବା ବେଳେ ଗୋଟିଏ ଛେଳି ଦଉଡି ପଳେଇଥିଲା। ଶବ୍ଦ ଶୁଣି ପଡୋଶୀ ଲୋକ ଦଉଡି ଆସି କାନ୍ଥ ଟେକି ଅନ୍ୟ ଗୋଟିଏ ଛେଳିକୁ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ୨ଟି ଛେଳି କାନ୍ଥ ତଳେ ଚାପିହୋଇ ମରିଯାଇଥିଲେ। ଉକ୍ତ ପରିବାରଟି ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ପିଏମ୍ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା କର୍ମଶାଳା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ପିଏମ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ ଭେଣ୍ଡର କୈଳାସଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିଭାବେ ଟାଟା ପ୍ରାଇମ ସୋଲାର ଏକଜ୍ୟୁକୁଟିଭ ଇଂଜିନିୟରର ମୋତିରଞ୍ଜନ ଦାସ, ଟିପିସିଓଡିଏଲର ଏକଜ୍ୟୁକିଟିଭ ଇଂଜିନିୟର ସ୍ମିତାରାଣୀ ପଟ୍ଟନାୟକ, ଉତ୍କଳ ଜ୍ୟୋତି ଏଣ୍ଟରପ୍ରାଇଜେସର ମୁଖ୍ୟ ବନମାଳି ବେହେରା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଗ୍ରାମାଂଚଳରେ ବିଦ୍ୟୁତ ସମସ୍ୟା ଦୂରକରିବା ନିମନ୍ତେ ସରକାରଙ୍କ ଏହି ପିଏମ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣପୁର ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ରଞ୍ଜନ କୁମାର ରାଉତ, ପ୍ରକାଶ ସାମଲ, ପ୍ରଫୁଲ୍ଲ କୁମାର ରାଉତ, ମିହୀର ରଞ୍ଜନ ମହାପାତ୍ର, ରଞ୍ଜନ କୁମାର ବେହେରା, ଗୋପବନ୍ଧୁ ସେଠୀ, ରାଧାମୋହନ ନାୟକ, କମରେନ୍ଦ୍ର ରାଉତ ସମେତ ବହୁ ଉପଭୋକ୍ତା ଯୋଗ ଦେଇଥିଲେ। ଯୁବନେତା ଅମୀୟ ବିଶ୍ୱାଳ, ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କରଞ୍ଜିଆରେ ଜ୍ଞାନ ବିଜ୍ଞାନ ମେଳା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଣୀ ତୀର୍ଥ କରଞ୍ଜିଆ ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଉପ ସଭାପତି ଇଂ ତ୍ରିଲୋଚନ ସେଠୀ ଓ ସଦସ୍ୟ। ଦୀପ୍ତିମୟୀ ସେଠୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଥିଲା। ଏଥିରେ ବିଭିନ୍ନ ବର୍ଗର ତଥା ବିଭିନ୍ନ ବିଭାଗରେ ଯଥା ବିଜ୍ଞାନ ପ୍ରକଳ୍ପ ପ୍ରଶ୍ନବାଚନ, ଗଣିତ ଓ ବିଜ୍ଞାନ ପ୍ରୟୋଗ, ପତ୍ରବାଚନ, କଥାକଥନ, ତତ୍କାଳୀନ ଭାଷଣ, ମୂର୍ତ୍ତିକଳା, ଆଦି ପ୍ରତିଯୋଗିତାରେ ଶତାଧିକ ଶିଶୁ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇଥିଲା। କୃତି ପ୍ରତିଯୋଗୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ସଂକୁଳ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ପୋଖରୀରେ ପଡ଼ି ମହିଳା ମୃତ


ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ସୁରେଶ ସାହୁଙ୍କ ପତ୍ନୀ ରେବତୀ ସାହୁ (୪୦) ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଓ ଗ୍ରାମବାସୀ ତିହିଡ଼ି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପ୍ରକାଶ ଯେ, ରବିବାର ସକାଳେ ରେବତୀ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ମାତ୍ର ଜଣେ ଗ୍ରାମବାସୀ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ରେବତୀ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାର ଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ରେବତୀଙ୍କ ପାଖରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଏ ସମ୍ପର୍କରେ ପୀରହାଟ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମାଜିଷ୍ଟ୍ରେଟ ନମିତା ଧଳ ଶବ ଇନ୍କ୍ୱେଷ୍ଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇ ଥିଲା।

## ଶ୍ୟାମସୁନ୍ଦରପୁର ସରପଞ୍ଚଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଯୁବ ସରପଞ୍ଚ ପବିତ୍ର ମୋହନ ମଲିକ (୩୬)ଙ୍କର ଶନିବାର ସନ୍ଧ୍ୟାରେ କଟକ ସ୍ଥିତ ଘରୋଇ ହାସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି କିଡ୍ନୀ ଏବଂ ଲିଭର ଜନିତ ରୋଗରେ ଚିକିତ୍ସିତ ହେଉଥିଲେ। ସରପଞ୍ଚ ସ୍ୱର୍ଗତ ମଲିକ ଜଣେ ଯୁବ ସମାଜସେବୀ ଓ ପରୋପକାରୀ ମଣିଷ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସରପଞ୍ଚ ଭାବେ ନିର୍ବାଚିତ ହୋଇ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରି ସୁନାମ ଅର୍ଜନ କରିପାରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଦେହକୁ କଟକରୁ ନିଜ ଗ୍ରାମ ଈଶ୍ୱରପୁରକୁ ଅଣାଯିବା ପରେ ଏକ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯିବା ସହ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଆନ୍ତ୍ୟେଷ୍ଟି କ୍ରିୟା ସମାପନ କରାଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ୨ସନ୍ତାନ ଓ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ପୁତୁରା ସାଇ ଚରଣ ମଲିକ ମୁଖାଗ୍ନି ଇେଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ବିଜେପି ମଣ୍ଡଳ ସଭାପତି ସାଇଶରଣ ବେହେରା, ସମାଜସେବୀ ଶରତ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ରାଉତ, ସୁରେନ୍ଦ୍ର ନାୟକ, ଅଶୋକ ଦାସ, କମଳାକାନ୍ତ ଦାସ, ସଂଦୀପ ଦାସ, ପ୍ରମୁଖଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶବାଧାରରେ ଯୋଗ ଦେଇଥିଲେ। ଖବର ପାଇ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରବିବାର ଅପରାହ୍ନରେ ସରପଞ୍ଚ ସ୍ୱର୍ଗତ ମଲିକଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମନ୍ତ୍ରୀଙ୍କ ସହିତ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ମଲିକ, ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧାମନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବୁଦ୍ଧଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ଡାକ୍ତର ସଂଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବିଜେପି ନେତା ରଘୁନାଥ ପାତ୍ର, ପ୍ରମୋଦ କୁମାର ଦାସ, ଦେବେନ୍ଦ୍ର ପୁହାଣ, ଉଷାକାନ୍ତ ନାୟକ, ସରୋଜ କୁମାର ନାୟକ, ଭରତ ସାହୁ ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

### ପୂର୍ତ୍ତ ବିଭାଗ ରାସ୍ତାରେ ଚାଲୁଛି ଲୁହା ଚକ

## ଟ୍ରାକ୍ଟର ମାଲିକଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଖରିଫ ଧାନ ଚାଷ ବୌଦ୍ଧ ଜିଲ୍ଲାରେ ଚାଷୀ ଚାଷକାର୍ଯ୍ୟ ଚାଲୁ ରଖିଛି। ପ୍ରାୟ ଜିଲ୍ଲାରେ ଅର୍ଦ୍ଧେକ ଚାଷ ଜମିରେ ତଳି ପୋତା ସରିଲାଣି କ୍ଷ ଧାନ ଚାଷ ପାଇଁ ଚାଷୀ ଆଉ ହଳ ନଙ୍ଗଳ ବ୍ୟବହାର ନ କରି ଟ୍ରାକ୍ଟର ଓ ପାୱାର ଟିଲର ଉପରେ ଭରସା କରୁଛି। ଫଳରେ ଜିଲ୍ଲାର ବିଭିନ୍ନ ରାସ୍ତା ଟ୍ରାକ୍ଟର ଲୁହାଚକ ଯିବା ଆସିବା ହେଉଥିବାରୁ ରାସ୍ତା ଘାଟ ସବୁ ଖରାପହେବାରେ ଲାଗିଛି। ଜିଲ୍ଲାର ହରଭଙ୍ଗା ବ୍ଲକ ଚାରିଛକ-ଶୀତଳପାଣି ପୂର୍ତ୍ତ ରାସ୍ତା ବର୍ତ୍ତମାନ ନୂତନ ପିଚୁ ପକାଇ ମରାମତି କରିଥିବା ବେଳେ କରଞ୍ଜି କଟା, ଉପରକଟା, ଲଖଣ ପୁର, ଡୁକୁଲୁଣ୍ଡା ଗ୍ରାମ ଗୁଡିକରେ ଟ୍ରାକ୍ଟର ଲୁହା ଚକ ଲଗାଇ ବାରମ୍ବାର ଯିବାଆସିବା ଫଳରେ ପୂର୍ତ୍ତ ରାସ୍ତା ଉପରେ ଗାର ପଡିବା, କିଛି ସ୍ଥାନରୁ ପିଚୁ ଉଠିବା ଓ ରାସ୍ତା ଶୋଚନୀୟ ହେଉଥିବା ଦେଖାଦେଇଛି। କିଛି ଚାଷୀଙ୍କ ପାଇଁ ଓ ଟ୍ରାକ୍ଟର ମାଲିକଙ୍କ ପାଇଁ କୋଟିକୋଟି ଟଙ୍କାରେ ନିର୍ମିତ ନୂତନରାସ୍ତା ଖରାପ ହେଉଥିବା ଅଭିଯୋଗ ହେଉଛି। ସେପଟେ ଉକ୍ତ ପୂର୍ତ୍ତ ରାସ୍ତାର କୁଟୀଝାର ଠାରୁ ଅରଖ ପଦର ରାସ୍ତା ମଧ୍ୟ ସମାନ ଅବସ୍ଥା। ଅନ୍ୟପଟେ କୁସଙ୍ଗ - ବାଣିଗୋଚ୍ଛା ରାସ୍ତା ମହାଲିକ ପଡ଼ା, ଯାବର, ଗୁରୁଡ଼ା ମୁଣ୍ଡା, ତଳଗାଁ, ଓ ସଂକୁଲୋଇ ପଞ୍ଚାୟତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ମଧ ଲୁହା ଚକ ଲଗା ଟ୍ରାକ୍ଟର ଚାଲୁଥିବାର ନଜରକୁ ଆସିଛି। ଫଳରେ ଗତକାଲି ଉକ୍ତ ସଂକୁଲୋଇ ପଞ୍ଚାୟତ ହରିହରପୁରକୁ ରାସ୍ତା ଖରାପ ନେଇ ଆମ୍ବୁଲାନ୍ସ ଅଧା ବାଟରେ କାଦୁଅରେ ଫସି ଯିବାରୁ ଜଣେ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସକୁ ଅଣାଯାଇଥିବା ଚିତ୍ର ଦେଖିବାକୁ ମିଳିଥିଲା। ଏ ବାବଦରେ ବୌଦ୍ଧ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ କୁମାର ଛୁଆଳ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତାରେ ବେଆଇନ ଲୁହା ଲଙ୍ଗଳ ବ୍ୟବହାରକୁ ନେଇ ବୌଦ୍ଧ ପରିବହନ ବିଭାଗ ଓ ପୋଲିସ ବିଭାଗକୁ ଅବଗତ କରାଯାଇଛି। ଏ ଦିଗରେ ସେମାନେ ପଦକ୍ଷେପ ନେବେ ବୋଲି ପ୍ରତିଉତ୍ତର ରଖିଛନ୍ତି। ଜନସାଧାରଣ ଏ ଦିଗରେ ସଚେତନ ହୋଇ ବେଆଇନ ଭାବେ ଚାଲୁ ଥିବା ଟ୍ରାକ୍ଟର ଚଳାଚଳକୁ ବନ୍ଦ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଣୁ ଲୁହା ଚକ ଲଗାଇ ଗାଡିଚଳାଇ ରାସ୍ତା ନଷ୍ଟ କରୁଥିବା ଟ୍ରାକ୍ଟର ଓ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ ନେଉଛି ଆରଟିଓ ବିଭାଗ ଦେଖିବାକୁ ବାକି ରହିଲା।




ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ କାର୍ଯ୍ୟକାରୀ କମିଟି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ଥିବା ବିଭିନ୍ନ ସମସ୍ୟା ଏବଂ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଦୀର୍ଘ ୪ ବର୍ଷ ହେବ କେତେକ ଶ୍ରମିକ ସେମାନଙ୍କ ପରିଚୟ ପତ୍ର ପାଇବା ନିମନ୍ତେ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି ଶ୍ରମ ପରିଚୟପତ୍ର ଯୋଗାଇ ଦିଆଯାଉ ନଥିବାରୁ ଶ୍ରୀ ତ୍ରିପାଠୀ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହିତ କୋଭିଡ୍ ସମୟରୁ ଶ୍ରମିକମାନଙ୍କ ପିଲାଙ୍କ ପାଠପଢ଼ା ସହାୟତା ଦରଖାସ୍ତ, ଶହଶହ ଝିଅ ବିଭାଘର ସହାୟତା ଦରଖାସ୍ତ, ଶ୍ରମିକମାନଙ୍କୁ ମୃତ୍ୟୁକାଳୀନ ସହାୟତା ଇତ୍ୟାଦି ଆବେଦନ ଗୁଡ଼ିକ ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଶ୍ରମିକମାନଙ୍କ ଏହିସବୁ ସମସ୍ୟାର ସମାଧାନ କରିବା ପାଇଁ ଆଉଥରେ ସଂଘ ପକ୍ଷରୁ ଶ୍ରମ କାର୍ଯ୍ୟାଳୟର ଅଧିକାରୀଙ୍କୁ ଭେଟି ତାଙ୍କ ସହିତ ସମାଧାନ ପାଇଁ ଆଲୋଚନା କରାଯିବ। ଯଦି ଏହା ଫଳବତୀ ନହୁଏ ତେବେ ନିର୍ମାଣ ଶ୍ରମିକମାନେ ଧର୍ମଘଟ କରିବାକୁ ବାଧ୍ୟ ହେବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାହାଲି ଟୁଡୁ, ସେକ ରିଆଜୁଦ୍ଦିନ, ନିତ୍ୟାନନ୍ଦ ସାମଲ, ଧିରେନ ସାହୁ, କାର୍ତ୍ତିକ ବେହେରା ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ଶରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳ ସଫେଇ କରି ୧୪ ଲକ୍ଷ ନେବ ଠିକାସଂସ୍ଥା, ହିନସ୍ତା ଭୋଗିବେ ସାଧାରଣ ଲୋକ






କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ାର ମୁଖ୍ୟ ଗୋବରୀ କେନାଲ ପାଲଟିଛି ଜଳସେଚନ ବିଭାଗର ନେଉଟିଆ କିଆରୀ। କେନ୍ଦ୍ରାପଡା କାକଟ ଲକ୍ ନିକଟରୁ ଆରମ୍ଭ କରି ଗଣ୍ଡାଖିଆ ପର୍ଯ୍ୟନ୍ତ ବ୍ୟାପୀ ଥିବା ଗୋବରୀ କେନାଲରେ ଦଳ ସଫେଇ ଓ ନବୀକରଣ ପାଇଁ ପ୍ରତ୍ୟେକ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆର୍ଥିକ ବର୍ଷ ୨୦୨୩-୨୪ରେ କାକଟ ଲକ୍ ପାଖରୁ ଓସ୍ତପୁର ପର୍ଯ୍ୟନ୍ତ କେନାଲ ନବୀକରଣ କାର୍ଯ୍ୟରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ଥିବାବେଳେ ଅଧିକାଂଶ କାର୍ଯ୍ୟ କରାନଯାଇ ଠିକାସଂସ୍ଥା ବିଲ୍ କରିନେଇଥିବା ବେଳେ ପୁନର୍ବାର ଆର୍ଥିକ ବର୍ଷ ୨୦୨୪-୨୫ ମସିହାରେ ଶାନ୍ତସାହି ପାଖରୁ କଂଶାର ସାହସପୁର ପର୍ଯ୍ୟନ୍ତ ଗୋବରୀ କେନାଲରୁ ଦଳ ସଫେଇ ପାଇଁ ୧୪ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ଆରମ୍ଭରୁ ସାରଙ୍ଗ ଠାରେ ଥିବା ମୁଖ୍ୟ ପୋଲଟିକୁ ମେସିନ ଚାପରେ ଫଟାଇ ପୋଲ ଉପରେ ବିପଦ ସୃଷ୍ଟି କରିଛି ଓ ପୋଲ ସହ କେନାଲ ନିକଟରେ ଥିବା ପୁରୁଣା ତୁଠ ପାହାଚ ମଧ୍ୟ ଭାଙ୍ଗି ଦେଇଛି ମେସିନ। ଯାହା ପାଇଁ ସ୍ଥାନୀୟ ଲୋକମାନେ ଅତିଷ୍ଠ ହୋଇଗଲେଣି। ମାତ୍ର କିଛି କିଛି ଜାଗାରେ ମେସିନ ପୁରାଇ ଦଳ ସଫା କରି ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଅଭିଯୋଗ ରଖିଛନ୍ତି। ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ଏବେ କେନାଲରେ ବନ୍ୟାପାଣି ସହ ବର୍ଷାଜଳ ପ୍ରବାହ ହେଉଛି ତେଣୁ ସଫେଇ କଲେ ପୁନର୍ବାର ଦଳ ଭର୍ତ୍ତି ହୋଇଯିବା ସମ୍ଭାବନା ଅଧିକ ରହିଛି। ତେଣୁ ସରକାରୀ ଅର୍ଥ ବ୍ୟୟ କରି ଦଳ ସଫା କଲେ ସମ୍ପୂର୍ଣ୍ଣ ଅର୍ଥ ପାଣିରେ ପଡ଼ିବ। ଅନ୍ୟପକ୍ଷରେ ପୋଲଟି ଫାଟି ଯାଇଥିବାରୁ କେତେବେଳେ ତାହା ଭୁଶୁଡି ପଡିବ ତାହା କହିବା ମୁସ୍କିଲ। ତେବେ ପୋଲର ମରାମତି କାର୍ଯ୍ୟ କିଏ କରିବ ଏବଂ ଭାଙ୍ଗିଥିବା ପାହାଚ ଗୁଡ଼ିକୁ କିଏ ନିର୍ମାଣ କରିବ ସେନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଯଦି ସାରଙ୍ଗ ମୁଖ୍ୟ ପୋଲ ମରାମତି କାର୍ଯ୍ୟ ନହୁଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିଲେ ନଗର ଉନ୍ନୟନ ମନ୍ତ୍ରୀ



ବାରିପଦା (ଭାସ୍କର ନ୍ୟୁଜ୍) : ବାରିପଦା ପୌରପାଳିକା ତରଫରୁ ପୌର ପାଳିକା ଅତିଥି ଭବନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଜନା (ସହରୀ) - ୨.୦ କାର୍ଯ୍ୟାଦେଶ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ବଣ୍ଟନ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭରତ ପାତ୍ର, ଉପାଧ୍ୟକ୍ଷା ସୀମା ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସାହୁ ବିସ୍ତୃତ ଭାବେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ପ୍ରଧାନମନ୍ତ୍ରୀ ଆବାସ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ଜନ ଯୋଜନା ସମ୍ପର୍କରେ ହିତାଧିକାରୀ ତଥା ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ. ମହାପାତ୍ର କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେବଳ ଗ୍ରାମାଞ୍ଚଳରେ ସୀମିତ ନୁହେଁ ଏହା ସହରାଞ୍ଚଳରେ ବାସ କରୁଥିବା ଘର ନଥିବା ଗରିବଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଗରିବ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ମଧ୍ୟ ଗୃହ ଯୋଗାଇ ଦିଆଯାଉଛି। ଏଥିସହିତ ମନ୍ତ୍ରୀ କହିଥିଲେ ଯେ ବାରିପଦା ସହରର ବିକାଶ ପାଇଁ ଆଗକୁ ଅନେକ ଗୁଡିଏ କାର୍ଯ୍ୟ ହାତକୁ ନିଆଯାଉଛି। ନଗର ଉନ୍ନୟନ ବିଭାଗର ନୂତନ ଯୋଜନା ଅନୁସାରେ ଆଗାମୀ ଭବିଷ୍ୟତରେ ବାରିପଦା ସହରର ଦୃଶ୍ୟପଟ ପରିବର୍ତ୍ତନ ହେବ ଏବଂ ଦେଶର ଏକ ନମ୍ବର ସହର ଭାବେ ପରିଚିତ କରିବା ପାଇଁ ପରିକଳ୍ପନା କରାଯାଇଛି। ସହରର ବିଭିନ୍ନ ପ୍ରକାର ବିକାଶ କରାଯିବା ସହିତ ବାସଭୂମିର ସୀମିତତା ହେତୁ ଏହାର ପରିମାଣକୁ ପରିବ୍ୟାପ୍ତ କରାଯିବ। ପୌର ପାଳିକା ତରଫରୁ ବିଭିନ୍ନ ବର୍ଗର ଗୃହ ନିର୍ମାଣ କରାଯାଇ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ତତ୍‌ସହିତ ସହରକୁ ସମ୍ପୂର୍ଣ୍ଣ ବସ୍ତି ମୁକ୍ତ ଅଞ୍ଚଳ କରାଯିବା ନେଇ ଯୋଜନା କରାଯାଉଛି। ଏହି ବିକାଶ ଧାରାରେ ସମସ୍ତଙ୍କ ସହଭାଗୀତା ଓ ସହଯୋଗ ଆବଶ୍ୟକ। ତେଣୁ ବାରିପଦା ସହରକୁ ସୁସ୍ଥ, ସୁନ୍ଦର ଓ ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ଆମେ ସମସ୍ତେ ମିଳିତ ଭାବେ ପ୍ରୟାସ କରିବା ବୋଲି ମନ୍ତ୍ରୀ କହିଥିଲେ। ମାନ୍ୟବର ମନ୍ତ୍ରୀ ଏହି ଅବସରରେ ସହରର ବିଭିନ୍ନ ୱାର୍ଡର ୪୯ଜଣ ହିତାଧିକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ୩୫ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ବସୁନ୍ଧରା ଯୋଜନା ଅନ୍ତର୍ଗତ ୧୩ଜଣ ହିତାଧିକାରୀଙ୍କୁ ଭୂମିହୀନ ପଟ୍ଟା ବଣ୍ଟନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର, ଶ୍ରୀ କାନ୍ଦ୍ରା ସୋରେନ, ରଜନୀ କାନ୍ତ ବିଶ୍ୱାଳଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥି, ହିତାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ହୃଦଘାତରେ ସାମ୍ବାଦିକଙ୍କ ବିୟୋଗ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ଯୁବ ସାମ୍ବାଦିକ ପ୍ରହଲ୍ଲାଦ ରାଉତ (୫୯)ଙ୍କ ଗତକାଲି ବିଳମ୍ବିତ ରାତିରେ ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ପ୍ରହଲ୍ଲାଦ ଗତକାଲି ରାତିରେ ରାତ୍ରୀ ଭୋଜନ କରି ଶୋଇବାକୁ ଯିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ପରିବାର ଲୋକେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ଗ୍ରାମରେ ପହଞ୍ଚିଲା ପରେ ଶୋକର ଛାୟା ଖେଳି ଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପ୍ରହଲ୍ଲାଦଙ୍କ ଶେଷ ଦର୍ଶନ କରି ଶବା ଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଜି ସକାଳୁ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ପ୍ରଭାତ ମୁଖାଗ୍ନି ଦେଇଥିଲେ। ସାମ୍ବାଦିକ ସ୍ୱର୍ଗତ ପ୍ରହଲ୍ଲାଦ ରାଉତଙ୍କ ଆକସ୍ମିକ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳି ଯାଇଛି।

## ବିଶିଷ୍ଟ ସମାଜସେବୀ ରବିନ୍ଦ୍ରନାଥଙ୍କ ପରଲୋକ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ୪୨ ମୌଜା କଳପଡ଼ା ପଞ୍ଚାୟତ ଦେଉଳି ଗ୍ରାମର ସମାଜସେବୀ, ଉଦାର ହୃଦୟର ବ୍ୟକ୍ତି ରବିନ୍ଦ୍ର ନାଥ ପତି(୮୫)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଭାବେ ୪୨ ମୌଜା କାହିଁକି କଟକ ସଦର ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ତାଙ୍କର ସହଧର୍ମିଣୀ ମନୋରମା ପତି, ପୁତ୍ରବଧୂ ଶିକ୍ଷାବିତ୍ ରଶ୍ମିତା ଦୀକ୍ଷିତ୍, ନାତି କୁମାର ସାନୁ ପତି, ନାତୁଣୀ ତୃପ୍ତିମୟୀ ପତି, ଜ୍ୱାଇଁ ସୁଧିର କୁମାର କର, ନବକିଶୋର ଦେବତା, ଝିଅ ସୁଚିତ୍ରା ଦେବତା ଓ ବିଚିତ୍ରା କର, ନାତୁଣୀ ବୋହୂ ବୈଜୟନ୍ତୀବାଳା ପତି ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ଭାବେ ସେ ସମସ୍ତଙ୍କର ପ୍ରଶଂସିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁତ୍ର ସାମାଜିକ କର୍ମୀ ସନ୍ତୋଷ କୁମାର ପତି ମୁଖାଗ୍ନି ଦେଇଥିଲେ।

## ଓଷ୍ଟା ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ




ଡେରାବିଶ (ଭାସ୍କର ନ୍ୟୁଜ୍): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସେମାନଙ୍କର ୬ ଦଫା ଦାବି ପୂରଣ ନେଇ ଆଜି ଠାକୁରହାଟ ସ୍ଥିତ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ଓ କର୍ମଚାରୀ ଏବଂ ସଂଘର କର୍ମକର୍ତ୍ତାମାନେ ଧାରଣାରେ ବସିଥିଲେ। ଡେରାବିଶ ବ୍ଲକ ଓଷ୍ଟା ସଂଘର ସଭାପତି ପିତବାସ ପଣ୍ଡା, ସମ୍ପାଦକ ଗଗନ ବିହାରୀ ସୂତାର ଓ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ପୂର୍ବତନ ସଭାପତି ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ସଂଘର ସଦସ୍ୟ ସଦସ୍ୟା ଓ ବ୍ଲକ ଅନ୍ତର୍ଗତ ସ୍କୁଲ, କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଏହି ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିସହିତ ଅପରାହ୍ନରେ ସେମାନଙ୍କର ୬ ଦଫା ସମ୍ବଳିତ ଏକ ଦାବିପତ୍ର ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିଲେ। ଏହି ଛଦଫା ଦାବି ଗୁଡ଼ିକ ହେଲା ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ କରିବା। ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ। ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବା। ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡ଼ପେରେ ଥିବା ଅସଙ୍ଗତି ଦୂରୀକରଣ। ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି। ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମର ପୁନଃ ପ୍ରଚଳନ କରିବା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂ, ବ୍ଲକ ଓଷ୍ଟାର ପୂର୍ବତନ ଉପସଭାପତି ଗଜେନ୍ଦ୍ର ମହାନ୍ତି, ସଭ୍ୟ କରୁଣାକର ସ୍ୱାଇଁ, ଭାଗିରଥି ମହାନ୍ତି, ନିତ୍ୟାନନ୍ଦ ପାଣି, ଈଶ୍ୱର ଚନ୍ଦ୍ର ପୃଷ୍ଟି, ପୁଷ୍ପଲତା ପଣ୍ଡା, ମହେଶ୍ୱେତା ବେହେରା, ଶକ୍ତିଶେଖର ରାଉତ, ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ସଂଘର ଦାବିଗୁଡ଼ିକୁ ପୂରଣ କରାନଗଲେ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏପରିକି ରାଜ୍ୟସ୍ତରରେ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ପୂତିଗନ୍ଧମୟ ପରିବେଶରେ ଚଣ୍ଡିଖୋଲର ପରିବା ମାର୍କେଟ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ହେଉଛି ଏକ ସଂସ୍କୃତି ସମ୍ପନ୍ନ ସ୍ଥାନ ଏବଂ ତିନୋଟି ଜାତୀୟ ରାଜପଥର ସଂଯୋଗ ସ୍ଥଳ। ଭୌଗଳିକ ଦୃଷ୍ଟିକୋଣରୁ ଏହି ସ୍ଥାନ ରାଜ୍ୟରେ ଗୁରୁତ୍ୱ ବହନକରେ। ହେଲେ ଏଠାର ପୂତିଗନ୍ଧମୟ ପରିବେଶ ଓ ଦୁର୍ବଳ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ସବୁ ସମୟରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଯିଏ ଯାହା ପାରିଲା କଲା, ଯିଏ ଯୁଆଡୁ ଆସିଲା ଆଉ ଯୁଆଡେ ଗଲା କିଛି କେଉଁଥିରେ ଠିକଣା ନାହିଁ କି ନିୟମ କାନୁନକୁ କେହି ମାନିବାର ନାହିଁ। ଏପରି ସ୍ଥିତ ଏବେ ଏଠାରେ ଦେଖା ଦେଇଛି। ଅସଜଡା ଟ୍ରାଫିକ ବ୍ୟବସ୍ଥା, ବିନା ପ୍ଲାନିଂରେ ବଜାରଘାଟ ନିର୍ମାଣ, ସରକାରୀ ସ୍ଥାନ ଓ ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱ ଜବରଦଖଲ ସାଙ୍ଗକୁ ବଜାର ମଝିରେ ପୂତି ଗନ୍ଧମୟ ପରିବେଶରେ ପରିବା ହାଟ ଚାଲିବା ଘଟଣା ସମଗ୍ର ବ୍ୟବସ୍ଥାକୁ ଭୁଲୁଣ୍ଠିତ କରିବା ସହ ସ୍ଥାନର ଗରିମାକୁ ନଷ୍ଟ କରୁଛି। ହେଲେ ଏପରି ପରିବେଶର ସୁଧାର ପ୍ରତି ସ୍ଥାନୀୟ ଲୋକାଲ ବଡିର କୌଣସି ନିଘା ବା ଚେଷ୍ଟା ନଥିବା ଦେଖାଯାଇଛି। ଅପରପକ୍ଷରେ ସଂପୃକ୍ତ ଲୋକାଲ ବଡି ସ୍ଥାନୀୟ ପରିବେଶକୁ ସ୍ୱଚ୍ଛ କରିବା ବା ବଜାର ଅଞ୍ଚଳର ସୌନ୍ଦର୍ଯ୍ୟ ରକ୍ଷା ନକରି ସମ୍ପୂର୍ଣ୍ଣ ବେଆଇନ ଭାବେ ପରିବା ହାଟରୁ ଦୈନିକ ହଜାର ହଜାର

### ବେଆଇନ ମହାସୁଲ ଆଦାୟ ବନ୍ଦ ହେଉ

ଟଙ୍କା ମାହାସୁଲ ଆଦାୟ କରିବାରେ ଲାଗିଥିବା ଅଭିଯୋଗ ହୋଇଛି। ଆଦାୟ ହେଉଥିବା ଏହି ମାହାସୁଲ ଅର୍ଥ କେଉଁ ଏକାଉଣ୍ଟରେ ଜମା ହେଉଛି, ସେହି ଅର୍ଥ କେଉଁ କାମରେ ଲାଗୁଛି ଓ ସେହି ଅର୍ଥକୁ କିଏ ଖର୍ଚ୍ଚ କରୁଛି ନା ଏହା ସମ୍ପୂର୍ଣ୍ଣ ଆତ୍ମସାତ ହେଉଛି, ସେନେଇ ଏବେ ସାଧାରଣରେ ବହୁ ପ୍ରଶ୍ନ ହେଉଛି। ତେବେ ଜାତୀୟ ରାଜପଥର ଜବର ଦଖଲରେ ଥିବା ସ୍ଥାନରେ ଚାଲିଥିବା ଏହି ପରିବା ହାଟରୁ ମାହାସୁଲ ଆଦାୟ ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଏପରି ମାହାସୁଲ ଆଦାୟକୁ ଦୀର୍ଘ ବର୍ଷ ପୂର୍ବରୁ ଓଡିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ ବାରଣ କରିଛନ୍ତି। ଏପରି ସ୍ଥଳେ ଲୋକାଲ ବଡି ନାମରେ ଏଠାରୁ କିପରି ମାହାସୁଲ ଆଦାୟ ହେଉଛି ତାହା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଡଚଣା ବିଡିଓ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ ଅନୁସନ୍ଧାନ କରିବେ ଓ ଆଦାୟ ହେଉଥିବା ଏହି ମାହାସୁଲ ଅର୍ଥ କେଉଁ ସରକାରୀ ଆକାଉଣ୍ଟରେ ଜମା ହେଉଛି ଆଉ ଉକ୍ତ ଅର୍ଥ କେଉଁ କାର୍ଯ୍ୟରେ ଲାଗୁଛି ସେ ସମ୍ପର୍କରେ ସେ ତନଖି କରିବେ ବୋଲି କହିଛନ୍ତି। ତେବେ ସ୍ଥାନୀୟ ପରିବେଶର ଉନ୍ନତି ଓ ବଜାର ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିନିଯୋଗ ହେଉନଥିବାରୁ ଏପରି ବେଆଇନ ମାହାସୁଲ ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

### ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା

## ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ଗିରଫ ଦାବିରେ ଥାନା ଘେରାଉ




ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବାରୁ ସେମାନଙ୍କୁ ସୁରକ୍ଷା ଦେବାରେ ବିଜେପି ସରକାର ବିଫଳ ହୋଇଛି ଓ କୁର୍ତ୍ତାଙ୍ଗ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ଯୌନକେଳଙ୍କାରୀରେ ଲିପ୍ତଥିବାକୁ ନେଇ ସେମାନଙ୍କ ଗିରଫ ଦାବିରେ କଂଗ୍ରେସ ବର୍ଷିଲା ବିଜେପି ଉପରେ। ପ୍ରତିବାଦରେ ରବିବାର ରଘୁନାଥପୁର ବ୍ଲକ ସ୍ଥାନୀୟ ମଦନ ମୋହନ ମଠ ନିକଟରୁ ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ କଂଗ୍ରେସ କର୍ମୀମାନେ ରାଜ୍ୟ ପିସିସି ସଦସ୍ୟ ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଏକ ବିରାଟ ପଟୁଆରରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ରଘୁନାଥପୁର ଥାନାରେ ପହଞ୍ଚି ଥିଲେ। ସେଠାରେ ଥାନା ଘେରାଉ କରିବା କୁର୍ତ୍ତାଙ୍ଗ +୨ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ଗିରଫ ଦାବି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧୀନ କୁର୍ତ୍ତାଙ୍ଗ ଠାରେ ଥିବା ସ୍ୱାମୀ ଅରୁପାନନ୍ଦ +୨ କଲେଜର ଜନୈକ ନାବାଳିକାଙ୍କୁ ଗଣିତ ଅଧ୍ୟାପକ ଶ୍ୱାଶତ ମହାନ୍ତି ଯୌନ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ବିଭାଗୀୟ ଉଚ୍ଚ ଅଧିକାରୀ, ପରିଚାଳନା କମିଟି କିମ୍ବା ପୋଲିସର ସହାୟତା ନନେଇ ଆପୋଷ ବୁଝାମଣାରେ ଘଟଣାକୁ ଚପାଇ ଦେଇଥିଲେ। ଏହାକୁ ନେଇ ନାବାଳିକା ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରଯାଇଥିଲା। ଏହାକୁ ନେଇ ଜିଲ୍ଲାପାଳ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ନିଲମ୍ବନ କରିଥିଲେ। ପରିଚାଳା କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଉଭୟଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ସେମାନଙ୍କ ବିରୁଦ୍ଧରେ ପୋକ୍ସ ଭଳି ସଙ୍ଗୀନ ଦଫା ଲାଗିଥିଲେ ବି ଆସାମୀ ମାନେ ଖୋଲା ଆକାଶତଳେ ବୁଲୁଛନ୍ତି। ଅଭିଯୋଗ ହେବାର ୧୦ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ବେଲ୍ କରିବା ପାଇଁ ଜାଣିଶୁଣି ପୋଲିସ ସେମାନଙ୍କୁ ସୁଯୋଗ ଦେଉଛି ବୋଲି କଂଗ୍ରେସ ଅଭିଯୋଗ କରିବା ସହିତ ସେମାନଙ୍କ ଗିରଫ ଦାବିରେ ଏକ ଦାବିପତ୍ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପାଇ ଶ୍ରୀ ଦାଶ କହିଥିଲେ ସେମାନଙ୍କୁ ଧରିବା ପାଇଁ ୩ଟି ସ୍କ୍ୱାର୍ଡ ଗଠନ କରାଯାଇଛି। ଖୁବଶୀଘ୍ର ଆସାମୀଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ଆଇଆଇସି ସୁଶାନ୍ତ କୁମାର ସେଠୀ ପୋଲିସ କର୍ମଚାରୀ ମାନଙ୍କ ସହ ଉପସ୍ଥିତ ରହିଥିଲେ। ଆଜିର ଏହି ଘେରାଉ କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଭାପତିତ୍ୱରେ ରାଜ୍ୟ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ଜଗତସିଂହପୁର ଜିଲ୍ଲା ସଭାପତି ନଟବର ବାରିକ, ଜିଲ୍ଲା ଉପସଭାପତି ସର୍ବେଶ୍ୱର ପଣ୍ଡା, କଂଗ୍ରେସ ନେତା ପ୍ରଶାନ୍ତ ଦାଶ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରତିମା ମଲ୍ଲିକ, ସୁଜନିକା ରାଉତ, ଅନୁଶୟା ପ୍ରଧାନ, ହେମଲତା ସେଠୀ, ପୁଷ୍ପାଞ୍ଜଳି ମହାପାତ୍ର, ପୁଷ୍ପାଞ୍ଜଳି ଦାସ, ପ୍ରିୟବ୍ରତ ମିଶ୍ର, ରାଜକିଶୋର ସ୍ୱାଇଁ, ବିନ୍ଦୁସାର ମହାପାତ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ।

## ମହିଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ

### ୫ ଦଫା ଦାବିରେ ଧାରଣାକୁ ଓହ୍ଲାଇବ ସହଯୋଗ ଓଡ଼ିଶା

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ବହୁ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମହିଧରପଡା। କଟକ ଭୁବନେଶ୍ୱର ଦୈତନଗରୀ ୧୨ କିଲୋମିଟର ଦୂରତାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଦୈନନ୍ଦିନ ୨ ବେଳା ଆଉଟ ଡୋର ସମୟରେ ୪୦୦-୫୦୦ ରୋଗୀ ଚିକିତ୍ସା ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଏତଦ୍‌ସହିତ କଟକ ସଦର ବ୍ଲକର ଆମଣ ପଞ୍ଚାୟତ, ଖଣ୍ଡେଇତା ପଞ୍ଚାୟତ, ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତ, କଣ୍ଟାପଡ଼ା ବ୍ଲକର ବାଗଲପୁର ପଞ୍ଚାୟତ ଓ ନାହାଳପୁର ପଞ୍ଚାୟତ ଅଞ୍ଚଳର ରୋଗୀମାନେ ସେବା ପାଇବା ପାଇଁ ଏହି ଚିକିତ୍ସାଳୟକୁ ଆସିଥାନ୍ତି ଓ ଫୁଲନଖରା ନିଆଳି ରାସ୍ତାର ଦୁର୍ଘଟଣାଗ୍ରସ୍ତ ରୋଗୀ ମଧ୍ୟ ଜରୁରୀକାଳୀନ ସେବା ପାଇଁ ଆସିଥାନ୍ତି। ବର୍ତ୍ତମାନ ଏଠାରେ ଦଶଜଣ ଡାକ୍ତର ପୋଷ୍ଟ ଖାଲିଅଛି। ଡାକ୍ତରଙ୍କର ମଧ୍ୟ କ୍ୱାଟର ନାହିଁ। ଜନସାଧାରଣଙ୍କ ଦାବି କ୍ରମେ ଏଠାରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନିଯୁକ୍ତି ପାଇଥିଲେ। ଦୀର୍ଘ ଦୁଇବର୍ଷ ହେବ ଅନ୍ୟତ୍ର ଟ୍ରେନିଂ ଯାଇ ଆଉ ସ୍ୱାସ୍ଥ୍ୟକେନ୍ଦ୍ରକୁ ନଆସି ଅନ୍ୟତ୍ର ପୋଷ୍ଟିଙ୍ଗ ହୋଇଛନ୍ତି ଯାହାଫଳରେ ଗ୍ରାମାଞ୍ଚଳ ଡାକ୍ତରଖାନା ହୋଇଥିଲେ ମଧ୍ୟ ପ୍ରସୂତି ପାଇଁ ଆସୁଥିବା ଶହ ଶହ ମହିଳା କଟକ ବଡ଼ ମେଡିକାଲ ଓ ଘରୋଇ ନର୍ସିଂହୋମରେ ଅଯଥା ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ମାସକୁ ଥରେ ବ୍ଲକ ଅଞ୍ଚଳର ଡାକ୍ତର ଓ କର୍ମଚାରୀ ୧୦୦ରୁ ଊର୍ଦ୍ଧ୍ୱ ବସିବା ପାଇଁ ଏକ ସଭାଗୃହ ମଧ୍ୟ ନାହିଁ । କର୍ମଚାରୀମାନଙ୍କ ପାଇଁ ଦୀର୍ଘବର୍ଷରୁ ତିଆରି ହୋଇଥିବା ଭଙ୍ଗା ଆଜବେଷ୍ଟସ ଘରେ ପରିବାର ଧରି ରହିବାକୁ ପଡୁଛି। ଏହି ୫ଦଫା ଦାବି ପୂରଣ ପାଇଁ ପୂଜ୍ୟପୂଜ୍ୟା ପ୍ରତିଭା ସେବା, ସାଂସ୍କୃତିକ ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ପକ୍ଷରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, କଟକ ଜିଲ୍ଲାପାଳ, ସେକ୍ରେଟାରି ସ୍ୱାସ୍ଥ୍ୟ




ବିଭାଗ, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ଅଗଷ୍ଟ ୩୧ ମଧ୍ୟରେ ପୂରଣ କରିବାକୁ ସଂଗଠନ ସଭାପତି ଶ୍ରୀ ଗଣେଶ ପ୍ରସାଦ ଦାଶ ଦାବି କରିଛନ୍ତି। ନଚେତ୍ ବାଧ୍ୟ ହୋଇ ସ୍ଥାନୀୟ ଅଞ୍ଚଳ ଜନସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରୀ ଦାଶ ଚେତାବନୀ ଦେଇଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝରିଗାଁ (ଭାସ୍କର ନ୍ୟୁଜ୍) : ବେକରେ ରଶି ଲାଗିଥିବା ଅବସ୍ଥାରେ ଜଣେ ୪୫ ବର୍ଷ ବୟସ୍କା ମହିଳାଙ୍କ ମୃତଦେହ ଘର ଠାରୁ ପାଖାପାଖି ଦେଢ଼ କିଲୋମିଟର ଦୂର ଏକ ଚାକୁଣ୍ଡା ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ମୃତ ଦେହଟି ବଣୁଆଗୁଡା ଗ୍ରାମର ପୁରେନ ମାଝୀଙ୍କ ସ୍ତ୍ରୀ ବାସନ୍ତୀ ମାଝୀ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ପୁରେନ ଝରୀଗାଁ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ବାସନ୍ତୀଙ୍କ ସ୍ୱାମୀ ଏବଂ ପୁଅଙ୍କ କହିବା ପ୍ରକାରେ ବାସନ୍ତୀ ନିଜ ଭାଇ ଶିବ ଗଣ୍ଡଙ୍କ ଘରକୁ ଧାନ ରୋପିବାକୁ ଯାଉଛି ବୋଲି କହି ୨ତାରିଖ ଦିନ ୪ଟା ବେଳେ ଘରୁ ବାହାରି ଥିଲେ। ହେଲେ ତା'ପରଦିନ ସକାଳୁ ବଣୁଆଗୁଡ଼ା ଗ୍ରାମର କିଛି ମହିଳା ସକାଳୁ ସେହି ଚାକୁଣ୍ଡା ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବା ବେଳେ ଏକ ଚାକୁଣ୍ଡା ଗଛରେ ବାସନ୍ତିର ମୃତଦେହ ଝୁଲୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ବାସନ୍ତୀଙ୍କ ସ୍ୱାମୀ ଏ ସଂକ୍ରାନ୍ତରେ ଝରୀଗାଁ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ବୋଲି ଲୋକେ ଦ୍ୱନ୍ଦରେ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୋଲିସର ତଦନ୍ତ ପରେ ହିଁ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବା ନେଇ ଆଶା କରାଯାଉଛି।

## ରାଶିଫଳ

ସୋମବାର, ୦୪ ଅଗଷ୍ଟ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।




**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।




**କର୍କଟ:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।




**ତୁଳା:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ୍ୟ ଆଜି ଭଲ ଫଳାଫଳ ପାଇବେ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ।




**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



ଗ୍ରହ ଚିନ୍ତା

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉତ୍କଳ ହିତୈଷିଣୀ ସଭା ଗୃହରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଳ୍ପିତ ଗଜପତି ୨୦୩୬ ର ରୂପରେଖ କିପରି ହେବ ତାହାର ଏକ ପ୍ରସ୍ତୁତି ପାଣ୍ଡୁଲିପିର ସବିଶେଷ ଆଲୋଚନା କରଯାଇଛି ଏବଂ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଅନୁମୋଦନକ୍ରମେ ଏହାର ମୁଦ୍ରଣ ପାଇଁ ଭୁବନେଶ୍ୱର ପଠାଯିବ । ଏହି ବୈଠକରେ ଗଜପତି ଜିଲ୍ଲାର ଭୌତିକ,ଆଧାତ୍ମିକ ବୌଦ୍ଧିକ, ବିକାଶ ନିମନ୍ତେ ଉପସ୍ଥିତ କାର୍ଯ୍ୟନିର୍ବାହୀ ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ନିଜ ନିଜର ବିକାଶ ମୂଳକ ଚିନ୍ତାଧାରା ବ୍ୟକ୍ତ କରିଥିଲେ ।ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କ ଆଲୋଚନା ରେ ସଭ୍ୟ, ସଭ୍ୟା ସେମାନଙ୍କର ଭୂମିକା ଓ ସୁଚିନ୍ତିତ ମତାମତ ସାଦରେ ଗ୍ରହଣ କରାଯିବା ସହ ଏହି ୫୭ ଗୋଟି ମୂଲ୍ୟବାନ ପ୍ରସ୍ତାବ ଗୁଡ଼ିକ ଗୋଟିଏ ପୁସ୍ତିକା ଆକାରରେ ମୁଦ୍ରଣ କରି କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ସମ୍ପାଦନା ମଣ୍ଡଳୀ ଦ୍ୱାରା 'ଭିଜନ ଡକୁମେଣ୍ଟ ୨୦୩୬' ୧୫ ଦିନ ମଧ୍ୟରେ ସମାପ୍ତ ହେବ । ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ଗନ୍ତାୟତ,ଅଶ୍ୱିନୀ ପାଢ଼ୀ, ସାରାଳାଦେବ ପଟ୍ଟନାୟକ,ଅଶାଲତା ପାଣିଗ୍ରାହୀ, ଭାରତ ଭୂଷଣ ମହାନ୍ତି,ବିଚିତ୍ରାନନ୍ଦ ବେବର୍ତ୍ତା, ଭାଗବତ ପାଢ଼ୀ, ବିନୋଦ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ସାହୁ, ପ୍ରମୋଦ ଚନ୍ଦ୍ର ପାଢ଼ୀ, ତ୍ରିପତି ପ୍ରସାଦ ପଣ୍ଡା, ସୁଶୀଳ ପଣ୍ଡା, ଭେଙ୍କେଟ ରାଓ ପାତ୍ର ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ପ୍ରକାଶ କରିଥିଲେ ।



# ଅଫିସ ଖାଲି, ଅଧିକାରୀଙ୍କ ଦେଖାନାହିଁ

## ଜଏନିଂ ପାଇଁ ଦିନସାରା ଅପେକ୍ଷା କରି ନୟାନ୍ତ ଶିକ୍ଷକ

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ଶିକ୍ଷକ ନିଜର ଜଏନିଂ ଲେଟର ଧରି ସକାଳ ୧୧ ଘଟିକାରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଅଧିକାରୀଙ୍କ ଅପେକ୍ଷାରେ ବସି ରହିଥିଲେ ମଧ ଜଏନିଂ ଲେଟର ଗ୍ରହଣ କରିବା ନିମନ୍ତେ କୌଣସି ଜଣେ ମଧ ଅଧିକାରୀଙ୍କ ଦେଖା ମିଳିନଥିଲା । ଶିକ୍ଷକ ପଦ୍ମ ଚରଣ ରଥଙ୍କ କହିବାନୁଯାୟୀ ସେ କୋରୁକୋଣ୍ଡା ବ୍ଲକ ଚିତିଗୁଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ଆସୁଥିଲେ । କିନ୍ତୁ ଗତ ମାସ ୧୧ ତାରିଖ, ପତ୍ର ସଂଖ୍ୟା ୨୯୭୩ ରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲାର କୁଡୁମୁଲୁଗୁମ୍ମା ବ୍ଲକ ଶିକ୍ଷା ବିଭାଗ ଅଧୀନ ଘୁଷୁମପଦର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା । କିନ୍ତୁ ତାଙ୍କ ଉପରେ କୌଣସି ଆକ୍ରୋଶ ଏବଂ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଥିବା ଅନୁଭବ କରି ଶ୍ରୀ ରଥ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ବଦଳିକୁ ଭିତ୍ତି କରି ମାନ୍ୟବର ନ୍ୟାୟାଳୟ ଉକ୍ତ ବଦଳିକୁ ସ୍ଥଗିତ ରଖିବା ସହିତ ଶ୍ରୀ ରଥଙ୍କୁ ପୂର୍ବ ଦିନ ମାନଙ୍କରେ ଶିକ୍ଷାଦାନ କରୁଥିବା ବିଦ୍ୟାଳୟରେ ପୁନଃ ଜଏନିଂ କରାଇବା ନିମନ୍ତେ ବ୍ଲକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଆଜି



ଉକ୍ତ ନିର୍ଦ୍ଦେଶନାମାକୁ ନେଇ ଶିକ୍ଷକ ଶ୍ରୀ ରଥ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦିନ ତମାମ ଅପେକ୍ଷା କରି ରହିଥିଲେ ସୁଦ୍ଧା କୌଣସି ଜଣେ ମଧ ଅଧିକାରୀ କାର୍ଯ୍ୟାଳୟକୁ ଆସିନଥିବା କହିଥିଲେ ଶିକ୍ଷକ ଶ୍ରୀରଥ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ଦିନତମାମ ଆଜି ଏପରି କୌଣସି ଅଧିକାରୀ ଙ୍କ ଦେଖାମିଳିନାହିଁ ନା ସବୁଦିନ କାର୍ଯ୍ୟାଳୟ ଏପରି ଜଣେ ପିଅନ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମର ଙ୍କ ଭରସା ରେ ଚାଲିଛି । ଏହି କାର୍ଯ୍ୟାଳୟ ପ୍ରତି ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ପିଏମ୍ କିଷାନ ସମ୍ମାନ ନିଧି ସହାୟତା ଟଙ୍କା ହସ୍ତାନ୍ତର କାର୍ଯ୍ୟକ୍ରମ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଏମ କିଷାନ ସମ୍ମାନ ନିଧି ଅନ୍ତର୍ଗତ ଚାଷୀମାନଙ୍କୁ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମକୁ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ବିଶ୍ୱଜିତ ବର୍ମନ, ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଚାଷୀ ଉପସ୍ଥିତ ରହି ଦେଖିଥିଲେ । ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ମାନଙ୍କୁ ତାଙ୍କ ଜମା ଖାତାରେ ୨୦ ତମ କିସ୍ତି ମାଧ୍ୟମରେ ୨୦,୫୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି । ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଲକ୍ଷପତି ଦିଦି, ଚାଷ ପାଇଁ ଜଳସେଚନ, ଜନଧନ ଯୋଜନା ଉଲ୍ଲେଖ ସହ ଚାଷୀର ବିକାଶରେ ଦେଶର ବିକାଶକୁ ଉଲ୍ଲେଖ କରିଥିଲେ । ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୧,୦୭,୫୩୯ ଜଣ ଚାଷୀଙ୍କ ଜମାଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଡି ଆଇପିଆର୍ ଓ ମନୋଜ ବେହେରା, ସି ଡି ଭି ଓ ରାଧେଶ୍ୟାମ ଲାଇକ,ଏଡିଓ ଅନିଲ ପ୍ରହରାଜ, ଡିପିଡି ସିଦ୍ଧାର୍ଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରପରିଷଦର ସ୍ୱତନ୍ତ୍ର ବୈଠକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌରପରିଷଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ମୁଖ୍ୟ ଅତିଥିଭାବେ ପାରଳା ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ବୈଠକରେ ସହରର ଉନ୍ନତି କିଭଳି ହେବ ସେନେଇ ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠିଙ୍କ ସହଆଲୋଚନା କରିଥିଲେ । ସହରର ମୁଖ୍ୟ ରାସ୍ତା, ନାଳ, ପିଇବା ପାଣି, ସହ ଆଲୋକୀକରଣର ଉନ୍ନତି କିଭଳି ହେବ ସେ ନେଇ ଆଲୋଚନା କରିଥିଲେ । ତୁରନ୍ତ ଏହି ସବୁ କାର୍ଯ୍ୟ ଓ ସହରରେ ଥିବା ପୋଖରୀଗୁଡ଼ିକ ର ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ । ଏହି ବୈଠକ ରେ ବିଧାୟକଙ୍କ ସମେତ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଉପାଧ୍ୟକ୍ଷ ଲେଙ୍କା ମଧୁ ଏବଂ ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧାରେ ଅଟକିଛି ମେଗା ଜଳଯୋଗାଣ ନିର୍ମାଣ କାର୍ଯ୍ୟ

## ■ ତହସିଲଦାରଙ୍କୁ ଭେଟିଲେ କଲୋନୀବାସୀ

ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ମାଉସୀ ମା' କଲୋନୀ ବାସିନ୍ଦାଙ୍କୁ ମେଗା ଜଳ ଯୋଗାଣ ପାଣି ଯୋଗେଇବା ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ କାର୍ଯ୍ୟ ଚାଲୁ ଥିବାବେଳେ କାର୍ଯ୍ୟକୁ ବନ୍ଦ କରିଦିଆଗଲା । ପାଇପ ବିଛାଇବା ପାଇଁ ଖୋଳା ଯାଉଥିବା ସ୍ଥାନର ପଟ୍ଟା ରହିଥିବା ଦର୍ଶାଇ ଜଣେ ବ୍ୟକ୍ତି କାମକୁ ବନ୍ଦ କରିଦେଇଛନ୍ତି । ଫଳରେ ମାଉସୀ ମା' କଲୋନୀ ବାସିନ୍ଦାଙ୍କୁ ମେଗା ପାଣି ମିଳିବା ନେଇ ଅନିଶ୍ଚିତତା ଦେଖା ଦେଇଛି । ଏହାକୁ ନେଇ କଲୋନୀ ବାସିନ୍ଦା ସ୍ଥାନୀୟ ତହସିଲଦାରଙ୍କୁ ସାକ୍ଷାତ କରି ଗୁହାରି କରିଛନ୍ତି । ତେନ୍ତୁଳିଖୁଣ୍ଟି ବ୍ଲକ ବେଜୁଗୁଡା ରାଜସ୍ୱ ମଣ୍ଡଳ ଖାତିଗୁଡା ଗ୍ରାମ ମାଉସୀମା ମନ୍ଦିର କଲୋନୀ ଏବଂ ବଜାରବାସୀଙ୍କୁ ଅଦ୍ୟାବଧି ମେଗା ଜଳ ଯୋଗାଣ ପ୍ରକଳ୍ପ ପାଣି ମିଳିପାରିନି । ବାରମ୍ବାର ଗୁହାରି କରିବା ସତ୍ତ୍ୱେ ମଧ ସୁଫଳ ମିଳିନଥିଲା । ମାଉସୀ ମା କଲୋନୀ ବାସିନ୍ଦା କିଛି ଦିନ ପୂର୍ବେ ଲମତାଗୁଡ଼ା ସ୍ଥିତ ମେଗା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଏହାପରେ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କ ହସ୍ତକ୍ଷେପ ପରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଜୁନ ୩୦ ତାରିଖ ସୁଦ୍ଧା ଜଳ ଯୋଗାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ । ତେବେ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମାଉସୀ ମା' କଲୋନୀ ବାସିନ୍ଦାଙ୍କୁ ପାଣି ଯୋଗେଇବା ନିମନ୍ତେ ଗତ ଦୁଇଦିନ ପୂର୍ବରୁ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା । ପାଇପ ବିଛାଇବା ପାଇଁ ଜେସିବି ଦ୍ୱାରା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଖୋଳୁଥିବା ସମୟରେ ବ୍ୟକ୍ତିଗତ ଜାଗା ଦର୍ଶାଇ ବ୍ୟକ୍ତି ଜଣକ କାର୍ଯ୍ୟ ବନ୍ଦ କରିଛନ୍ତି । ଏହାପରେ ଠିକା ସଂସ୍ଥା କାମ ବନ୍ଦ କରି ଚାଲିଯାଇଛନ୍ତି । ମାଉସୀମା ମନ୍ଦିର କଲୋନୀବାସୀ,ବଜାରବାସୀ ଏବଂ ମୁଖ୍ୟ ରାସ୍ତା କଲୋନୀ ବାସୀନ୍ଦା ଙ୍କୁ ମେଗା ପ୍ରକଳ୍ପ ପାଣି ମିଳିବା ନେଇ ଆଶାବ୍ୟକ୍ତ କରି ଥିଲେ । କିନ୍ତୁ କାର୍ଯ୍ୟ ବନ୍ଦ କରିବା ଫଳରେ ସେମାନଙ୍କ ଆଶା ମଉଳି ଯାଇଛି । ଯାହାକୁ ନେଇ ଆଜି ଖାତିଗୁଡା ମାଉସୀ ମା କଲୋନୀ ଓ ବଜାର ବାସିନ୍ଦା ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି । ଏଥିସହ ଖାତିଗୁଡା ମାଉସୀ ମା କଲୋନୀ ବାସିନ୍ଦା ବ୍ଲକ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ । ବିଡିଓ କୌଣସି କାର୍ଯ୍ୟରେ ଥିବାରୁ ଏବିଡିଓ କୃପାସିନ୍ଧୁ ନାୟକ ଙ୍କୁ ସାକ୍ଷାତ କରି ତୁରନ୍ତ ପାଣି ଯୋଗେଇବା ନିମନ୍ତେ ଗୁହାରି କରିଥିଲେ ।



# ବେଆଇନ ଗଚ୍ଛିତ ବାଲିକୁ ନିଲାମ କଲା ପ୍ରଶାସନ

ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପାଳପୁର ଠାରେ ବେଆଇନ ଭାବେ ଗଚ୍ଛିତ ବାଲିକୁ ପ୍ରଶାସନ ତରଫରୁ ନିଲାମ କରାଯାଇଛି । ଶିରିଶି ପଂଚାୟତ କାର୍ଯ୍ୟାଳୟ ଠାରେ ମାଇନ୍ସ ଅଧିକାରୀ ଆଦିତ୍ୟ ଆଚାରୀ, କନିଷ୍ଠ ମାଇନ୍ସ ଅଧିକାରୀ ବାସୁଦେବ ନାୟକ, ସୁଧିର ପ୍ରଧାନ, ନରେନ୍ଦ୍ର କୁମାର ବିଶ୍ୱାଳ, ଲିଟନ ଗରନେକ, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖଙ୍କ ସହ ସରପଞ୍ଚ ସୁମତି ଭତ୍ରା, ଏସ୍ଇ ଉମାକାନ୍ତ ଶବର, ସୁପରଭାଇଜର ଏମ୍ଡି ଯାଭେଦ ପ୍ରମୁଖ ଯୋଗଦେଇ ନିଲାମ କରିଥିଲେ । ମୋଟ ଛଅ ଜଣ ନିଲାମରେ ଭାଗ ନେଇଥିଲେ । ୧୮୦ ସିଏମ ବାଲି ନିଲାମ ହୋଇଥିଲା । ରଂଜିତ ମହାକୁଡ଼ ସିଏମ ବାଲି ପିଛା ୧୫୬ ଟଙ୍କା ଦେଇ ନିଲାମରେ ବାଲି ଉଠାଇଥିଲେ । ପାଳପୁର ଠାରେ ବେଆଇନ ଭାବେ ବାଲି ଗଚ୍ଛିତ କରି ରଖାଯାଇଥିଲା । ମାଇନ୍ସ ବିଭାଗ ଚଢ଼ାଉ କରି ଜବତ କରିଥିଲେ ।

# ତେନ୍ତୁଳିଗୁମ୍ମା-କୋରାପୁଟ ବସ ରୁଟ୍ ପାଇଁ ପ୍ରସ୍ତାବ



ମାଥିଲି (ଭାସ୍କର ନ୍ୟୁଜ୍ ) ଅବିଭକ୍ତ କୋରାପୁଟ ଜିଲ୍ଲା ସହିଦ ମାଟି ତେନ୍ତୁଳିଗୁମ୍ମା ଗ୍ରାମରୁ କୋରାପୁଟ ଜିଲ୍ଲାକୁ ଆଜି ପର୍ଯ୍ୟନ୍ତ ବସ୍ ଚଳାଚଳ ହୋଇପାରୁନାହିଁ । ଯାହାଫଳରେ ସ୍ଥାନୀୟ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନା କିମ୍ବା ଜିଲ୍ଲା କାର୍ଯ୍ୟାଳୟକୁ ଯିବାକୁ ହେଲେ ପଡୋଶୀ ବ୍ଲକ୍ ମାଥିଲି, ପୁଣି ବୈପାରିଗୁଡ଼ା ଯିବାକୁ ପଡୁଛି । ଯାହା କି ଯିବା ଆସିବା ପାଇଁ ୨୦୦ କିଲୋମିଟର ହେଉଛି । ଅତ୍ୟନ୍ତ କଷ୍ଟ ଦାୟକ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଅଧିକାରୀ ଓ ଜନପ୍ରତିନିଧି ମାନେ, ତେନ୍ତୁଳିଗୁମ୍ମା ଗ୍ରାମର ଲୋକଙ୍କ ଆବଶ୍ୟକତା ଦିଗକୁ ଦୃଷ୍ଟି ଆକର୍ଷଣ କରି କୋରାପୁଟ ବସ ଚଳାଚଳ ପାଇଁ ଅନୁରୋଧ କରିଛନ୍ତି । ତେନ୍ତୁଳିଗୁମ୍ମା ଗ୍ରାମବାସୀଙ୍କ ଅନୁରୋଧ । ତେନ୍ତୁଳିଗୁମ୍ମା ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଭୂମି, ଏକ ଐତିହ୍ୟ ବହନ କରୁଥିବା ଗ୍ରାମ । ଏହି ଗ୍ରାମରୁ କୋରାପୁଟ ସହର କିମ୍ବା ବୈପାରୀଗୁଡା ବ୍ଲକ ଉପରେ ନିର୍ଭର କରୁଥିବା ଲୋକମାନେ ବର୍ତ୍ତମାନ ସିଧା ବସ୍ ସେବାର ଅଭାବରେ ଦୈନିକ ଅସୁବିଧା ଅନୁଭବ କରୁଛନ୍ତି । ଚାଷୀଙ୍କ ପଞ୍ଜିକରଣ, ରାସନ୍ କାର୍ଯ୍ୟ, ଉନ୍ନୟନ ଯୋଜନାରେ ଭାଗ ନେବା, ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ଏଠାରୁ ଯାତ୍ରା କରିବା ଅତ୍ୟନ୍ତ କଷ୍ଟସାଧ ହେଉଛି ।ଏହି ଅସୁବିଧା ଦୂର କରିବା ପାଇଁ ଓଡିଶା ସଡକ ପରିବହନ କର୍ପୋରେସନ୍‌ଙ୍କୁ ଅନୁରୋଧ କରିଛନ୍ତି । ଏହି ବସ ରୁଟ୍ ଚାଲୁ ହେଲେ ଲୋକଙ୍କ ଯାତ୍ରା ସହଜ ହେବ, ଶିକ୍ଷା, ବ୍ୟବସାୟ, ଚାଷ ଓ ଯୋଜନା ଲାଭରେ ଲୋକଙ୍କ ସରଳ ଅଭିଗମ ହେବ,ଗ୍ରାମ-ସହର ମଧ୍ୟରେ ସାମାଜିକ ଓ ଆର୍ଥିକ ବନ୍ଧନ ଗଢ଼ି ଉଠିବ ବୋଲି ଗ୍ରାମବାସୀ ଆଶା ବାନ୍ଧି ଅଛନ୍ତି ।

# 'କମାଲ କା ଶିବିର' ଉଦ୍‌ଯାପିତ

ମୁରିବାହାଲ /ବଙ୍ଗୋମୁଣ୍ଡା(ଭାସ୍କର ନ୍ୟୁଜ୍): ବଙ୍ଗୋମୁଣ୍ଡା ବ୍ଲକ ଖଇରା ଗ୍ରାମ ଠାରେ ଲୋକ ଉନ୍ନତି ସଂଗଠନ ପକ୍ଷରୁ ଉତ୍ସାହ ଶିକ୍ଷା ଉତ୍ସବ କମାଲ କା ଶିବିର ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଖଇରା ସରପଞ୍ଚ ସୁଶ୍ରୀ ବବିତା ବାଗ, ଲୋକଉନ୍ନତି ସଙ୍ଗଠନ ବଙ୍ଗୋମୁଣ୍ଡାର ସମ୍ପାଦିକା ତୀରବତୀ ଭୋଇ, ବ୍ଲକ ସଂଯୋଜକ ଅନଙ୍ଗପ୍ରଭା ଭୋଇ ଓ ଖଇରା ଗୋପବନ୍ଧୁ କ୍ଲବ ସଦସ୍ୟ ବିଭୀଷଣ ରଣା ଉପସ୍ଥିତ ଥିଲେ ୪ ଟି ପଞ୍ଚାୟତର ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଖଇରା, ବେଲପଡା, ଭାଲୁମୁଣ୍ଡା, ଜୁରାବନ୍ଧର ସଦସ୍ୟମାନେ ଅଂଶ ଗ୍ରହଣ କରି ତାଲିମ ନେବା ପରେ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।




# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ




ମାଲକାନଗିରି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର କାର୍ଯ୍ୟାନ୍ୱୟନ, ଭବିଷ୍ୟତ ପନ୍ଥା, ଆଗାମୀ ପାଞ୍ଚ ବର୍ଷର ଭିଜନ ବିଷୟରେ ଜାଣିବା ପାଇଁ ଜିଲ୍ଲାପାଳ ଏହି ବୈଠକ କରିଥିଲେ । ପ୍ରଶାସନିକ ବ୍ୟବସ୍ଥାରେ ସବୁବେଳେ ସୁଶାସନ ବଜାୟ ରଖିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ତେଣୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ସମସ୍ତଙ୍କୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମଞ୍ଚାସୀନ ଥିଲେ । ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ରାସ୍ତା ଓ କୋଠାବାଡ଼ି ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଚାଲିଥିବା ଜନଜାତି ଉନ୍ନୟନ କାର୍ଯ୍ୟ, ସ୍ୱାସ୍ଥ୍ୟ ବିଭାଗର ଭିତ୍ତିଭୂମି ଓ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା, ଶିକ୍ଷା ବିଭାଗର ଭିତ୍ତିଭୂମି ଓ ବିଭିନ୍ନ ଯୋଜନା ବିଷୟରେ ଜିଲ୍ଲାପାଳ ଅବଗତ ହୋଇଥିଲେ । ଏତଦ୍ ବ୍ୟତୀତ ବିଭିନ୍ନ ବିଭାଗରେ ରହିଥିବା ସମସ୍ୟା ସଂପର୍କରେ ଜିଲ୍ଲାପାଳ ଅବଗତ ହୋଇଥିଲେ । ବୈଠକରେ ଜିଲ୍ଲାର ସମସ୍ତ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପୋଲିସ ପଡିଆ ଠାରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେବା ସଙ୍ଗେ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ପୌରପାଳିକା ଅଧକ୍ଷ କୁନୁ ନାୟକ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣତା ଅଭିଯାନର ୩ ମାସ ମଧ୍ୟରେ ଗର୍ଭବତୀ ଓ ଶିଶୁମାନଙ୍କୁ ଟୀକାକରଣ, ପୋଷଣ ଖାଦ୍ୟ ପ୍ରଦାନ,ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ଉଚ୍ଚ ବିଦ୍ୟାଳୟର ବିଦ୍ୟୁତିକରଣ, ଛାତ୍ର ଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ, ୩୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଲୋକଙ୍କର ରକ୍ତଚାପ ଓ ମଧୁମେହ ଯାଞ୍ଚ,ସ୍ୱୟଂ ସହାୟକ ମହିଳାମାନଙ୍କୁ ଆର୍ଥିକ ବିତରଣ ଏଭଳି ୬ ଟି ସୂଚକାଙ୍କରେ ଜିଲ୍ଲାର ସମସ୍ତଙ୍କ ମିଳିତ ପ୍ରୟାସ, ଦୃଢ ମନୋବଳ, ସମନ୍ୱୟ, ସମିକ୍ଷା,ନୀତି ଆୟୋଗ ପରାମର୍ଶ ଯୋଗୁ ସଫଳତାରେ ଅଂଶୀଦାର ଥିବା ୨୧ ଜଣ ଅଙ୍ଗନବାଡି କର୍ମୀ ଓ ସହାୟକ, ୧୦ ଜଣ ଏ ଏନ୍ ଏମ, ୧୧ ଜଣ ଆଶା କର୍ମୀ,୯ ଜଣ କୃଷକ ସାଥୀ,୫ ଜଣ ଏମ ବି କେ,୪ ଜଣ ସି ଆର୍ ପି, ୧ଟି ଏସଏଚଜି,୧୦ ଜଣ ଶିକ୍ଷକ, ସିଡିପିଓ ଡ଼ାବୁଗାଁ ମିନତୀ ଦାସ, ସିଡିପିଓ ତେନ୍ତୁଳିଖୁଣ୍ଟି ବିନିତା ଜେଠୀ, କୃଷି ବିଭାଗର ସହକାରୀ କୃଷି ଅଧିକାରୀ ରାମଚନ୍ଦ୍ର ମୁଦୁଲି,କୃଷି ଓଭରସିଅର୍ ଧିରେନ୍ ବେନିଆ , ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍




ଫାଉଣ୍ଡେସନ ବିକ୍ରମ କିଶୋର ରଣା,ଡିପିସି (ମମତା) ବିଶ୍ୱଜିତ୍ ମହାନ୍ତିଙ୍କୁ ମୁଖ୍ୟ ଅତିଥି, ଜିଲ୍ଲାପାଳ ଏବଂ ଅନ୍ୟ ଅତିଥିମାନେ ଉପଢ଼ୌକନ, ମାନପତ୍ର ସହ ସଦିଚ୍ଛା ଉପହାର ପ୍ରଦାନ କରିଥିଲେ । ସେଭଳି ଆକାଂକ୍ଷା ବ୍ଲକ୍‌ସ୍ତରୀୟ ନେତୃତ୍ୱ ଯୋଗୁଁ ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନଙ୍କୁ , ଆକାଂକ୍ଷା ସ୍ୱାସ୍ଥ୍ୟ କାର୍ଯ୍ୟ ପାଇଁ ସିଡିଏମଓ ଡ. ସନ୍ତୋଷ ପଣ୍ଡା, ଶିକ୍ଷା ପାଇଁ ଡିଇଓ ଛତ୍ରପତି ସାହୁ,କୃଷି ପାଇଁ ସିଡିଏ ଓ ସୁଧୀର ରଂଜନ ବେହେରା ଏବଂ ଏଡିଓ ଅନିଲ ପ୍ରହରାଜ, ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ,ଏସଏଚଜି ପାଇଁ ଡି ପି ଏମ (ଓ ଏଲ ଏମ) ସୁସ୍ମିତା ସାମନ୍ତରାୟ, ସମାଜ କଲ୍ୟାଣ କାର୍ଯ୍ୟ ପାଇଁ ଡିଏସ ଡବ୍ଲୁଓ ଦ୍ରୌପଦୀ କହଁରଙ୍କୁ ମାନପତ୍ର, ଉପଢ଼ୌକନ ଓ ମେମୋଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା । ଦୁଇଟି ଆକାଂକ୍ଷା ବ୍ଲକର ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଏବଂ ଡ଼ାବୁଗାଁ ବିଡିଓ ଶରତ ମାଝୀଙ୍କ ସମେତ ଟିମ୍‌କୁ ମୁଖ୍ୟ ଅତିଥି ବିଧାୟକ ସମ୍ମାନୀତ କରିଥିଲେ । ସଭା କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଆକାଂକ୍ଷା ହାଟର ୨୫ଟି ଷ୍ଟଲ୍‌କୁ ଉଦ୍ଘାଟନ କରିଥିଲେ । ସଭାରେ ସମସ୍ତ ବିଭାଗୀୟ ଅଧିକାରୀ, ସମ୍ମାନୀତ ହେବାକୁ ଥିବା ଅଧିକାରୀ, କର୍ମଚାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଏସଏଚଜି ମହିଳା, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## IIII ୩୧ତମ ବିଜ୍ଞାନ ମେଳା IIII

# 'ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାର ରାସ୍ତା ଦେଖାଉଛି ଶିଶୁ ବିଦ୍ୟା ମନ୍ଦିର'

ନୂଆପଡ଼ା (ଭାସ୍କର ନ୍ୟୁଜ୍): ବିଜ୍ଞାନର ଅଗ୍ରଗତି ସହିତ ଆମେ ସ୍ମାର୍ଟ ଯୁଗରେ ପ୍ରବେଶ କରିଛନ୍ତି । ସମସ୍ତ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଛି । ଏଭଳି ସ୍ଥିତିରେ ମାନବ ସମାଜର ସୁରକ୍ଷା ଲାଗି ଅନେକ ଭିନ୍ନ ଭିନ୍ନ ପ୍ରୋଜେକ୍ଟ ତିଆରି କରିଛନ୍ତି ଛାତ୍ରଛାତ୍ରୀ । ଘରେ ସୁରକ୍ଷିତ ରହିବା ଲାଗି ଆମେ ବିଭିନ୍ନ ପ୍ରକାର ସିକ୍ୟୁରିଟି ଉପକରଣ ସହିତ କୁକୁର ମଧ ରଖିଥାଉ । ମାତ୍ର ଏହି ସବୁ ପ୍ରୋଜେକ୍ଟକୁ ଅନୁକରଣ କଲେ ଏଗୁଡ଼ିକର ଆଉ ଆବଶ୍ୟକତା ପଡ଼ିବନି । ଏହାକୁ ଦୃଷ୍ଟିରେ ଏଭଳି ନିଆରା ସ୍ମାର୍ଟହୋମ ସିକ୍ୟୁରିଟି ସିଷ୍ଟମ ତିଆରି କରିଛନ୍ତି ଛାତ୍ରଛାତ୍ରୀ । ସୂଚନାଯୋଗ୍ୟ ଯେ ନୂଆପଡ଼ା ଜିଲ୍ଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ୩୧ତମ ବିଜ୍ଞାନ ମେଳା ଆରମ୍ଭ ହୋଇଯାଇଛି । ସଂକୁଳ ପ୍ରମୁଖ ତୁଳସୀରାମ ମେହେର ମହୋଦୟଙ୍କ କରକମଳରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିନାପାଲିର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଜ୍ଞାନ ବିଜ୍ଞାନ ମେଳାର ଉଦ୍ଘାଟନୀ ସଭାରେ ବିଦ୍ୟାଳୟର ସଭାପତି ନରହରି ମେହେର ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଅନିଲ ସା, ବାସୁଦେବ ବିଶି, ଜିତେନ୍ଦ୍ର ସାହୁ, ଦୀପକ କୁମାର ସା , ସୁଶ୍ରୀ ନିବେଦିତା ବେହେରା ଓ ନିହାର ରଞ୍ଜନ ମେହେର ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୫୮ ଟି ପ୍ରକଳ୍ପ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । କଥାକଥନ, ମୂର୍ତ୍ତି କଳା, ନିବନ୍ଧ, ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନ, ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ ପ୍ରତିଯୋଗିତାରେ ୬୦ ଜଣ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ମେହେର, ତୁଳସୀରାମ ମେହେର, ଗିରିଶ ଚନ୍ଦ୍ର ନାୟକ, ନରହରି ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଦେବାଶିଷ ନାଏକ କାର୍ଯ୍ୟକ୍ରମର ବୃତ୍ତକଥନ କରିଥିଲେ । ସ୍ୱପ୍ନ କୁମାର କାଣ୍ଡ ମଞ୍ଚ ପରିଚାଳନା କରିଥିଲେ ।ଶେଷରେ ପ୍ରତିଯୋଗୀତା ପ୍ରମୁଖ ବିଷ୍ଣୁଶରଣ ହୋତାଙ୍କ ତତ୍ତ୍ୱାବଧାନରେ ସମସ୍ତ କୃତି ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା, ପରିଚାଳନା ସମିତି ଓ ସେବକ ସେବିକା ସହଯୋଗ କରିଥିଲେ ।



# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଉମରକୋଟ (ଭାସ୍କର ନ୍ୟୁଜ୍): ବିଷାକ୍ତ ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା । ମୃତ ମହିଳାଙ୍କ ଶବକୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଜରୁରୀ କାଳୀନ ଡାକ୍ତରଙ୍କ ସେବା କକ୍ଷ ସମ୍ମୁଖରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ମୃତ ମହିଳା ଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ । ଉତ୍ତେଜନା ବଢିବାରୁ ଉପଖଣ୍ଡ ଚିକିତ୍ସାଳୟ ଠାରେ ପୋଲିସ ମୁତୟନ । ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ କୋଦଭଟ୍ଟା ଗ୍ରାମର ପ୍ରତିମା ମିର୍ଧା ଶନିବାର ଅପରାହ୍ନ ଚାରିଟା ସମୟରେ ନିଜ ଘର ପଛ ପାଖରେ ଥିବା ନଡାଗଦାରୁ ଗାଈଙ୍କ ଚାରା ସକାଶେ ନଡା କାଢୁଥିଲେ । ଏହି ସମୟରେ ଏକ ବିଷାକ୍ତ ସାପ ମହିଳାଙ୍କ ମୁଣ୍ଡକୁ କାମୁଡି ଥିଲା । ପରିବାର ଲୋକ ତୁରନ୍ତ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା କରିବାରେ ବିଳମ୍ବ କରିଥିଲେ ଏବଂ ମହିଳା ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଅବସ୍ଥା ହେବାରୁ ମହିଳାଙ୍କୁ ନବରଙ୍ଗପୁର ରେଫର କରାଯାଇଥିଲା । କିନ୍ତୁ ଅଧାରାସ୍ତାରେ ମହିଳା ଜଣକ ମୃତ୍ୟୁବରଣ କରିଥିଲେ । ଯେତେବେଳେ ଚିକିତ୍ସାଳୟକୁ ଆଣିଥିଲେ ସେହି ସମୟରେ କାର୍ଯ୍ୟରେ ଥିବା ଚିକିତ୍ସକ ମହିଳାଙ୍କ ଚିକିତ୍ସା ଆରମ୍ଭ କରିବାରେ ବିଳମ୍ବ କରିଥିଲେ ।ଯାହାଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ନବରଙ୍ଗପୁର ରେଫର କରିଥିଲେ ବୋଲି ଅଭିଯୋଗ କରିବା ସହ ଡାକ୍ତରଙ୍କ ଅବହେଳାରୁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ । ମୃତ ମହିଳାଙ୍କ ଶବ କୁ ଅଧାରାସ୍ତାରୁ ଫେରାଇ ଆଣି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଜରୁରୀ କାଳୀନ ଡାକ୍ତରଙ୍କ ସେବା କକ୍ଷ ସମ୍ମୁଖରେ ରଖି ବିକ୍ଷୋଭ କରୁଛନ୍ତି । ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି । ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ଗ୍ରାମବାସୀ ଉତ୍ୟକ୍ତ ହୋଇ ଭଙ୍ଗାରୁଜା କରିବା ସମୟରେ ସାମ୍ବାଦିକ ସେହି ଭଙ୍ଗାରୁଜା ଭିଡିଓ କୁ କ୍ୟାମେରାରେ କୈଦ କରିବା ସମୟରେ ଉତ୍ୟକ୍ତ ଗ୍ରାମବାସୀ ସାମ୍ବାଦିକ ଙ୍କୁ ଆକ୍ରମଣ କରିଥିଲେ । କିଛି ସମୟ ପରେ ଗ୍ରାମବାସୀ ପୋଲିସଙ୍କ ସମ୍ମୁଖରେ ସେହି ସାମ୍ବାଦିକଙ୍କୁ କ୍ଷମା ମାଗିଥିଲେ ।

# ତୁଳୀ କଳାକାରଙ୍କୁ କାର୍ଯ୍ୟ ଯୋଗାଇଦେବା ପାଇଁ ଦାବିପତ୍ର



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଭେଲାଙ୍ଗିନି ମାତା ରଙ୍ଗ ତୂଳୀ କଳାକାର ସଂଘ କୋଷାଗୁମୁଡ଼ା ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ନିଜ ପେଟ ପାଟଣା ପାଇଁ ଚିତ୍ରକଳାକୁ ଧନ୍ଦାମୂଳକ ଭାବେ କାର୍ଯ୍ୟ କରୁଥିବା ବେଳେ ଆଧୁନିକ ଯୁଗର ଫ୍ଲେକ୍ସ ଓ ଅଣ କୁଶଳୀ ତୁଳୀ କଳାକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକୁ ବ୍ୟବହାର ରେ ଲଗାଇବା ଯୋଗୁଁ ଚିତ୍ରକଳା କାରିଗରଙ୍କ ପେଟରେ ଲାତ ପଡୁଛି । ତେଣୁ ଏହାକୁ ବନ୍ଦ କରି ଭେଲାଙ୍ଗିନୀ ମାତା ରଙ୍ଗ ତୁଳୀ କଳାକାର ସଂଘକୁ ଶିକ୍ଷା ବିଭାଗର ଓ ପଞ୍ଚାୟତ ସମିତି ସ୍ତରର ସମସ୍ତ ଫଳକ, ବ୍ୟାନର ଗୁଡ଼ିକୁ ଯୋଗାଇଦେବା ପାଇଁ ଦାବିପତ୍ର ରେ ଉଲ୍ଲେଖ କରି ଦୁଇ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭେଲାଙ୍ଗିନୀ ମାତା ରଙ୍ଗ ତୁଳୀ କଳାକାର ସଙ୍ଗ ର ସଭାପତି- କିରଣ ବାଘ, ସମ୍ପାଦକ-ନାଗେଶ ଦଳାଇ,କୋଷାଧ୍ୟକ୍ଷ-ଲାଜାର ବାଘ୍, ଉପଦେଷ୍ଟା-ସୁଦର୍ଶନ ନାୟକ,ଗୋବର୍ଦ୍ଧନ ପୂଜାରୀ,ମଧୁସୂଦନ ଭତ୍ରାଙ୍କ ସହ ଅନ୍ୟାନ୍ୟ ସଦସ୍ୟ ତଥା ସୁନାମ, ଟେମରୁ ଦୟାନିଧି, ବିବେକା, କୈଳାଶ, ବନମାଳୀ, ସନ୍ତୋଷ,ନାରାୟଣ, ଆଦି କଳାକାରମାନେ ଉପସ୍ଥିତ ଥିଲେ ।



ବୋଲଗଡ (ଭାସ୍କର ନ୍ୟୁଜ): ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମାଜସେବୀ ବିଶ୍ୱ ରଞ୍ଜନ ସ୍ମାରକ ନିଧି ଟ୍ରଷ୍ଟର ସମ୍ପାଦକ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଆବାହକତ୍ୱରେ ମେଟ୍ରିକ୍ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି ।ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତା ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା,ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ଜିଲ୍ଲା ଓଷ୍ଟା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର,ପଞ୍ଚସଖା ଶିକ୍ଷା ସେତୁ ସଭାପତି ଡ. ହରିପ୍ରସାଦ ଦାସ, ବ୍ଲକ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର,ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ଓ ପଞ୍ଚସଖା ଶିକ୍ଷା ସେତୁ ସମ୍ପାଦକ ଦେବାଶିଷ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱ ରଞ୍ଜନଙ୍କ ଆତ୍ମାର ସଦଗତି ନିମିତ୍ତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକର ୩୦ ଟି ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୩୦ ବିଦ୍ୟାର୍ଥୀ ଓ ଅବଶିଷ୍ଟ ଏ -୧ ଗ୍ରେଡ ପ୍ରାପ୍ତ ହୋଇଥିବା ୪ ଜଣଙ୍କୁ ପୁଷ୍ପଗୁଚ୍ଛ ଓ ମୋମେଣ୍ଟୋ ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜିତ କୁମାର ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ଚାଷୀ ଆତ୍ମହତ୍ୟା ଘଟଣାରେ ସରକାର ଟାକ୍ସଫୋର୍ସ କମିଟି ଗଠନ କରନ୍ତୁ: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚାଷ ଜମିକୁ ଜଳସେଚନ କ୍ଷେତ୍ରରେ ଘୋର ଅଭାବ, ଋଣ ଭାର ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲହାନୀ ଫଳରେ ଗତ ୨୫ ବର୍ଷ ମଧ୍ୟରେ ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟା କରିଛନ୍ତି । ଏହି ଦିଗରେ ସରକାରଙ୍କର ତିଳେମାତ୍ର ସମବେଦନା ଓ ନିଘା ନାହିଁ । ଧର୍ମକୁ ଆଖୁଠାର ସଦୃଶ କେବଳ ବିଭାଗୀୟ ଅଧିକାରୀଙ୍କୁ ପଠାଇଦେଇ ଚାଷୀ ଆତ୍ମହତ୍ୟା ଘଟଣାର ସର୍ଜମିନ ପରେ ଏହା ଶୀତଳ ଭଣ୍ଡାରରେ କେବଳ ପକାଇ ଦେଉଛନ୍ତି । ଅନ୍ୟପଟେ ସରକାର ସଫେଇ ଦେଉଛନ୍ତି ଚାଷୀ ଆତ୍ମହତ୍ୟା ଘଟଣା ଘରୋଇ କଳି ଯୋଗୁଁ ସୃଷ୍ଟି ହୋଇଛି । ଅନ୍ନଦାତାଙ୍କ ପ୍ରତି ସରକାରଙ୍କର ସମ୍ବେଦନଶୀଳତା ପ୍ରକାଶ ପାଇବାତ ଦୂରର କଥା ବହୁ ସମୟରେ ଚାଷୀଙ୍କ ଅଧିକାରକୁ ସରକାର ଏଡ଼େଇ ଦେଇ ଚାଲିଛନ୍ତି । ତାହାର ଏକ ନିଛକ ନମୂନା ନିକଟରେ ବଲାଙ୍ଗୀର ଜିଲ୍ଲା ବଙ୍ଗମୁଣ୍ଡା ଥାନା ଡଙ୍ଗରଗଡ଼ା ପଂଚାୟତର ବନ୍ଦରା ଗ୍ରାମର ଚାଷୀ ରାଜ କୁମାର ପାତ୍ର ମରୁଡ଼ି ଜନିତ ଚାଷ ଉଜୁଡ଼ି ଯିବାରୁ ନିଜ କ୍ଷେତରେ ବିଷପିଇ ଆତ୍ମହତ୍ୟା କରିଛନ୍ତି । ଯଦି ଚାଷୀ ଆତ୍ମହତ୍ୟା ଘଟଣାର କାରଣ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବେ ନାହିଁ ଏହା ଆମ ରାଜ୍ୟ ପାଇଁ ଏକ ଅଶୁଭ ସଂକେତ ବୋଲି ଅଞ୍ଚଳ ଭାରତ କିଷାନ କଂଗ୍ରେସ କମିଟିର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି । ମୃତ ଚାଷୀ ସ୍ୱର୍ଗତ ପାତ୍ରଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ କାଳ ବିଳମ୍ବ ନକରି ସରକାର ଏହି ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ, ଋଣ ପରିଶୋଧର ବ୍ୟବସ୍ଥା ଓ ଶତପ୍ରତିଶତ ଆତ୍ମନିଯୁକ୍ତି ଓ ଚାଷୀ ଆତ୍ମହତ୍ୟା ଘଟଣାର କାରଣ ଓ ନିରାକରଣ ସମ୍ପର୍କରେ ଶାସକ ଦଳ, ବିରୋଧ, କୃଷି ବିଶେଷଜ୍ଞ, କୃଷିବୀତ ଓ ଚାଷୀ ସଂଗଠନର ପ୍ରମୁଖ କର୍ମକର୍ତ୍ତାଙ୍କୁ ନେଇ ଏକ ଟାକ୍ସଫୋର୍ସ କମିଟି ଗଠନ କରିବାକୁ ସରକାରଙ୍କ ନିକଟରେ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି।

### ପଥର ଖଣିରେ ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇବା ଘଟଣା

## ଦୁଃଖ ପ୍ରକାଶ କଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଆନ୍ଧ୍ରପ୍ରଦେଶର ଏକ ପଥର ଖଣିରେ ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇବା ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଆନ୍ଧ୍ରପ୍ରଦେଶର ଏକ ପଥର ଖଣିରେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦଗତି କାମନା କରୁଛି। ଏପରି ସମୟକୁ ସାମ୍ନା କରିବା ପାଇଁ ପରିବାରର ସଦସ୍ୟମାନଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ଏଥିସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି।

### ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ ଅପରାଧୀଙ୍କୁ କ୍ଲିନଚିଟ୍

# ରାଜ୍ୟ ବିଜେପି ସରକାରଙ୍କୁ ମହାଙ୍ଗା ପଡ଼ିବ: ଅଲକା ଲାମ୍ବା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ପୁରୀ ଜିଲ୍ଲା ବଳଙ୍ଗାରେ ଜଣେ ୧୫ ବର୍ଷୀୟା ନାବାଳିକାକୁ ତିନି ଜଣ ଦୁର୍ବୃର୍ତ୍ତ ଅପହରଣ କରି ଜୀବନ୍ତ ପୋଡ଼ିଦେଲେ । ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସ ଅଣା ଯାଇଥିଲା ତା ଜୀବନ ବଞ୍ଚାଇବା ପାଇଁ। କିନ୍ତୁ ଗତକାଲି ରାତିରେ ଦିଲ୍ଲୀ ଏମ୍ସରେ ପୀଡିତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରିଛି । ଜୁଲାଇ ୧୯ ତାରିଖ ଘଟଣା ଦିନରୁ ଆଜି ଯାଏ ଆମେ ପଚାରି ଆସୁଛୁ ସେ ତିନି ଅଭିଯୁକ୍ତ ଗଲେ କୁଆଡେ । ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆମେ ଦାବି କରି ଆସୁଥିବା ବେଳେ କୁହାଯାଉଛି କି ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି। ଯାହା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହେଲେ। କିନ୍ତୁ ୧୫ ବର୍ଷର ନାବାଳିକା ଉପରେ ଦୋଷ ଲଦୁଛନ୍ତି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ପୋଲିସ କହିଛି ଏ ଘଟଣାରେ କୌଣସି ବ୍ୟକ୍ତି ସାମିଲ ନାହାନ୍ତି । ଆମେ ନାବାଳିକାକୁ ଭେଟିବା ପାଇଁ ଅନେକ ଉଦ୍ୟମ କଲୁ । କିନ୍ତୁ ଭେଟିବାକୁ ଦେଲେ ନାହିଁ । ମୁଁ ଓ ମୋ ସହଯୋଗୀ ମାନେ ସଂସଦ ଘେରାଉ କଲୁ ଆମକୁ ପୋଲିସ ଆଠ ଘଣ୍ଟା ଅଟକ ରଖିଲେ । ଆମର ସ୍ୱରକୁ ଚାପିବାକୁ ଉଦ୍ୟମ କରାଯାଇଛି । ସେମିତି ଓଡ଼ିଶାର ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରୀ କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା। ଆଉ ଆଜି ବଳଙ୍ଗା ପୀଡ଼ିତା ବି ମରିଗଲା ହସ୍ପିଟାଲରେ ବେଡରେ ପଡ଼ି ନ୍ୟାୟ ମାଗି ମାଗି । ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲି । କିନ୍ତୁ ମୋତେ ପୋଲିସ ଘରେ ଅଟକ ରଖିଲା ।ବିଜେପି ଶାସିତ ରାଜ୍ୟରେ ଆଜି ସମସ୍ତେ ଅସୁରକ୍ଷିତ । ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି ବିଜେପି ସରକାର । ତେଣୁ ମହିଳା ମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ 'ନ୍ୟାୟ ମାର୍ଚ୍ଚ' କରିବ ମହିଳା କଂଗ୍ରେସ ବୋଲି ଆଜି ନୂଆଦିଲ୍ଲୀ ସ୍ଥିତ ଏଆଇସିସି ମୁଖ୍ୟ କାର୍ଯ୍ୟାଳୟ ଇନ୍ଦିରା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଅଖିଳ ଭାରତ ମହିଳା କଂଗେସ ସଭାନେତ୍ରୀ ଶ୍ରୀମତୀ ଅଲକା ଲାମ୍ବା । ସେ କହିଛନ୍ତି,ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ ଆମେ ଲଢ଼ିବୁ । ମୁଖ୍ୟମନ୍ତ୍ରୀ ଓଡ଼ିଶାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କହୁଛନ୍ତି ନାବାଳିକା ନିଜେ ନିଜକୁ ଜଳାଇ ଦେଲା । ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ ଦେଇ ଦେଲେ । ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ୍ ସହାୟତା ପ୍ରଦାନ କରନ୍ତୁ । ବିଜେପି ସରକାର ଫାଷ୍ଟ ଟ୍ରାକ କୋର୍ଟ ବସାଇ ମାମଲାରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬ ଓଡ଼ିଆ...

ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଦୁଇଜଣଙ୍କର ପଥରତଳୁ ମୃତଦେହ ମିଳିଥିଲା। ଘଟଣାସ୍ଥଳରେ ବାପଟାଲା ଏସ୍‌ପି ତୁଷାର ଡୁଡି ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ଦୁର୍ଘଟଣା ସଂପର୍କରେ ବିସ୍ତୃତ ସୂଚନା ତୁରନ୍ତ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ହସ୍ପିଟାଲରେ ଥିବା ଗୁରୁତରମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାପାଇଁ ମଧ୍ୟ ସେ କହିଛନ୍ତି। ୬ ଶ୍ରମିକଙ୍କ ମଧ୍ୟରୁ ୨ଜଣଙ୍କର ପରିଚୟ ମିଳିଥିବାବେଳେ ଅନ୍ୟ ୪ ଜଣଙ୍କର ପରିଚୟ ମିଳିପାରି ନାହିଁ। ଗଜପତି ଜିଲ୍ଲା ମୋହନା ଡେପାଗୁଡ଼ା ଅଲରା ଗାଁର ଭାସ୍କର ବିଶୋୟୀ ଓ ଟୁକୁନା ଦଳାଇଙ୍କ ପରିଚୟ ମିଳିଥିବାବେଳେ ଗଞ୍ଜାମ ଦିଗପହଣ୍ଡିର ୪ଜଣଙ୍କ ପରିଚୟ ମିଳିପାରି ନାହିଁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

### ୪୪ ପ୍ଲଟ୍...

କିଛି ବେନାମୀ ଟ୍ରାଞ୍ଜାକ୍ସନ ବାବଦରେ ଭିଜିଲାନ୍ସ ମଧ୍ୟ ସୂଚନା ପାଇଛି। ଏତଦ୍‌ବ୍ୟତୀତ ତାଙ୍କର ଗୋଟିଏ ୪ ଚକିଆ ଓ ୩ଟି ବାଇକ୍ ଥିବା ଜଣାପଡ଼ିଛି। ରବିବାର ସକାଳେ ଭିଜିଲାନ୍ସ ପକ୍ଷରୁ ତାଙ୍କ ମୟୂରଭଞ୍ଜ ଖୁଣ୍ଟାସ୍ଥିତ ପୈତୃକ ଘର, ବାରିପଦାରେ ଥିବା ସହଯୋଗୀଙ୍କ ଘର, ବାରିପଦା ଘର, ବୌଦ୍ଧରେ ଥିବା ଭଡ଼ାଘର, ଆରଟିଓ ଅଫିସ ଏବଂ ଭୁବନେଶ୍ୱରରେ ପାଣ୍ଡରାରେ ଝିଅ ରହୁଥିବା ଫ୍ଲାଟରେ ମଧ୍ୟ ଚଢାଉ କରାଯାଇଛି। ତାଙ୍କର ବାରିପଦା ସହରରେ ମଧ୍ୟ ଏକ ୩ ମହଲା କୋଠାଥିବା ଜଣାପଡ଼ିଛି। ଚଢାଉ ଚାଲିଥିବାରୁ ସମ୍ପତ୍ତି ସଂପର୍କରେ ଅଧିକ କିଛି ବିବରଣୀ ମିଳିପାରି ନାହିଁ। ଚଢାଉ ପରେ ତାଙ୍କ ସମ୍ପତ୍ତି ପରିମାଣ ବୃଦ୍ଧି ପାଇବ ବୋଲି କୁହାଯାଉଛି।

### ଜେଲ୍ ଗଲେ...

ବଡ଼ କେଲେଙ୍କାରୀର ପ୍ରମାଣ ଦେଉଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ଗିରଫ ପରେ ଡକ୍ଟର ମହାନ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ଜିତନଙ୍କ ସହ ୨-୩ ମାସ ମଧ୍ୟରେ ୧୦୦ଥରରୁ ଊର୍ଦ୍ଧ୍ୱ କଥାବାର୍ତ୍ତା ହୋଇଛନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚୁରା କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ସପ୍ଟ କପି ବୋର୍ଡ ଉପସଭାପତିଙ୍କ ପାଖକୁ ଆସିଲା ତାହା ତଦନ୍ତସାପେକ୍ଷ। ଏଥିପୂର୍ବରୁ କ୍ରାଇମବ୍ରାଞ୍ଚ ଟିମ୍ ଡକ୍ଟର ମହାନ୍ତିଙ୍କୁ ୪ଥର ଜେରା କରି ସାରିଥିଲା।

### ଉଡ଼ାଇଲେ...

ଖବରପାଇ ଆରପିଏଫ, ସିଆରପିଏଫ ଓ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ସେମାନେ ରେଳ ଧାରଣାରେ ତନ୍ନତନ୍ନ କରି ଯାଞ୍ଚ କରିବା ପରେ ମରାମତି ଆରମ୍ଭ ହୋଇଛି। ରକ୍ସି, ଟୋପାଡିହି, ବିମଳାଗଡ଼ ଓ କିରିବୁରୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅନ୍ୟପକ୍ଷରେ ନକ୍ସଲମାନଙ୍କ ଦ୍ୱାରା ବିଛା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ରେଳ କର୍ମଚାରୀଙ୍କ ନାମ ଏଟୱା ଓରାମ। ତାଙ୍କ ବୟସ ୩୭ ବର୍ଷ ବୋଲି ସୂଚନା ମିଳିଛି। ସେହିପରି ଆହତ ସହକର୍ମୀ ହେଲେ ବୁଦ୍ଧରାମ ମୁଣ୍ଡା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏଟୱାଙ୍କ ମୃତଦେହକୁ ଆରଜିଏଚ୍‌ର ଶବାଗାରରେ ରଖାଯାଇଛି। ତେବେ ଘଟଣାର ଚାରିଘଣ୍ଟା ପରେ କେହି ପହଞ୍ଚିନଥିବାରୁ ରେଳ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତ ରେଳ କର୍ମଚାରୀଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

### ଖୁବ୍‌ଶୀଘ୍ର ମେଗା...

ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ୍ ବୈତରଣୀ ନଦୀ ଉପରେ, ମାଇନିଙ୍ଗ କରିଡ଼ର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା। କରି ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହିତ ମନୋହରପୁରରୁ ପିଠାଗୋଲା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା। ଢେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତିକରଣ ପ୍ରକଳ୍ପଗୁଡିକର ସମୀକ୍ଷା। କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ନୂଆ ରାସ୍ତା ଓ ବ୍ରିଜ୍ ଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସର୍କିଟ ହାଉସ ଆନେକ୍ସ ବିଲଡିଂ କାମ ତ୍ୱରାନ୍ୱିତ କରିବା, ଡିପିଆର ପ୍ରସ୍ତୁତି, ଭୂମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବନ ବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟାନୁସାରେ କାର୍ଯ୍ୟକାରୀ କରିବା ଓ ସମସ୍ତ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସମୀକ୍ଷାରୁ ଜଣା ଯାଇଛି ଯେ, କେଉଁଝର ଜିଲ୍ଲା ପ୍ରଶାସନ ରାସ୍ତା ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗ୍ରାମୀଣ ବିକାଶକୁ ବୃଦ୍ଧି କରିବା ପାଇଁ ଅନେକ ମହତ୍ୱାକାଂକ୍ଷୀ ଭିତ୍ତିଭୂମି ଏବଂ କଲ୍ୟାଣକାରୀ ପ୍ରକଳ୍ପ ହାତକୁ ନେଇଛି। ସେଗୁଡ଼ିକ ମଧ୍ୟରେ ରାଇସୁଆଁ ଏୟାରଷ୍ଟ୍ରିପର ଉନ୍ନତି, କେନ୍ଦୁଝର ବାଇପାସ୍ ରାସ୍ତା ନିର୍ମାଣ ବିଭିନ୍ନ ରାସ୍ତା ଏବଂ ସେତୁ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ। ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ-୪୯ ସମ୍ପ୍ରସାରଣ ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଇ ଏ ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ପ୍ରସ୍ତୁତ କରିବା, ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତାବିତ ବଡ଼ବିଲରୁ ଚଣ୍ଡିଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳି ରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଅବା ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶିପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ । ସେହିପରି ଜଙ୍ଗଲ ଜମି ହସ୍ତାନ୍ତର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ୍ୟ ଶ୍ରୀ ମାଝୀ ସ୍ୱାସ୍ଥ୍ୟ ଓ କ୍ରୀଡା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ କମ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୋଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସ୍ୱାମୀ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଏଚଡ଼ି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ ।ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ, ଇଣ୍ଡିଆନ୍ ବାଏ ବାର୍ଥ ସଂଗଠନ ଦ୍ୱାରା ପ୍ରାୟୋଜିତ ତିନୋଟି ଉନ୍ନତ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ଉନ୍ମୋଚନ କରିଥିଲେ, ଯାହା ସମଗ୍ର ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବାରେ ଉଲ୍ଲେଖନୀୟ ଅବଦାନ ରଖିପାରିବ । ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଘଟଗାଁ ମା ତାରିଣୀ ମନ୍ଦିର ପାଇଁ ଏକ ଉତ୍ସର୍ଗୀକୃତ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରିଥିଲେ, ଯାହା ଭକ୍ତ ମାନଙ୍କ ଧର୍ମୀୟ ଭାବନାକୁ ଅକ୍ଷୁଣ୍ଣ ରଖିବା ସହ ଭକ୍ତ ଓ ତାରିଣୀ ମା'ଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରିପାରିବ। ଆହୁରିମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିନବ ଏକଲ ରଥ ମୋବାଇଲ୍ ଶିକ୍ଷା ୟୁନିଟର ମଧ୍ୟ ଶୁଭାରମ୍ଭ କରିଥିଲେ ଯାହା ଦୂରଦୂରାନ୍ତରେ ଜନସାଧାରଣଙ୍କୁ ସଂସ୍କୃତି ଶିକ୍ଷା ସମ୍ବଳ ଯୋଗାଇବ, ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ମଧ୍ୟ ଉଦଘାଟନ କରିଥିଲେ।

# 'ଉପଯୁକ୍ତ ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେଉଛନ୍ତି ପ୍ରାଥମିକ ଶିକ୍ଷକ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରାଥମିକ ଶିକ୍ଷକ ଉପଯୁକ୍ତ ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛି ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ । ସମସ୍ତ ବିଭାଗରେ ଉଚ୍ଚଶିକ୍ଷା ପାଇଁ ଅନୁମତି ଥିଲେ ବି ଏଯାଏଁ କନିଷ୍ଠ ଶିକ୍ଷକ ଉଚ୍ଚଶିକ୍ଷା ପାଇଁ ପାଉ ନାହାଁନ୍ତି ଏନଓସି । ମହିଳା ଶିକ୍ଷୟିତ୍ରୀ ପାଉନାହାନ୍ତି ଋତୁସ୍ରାବ କାଳୀନ ଛୁଟି । ଯଦି ବିଭିନ୍ନ ଦାବିକୁ ସରକାର ଆଗାମୀ ୭ ଦିନ ମଧ୍ୟରେ ଅଗ୍ରାହ୍ୟ ନଦିଅନ୍ତି ତେବେ ଆଗାମୀ ସପ୍ତାହରୁ କନିଷ୍ଠ ଶିକ୍ଷକ କାର୍ଯ୍ୟବନ୍ଦ କରିବା ଚେତାବନୀ ଦେଇଛନ୍ତି। ଆଜି ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପଦେଷ୍ଟା ଓ ଆବହକଙ୍କ ସମେତ କନିଷ୍ଠ ଶିକ୍ଷକ ମାନେ ଯୋଗଦେଇଥିଲେ । ଏହି ଅବସରରେ ସଂଘର କର୍ମକର୍ତ୍ତା ମାନେ କହିଥିଲେ ଯେ, ପୂର୍ବରୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାବି ଥିଲା ଠିକା ବ୍ୟବସ୍ଥା ହଟାଇ ସରକାର ନିୟମିତ ନିଯୁକ୍ତି ପ୍ରଦାନ କରନ୍ତୁ । ସେ ଦିଗରେ ସରକାର ତତ୍ପରତା ଦେଖାଇଛନ୍ତି । ୨୦୦୧ ମସିହାରେ ଶିକ୍ଷାସହାୟକ ଭଳି ଏକ ପ୍ରଥାକୁ ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ପ୍ରଚଳନ କରାଯାଇଥିଲା । କିନ୍ତୁ ଗତକାଲି ସରକାରଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି । ସେମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କମିଟି ଦ୍ୱାରା କରାଯାଇଥିବା ସୁଚିନ୍ତିତ ସୁପାରିସ ଗୁଡ଼ିକ (ତୁରନ୍ତ ସରକାରୀ ଆଇନ ରେ ପରିଣତ କରନ୍ତୁ । କନିଷ୍ଠ ଶିକ୍ଷୟତ୍ରୀ ମାନଙ୍କୁ ସମସ୍ତ ସରକାରୀ ମହିଳା କର୍ମଚାରୀ ମାନଙ୍କୁ ମିଳୁଥିବା ମାସିକ ଋତୁସ୍ରାବ ଜନିତ ଛୁଟି ଦେବା ପାଇଁ ବିଧବଦ୍ଧ ନିୟାମକ ବାହାର କରାଯାଉ । - କନିଷ୍ଠ ଶିକ୍ଷକ ମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆଗାମୀ ୭ ଦିନ ମଧ୍ୟରେ ଏନଓସି ଦେବା ପାଇଁ ନିୟାମକ ବାହାର କରାଯାଉ, ନଚେତ୍ ଆନ୍ଦୋଳନ ପନ୍ଥା ଆପଣେଇବାକୁ ସଂଘ ବାଧ୍ୟ ହେବ ବୋଲି ସେମାନେ କହିଛନ୍ତି ।

### ରେଳ କର୍ମଚାରୀଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

# ପରିବାରକୁ ୧୦ ଲକ୍ଷ ଆର୍ଥିକ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଘଟିଥିବା ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଇଟୁଆ ଓରାମଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏକ ସାମାଜିକଗଣ ମାଧ୍ୟମ ପୋଷ୍ଟରେ କୁହା ଯାଇଛି ଯେ, ଓଡ଼ିଶା ଝାଡ଼ଖଣ୍ଡ ସୀମାରେ ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଇଟୁଆ ଓରାମଙ୍କ ଦୁଃଖଦ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହାସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ମାଓବାଦୀଙ୍କ ଦମନ ପାଇଁ ଏବେ ସୁରକ୍ଷା କର୍ମୀ ଜୋରଦାର ଅପରେସନ ଚାଲୁ ରଖିଛନ୍ତି। ତଥାପି ମାଓବାଦୀଙ୍କ ଉତ୍ପାତ ଥମୁନାହିଁ।

### ଗାଁ କୁ ନାହିଁ ସବୁଦିନିଆ ରାସ୍ତା

# ବାଧକ ସାଜିଛି ଦୁଇଟି ନାଳ



ଶଗଡ଼ା (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଜଙ୍ଗଲ ପାହାଡ ଘେରା ସେକାମାଲ ଗ୍ରାମଠାରୁ ମନୋହରପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି ।ଉକ୍ତ ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହିତ ଶହ ଶହ ଲୋକ ଯାତାୟାତ କରିଥାନ୍ତି । ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି । ଏହି ରାସ୍ତା ଦେଇ ଶିଗାଡି, କଳା ସୁଲିଆ, କନା ବୀର, ବାଞ୍ଜିମୁଣ୍ଡା, ମନୋହର ପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିଦିନ ଯାତାୟାତ କରିଥାନ୍ତି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗାଡିତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡେ । ଅତି ଜରୁରୀ ନ ହେଲେ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବାକୁ ଭୟ କରନ୍ତି । ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଅନ୍ୟପଟେ ଉକ୍ତ ଗ୍ରାମକୁ ଯିବା ପାଇଁ ଦୁଇଟି ବଡ ନାଳ ପାରି ହୋଇ ଯିବାକୁ ପଡେ । ସାମାନ୍ୟ ବର୍ଷା ହେଲେ ଉକ୍ତ ନାଳରେ ପାଣି ଆସିଲେ ଲୋକଙ୍କ ଯାତାୟାତ ଠପ ହୋଇ ପଡେ । ଅତି ଜରୁରୀ ପଡିଲେ ଲୋକେ ଭରା ନାଳରେ ପାରି ହେବାକୁ ବାଧ ହୁଅନ୍ତି । ଭରା ନାଳରେ ପାରି ହେବା ସମୟରେ ଅନେକ ଲୋକ ପାଣି ସ୍ରୋତରେ ପଡି ଯିବା ସହ ଜିନିଷ ପତ୍ର ସବୁ ନଷ୍ଟ ହେଉଥିବା ନଜିର ରହିଛି । ବର୍ଷା ଦିନେ କୌଣସି ବ୍ୟକ୍ତି ଦେହ ଅସୁସ୍ଥ ହେଲେ ନାଳ ପାଇଁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଖଟିଆରେ ରୋଗୀକୁ ବୋହିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି । ଅନ୍ୟପଟେ ଉକ୍ତ ଗ୍ରାମ ଗୁଡିକରେ ଯାତାୟାତର ସୁବିଧା ଣ ଥିବାରୁ ଲୋକେ ଚିକିତ୍ସା ସୁବିଧା ନ ପାଇ କ୍ୱାକ ଉପରେ ନିର୍ଭର କରି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ଯାତାୟାତ ସମୟରେ ଅନେକ ଲୋକ ପଡି ଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି । ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ସହ ଭରା ନାଳ ଦେଇ ଦେଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧା ବୃଦ୍ଧ ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି । ରାଜ୍ୟ ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟି ଥିବା ବେଳେ ଦୀର୍ଘ ବର୍ଷ ହେବ ଉକ୍ତ ନାଳ ଦ୍ୱୟରେ ଏକ ପୋଲ ହୋଇ ଣ ଥିବା ଲୋକେ ଅଭିଯୋଗ କରିଛନ୍ତି । ଉକ୍ତ ନାଳରେ ପୋଲ ନିର୍ମାଣ ସହ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ସ୍ଥାନୀୟ ଜନ ପ୍ରତିନିଧି ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରି ନାହିଁ । ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ନାଳରେ ପୋଲ ନିର୍ମାଣ ସହ ରାସ୍ତାକୁ ଖୁବ ଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ କଡା ଚେତାବନୀ ଦେଇଛନ୍ତି ।

### ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ପୂର୍ବତନ ରାଜ୍ୟପାଳ ତଥା ଆମ ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଜନ୍ମ ଦିବସର ହାର୍ଦ୍ଦିକ ଶୁଭେଚ୍ଛା । ମହାପ୍ରଭୁଙ୍କ ପାଖରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

**AFFIDAVIT**

By virtue of an affidavit sworn before the Executive Magistrate, Begunia, dated: 02.08.2025, I Shishia Devi, Address: Village-Dakhineswar, Po-Rautapada, Ps- Begunia, Dist- Khordha, Odisha, PIN- 752062, declare that I have changed my name from Sishei Dei to Shishia Devi. Henceforth, I shall be known as Shishia Devi for all purposes.

**Sd/- Shishia Devi**

# ବୋଲବମ୍ ଭକ୍ତଙ୍କ ସେବାରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା କାଲି ଶ୍ରାବଣ ମାସର ଶେଷ ସୋମବାର। ରାଜ୍ୟର ସର୍ବ ପୁରାତନ ଶିବମନ୍ଦିର ମହାପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଓଡ଼ିଶାର କୋଣ ଅନୁ କୋଣରୁ ଲିଙ୍ଗରାଜ ମନ୍ଦିରକୁ ପାଣି ଢାଳିବା ପାଇଁ ଶିବଭକ୍ତଙ୍କ ଆଗମନ ହୋଇଥାଏ। ଏହି ଦୃଷ୍ଟିରୁ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ଉପସ୍ଥିତିରେ ଭକ୍ତଙ୍କ ସୁରକ୍ଷା ଏବଂ ସବୁ ଦୃଷ୍ଟିରୁ କିଭଳି ଭାବେ ଭକ୍ତଙ୍କର କୌଣସି ପ୍ରକାର ଅସୁବିଧା ନହେବ ସେହି ଦୃଷ୍ଟିରୁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଭୁବନେଶ୍ୱର ହଂସପାଳ ଠାରେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି। ଆମ କାର୍ଯ୍ୟକର୍ତ୍ତା ରବିବାର ଠାରୁ ଆରମ୍ଭ କରି ସୋମବାର ସକାଳ ପର୍ଯ୍ୟନ୍ତ ଯେଉଁ ଭକ୍ତମାନେ ଅସୁସ୍ଥ ଅନୁଭବ କରୁଛନ୍ତି ତୁରନ୍ତ ମେଡିସିନ ଦେବାସହ ଭକ୍ତଙ୍କର ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି, ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯିବ ସହ ବିଶ୍ରାମ ନେବାର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମହୋଦୟ, ଭାଜପା ରାଜ୍ୟ ଉପ ସଭାପତି ବିରଞ୍ଚି ତ୍ରିପାଠୀ ମହୋଦୟ ଆସି ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରିଥିଲେ। ଅନ୍ୟମାନଙ୍କ ଭିତରେ ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ,ପ୍ରଶାନ୍ତ ପାଇକରାୟ, ଚଣ୍ଡୀ ପ୍ରସାଦ ବେହେରା, ବିଶ୍ୱଜିତ୍ ମିଶ୍ର, ପ୍ରିତମ ଦାସ, ଆଶୁତୋଷ ନାୟକ, ସୌଭାଗ୍ୟ ମହାନ୍ତି, ରାଜିତ ନାୟକ, ଦେବବ୍ରତ ଦାସଙ୍କ ସହ ସ୍ଥାନୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

idco ODISHA NEW OPPORTUNITIES

CAD-1377

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.

Tender Call Notice No- BBSR/ELECT/E-4696/25-26/2358 Dt.30.07.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work: SITC of 11 KV line and 11/0.4 KV,63 KVA DP Mounted DSS for providing power supply to Street Light at Kalibeti I.E. , Khordha.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e- 146/2025-26 | 06.08.2025 at 17.00 Hrs. | 16.08.2025 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/-
Divisional Head (Elect)
IDCO, Bhubaneswar

OIPR 14003/11/0222/2526



ଶ୍ରୀନଗର: ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍ଥଗିତ ରହିଲା ଅମରନାଥ ଯାତ୍ରା। ପ୍ରଶାସନ ବାର୍ଷିକ ଅମରନାଥ ଯାତ୍ରାକୁ ଏହାର ନିର୍ଦ୍ଧାରିତ ସମୟର ଗୋଟିଏ ସପ୍ତାହ ପୂର୍ବରୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ମାର୍ଗଗୁଡ଼ିକ ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ଅଧିକାରୀମାନେ ଏହି ସୂଚନା ଶନିବାର ଦେଇଛନ୍ତି। ଚଳିତ ବର୍ଷ ଜୁଲାଇ ୩ରେ ଆରମ୍ଭ ହୋଇଥିବା ଅମରନାଥ ଯାତ୍ରା ୯ ଅଗଷ୍ଟରେ ରକ୍ଷା ବନ୍ଧନ ଦିନ ଶେଷ ହେବାର ଥିଲା। ତଥାପି, ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ 'ଗୁରୁତ୍ୱପୂର୍ଣ୍ଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ' ଦର୍ଶାଇ ଏହାର ଅବଧିକୁ ଏକ ସପ୍ତାହ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପ୍ରତି ପ୍ରବଳ ବର୍ଷା ଏବଂ ଶ୍ରୀ ଅମରନାଥଜୀ ଯାତ୍ରା ରୁଟ ବାଲଟାଲ ଏବଂ ପହଲଗାମ ଶେଷ ଭାଗରେ ରୁଟର ରକ୍ଷଣାବେକ୍ଷଣର ଆବଶ୍ୟକତା ଯୋଗୁଁ ଉଭୟ ରୁଟରେ ଯାତ୍ରାକୁ ସ୍ଥଗିତ ରଖାଯାଉଛି, ଏନେଇ କଶ୍ମୀର ଡିଭିଜନାଲ କମିଶନର ବିଜୟ କୁମାର ବିଧୁରୀ ଏଠାରେ କହିଛନ୍ତି।

# ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ କୃଷିମନ୍ତ୍ରୀଙ୍କ ନିବେଦନ



ନୂଆଦିଲ୍ଲୀ: କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଦୋହରାଇ ଦେଶବାସୀଙ୍କୁ ସ୍ୱଦେଶୀ ଉତ୍ପାଦ କିଣିବାକୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଅର୍ଥାତ୍ ୨ ଅଗଷ୍ଟ, ୨୦୨୫ରେ ବାରାଣସୀରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୦ତମ କିସ୍ତି ବଣ୍ଟନ ଅବସରରେ ଦେଶବାସୀଙ୍କୁ ସ୍ୱଦେଶୀ ଉତ୍ପାଦ କିଣିବାକୁ ନିବେଦନ କରିଥିଲେ। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାକୁ ସରକାରଙ୍କ ପ୍ରତିବଦ୍ଧତାକୁ ଉଲ୍ଲେଖ କରି ସେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଦୋହରାଇଥିଲେ। ଏକ ବିବୃତ୍ତି ଜାରି କରି ସେ କହିଛନ୍ତି, 'ପ୍ରିୟ ଭାଇଭଉଣୀ ଓ ଭଣଜାଭାଣିଜୀମାନେ, 'ପ୍ରତ୍ୟେକ ନିଜ ପାଇଁ ବଞ୍ଚନ୍ତି, ଏପରିକି କୀଟପତଙ୍ଗ, ପଶୁ ଏବଂ ପକ୍ଷୀମାନେ ମଧ୍ୟ। ଯଦି ତୁମେ ନିଜ ପାଇଁ ବଞ୍ଚିବ ତେବେ ବଞ୍ଚିବାର କ'ଣ ଅର୍ଥ ? ଆମେ ଦେଶ ପାଇଁ ବଞ୍ଚିବା ଉଚିତ। ଦେଶ ପାଇଁ ବଞ୍ଚିବା ପାଇଁ, ପ୍ରଧାନମନ୍ତ୍ରୀ ଶନିବାର ଆମକୁ ଶିଖାଇଛନ୍ତି। ସେ ଘରେ ବ୍ୟବହାର ପାଇଁ ଆମ ଦେଶରେ ନିର୍ମିତ ସ୍ୱଦେଶୀ ସାମଗ୍ରୀ କିଣିବାକୁ ଆହ୍ୱାନ ଦେଇଥିଲେ।' ମୋର ଭଉଣୀମାନେ ଏବଂ ଭାଇମାନେ, କେବଳ ସେହି ଉତ୍ପାଦ କିଣନ୍ତୁ ଯାହା ଆପଣଙ୍କ ଗାଁ, ନିକଟବର୍ତ୍ତୀ ସହର, ଆପଣଙ୍କ ଜିଲ୍ଲା, ରାଜ୍ୟ କିମ୍ବା ଆପଣଙ୍କ ଦେଶରେ ତିଆରି ହୋଇଛି। ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଜି ଆମେ ଚତୁର୍ଥ ସ୍ଥାନରେ ଅଛୁ, ଖୁବ୍ ଶୀଘ୍ର ଆମେ ତୃତୀୟ ସ୍ଥାନରେ ପହଞ୍ଚିବୁ। ୧୪୪ କୋଟି ଜନସଂଖ୍ୟା ଥିବା ଆମ ଦେଶ ଏକ ବଡ଼ ବଜାର। ଯଦି ଆମେ ନିଷ୍ପତ୍ତି ନେବା ଯେ ଆମେ କେବଳ ସେହି ଉତ୍ପାଦ କିଣିବୁ ଯାହା ଆମ ଦେଶରେ ତିଆରି ହୁଏ, ତେବେ ତାହା ଆମର ଚାଷୀ, ଛୋଟ ନିର୍ମାତା, ସ୍ୱୟଂ ସହାୟକ ଗୋଷ୍ଠୀ, ଆମ ଚାରିପାଖରେ ଉତ୍ପାଦ ତିଆରି କରୁଥିବା ଭାଇ ଏବଂ ଭଉଣୀମାନେ ହେଉ, ସେମାନଙ୍କର ଆୟ ବୃଦ୍ଧି ପାଇବ। ଯଦି ସେମାନଙ୍କର ଆୟ ବୃଦ୍ଧି ପାଏ, ତେବେ ଆମର ଅର୍ଥନୀତି ମଜବୁତ ହେବ। ଆମର ଟଙ୍କା ବିଦେଶକୁ କାହିଁକି ଯିବ। ଆସନ୍ତୁ ଆମ ଲୋକମାନଙ୍କୁ ଜୀବିକା ପ୍ରଦାନ କରିବା। ମୁଁ ମଧ୍ୟ ଦେଶ ପାଇଁ ବଞ୍ଚିବି ଏବଂ ଆପଣମାନେ ମଧ୍ୟ ଦେଶ ପାଇଁ ବଞ୍ଚିବା ଉଚିତ। ଅର୍ଥାତ୍ କେବଳ ସେହି ଉତ୍ପାଦ କିଣନ୍ତୁ ଯାହା ଭାରତରେ ତିଆରି ହୁଏ।

## ସଡ଼କ ଦୁର୍ଘଟଣାରେ ୧୧ ମୃତ

ଲକ୍ଷ୍ନୌ:ରବିବାର ଉତ୍ତରପ୍ରଦେଶର ଗୋଣ୍ଡାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୧୫ ଜଣ ଭକ୍ତଙ୍କୁ ନେଇ ଯାଉଥିବା ବୋଲେରୋ ଏକ କେନାଲକୁ ଖସି ପଡ଼ିଲା। ଏହି ଦୁର୍ଘଟଣାରେ ୧୧ ଜଣ କେନାଲରେ ବୁଡ଼ି ପ୍ରାଣ ହରାଇଛନ୍ତି। ଅନେକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପହଞ୍ଚି ପୋଲିସ ମୃତକଙ୍କ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଏହା ସହିତ,ସେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା ମଧ୍ୟ କରିଛନ୍ତି।

ରାୟପୁର-ଜବଲପୁର ଏକ୍ସପ୍ରେସର ଶୁଭାରମ୍ଭ

# ଛତିଶଗଡରେ ରେଳ ପ୍ରକଳ୍ପ ହେବ ତ୍ୱରାନ୍ୱିତ : ବିଷ୍ଣୁଦେବ





ରାୟପୁର: ରବିବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ବିଧାନସଭା ବାଚସ୍ପତି ଡ. ରମଣ ସିଂ ସବୁଜ ପତାକା ଦେଖାଇ ବହୁ ପ୍ରତିକ୍ଷିତ ରାୟପୁର-ଜବଲପୁର ଏକ୍ସପ୍ରେସ ଟ୍ରେନ୍ର ଶୁଭାରମ୍ଭ କରିଛନ୍ତି। ରାୟପୁର ରେଳ ଷ୍ଟେସନରେ ଏ ନେଇ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ସାମିଲ ହୋଇଥିଲେ। ଏଥିସହ ରେୱା-ପୁନେ ଏକ୍ସପ୍ରେସ ଏବଂ ଭାବ ନଗର ଟର୍ମିନସ - ଅଯୋଧ୍ୟା ଏକ୍ସପ୍ରେସର ଶୁଭାରମ୍ଭ ମଧ୍ୟ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଛତିଶଗଡବାସୀଙ୍କ ପାଇଁ ଏହା ପ୍ରଧାନମନ୍ତ୍ରୀଙ୍କ ବରଦାନ। ୩ଟି ନୂଆ ଟ୍ରେନ୍ ରବିବାର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଛତିଶଗଡରେ ରେଳ ପ୍ରକଳ୍ପ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ସାଏ କହିଥିଲେ। ସେ ଆହୁରି କହିଥିଲେ ଯେ, ରାୟପୁର-ଜବଲପୁର ଏକ୍ସପ୍ରେସ ୩୦ମିଲିଅନ୍ ଯାତ୍ରୀଙ୍କ ପାଇଁ ଶୁଭ ଖବର ନେଇ ଆସିଛି। ଚଳିତବର୍ଷ ରେଳ ବେଜଟେରେ ଛତିଶଗଡ ପାଇଁ ୬,୯୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବର୍ତ୍ତମାନ ୪୭ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଛତିଶଗଡରେ ଚାଲୁ ରହିଛି। ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କୁ ଉନ୍ନତମାନର ସେବା ଯୋଗାଇବା ଏହାର ଲକ୍ଷ୍ୟ ବୋଲି ଶ୍ରୀ ସାଏ କହିଥିଲେ। ସେହିପରି ଅମୃତ ଭାରତ ଯୋଜନାରେ ୬୮୦କୋଟି ଟଙ୍କା ବ୍ୟୟରେ ୩୨ଟି ଷ୍ଟେସନର ପୁର୍ନବିନ୍ୟାସ କରାଯାଉଛି। ଏଥିପାଇଁ ଶ୍ରୀ ସାଏ ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ଦେଇଛନ୍ତି।

# ଭାବନଗର-ଆୟୋଧା ସାପ୍ତାହିକ ଟ୍ରେନ୍ର ଶୁଭାରମ୍ଭ କଲେ ରେଳ ମନ୍ତ୍ରୀ




ନୂଆଦିଲ୍ଲୀ: କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଗୁଜରାଟର ଭାବନଗରରୁ ତିନୋଟି ନୂତନ ଏକ୍ସପ୍ରେସ୍ ଟ୍ରେନ୍ ସେବା - ଭାବନଗର-ଅଯୋଧ୍ୟା ଏକ୍ସପ୍ରେସ୍, ରେୱା-ପୁଣେ (ହଡପସର) ଏକ୍ସପ୍ରେସ୍ ଏବଂ ଜବଲପୁର-ରାୟପୁର ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ। ଭାବନଗର-ଅଯୋଧ୍ୟା ସାପ୍ତାହିକ ଟ୍ରେନର ଶୁଭାରମ୍ଭ ଉତ୍ସବରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶ୍ରମ ଓ ନିୟୋଜନ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡାଭୀୟ ଏବଂ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ନିମୁବେନ ବାମ୍ଭାନିଆ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ତିନୋଟି ଟ୍ରେନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାବନଗର-ଅଯୋଧ୍ୟା ଏକ୍ସପ୍ରେସ୍ ସଂସ୍କୃତି ଏବଂ ଭକ୍ତିକୁ ସଂଯୋଗ କରିବ। ଭାବନଗରରେ ବାଣିଜ୍ୟ ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବ। ସେହିପରି ଏକ ପ୍ରମୁଖ ଶିକ୍ଷ ସହର ପୁଣେ ଆଜି ରେୱା, ଜବଲପୁର, ସତନା ଏବଂ ମୈହାର ସହିତ ଯୋଡ଼ି ହୋଇଛି। ଏହି ଟ୍ରେନ୍ ଏହି ଆଦିବାସୀ ଅଞ୍ଚଳ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ରେଳ ମନ୍ତ୍ରୀ ଏହି ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରିଛନ୍ତି। ସେ କହିଛନ୍ତି, ନୂତନ ପୋରବନ୍ଦର-ରାଜକୋଟ ଟ୍ରେନ ଖୁବ୍ ଶୀଘ୍ର ଦୈନିକ ଚଳାଚଳ ଆରମ୍ଭ କରିବ। ରଣଭାଓ ଷ୍ଟେସନରେ ଏକ ନୂତନ କୋଚ୍ ରକ୍ଷଣାବେକ୍ଷଣ ସୁବିଧା, ନୂତନ ସାରାଦିଆ-ୱାନ୍ସଜାଲିଆ ରେଳ ଲାଇନ, ଭଦ୍ରକାଳୀ ଗେଟ୍, ପୋରବନ୍ଦର ସହରରେ ଏକ ନୂତନ ଫ୍ଲାଏଓଭର, ଦୁଇଟି ନୂତନ ଗତି ଶକ୍ତି କାର୍ଗୋ ଟର୍ମିନାଲ ଏବଂ ଭାବନଗରରେ ଏକ ନୂତନ ବନ୍ଦର ଟର୍ମିନାଲ ନିର୍ମାଣ କାମ ଯୋଜନା ପ୍ରସ୍ତୁତି ସ୍ତରରେ ଅଛି। କେନ୍ଦ୍ର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରଗତି ହାସଲ କରୁଛି। ଏକ ନୂତନ ଭାରତ ଉଦୟ ହେଉଛି, ଏବଂ ପରିବର୍ତ୍ତନ ସହ ତାଳ ଦେଇ ରେଳବାଇ ମଧ୍ୟ ଏକ ବୈପ୍ଳବିକ ରୂପାନ୍ତରଣ ଦେଇ ଗତି କରୁଛି। ରେଳ ସୁବିଧାର ଆଧୁନିକୀକରଣ ସହିତ, ନାଗରିକମାନେ ଏବେ ସମୟୋଚିତ ଏବଂ ଉନ୍ନତ ରେଳ ସେବା ପାଉଛନ୍ତି। କେନ୍ଦ୍ର ମନ୍ତ୍ରୀ ନିମୁବେନ ବାମ୍ଭାନିଆ ଏହି ନୂତନ ଟ୍ରେନ ରୂପରେ ଭାବନଗରକୁ ଏହି ମୂଲ୍ୟବାନ ଉପହାର ପାଇଁ ରେଳ ମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ ରେଳ ଅଧିକାରୀ ଏବଂ ବହୁସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ।

# ସ୍ପାଇସ୍ଜେଟ୍ର କର୍ମଚାରୀଙ୍କୁ ସେନା ଅଧିକାରୀଙ୍କ ମାଡ

ନୂଆଦିଲ୍ଲୀ : ଜାମ୍ମୁ-କାଶ୍ମୀରର ଶ୍ରୀନଗର ବିମାନବନ୍ଦରରେ ଅତିରିକ୍ତ ଲଗେଜକୁ ନେଇ ସେନାର ଜଣେ ଅଧିକାରୀ ସ୍ପାଇସଜେଟର ୪ ଜଣ କର୍ମଚାରୀଙ୍କ ସହିତ ମାରପିଟ୍ କରିଛନ୍ତି । ଜଣେ କର୍ମଚାରୀଙ୍କ ମେରୁଦଣ୍ଡ ହାଡ ଭାଙ୍ଗିଯାଇଛି । ଜଣଙ୍କ ନାକ ଓ ଅନ୍ୟଜଣଙ୍କ ଥୋଡିରେ ଆଘାତ ଲାଗିଛି। ଏପରିକି ଚତୁର୍ଥ କର୍ମଚାରୀ ଜଣକ ବେହୋସ ହେବା ପରେ ମଧ ସେନା କର୍ମଚାରୀଙ୍କ ତାଙ୍କୁ ଗୋଇଠା ମାରିବାରେ ଲାଗିଥିଲେ। ଏହି ଘଟଣାଟି ୨୬ ଜୁଲାଇରେ ଘଟିଥିଲା । କିନ୍ତୁ ମାମଲାଟି ଏବେ ସାମ୍ନାକୁ ଆସିଛି। ଏୟାରଲାଇନର ବୟାନ ଅନୁସାରେ ସେନାର ସେହି ଅଧିକାରୀଙ୍କୁ ନୋ ଫ୍ଲାଇଂ ତାଲିକାରେ ସାମିଲ କରାଯାଇଛି । ଅନ୍ୟପଟେ ସେନା ବୟାନ ଜାରି କରି କହିଛି କି ଭାରତୀୟ ସେନା ଅନୁଶାସନ ଓ ଆଚରଣ ମାନକ ବଜାୟ ରଖିବାରେ ପ୍ରତିବଦ୍ଧ । ଘଟଣାର ଯାଞ୍ଚ ପାଇଁ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଦିଆଯାଉଛି । ସେନା ଅଧିକାରୀଙ୍କ ପରିଚୟ ଲେଫ୍ଟନେଣ୍ଟ କର୍ଣ୍ଣେଲ ରିତେଶ କୁମାର ସିଂହ ରୂପେ ଜଣାପଡିଛି। ଏୟାରଲାଇନର ସୂଚନା ଅନୁସାରେ ସେନା ଅଧିକାରୀ ୨ କେବିନ୍ ବ୍ୟାଗେଜ୍ ନେଇଯାଉଥିଲେ । ଏହାର ସମୁଦାୟ ଓଜନ ୧୬ କିଲୋ ଥିଲା । ଏହା ୭ କେଜି ସୀମାରୁ ୨ ଗୁଣ ଥିଲା । କ୍ରୁ ମେମ୍ବର ତାଙ୍କୁ ଏନେଇ ସୂଚନା ଦେଲେ । କିନ୍ତୁ ସେ ଅତିରିକ୍ତ ପେମେଣ୍ଟ କରିବାକୁ ମନା କରିଦେଲେ। ଧିରେ ଧିରେ ଏହାକୁ ନେଇ ଯୁକ୍ତି ତର୍କ ଶେଷରେ ସେନା କର୍ମଚାରୀ ବିମାନ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଲାଗିଲେ । ଏହା ପରେ ସ୍ପାଇସଜେଟ୍ ନାଗରିକ ଉଡ୍ଡୟନ ମନ୍ତ୍ରାଳୟକୁ ପତ୍ର ଲେଖି ନିଜ କର୍ମଚାରୀଙ୍କ ଉପରେ ହୋଇଥିବା ଆକ୍ରମଣର ସୂଚନା ଦେଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛି ।

# ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ ଆୟୋଗର ନୋଟିସ୍

ପାଟଣା: ରାଷ୍ଟ୍ରୀୟ ଜନତା ଦଳ (ଆର୍ଜେଡି) ନେତା ଏବଂ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ସମସ୍ୟା ବଢ଼ିପାରେ। ସେ ଦାବି କରିଥିଲେ ଯେ ତାଙ୍କ ନାମ ବିହାରର ଡ୍ରାଫ୍ଟ ଭୋଟର ତାଲିକାରେ ନାହିଁ। ତେଜସ୍ୱୀଙ୍କ ଅନୁଯାୟୀ, ସେ ଯେଉଁ ଇପିକ୍ ନମ୍ବର (ଆର୍ଏବି୨୯୧୬୧୨୦) ଶେୟାର କରିଥିଲେ ତାହା ରେକର୍ଡରେ ନାହିଁ। ଏହାକୁ ନଜରରେ ରଖି ନିର୍ବାଚନ କମିଶନ ତେଜସ୍ୱୀ ଯାଦବଙ୍କୁ ଏକ ନୋଟିସ ଜାରି କରିଛନ୍ତି ଏବଂ ଇପିକ୍ ନମ୍ବର ଆର୍ଏବି ୨୯୧୬୧୨୦ର ବିବରଣୀ ମାଗିଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କକୁ ଭାରତରେ ସାଟେଲାଇଟ ଇଣ୍ଟରନେଟ ସେବା ପ୍ରଦାନ ପାଇଁ ଲାଇସେନ୍ସ ମିଳିଛି। ଯାହା ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ ସଂଯୋଗୀକରଣରେ ନୂଆ ଅଧ୍ୟାୟ ଆରମ୍ଭ କରିବ। କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଘୋଷଣା କରିଛନ୍ତି ଯେ, ଷ୍ଟାରଲିଙ୍କକୁ ଏକୀକୃତ ଲାଇସେନ୍ସ ପ୍ରଦାନ କରାଯାଇଛି। ସେ କହିଛନ୍ତି, ସ୍ପେକ୍ଟ୍ରମ ଆବଣ୍ଟନ ଓ ଗେଟୱେ ସ୍ଥାପନ ପାଇଁ ଫ୍ରେମୱାର୍କ ପ୍ରସ୍ତୁତ, ଯାହା ସୁଗମ ରୋଲଆଉଟ ନିଶ୍ଚିତ କରିବ। ଟେଲିକମ୍ ବିଭାଗ ଜୁଲାଇରେ ଷ୍ଟାରଲିଙ୍କର ଆବେଦନକୁ ଅନୁମୋଦନ କରିଥିଲା, ଯାହା ୨୦୨୧ରୁ ନିୟନ୍ତ୍ରଣ ଯାଞ୍ଚ ଓ ସ୍ପେକ୍ଟ୍ରମ ବଣ୍ଟନ ସମସ୍ୟା ହେତୁ ବିଳମ୍ବ ହୋଇଥିଲା। ଏହି ଲାଇସେନ୍ସ ସହିତ ଷ୍ଟାରଲିଙ୍କ ଏବେ ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ଅପେକ୍ଷା କରୁଛି, ଯାହା ଟେଲିକମ ନିୟାମକ କର୍ତ୍ତୃପକ୍ଷ ଦ୍ୱାରା ଚୂଡ଼ାନ୍ତ ହେବ। ଷ୍ଟାରଲିଙ୍କ ଭାରତୀ ଏୟାରଟେଲ ସମର୍ଥିତ ଇଉଟେଲସାଟ ଓନୱେବ ଓ ରିଲାଏନ୍ସ ଜିଓର ଏସ୍ଇଏସ୍ ସହ ଜୋଟ ସହିତ ପ୍ରତିଯୋଗିତା କରିବ। ଏହି କମ୍ପାନୀମାନେ ମଧ ସ୍ପେକ୍ଟ୍ରମ ଆବଣ୍ଟନର ଅପେକ୍ଷାରେ ଅଛନ୍ତି। ଷ୍ଟାରଲିଙ୍କ ୨୦୨୫ ଶେଷ ବା ୨୦୨୬ ଆରମ୍ଭରେ ସେବା ଆରମ୍ଭ କରିବ ବୋଲି ଆଶା କରାଯାଉଛି।

# ସିଏଟ ପକ୍ଷରୁ ଟାୟାର 'ରକରାଡ' ଉନ୍ମୋଚିତ




ନୂଆଦିଲ୍ଲୀ ଅଗ୍ରଣୀ ଭାରତୀୟ ଟାୟାର ନିର୍ମାତା ସିଏଟ ପକ୍ଷରୁ ପ୍ରଥମ ଥର ପାଇଁ ଖଣି ଓ କଠିନ ରାସ୍ତା ଲାଗି ପ୍ରସ୍ତୁତ କରାଯାଇଥିବା ରାଡିଆଲ ଟାୟାର ସିଏଟ ରକରାଡକୁ ଉନ୍ମୋଚନ କରାଯାଇଛି। ଏଥି ସହିତ ସିଏଟ ପକ୍ଷରୁ ଟ୍ରକ ଓ ବସ ରାଡିଆଲ କ୍ଷେତ୍ରରେ ଏହାର ପ୍ରଯୁକ୍ତି ବିଶ୍ୱସନୀୟତାକୁ ସୁଦୃଢ଼ କରାଯାଇଛି ଏବଂ କଷ୍ଟକର ରାସ୍ତାକୁ ସହଜରେ ଅତିକ୍ରମ କରୁଥିବା ଏକ ଟାୟାର ଜରିଆରେ ଏକ ଉଚ୍ଚ ଚାହିଦା କ୍ଷେତ୍ରରେ ପ୍ରବେଶ କରିଛି। ଓଡ଼ିଶାର ବଡ଼ବିଲରେ ଥିବା ଆହ୍ୱାନପୂର୍ଣ୍ଣ ଖଣି ରାସ୍ତାଠାରୁ ଆରମ୍ଭ କରି ଇଣ୍ଡୋନେସିଆର କଠିନ ସଡ଼କରେ ରକରାଡକୁ ବ୍ୟାପକ ଭାବେ ପରୀକ୍ଷା କରାଯାଇଛି। ଉନ୍ନତ ଦୀର୍ଘସ୍ଥାୟିତ୍ୱ, ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଏବଂ ଅଧିକ ମାଇଲେଜ ପ୍ରଦାନ କରିବା ପାଇଁ ଏହି ଟାୟାର ପ୍ରସ୍ତୁତ କରାଯାଇଛି ଯାହା ଖଣି ଭଳି ଏକ ପ୍ରତିକୂଳ ପରିବେଶରେ ଲୋଡ ସମ୍ଭାଳିବା କାର୍ଯ୍ୟ ପାଇଁ ଏହାକୁ ଉପଯୁକ୍ତ ଉତ୍ପାଦରେ ପରିଣତ କରିଛି। ଖଣି କ୍ଷେତ୍ରରେ ରାଡିଆଲ ଟାୟାର ଉପଯୋଗ ବଢ଼ାଇବା ଦିଗରେ ରକରାଡର ଉନ୍ମୋଚନ ମଧ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ପାରମ୍ପରିକ ଭାବେ ବାୟାର ଟାୟାରରେ ପରିଚାଳିତ ହେଉଛି। ରକରାଡ ପଛରେ ଥିବା ପ୍ରମୁଖ ନବସୃଜନ ହେଉଛି ଏହାର ଏସ-ଟାଇପ ଟ୍ରେଡ ପାଟର୍ଣ୍ଣ ଯାହା ଉନ୍ନତ ଗ୍ରିପ ଓ ଖରାପ ରାସ୍ତାରେ ଚାପକୁ ସମା'ରାଳ ଭାବେ ବଂଟନ ଭଳି ସୁବିଧା ପ୍ରଦାନ କରିବ। ଏହାର ସାଇଡୱାଲ କଟିବାରୁ ସୁରକ୍ଷା ପ୍ରଦାନ କରିବା ସହ ନମନୀୟତାକୁ ବଜାୟ ରଖିବ। ଆଭ୍ୟନ୍ତରୀଣ ପରୀକ୍ଷଣରୁ ଜଣାପଡ଼ିଛି ଯେ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ରକରାଡ ୭ ପ୍ରତିଶତ ଉତମ ବିଡ ଦୀର୍ଘସ୍ଥାୟିତ୍ୱ ପ୍ରଦାନ କରିବ। ଏହି ଟାୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧.୦୦ଆର୨୦ ଆକାରରେ ଉପଲବ୍ଧ ହେବ। ଏହାକୁ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ଗୁଜରାଟ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ଖଣି ଥିବା ରାଜ୍ୟଗୁଡ଼ିକରେ ବିକ୍ରି କରାଯିବ। ରକରାଡର ଲମ୍ବା ଜୀବନ ଉପକରଣ ବର୍ଜ୍ୟ ହ୍ରାସ କରିବ ଏବଂ ବାଣିଜ୍ୟିକ କ୍ଷେତ୍ରରେ ସ୍ଥାୟୀ ଗମନାଗମନକୁ ଆଗକୁ ବଢ଼ାଇବାରେ ସିଏଟର ପ୍ରତିବଦ୍ଧତାକୁ ସମର୍ଥନ କରିବ। ଏହି ଉନ୍ମୋଚନ ସିଏଟର ଟ୍ରକ ଓ ବସ ରାଡିଆଲ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି ଏବଂ ଖଣି ଓ ଭାରି ନିର୍ମାଣ ଭଳି ସ୍ୱତନ୍ତ୍ର କ୍ଷେତ୍ରର ଆବଶ୍ୟକତା ପୂରଣ କରିବାରେ କମ୍ପାନି ଗ୍ରାହକ ପ୍ରଥମ ମାନସିକତାକୁ ମଧ ପ୍ରଦର୍ଶିତ କରିଛି।

# ଏସିଏମ୍ଇ ଗ୍ରୁପକୁ ଲେଟର ଅଫ୍ ଆୱାର୍ଡ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ କ୍ଲିନ ସଲ୍ୟୁଶନ୍ସ ବିଜ୍ନେସ୍ ଗ୍ରୁପ 'ଏସିଏମଇ ଗ୍ରୁପ', ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଏସଇସିଆଇ) ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରୀନ ଆମୋନିଆ ଉତ୍ପାଦନ ପ୍ରକଳ୍ପ ପାଇଁ ଲେଟର ଅଫ୍ ଆୱାର୍ଡ (ଏଲ୍ଓଏ) ହାସଲ କରିଛି। ଷ୍ଟ୍ରାଟେଜିକ ଇଂଟରଭେନ୍ଶନ ଫର୍ ଗ୍ରୀନ ହାଇଡ୍ରୋଜେନ ଟ୍ରିସନ (ଏସଆଇଜିଏଚଟି/ସାଇଟ) ସ୍କିମ ମୋଡ-୨ଏ, ଟ୍ରାଚ-ଆଇ ଅଧିନରେ ଏହି ଆୱାର୍ଡ ଗ୍ରହଣ କରିଛି। ଏହି ଏଲ୍ଓଏ ଅଧିନରେ ଏସିଏମଇ ଗ୍ରୁପ ଦ୍ୱାରା ଭାରତର ଅନ୍ୟତମ ସର୍ବବୃହତ କେମିକାଲ ଓ ଫର୍ଟିଲାଇଜର କମ୍ପାନୀ ପାରାଦୀପ ଫସ୍ଫେଟ୍ସ ଲିମିଟେଡକୁ ଓଡିଶାସ୍ଥିତ ଏହାର ପାରାଦୀପସ୍ଥିତ କାରଖାନା ପାଇଁ ୧୦ ବର୍ଷ ଅବଧି ଲାଗି ୭୫୦୦୦ ମେଟ୍ରିକ ଟନର ଗ୍ରୀନ ଆମୋନିଆ ଯୋଗାଣ କରିବ। ଏସିଏମଇ ଗ୍ରୁପ ଏହାର ସହାୟକ ସଂସ୍ଥା ଏସିଏମଇ କ୍ଲିନଟେକ ସଲ୍ୟୁଶନ୍ସ ମାଧ୍ୟମରେ ଗତ ଜୁଲାଇ ୨୯ ତାରିଖ ୨୦୨୫ରେ ଆୟୋଜିତ ରିଭର୍ସ ଅକ୍ସନରେ ଅଂଶଗ୍ରହଣ କରିଥିଲା। ଏହି ଏଲଓଏ ଏକ ପ୍ରତିଯୋଗିତାମୂଳକ ମୂଲ୍ୟ-ଆଧାରିତ ନିଲାମ ପ୍ରକ୍ରିୟା ମାଧ୍ୟମରେ ଏସିଏମଇ ଗ୍ରୁପର ଚୟନକୁ ନିଶ୍ଚିତ କରିଛି। ଡେଲିଭରି ପଏଂଟରେ ଗ୍ରୀନ ଆମୋନିଆ ଯୋଗାଣ ପାଇଁ ସହମତି ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୫୫.୭୫ ଟଙ୍କା ରହିଛି। ଏ ସମ୍ପର୍କରେ ଏସିଏମଇ ଗ୍ରୁପର ଗ୍ରୀନ ହାଇଡ୍ରୋଜେନ ଆଣ୍ଡ ଆମୋନିଆ ଏସବିୟୁର ମୁଖ୍ୟ ପରିଚାଳନା ଅଧିକାରୀ ଅନିଲ କୁମାର ତାପରିଆ କହିଛନ୍ତି, 'ସାଇଟ ସ୍କିମ ଅଧିନରେ ଏସଇସିଆଇଠାରୁ ମିଳିଥିବା ଏହି ସମ୍ମାନିତ ଲେଟର ଅଫ ଆୱାର୍ଡ ଭାରତର ଶକ୍ତି ରୂପାନ୍ତରଣକୁ ସକ୍ଷମ କରିବା ଦିଗରେ ଆମର ଯାତ୍ରା କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ପ୍ରକଳ୍ପ ଆମର ଉଦ୍ଭାବନ, ସ୍ଥିରତା ଓ ସ୍ଥାୟିତ୍ୱ ପ୍ରତି ଏକ ପ୍ରମାଣ ଅଟେ ଏବଂ ଆମେ ଜାତୀୟ ଗ୍ରୀନ ହାଇଡ୍ରୋଜେନ ମିଶନକୁ ସହଯୋଗ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

# ୧୨ହଜାର ନିଯୁକ୍ତି ଦେବ ପୋଦାର ପ୍ଲମ୍ବିଂ

ନୂଆଦିଲ୍ଲୀ: ଅଗ୍ରଣୀ ସିପିଭିସି ଓ ପିଭିସି ପାଇପ ନିର୍ମାତା ପୋଦାର ପ୍ଲମ୍ବିଂ ସିଷ୍ଟମ ପ୍ରାଇଭେଟ ଲିମିଟେଡ କର୍ଣ୍ଣାଟକରେ ନିବେଶକୁ ୪୯୨ କୋଟି ଟଙ୍କାରୁ ୭୫୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାର ଲକ୍ଷ୍ୟ ହେଉଛି ୧୨୦୦୦ ନିଯୁକ୍ତି ସୃଷ୍ଟି କରିବା। କୋଲାରର ଭେମାଗଲ ଶିଳ୍ପାଂଚଳ (ଫେଜ-୨)ରେ ୩୩ ଏକର ଜମିରେ କମ୍ପାନି ଏକ କାରଖାନା ସ୍ଥାପନ କରିବାକୁ ଯୋଜନା ରଖିଛି। ସେଥିରୁ ୨୦୨୬ ଅଗଷ୍ଟରୁ ଉତ୍ପାଦନ ଆରମ୍ଭ କରିବା ଆଶା କରାଯାଉଛି। କମ୍ପାନି ବିଜୟପୁରାରେ ଏକ ଦ୍ୱିତୀୟ ୟୁନିଟ୍ ସ୍ଥାପନ କରିବାକୁ ମଧ ଯୋଜନା ରଖିଛି। ଖଣିଜ ଭବନରେ କର୍ଣ୍ଣାଟକ ଏମଏସଏମଇ ମନ୍ତ୍ରୀ ଏମ ବି ପାଟିଲଙ୍କ ସହ ସାକ୍ଷାତ ଆଲୋଚନା ବେଳେ ପୋଦାର ପ୍ଲମ୍ବିଂର ପରିଚାଳନା ନିର୍ଦ୍ଦେଶକ ଦୀପକ ପୋଦାର ଓ ନିର୍ଦ୍ଦେଶକ ବରୁଣ ପୋଦାର ଏହି ଘୋଷଣା କରିଛନ୍ତି। ମନ୍ତ୍ରୀ ଶ୍ରୀ ପାଟିଲଙ୍କ ଅନୁସାରେ ପୋଦାର ପ୍ଲମ୍ବିଂ ସିଷ୍ଟମକୁ ଭେମଗଲ ଶିଳ୍ପାଂଚଳ ଫେଜ-୨ରେ ୩୩ ଏକର ଜମି ଆବଂଟନ କରାଯାଇଛି। କମ୍ପାନି ଏହାର କାରଖାନାକୁ ୨୦୨୬ ଅଗଷ୍ଟ ସୁଦ୍ଧା କାର୍ଯ୍ୟକ୍ଷମ କରିବା ଉପରେ କାମ କରୁଛି। ଏହି ବୈଠକ ପରେ ମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପ ଦ୍ୱାରା ୩୦୦୦ ପ୍ରତ୍ୟକ୍ଷ ଏବଂ ୯୦୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଏ ସମ୍ପର୍କରେ ପୋଦାର ପ୍ଲମ୍ବିଂ ସିଷ୍ଟମ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ଦୀପକ ପୋଦାର କହିଛନ୍ତି ଯେ, 'ପୋଦାର ପ୍ଲମ୍ବିଂରେ ଆମେ ଶିଳ୍ପାୟନକୁ ବଢ଼ାଇବା ସହିତ କର୍ଣ୍ଣାଟକରେ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ ଅଛୁ। ଆମର ନୂଆ ନିବେଶ ଭାରତକୁ ଅତ୍ୟାଧୁନିକ ପାଇପ ସମାଧାନରେ ଆତ୍ମନିର୍ଭର କରିବାର ଆମର ଦୀର୍ଘକାଳୀନ ଲକ୍ଷ୍ୟକୁ ଦୋହରାଉଛି। ଭେମଗଲରେ ଏହି ନୂଆ କାରଖାନା ଏବଂ ବିଜୟପୁରାରେ ପ୍ରସ୍ତାବିତ ୟୁନିଟ ସହିତ ଆମେ ବିଶ୍ୱସ୍ତରୀୟ ଉତ୍ପାଦ ନିର୍ମାଣ କରିବା, ସ୍ଥାନୀୟ ପ୍ରତିଭାଙ୍କୁ ଦୃଢ଼ କରିବା ଏବଂ ଏହି ଅଂଚଳର ଅର୍ଥନୈତିକ ବିକାଶ ପ୍ରତି ଉଲ୍ଲେଖନୀୟ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।' ଆଶୀର୍ବାଦ ପାଇପସର ପ୍ରତିଷ୍ଠାତାଙ୍କ ଦ୍ୱାରା ଏହି କମ୍ପାନି ୧୦ ବର୍ଷରେ ୧୫,୦୦୦ କୋଟି ଟଙ୍କାର ବାର୍ଷିକ କାରବାର ହାସଲ କରିବାକୁ ଆଶା ରଖିଛି। ଏହି ପ୍ରକଳ୍ପ ସମାନ ସମୟରେ ସରକାରଙ୍କ ପାଇଁ ୩୦୦୦ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି କରିବ। ଭେମଗଲରେ ନିର୍ମାଣ ଓ ମେସିନ ସ୍ଥାପନ କାମ ଆରମ୍ଭ ହୋଇଗଲାଣି।

## ନିୟୁ ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ଫେଲୋସିପ ପାଇଁ ଆବେଦନ ଆରମ୍ଭ

ନୂଆଦିଲ୍ଲୀ: ଦି ନିୟୁ ଇଣ୍ଡିଆ ଫାଉଣ୍ଡେସନ (ଏନଆଇଏଫ) ପକ୍ଷରୁ ୨୦୨୫ ସେସନ ପାଇଁ ଏହାର ତୃତୀୟ ପର୍ଯ୍ୟାୟ ଏନଆଇଏଫ ଟ୍ରାନ୍ସଲେସନ ଫେଲୋସିପ ପାଇଁ ଆବେଦନ ଆରମ୍ଭ କରାଯାଇଛି। ଏହି ଆବେଦନ ଅଗଷ୍ଟ ୦୧, ୨୦୨୫ରୁ ଆରମ୍ଭ ହୋଇ ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ। ଏନଆଇଏଫ ଟ୍ରାନ୍ସଲେସନ ଫେଲୋସିପ୍ ଭାରତ ଏବଂ ବିଶ୍ୱର ଅଧିକ ପାଠକଙ୍କ ନୀକଟରେ ଭାରତର ସମୃଦ୍ଧ ଭାଷାଗୁଡ଼ିକୁ ପହଂଚାଇବାରେ ସାହାଯ୍ୟ କରୁଛି । ଏହି ପଦକ୍ଷେପ ସମ୍ପର୍କରେ ମତ ବ୍ୟକ୍ତ କରି ଶ୍ରୀନାଥ ରାଘବନ, ଟ୍ରଷ୍ଟି ନିୟୁ ଇଣ୍ଡିଆ ଫାଉଣ୍ଡେସନ କହିଛନ୍ତି, 'ଭାରତର ସମୃଦ୍ଧ ଇତିହାସ କେବଳ ସ୍ମାରକୀ କିମ୍ବା ସଂଗ୍ରାହଳୟରେ ସମାହିତ ହୋଇ ରହିନାହିଁ, ଏହା ପୁସ୍ତକର ପୃଷ୍ଠାରେ ଡ଼ଜନ ଭାରତୀୟ ଭାଷାର ଲେଖାରେ ଜୀବନ୍ତ ହୋଇ ରହିଛି। ପାଠ୍ୟ ଚୟନ, ଅନୁବାଦର ଗୁଣବତା ଏବଂ ସାମଗ୍ରିକ ପ୍ରକଳ୍ପ ପ୍ରସ୍ତାବ ଉପରେ ଆଧାର କରି ଫେଲୋସିପ୍ ପ୍ରଦାନ କରାଯିବ। ମନୋନୀତ ଲେଖାଗୁଡ଼ିକ ୧୮୫୦ ପରେ ପ୍ରକାଶିତ ଅଣ-କାଳ୍ପନିକ କୃତି ହେବା ଉଚିତ, ଯାହା ଭାରତର ସାମାଜିକ, ସାଂସ୍କୃତିକ କିମ୍ବା ଅର୍ଥନୈତିକ ଦୃଶ୍ୟପଟ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ନିକଟରେ, ଏନଆଇଏଫ ରାଉଣ୍ଡ ୧୨ରେ ରହିଥିବା ଏହାର ସର୍ଟଲିଷ୍ଟ ବୁକ୍ ଫେଲୋସିପର ଘୋଷଣା କରିଛି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବିଶିଷ୍ଟ ଲେଖକମାନଙ୍କର ଏକ ଏକତ୍ରିତ ସଙ୍ଗ ଯେଉଁଥିରେ ରହିଛନ୍ତି ଉର୍ବଶୀ ବୁଟାଲିଆ, ଅନୀମା ପୋକ୍ସନ୍ନୀଲ, ଅମନଦୀପ ସାନ୍ଧୁ, ବଖତର କେ.ଦାଦାଭୟ ଏବଂ ଅମ୍ରିତା ଶର୍ମା।

# ୪ଏକ୍ସ ପ୍ରିମିୟମ୍ ପରଫ୍ୟୁମ୍ ସ୍ପ୍ରେର ଶୁଭାରମ୍ଭ




ନୂଆଦିଲ୍ଲୀ: ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ଅଗ୍ରଣୀ ପରଫ୍ୟୁମ୍ ଓ ଡିଓ ବ୍ରାଣ୍ଡ୍ ପାର୍କ ଆଭେନ୍ୟୁ ଫ୍ରାଗ୍ରାନ୍ସେସ୍ ପକ୍ଷରୁ ସୁଲଭ ମୂଲ୍ୟରେ ପ୍ରିମିୟମ୍ ସୁଗନ୍ଧ ପ୍ରଦାନ କରି ପୁରୁଷ ଡିଓଡ୍ରାଂଟ୍ ବର୍ଗରେ ଏହାର ସ୍ଥିତି ସୁଦୃଢ଼ କରିଛି। ବଜାରରେ ନିର୍ଦ୍ଦିଷ୍ଟ ପ୍ରକାରର ଓ ଅନୁଭୂତି ଆଧାରିତ ଡିଓର ବ୍ୟବହାର ବଢୁଥିବା ବେଳେ ପାର୍କ ଆଭେନ୍ୟୁ ପକ୍ଷରୁ ଆମାଜନ ଉଡ୍ ନାମକ ଏକ ୪ଏକ୍ସ ପ୍ରିମିୟମ୍ ପରଫ୍ୟୁମ୍ ସ୍ପ୍ରେର ଶୁଭାରମ୍ଭ ସହିତ ଏହାର ଡିଓଡ୍ରାଂଟ୍ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଦଶନ୍ଧି ଦଶନ୍ଧି ଧରି ଅର୍ଜନ କରିଥିବା ବିଶ୍ୱାସ ଓ ପ୍ରାସଙ୍ଗିକତା ଜରିଆରେ ପାର୍କ ଆଭେନ୍ୟୁ ଫ୍ରାଗ୍ରାନ୍ସେସ୍ ଭାରତର ୨୮୦୦ କୋଟି ଟଙ୍କାର ଡିଓଡ୍ରାଂଟ୍ ବଜାରରେ ଦୃଢ଼ ଉପସ୍ଥିତି ଜାହିର କରିଛି। ପୁରୁଷମାନଙ୍କ ଲାଗି ଉଚ୍ଚ ପ୍ରଦର୍ଶନକାରୀ ଗ୍ରୁମିଂ ଉତ୍ପାଦ ବିକାଶ କରିବାର ପରମ୍ପରା ରଖିଥିବା ଏହି ବ୍ରାଣ୍ଡ୍ ଏବେ ଆଜିର ବିଶ୍ୱାସ ଓ ଷ୍ଟାଇଲ୍ ସଚେତନ ଗ୍ରାହକମାନଙ୍କ ପାଇଁ ନୂଆ ଫର୍ମାଟ୍ ଅନୁଭୂତି ଜରିଆରେ ଏହା ବର୍ଗ ଆକାଂକ୍ଷାକୁ ବଢ଼ାଉଛି। ଏହି ସୁଗନ୍ଧରେ ରହିଛି ଲେମାନ, ମାଣ୍ଡାରିନ୍, ବର୍ଗାମଟ, ଟି', ଓରିସ୍, ଜାଇଫଟ୍ମେଗ୍, ସିନେମନ୍, ସାଣ୍ଡାଲଉଡ୍, ପାଚୌଲି, ଭେଟିଭର, ଆମ୍ବରଗ୍ରିସ୍ ଓ ମସ୍କର ସୁଗନ୍ଧ ରହିଛି, ଯାହା ଏହାକୁ ପୁରୁଷମାନଙ୍କ ଗୁରୁତ୍ୱପୂର୍ଣ୍ଣ ଗ୍ରୁମିଂ ଉତ୍ପାଦରେ ପରିଣତ କରିଛି। ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ମାର୍କେଟିଂ ମୁଖ୍ୟ (ପର୍ସନାଲ୍ କେୟାର) ନୀରଜ ସେନଗୁପ୍ତଭମ କହିଛନ୍ତି ଯେ, 'ସୁଗନ୍ଧ ବର୍ଗରେ ଗ୍ରାହକମାନେ ଏଭଳି ସୁଗନ୍ଧ ଚାହୁଁଛନ୍ତି ଯାହା ଦୀର୍ଘ ସମୟ ବଜାୟ ରହିବ। ସେହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଧାରରେ ପାର୍କ ଆଭେନ୍ୟୁର ନୂଆ ବର୍ଗମାଳା ଆମାଜନ ଉଡ୍ସକୁ ଉନ୍ମୋଚନ କରି ଆମେ ରୋମାଂଚିତ । ଦୀର୍ଘସ୍ଥାୟୀ ସୁଗନ୍ଧ ପାଇଁ ଏହା ପରିଚିତ ଏବଂ ତାହାର ମୂଲ୍ୟ ବେଶ୍ ସୁଲଭ ରହିଛି। ପାର୍କ ଆଭେନ୍ୟୁର ସମ୍ପ୍ରସାରଣ ରଣନୀତି ଜେନେରାଲ୍ ଟ୍ରେଡ୍ ଚ୍ୟାନେଲ୍ ଉପରେ ଗୁରୁତ୍ୱ ଦେବ ଯେଉଁଠାରେ ସୁଲଭ ମୂଲ୍ୟରେ ଉଚ୍ଚ ପ୍ରଦର୍ଶନକାରୀ ସୁଗନ୍ଧର ଚାହିଦା ଦ୍ରୁତ ଗତିରେ ବଢୁଛି। ଡିଜିଟାଲ୍ ଆଉଟ୍ରିଚ୍ ଓ ଖୁଚୁରା କାର୍ଯ୍ୟକ୍ରମ ଜରିଆରେ ମଧ୍ୟ କମ୍ପାନି ଏହାର ଯୋଗାଯୋଗ ବଢ଼ାଇ ଯୁବ ଓ ଆକାଂକ୍ଷୀ ଗ୍ରାହକଙ୍କ ନିକଟରେ ପହଂଚିବାକୁ ଚାହୁଁଛି। ଗୋଦରେଜ୍ କ୍ରିଏଟିଭ୍ ଲ୍ୟାବ୍ ପକ୍ଷରୁ ପାର୍କ ଆଭେନ୍ୟୁ ଆମାଜନ ଉଡ୍ସର ଟିଭି ବିଜ୍ଞାପନ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଅଭିନେତା ଇଶାନ ଖଟରଙ୍କୁ କର୍ପୋରେଟ୍ ପରିବେଶରେ ଦେଖିବାକୁ ମିଳିବ। ଏଥିରେ ନିଜ ବସ୍ ଓ ବରିଷ୍ଠ ଅଧିକାରୀଙ୍କ ପାଖରେ ସେ ଆମାଜନ ଉଡ୍ସ ୪ଏକ୍ସ ପ୍ରିମିୟମ୍ ପରଫ୍ୟୁମ୍ ସ୍ପ୍ରେ ବ୍ୟବହାରି ଚାରି ଗୁଣା ଅଧିକ ପ୍ରଶଂସା ପାଉଛନ୍ତି। ଏହି ସିନେମା ଦେଖାଉଛି ଯେ କିଭଳି ସୁଗନ୍ଧ ବିଶ୍ୱାସକୁ ବଢ଼ାଉଥିବା ବେଳେ ଚାପକୁ ପ୍ରଦର୍ଶନରେ ପରିଣତ କରୁଛି।

# ଆର୍ଏସ୍ପିର ପ୍ରମୁଖ ୟୁନିଟ୍ରେ ଉତ୍କୃଷ୍ଟ ପ୍ରଦର୍ଶନ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଆର୍ଥିକ ବର୍ଷର ଅପ୍ରେଲ-ଜୁଲାଇ ଅବଧିରେ ପ୍ରମୁଖ ୟୁନିଟ୍ଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫) 'ଦୁର୍ଗା' ଅପ୍ରେଲ-ଜୁଲାଇ ଅବଧିରେ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ରେକର୍ଡ କରି ୧୦,୩୭,୮୪୪ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରିଛି ଏବଂ ୨୦୨୩ ମସିହାରେ ଅନୁରୂପ ଅବଧି ମଧ୍ୟରେ ହାସଲ କରିଥିବା ୯,୬୭,୦୯୭ ଟନ୍ ପୂର୍ବ ଶ୍ରେଷ୍ଠ ରେକର୍ଡକୁ ଅତିକ୍ରମ କରିଛି। ସେହିପରି, ବ୍ଲାଷ୍ଟ ଫର୍ଣ୍ଣେସ୍-୧ (ବିଏଫ-୧) 'ପାର୍ବତୀ' ୩,୬୧,୭୭୪ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ପୂର୍ବକ ଏହାର ସର୍ବୋଚ୍ଚ ଅପ୍ରେଲ-ଜୁଲାଇ ଉତ୍ପାଦନ ହାସଲ କରିଛି ଏବଂ ୨୦୨୧ ରେ ହାସଲ ହୋଇଥିବା ୩,୧୬,୧୯୯ ଟନ୍ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଉଲ୍ଲେଖନୀୟ ଯେ, ବିଏଫ-୧ ମଧ ୯୪,୦୧୫ ଟନ୍ ଉତ୍ତପ୍ତ ଧାତୁ ଟ୍ୟାପ୍ କରି ଏହାର ସର୍ବଶ୍ରେଷ୍ଠ ଜୁଲାଇ ମାସ ପ୍ରଦର୍ଶନ ପଞ୍ଜିକୃତ କରିଛି। ଷ୍ଟିଲ୍ ମେଲ୍ଟିଂ ସପ୍-୨ ର କାଷ୍ଟର-୩ ମଧ ଉଲ୍ଲେଖନୀୟ ପ୍ରଦର୍ଶନ ସହକାରେ ୫,୨୫,୨୧୩ ଟନ୍ ସ୍ଲାବ୍ ତିଆରି କରି ଏ ପର୍ଯ୍ୟନ୍ତର ଏହାର ସର୍ବଶ୍ରେଷ୍ଠ ଅପ୍ରେଲ-ଜୁଲାଇ ପ୍ରଦର୍ଶନ ପଞ୍ଜିକୃତ କରିଛି। ଡାଉନଷ୍ଟ୍ରିମରେ, ହଟ୍ ଷ୍ଟ୍ରିପ୍ ମିଲ୍-୨ ସର୍ବକାଳୀନ ଶ୍ରେଷ୍ଠ ୮,୫୯,୧୯୨ ଟନ୍ ସ୍ଲାବ୍ ରୋଲ୍ କରି ୮,୩୯,୦୨୩ ଟନ୍ ଏଚଆର କଏଲ୍ ଉତ୍ପାଦନ କରିଛି ଯାହା ଅପ୍ରେଲ-ଜୁଲାଇରେ ବିଭାଗର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ରହିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଆଇଜଲ ଏଫସିକୁ ୨୦୧୭ରେ ଆଇ-ଲିଗ୍ ବିଜେତା କରାଇ ପ୍ରସିଦ୍ଧ ଲାଭ କରିଥିବା ଖଲିଦ ଜାମିଲଙ୍କୁ ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ଏହି ପଦରେ ୧୩ ବର୍ଷ ପରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। କିଂବଦନ୍ତି ଷ୍ଟ୍ରାଇକର ଆଇଏମ୍ ବିଜୟନଙ୍କ ନେତୃତ୍ୱରେ ଗଠିତ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ବୈଷୟିକ କମିଟି ଜାମିଲଙ୍କ ସହ ଭାରତର ପୂର୍ବତନ ମୁଖ୍ୟପ୍ରଶିକ୍ଷକ ଷ୍ଟିଫେନ କନ୍‌ଷ୍ଟାଣ୍ଟାଇନ ଏବଂ ପୂର୍ବତନ ସ୍ଲୋଭାକିଆ ପ୍ରବନ୍ଧକ ଷ୍ଟିଭାନ୍ ତାରକୋଭିକଙ୍କ ନାଁ ପରିଚାଳନା କମିଟିକୁ ଚୂଡ଼ାନ୍ତ ଲାଗି ପଠାଇଥିଲା। ଶେଷରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସଂପ୍ରତି ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫସି ଦାୟିତ୍ୱରେ ଥିବା ୪୮ ବର୍ଷୀୟ ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପଦ ଅଳଂକୃତ କରିଛନ୍ତି। ଯାହାଫଳରେ ଭାରତୀୟ ଫୁଟବଲର ପ୍ରଦର୍ଶନୀ ଉଚ୍ଚମାନର ହେବ ବୋଲି ଆଶା କରାଯାଉଛି। ଶେଷ ଥର ଲାଗି ୨୦୧୧ରୁ ୨୦୧୨ ପର୍ଯ୍ୟନ୍ତ ଭାରତୀୟ ପ୍ରଶିକ୍ଷକ ଭାବେ ସାଭିଓ ମେଦେଇରା ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିଲେ। ଏହାପରଠୁ ଭାରତୀୟ ଫୁଟ୍‌ବଲ୍‌ରେ ବଡ଼ ପରିବର୍ତ୍ତନ ଆଶାରେ ଏଆଇଏଫ୍‌ଏଫ୍ ବିଦେଶୀ ପ୍ରଶିକ୍ଷକ ନିଯୁକ୍ତି କରୁଥିଲା। ତଥାପି ପ୍ରଦର୍ଶନରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନଥିଲା। ଏଥିଲାଗି ପୂର୍ବତନ ଫୁଟ୍‌ବଲରମାନେ ଏଆଇଏଫ୍‌ଏଫ୍‌କୁ ସମାଲୋଚନା କରିଥିଲେ।

### ରୋମାଞ୍ଚ ମୋଡ଼ରେ ଓଭାଲ ଟେଷ୍ଟ

## ଇଂଲଣ୍ଡ ୩୩୯/୬



ଲଣ୍ଡନ: ବର୍ଷା କାରଣରୁ ରୋମାଞ୍ଚକର ମୋଡ଼ରେ ପହଞ୍ଚି ଯାଇଛି ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଉଥିବା ଓଭାଲ ଟେଷ୍ଟ। ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୬ ଓ୍ୱିକେଟ୍ ହରାଇ ୩୩୯ ରନ କରିଛି। ତୃତୀୟ ସେସନରେ ବର୍ଷା ହେବା କାରଣରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଅମ୍ପାୟର ଖେଳ ସମାପ୍ତି ଘୋଷଣା କରିଛନ୍ତି। ପଞ୍ଚମ ଦିନରେ ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ ଦରକାର ଥିବା ବେଳେ ଭାରତକୁ ଦରକାର ୪ ଓ୍ୱିକେଟ୍। ଯଦି କ୍ରିସ ଓ୍ୱକ୍ସ ବ୍ୟାଟିଂ କରି ନ ପାରନ୍ତି ତେବେ ୩ଟି ଓ୍ୱିକେଟ୍ ନେଲେ ଭାରତ ମ୍ୟାଚ୍ ଜିତିବ। ପଞ୍ଚମ ଦିନର ପ୍ରଥମ ସେସନରେ ହିଁ ମ୍ୟାଚ୍‌ର ଫଳାଫଳ ଆସିବ। ଇଂଲଣ୍ଡ ପକ୍ଷରୁ କ୍ରିଜରେ ଅଛନ୍ତି ଜେମି ସ୍ମିଥ (୨ ରନ) ଓ ଜେମି ଓଭରଟନ। ୩୭୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଇଂଲଣ୍ଡକୁ ତୃତୀୟ ଦିନର ଖେଳ ଶେଷ ଆଡ଼କୁ ଜ୍ୟାକ କ୍ରାଉଲି (୧୪ ରନ)ଙ୍କ ରୂପେ ପ୍ରଥମ ଝଟକା ଲାଗିଥିଲା। ଏହା ପରେ ଚତୁର୍ଥ ଦିନର ପ୍ରଥମ ସେସନରେ ବେନ ଡକେଟ୍ ଆଉଟ୍ ହୋଇଥିଲେ। ସେ ୫୪ ରନର କରି ପାଭିଲିୟନ ଫେରିଥିଲେ। ଅଧିନାୟକ ଓଲି ପୋପ ୨୭ ରନ କରି ପାଭିଲିୟନ ଫେରିଥଲେ। ୧୦୬ ରନରେ ୩ ଓ୍ୱିକେଟ୍ ହରାଇ ବ୍ୟାକଫୁଟ୍‌ରେ ରହିଥିଲା। ହେଲେ ଜୋ ରୁଟ୍ ଓ ହ୍ୟାରି ବ୍ରୁକ ପାଲଟା ଆକ୍ରମଣ କରିଥିଲେ। ଦୁହେଁ ଦିନିକିଆ ଶୈଳୀରେ ବ୍ୟାଟିଂ କରି ଭାରତକୁ ବ୍ୟାକଫୁଟ୍‌ରେ ରଖିଥିଲେ। ବିଶେଷ କରି ବ୍ରୁକ ଧୂଆଁଧାର ବ୍ୟାଟିଂ କରି ମ୍ୟାଚ୍‌କୁ ଇଂଲଣ୍ଡ କବଜାକୁ ଆଣିଥିଲେ। ରୁଟ୍ ଓ ବ୍ରୁକ ଚତୁର୍ଥ ଓ୍ୱିକେଟ୍ ପାଇଁ ୧୯୫ ରନ ଯୋଡ଼ି ଦଳର ସ୍କୋରକୁ ୩୦୧ ରନରେ ପହଞ୍ଚାଇଥିଲେ। ଭାରତୀୟ ବୋଲରଙ୍କୁ ନାକେଦମ କରାଇଥିବା ବ୍ରୁକଙ୍କୁ ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ ଆକାଶ ଦୀପ। ଏହି ଯୋଡ଼ି ଭାଙ୍ଗିବା ପରେ ଭାରତ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଜ୍ୟାକବ ବେଥେଲ(୫) ପ୍ରସିଦ୍ଧଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇଥିଲେ। ତେବେ ସବୁଠୁ ବଡ଼ ସଫଳତା ଭାରତକୁ ଦେଇଥିଲେ ପ୍ରସିଦ୍ଧ କୃଷ୍ଣା। ଜୋ ରୁଟ୍ ୧୦୫ ରନରେ ଆଉଟ୍ ହେବାରୁ ମ୍ୟାଚ୍ ରୋମାଞ୍ଚକର ମୋଡ଼ ନେଇଥିଲା। ପ୍ରତିଟି ରନ ପାଇଁ ଦୁଇ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଛି। ତେବେ ୩୩୯/୬ ସ୍କୋରରେ ବର୍ଷା ହେବାରୁ ଅମ୍ପାୟର ଚତୁର୍ଥ ଦିନର ଖେଳ ସମାପ୍ତି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୨୨୪ ରନ କରିଥିଲା। ଜବାବରେ ଇଂଲଣ୍ଡ ୨୪୭ ରନ କରି ୨୩ ରନ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଭାରତ ଜୟସ୍ୱାଲଙ୍କ ୧୧୮ ରନ ସହ ଆକାଶ ଦୀପଙ୍କ ୬୬ ରନ, ଜାଡ଼େଜାଙ୍କ ୫୩ ରନ ଓ ଓ୍ୱାଶିଂଟନ ସୁନ୍ଦରଙ୍କ ୫୩ ରନ ବଳରେ ଦ୍ୱିତୀୟ ଇନିଂସରେ ୩୯୬ ରନ କରିଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ରହିଛି ୩୭୪ ରନର ବିଜୟ ଲକ୍ଷ୍ୟ।

### ପାକିସ୍ତାନ ବୋର୍ଡର ନିଷ୍ପତ୍ତି

## ଆଉ ଖେଳିବନି ଡବ୍ଲ୍ୟୁସିଏଲ୍

ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ ବୋର୍ଡ ବିଶ୍ୱ ଚାମ୍ପିୟନଶିପ ଅଫ ଲିଜେଣ୍ଡସ (ଡବ୍ଲ୍ୟୁସିଏଲ)ରେ ଆଗକୁ ଆଉ ନ ଖେଳିବା ପାଇଁ ନିଷ୍ପତି ନେଇଛି। ଡବ୍ଲ୍ୟୁସିଏଲରେ ପାକିସ୍ତାନ ସହ ସେମିଫାଇନାଲ ଖେଳିବା ପାଇଁ ଭାରତ ମନା କରି ଦେଇଥିଲା। ଯାହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରୁପ ପର୍ଯ୍ୟାୟରେ ମଧ୍ୟ ଭାରତ ଖେଳିବା ପାଇଁ ରାଜି ହୋଇ ନ ଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ ଭାରତକୁ ଫଂଏଟ ଦିଆଯିବାକୁ ପକ୍ଷପାତିତା ବୋଲି କହିଛି। ଆତଙ୍କବାଦୀ ଆକ୍ରମଣ ଯୋଗୁ ଭାରତ ତାର ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମ୍ୟାଚ ନ ଖେଳିବା ପାଇଁ ନିଷ୍ପତ୍ତି ନେଇଥିଲା। ଭାରତୀୟ ଟିମରେ ଯୁବରାଜ ସିଂ, ଶିଖର ଧାୱନ, ହାଭଜନ ସିଂ ଓ ସୁରେଶ ରାଇନାଙ୍କ ପରି ଖେଳାଳି ରହିଥିଲେ। ଭାରତ ସେମିରୁ ଓହରିଯିବା ପରେ ପାକିସ୍ତାନ ସିଧାସଳଖ ଫାଇନାଲରେ ପହଂଚିଥିଲା। ଫାଇନାଲରେ ପାକିସ୍ତାନକୁ ହରାଇ ଦକ୍ଷିଣ ଆଫ୍ରିକା ଟିମ ଚାମ୍ପିୟନ ହୋଇଛି। ଆୟୋଜକଙ୍କୁ ମଧ୍ୟ ପିସିବି ସିଧାସଳଖ ସମାଲୋଚନା କରିଛି। ଯଦି କୌଣସି ପାକିସ୍ତାନ ଖେଳାଳି ଏଥିରେ ଖେଳେ ତେବେ ପ୍ରତିବନ୍ଧ ଲଗାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ପାକିସ୍ତାନ ବିଭିନ୍ନ କ୍ଷେତ୍ରରେ ସମାଲୋଚିତ ହେଉଛି। ଭାରତ ଆତଙ୍କବାଦୀ ଆକ୍ରମଣର ଜବାବ ଅପରେଶନ ସିନ୍ଦୂର ମାଧ୍ୟମରେ ଦେଇଥିଲା।



### ପାକିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ୍‌ର ଦମ୍‌ଦାର ବିଜୟ

## ଶେଷ ବଲ୍‌କୁ ଚୌକା ମାରି ଜିତାଇଲେ ହୋଲ୍ଡର



ଫ୍ଲୋରିଡା: ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୪ ଉଇକେଟ ନେବା ସହ ଅନ୍ତିମ ବଲରେ ଚୌକା ମାରି ଜାସନ ହୋଲ୍ଡର ୱେଷ୍ଟଇଣ୍ଡିଜ୍‌କୁ ଜିତାଇଛନ୍ତି। ପାକିସ୍ତାନର ୧୩୪ ରନର ଟାର୍ଗେଟକୁ ୱେଷ୍ଟଇଣ୍ଡିଜ ୮ ଓ୍ୱିକେଟ ହରାଇ ଅନ୍ତିମ ବଲରେ ହାସଲ କରି ନେଇଥିଲା। ଟି୨୦ ଫର୍ମାଟରେ ଲଗାତର ୬ ପରାଜୟ ପରେ ଏହା ୱେଷ୍ଟଇଣ୍ଡିଜ୍ ଲାଗି ପ୍ରଥମ ବିଜୟ। ଏହି ବିଜୟ ଯୋଗୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଏବେ ୧-୧ରେ ବରାବର ରହିଛି। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ହୋଲ୍ଡରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ ସୋମବାର ସମାନ ଭେନ୍ୟୁରେ ଖେଳାଯିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୯ ଓ୍ୱିକେଟରେ ୧୩୩ ରନ କରିଥିଲା। ଦଳ ପାଇଁ ହାସନ ନଓ୍ୱାଜ ୪୦ (୧ ଚୌକା ଓ ୪ ଛକା), ଅଧିନାୟକ ସଲମାନ ଆଘା ୩୮ (୩ ଚୌକା ଓ ୧ ଛକା) ଓ ଫଖର ଜାମନ ୨୦ (୨ ଚୌକା) ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହୋଲ୍ଡର ୪ ଓ ଗୁଡାକେଶ ମୋତି ୨ ଓ୍ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ଓଭର ଶେଷ ସୁଦ୍ଧା ୭ ଓ୍ୱିକେଟ ହରାଇ ୧୨୬ ରନ୍ କରିଥିଲା। ଅନ୍ତିମ ଓଭର ପାକିସ୍ତାନ ପାଇଁ ବୋଲିଂ କରିଥିବା ସାହିନ ଶାହା ଆଫ୍ରିଦୀ ପ୍ରଥମ ୫ ବଲରେ ରୋମାରିଓ ଶେଫର୍ଡଙ୍କ ଓ୍ୱିକେଟ ନେବା ସହ ୫ ରନ ଦେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ଜିତିବା ପାଇଁ ଅନ୍ତିମ ବଲରେ ୩ ରନ ଦରକାର କରୁଥିବା ବେଳେ ହୋଲ୍ଡର ଫାଇନ ଲେଗ୍ ଅଞ୍ଚଳରେ ଚୌକା ମାରିଥିଲେ। ଦଳ ଲାଗି ହୋଲ୍ଡର ୧୦ ବଲରେ ୧୬ (୧ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିବା ବେଳେ ମୋତି ୨୮ (୧ ଚୌକା ଓ ୨ ଛକା) ଓ ଅଧିନାୟକ ଶାଇ ହୋପ୍ ୨୧ (୨ ଚୌକା) ରନ କରି ଆଉଟ୍ ହୋଇଥିଲେ। ପାକିସ୍ତାନ ପାଇଁ ନଓ୍ୱାଜ ୩ ଓ ସ୍ୟାମ ଆୟୁବ ୨ ଉଇକେଟ ନେଇଥିଲେ।

## ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା: ଡିଏଭି ପବ୍ଲିକ ସ୍କୁଲ୍ ଚାମ୍ପିଅନ୍



ପାରାଦ୍ୱୀପ (ଭାସ୍କର ନ୍ୟୁଜ୍): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଦ୍ୱାରା ପାରାଦ୍ୱୀପ ଠାରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ଚାମ୍ପିଅ ହୋଇଛି। ଫାଇନାଲ୍ ମ୍ୟାଚରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ, ବେଥାନୀ କନ୍‌ଭେଣ୍ଟ ସ୍କୁଲକୁ ୭ ଓ୍ୱିକେଟରେ ହରାଇ ବିଜୟ ଲାଭ କରିଛି। ପ୍ରଥମେ ବେଥାନୀ କନ୍‌ଭେଣ୍ଟ ସ୍କୁଲ ବ୍ୟାଟିଂ କରି ୨୮.୪ ଓଭର୍‌ରେ ୧୦ ଓ୍ୱିକେଟ୍ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ୧୮.୪ ଓଭର୍‌ରେ ୩ ଓ୍ୱିକେଟ୍ ହରାଇ ୯୬ ରନ୍ କରି ସଫଳତା ହାସଲ କରିଛି। ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ସମସ୍ତ ଖେଳାଳି ଉଭୟ ବ୍ୟାଟିଂ ଓ ବୋଲିଂରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ଛାତ୍ର ଆୟୁଷ ପରିଡ଼ାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ସ୍କୁଲର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖେଳାଳୀ ତଥା କୋଚ୍ ସୌଭାଗିନୀ ପାଢ଼ୀଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି।

### ସିନିୟର ବ୍ୟାଡମିଣ୍ଟନ ର୍‍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ପୁରୁଷରେ ଆର୍ଯ୍ୟ ଓ ମହିଳାରେ ହର୍ଷିତା ଚାମ୍ପିଅନ୍



ବୌଦ୍ଧ(ଭାସ୍କର ନ୍ୟୁଜ୍): ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସହଯୋଗରେ ବୌଦ୍ଧ ଜିଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ବୌଦ୍ଧ ଜିଲା ଇନଡୋର ଷ୍ଟାଡିୟମଠାରେ ତିନିଦିନ ଧରି ଆୟୋଜିତ ରାଜ୍ୟ ବ୍ୟାଡମିଣ୍ଟନ ର୍‍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ରବିବାର ମହାସମାରୋହରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ବିଭୁତି ଭୂଷଣ ନାଏକ ଓ ସମ୍ମାନିତ ଅତିଥି ଭାବରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଜିଲା କ୍ରିଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଓ ଜିଲା ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର ଯୋଗଦେଇ ବିଜେତା ଓ ଉପବିଜେତା ଖେଳାଳୀମାନଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ମିକ୍ସ ଡବଲସ ରେ ଅନୁଗୋଳର ଆୟୁଷ ଦାଶ ଓ ସମ୍ବଲପୁରର ପୂର୍ବା ପ୍ରତ୍ୟାଷା ଚମ୍ପିୟାନ ଏବଂ ଅନୁଗୋଳର ତନ୍ମୟ କୁମାର ସାହୁ ଓ ଖୋର୍ଦ୍ଧାର ହର୍ଷିତା ରାଉତ ରନର୍ସଅଫ ହୋଇଥିଲେ। ସେହିପରି ପୁରୁଷ ବର୍ଗରେ ବାଲେଶ୍ୱର ର ଆର୍ଯ୍ୟ ମାଝି ଚମ୍ପିଆନ ହୋଇଥିବାବେଳେ ଖୋର୍ଦ୍ଧାର ପାରଶ ମାଥୁର ରନର୍ସଅଫ, ମହିଳା ବିଭାଗରେ ଖୋର୍ଦ୍ଧାର ହର୍ଷିତା ରାଉତ ଚମ୍ପିୟାନ ଓ ଗୀତାଶ୍ରୀ ଦେ ରନର୍ସଅଫ ହୋଇଥିଲେ। ସେହିପରି ମହିଳା ଡବଲସ ରେ ଖୋର୍ଦ୍ଧାର ହର୍ଷିତା ରାଉତ ଓ ସମ୍ବଲପୁର ର ପୂର୍ବା ପ୍ରତ୍ୟାଷା ଚମ୍ପିୟାନ ଏବଂ ଖୋର୍ଦ୍ଧାର ଆଦ୍ୟା ପାଢ଼ି ଓ ରାୟଗଡାର ସ୍ୱିଟି ପ୍ରିୟା ପ୍ରଧାନ ରନର୍ସଅଫ ଏବଂ ପୁରୁଷ ଡବଲସ ରେ ଖୋର୍ଦ୍ଧାର ଅନିର୍ବାଣ ମଣ୍ଡଳ ଓ ପାରଶ ମାଥୁର ଚମ୍ପିୟାନ ହୋଇଥିବାବେଳେ ଖୋର୍ଦ୍ଧାର ଅଭିଜିତ ମହାରଣା ଓ ଅନୁଗୋଳର ତନ୍ମୟ କୁମାର ସାହୁ ରନର୍ସଅଫ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ୍ ରେ ରାଜ୍ୟର ବଛା ବଛା ୧୭ ଜଣ ମହିଳା ଖେଳାଳୀଙ୍କ ସହିତ ସମୁଦାୟ ୧୨୮ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଭାବରେ ଶିବମ ଅଗ୍ରୱାଲା,ପର୍ଯ୍ୟବେକ୍ଷକ ଭାବରେ ମନୋରଂଜନ ଦାଶ ଓ ଦୀପକ ମହାନ୍ତି,ସହକାରୀ ପର୍ଯ୍ୟବେକ୍ଷକ ସମୀର ସାହୁ, ସଂଗଠନ ସଂପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲା ଓ ମୁଖ୍ୟ ରେଫରୀ ଭାବରେ ବିଜୟ ବାଗ୍ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟ ବ୍ୟାଡମିଣ୍ଟନ ଏସୋସିଏସନ ଓ ଯୋନିକ୍ସ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ୍ ଆୟୋଜନ ପାଇଁ ୨୫ ଜଣିଆଁ ବୈଷୟିକ ସହାୟକ ଅଧିକାରୀ ଦଳ ସହିତ ସମସ୍ତ ସହଯୋଗ ଯୋଗାଇଦିଆଯାଇଥିଲା। ଜିଲା ବ୍ୟାଡମିଣ୍ଟନ ଏସୋସିଏସନର ସଭାପତି ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ କୋଷାଧକ୍ଷ ଶିବାନନ୍ଦ ସାହୁ,ପରାମର୍ଶଦାତା ଜୁଲିୟସସିଜର ମହାକୁଳ,ଆଲୋକ ରଥ,ପରେଶ ବେହେରା,ଗଣେଶ ମହାପାତ୍ର,ବିଭୁଦତ୍ତ ପଣ୍ଡା,ଶମ୍ଭୁ ପ୍ରସାଦ ଅଗ୍ରୱାଲା,ସନ୍ତୋଷ ମହାନ୍ତି,ଜିତୁ ସରାଫଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଆଇପିଏଲ୍‌କୁ ନେଇ ଧୋନୀଙ୍କ ଖୁଲାସା



ନୂଆଦିଲ୍ଲୀ: ଚେନ୍ନାଇ ସୁପର କିଙ୍ଗ୍ସର ଗତ ଆଇପିଏଲ୍ ସିଜିନ ବହୁତ ଖରାପ ପ୍ରଦର୍ଶନ କରିଥିଲା। ପ୍ରଥମେ ଋତୁରାଜ ଗାୟକଓ୍ୱାଡ ଏବଂ ତା'ପରେ ଏମଏସ ଧୋନି ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ କିନ୍ତୁ କିଛି ପରିବର୍ତ୍ତନ ହୋଇନଥିଲା, ଆଇପିଏଲ୍ ପଏଣ୍ଟ ଟେବୁଲର ସବୁଠାରୁ ନିମ୍ନରେ ରହିଥିଲା। ୧୪ ଲିଗ ମ୍ୟାଚ ମଧ୍ୟରୁ କେବଳ ୪ଟି ଜିତିଥିଲା, ୧୦ଟି ହାରିଥିଲା। ଏମଏସ ଧୋନି ତାଙ୍କର ସଦ୍ୟତମ ବିବୃତ୍ତିରେ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦଳରେ କିଛି ତ୍ରୁଟି ଥିଲା, ଯାହାକୁ ଆଇପିଏଲ୍ ଚିହ୍ନଟ କରିଛି। ସେ କହିଛନ୍ତି ଯେ ତାଙ୍କ ଦଳ ଆଗାମୀ ସଂସ୍କରଣ ପାଇଁ ନିଲାମରେ ସେହି ତ୍ରୁଟିଗୁଡ଼ିକୁ ଦୂର କରିବାକୁ ଚେଷ୍ଟା କରିବ। ସେ ତାଙ୍କ ଫିଟନେସ ବିଷୟରେ ମଧ୍ୟ କଥା ହୋଇଥିଲେ। ନିକଟରେ ଧୋନି ଆଇପିଏଲକୁ ନେଇ କହିଛନ୍ତି, କିଛି ତ୍ରୁଟି ଥିଲା ଯାହାକୁ ଆମକୁ ଦୂର କରିବାକୁ ପଡିଲା। ଆମେ ଆମର ବ୍ୟାଟିଂ କ୍ରମ ବିଷୟରେ ଚିନ୍ତିତ ଥିଲୁ, କିନ୍ତୁ ଏବେ ମୁଁ ଭାବୁଛି ସିଏସ୍‌କେର ବ୍ୟାଟିଂ କ୍ରମ ବହୁତ ସ୍ଥିର ହୋଇଯାଇଛି। ଋତୁରାଜ ଗାୟକଓ୍ୱାଡ ମଧ୍ୟ ଫେରି ଆସିବେ, ତେଣୁ ଆମେ ଶେଷ ପର୍ଯ୍ୟନ୍ତ ବହୁତ ବ୍ୟବସ୍ଥିତ ଅଛୁ। ଧୋନି କହିଛନ୍ତି, ମୁଁ ଭାବୁଛି ଆମେ ଅଧିକାଂଶ ସମୟରେ କ'ଣ ଭୁଲ ହୋଇଛି ତାହା ଖୋଜିବାରେ ସଫଳ ହୋଇଛୁ। ଡିସେମ୍ବରରେ ଆଇପିଏଲ୍‌ର ଏକ ମିନି ନିଲାମ ହେବ, କିଛି ତ୍ରୁଟି ଅଛି ଏବଂ ଆମେ ସେଗୁଡ଼ିକୁ ଦୂର କରିବାକୁ ଚେଷ୍ଟା କରିବୁ। ଆମେ ଅଧିକାଂଶ ଜିନିଷର ସମାଧାନ କରିବାକୁ ଏବଂ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। ଗତ ୪-୫ ସିଜନ ଧରି, ଆଇପିଏଲରୁ ଧୋନିଙ୍କ ଅବସର ବିଷୟରେ କଳ୍ପନାଜଳ୍ପନା ଚାଲିଛି। କିନ୍ତୁ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ମାହି ଏବେ ବି ବହୁତ ଫିଟ ଅଛନ୍ତି ଏବଂ ଟୁର୍ନାମେଣ୍ଟରେ ଖେଳୁଛନ୍ତି। ତାଙ୍କ ଫିଟନେସ ବିଷୟରେ କଥା ହୋଇ ସେ ବ୍ୟଙ୍ଗ କରି କହିଥିଲେ ଯେ ସେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ ଖେଳିପାରିବେ।

## ୱାକୋ କିକ୍ ବକ୍ସିଙ୍ଗ ପ୍ରତିଯୋଗିତା: ପ୍ରତିଯୋଗୀଙ୍କୁ ଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା



ପାରାଦୀପ (ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ କ୍ରୀଡା ଯୁବସେବା ବିଭାଗ ତରଫରୁ ଆୟୋଜିତ ଷଷ୍ଠ ୱାକୋ ଓଡିଶା କିକ ବକ୍ସିଂ ୨୦୨୫ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ସଫଳତା ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ୱାକୋ କିକ ବକ୍ସିଙ୍ଗ ଜଗତସିଂହପୁର ଜିଲ୍ଲା ସଭାପତି ଏବଂ କୋଚ ଅମର ଜ୍ୟୋତି ରାଉତଙ୍କ ନେତୃତ୍ୱରେ ୩୭ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ବିଭାଗରେ ସମୁଦାୟ ୫୨ଟି ପଦକ ପାଇଛନ୍ତି। ସେଥି ମଧ୍ୟରେ ୨୨ଟି ସ୍ୱର୍ଣ, ୧୬ଟି ରୌପ୍ୟ ଏବଂ ୧୪ଟି କାଂସ୍ୟ ପଦକ ରହିଛି। ଏହି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ରେଫେରୀ ଭାବେ କାହ୍ନୁ ମଲିକ ଯୋଗ ଦେଇଥିଲେ। ପାରାଦ୍ୱୀପ ଗଡ଼ ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ ଏବଂ ଆଇନଜୀବୀ ସଞ୍ଜୟ କୁମାର ବେହେରା କ୍ରୀଡା କ୍ଷେତ୍ରରେ ପିଲାମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି। ରାଜ୍ୟ ସ୍ତରରେ ସଫଳତା ପାଇଥିବା ଖେଳାଳି ମାନେ ଆଗାମୀ ଅଗଷ୍ଟ ମାସ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ଠାରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବେ।

## ରିଜିଓନାଲସ୍ତରରେ ଖୋ-ଖୋ ଓ ତାଇକୋଣ୍ଡ ପ୍ରତିଯୋଗିତା



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହର ମାଇନିଂ ରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲରେ ରିଜିଓନାଲ ସ୍ତରରେ ଖୋ-ଖୋ ଓ ତାଇକୋଣ୍ଡ ଖେଳ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଖେଳରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଯୋଗଦାନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏଥିରେ ବାଲେଶ୍ୱର, ବ୍ରହ୍ମପୁର ,ଝାରସୁଗୁଡା, ବଲାଙ୍ଗିର, କଟକ ଓ ରାଉରକେଲା ଆଦି ୬ଟି ଜୋନରୁ ପ୍ରାୟ ୨୨୮ ଜଣ ଖେଳାଳୀ ଯୋଗଦାନ କରିଥିଲେ। ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଏହିପରି ୩ଟି ବର୍ଗରେ ଖେଳାଳୀମାନେ ସେମାନଙ୍କର ଖେଳ ପ୍ରଦର୍ଶନ କରିଥିଲେ। ରିଜିଓନାଲ ହେଡ୍ ସିଷ୍ଟର ଡ୍ ଯସମେରିଆଙ୍କ ତତ୍ତ୍ୱାବଧାନରେ ଏବଂ ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସପାଲ ସିଷ୍ଟର ମେରିଏଟ୍ ଓ ଭାଇସ୍ ପ୍ରିନ୍ସପାଲ ସିଷ୍ଟର ଟେସନଙ୍କ ସହଯୋଗରେ ଖୁବ୍ ଶୃଙ୍ଖଳାର ସହିତ ଖେଳଗୁଡିକ ସଂପନ୍ନ ହୋଇଥିଲା। ଖେଳ ପ୍ରାରମ୍ଭରେ ନିର୍ମଳା କନଭେଣ୍ଟ ସ୍କୁଲର କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ନିକୁ ସାହୁ ଯୋଗ ଦେଇଥିଲେ ଏବଂ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ସାନ୍ଧ୍ୟ ଅଧିବେଶନ ଆରମ୍ଭ ହୋଇଥିଲା। ସ୍କୁଲର ପ୍ରିନ୍ସପାଲ ସିଷ୍ଟର ମେରିଏଟ୍ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ନିର୍ମଳା କନଭେଣ୍ଟ ସ୍କୁଲ ଉକ୍ତ କାର୍ଯ୍ୟକ୍ରମଟିକୁ ଖୁବ୍ ସୁନ୍ଦର ଭାବରେ ଆୟୋଜିତ କରିଥିଲା। ଏଥିରେ ୧୪ ଜଣ ରେଫରୀ, କୋଚ୍, ନିର୍ମଳା କନଭେଣ୍ଟ ସ୍କୁଲର ଖେଳ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଖୁବ୍ ଶୃଙ୍ଖଳିତ ଭାବରେ କାର୍ଯ୍ୟକ୍ରମ ଉଦ୍ୟାପିତ ହୋଇଥିଲା। ୧୯ ବର୍ଷରୁ କମ୍ ବର୍ଗରେ ବାଲେଶ୍ୱର ଜୋନ୍ ଚମ୍ପିଆନ୍ ହୋଇଥିବାବେଳେ ରାଉରକେଲା ଜୋନ୍ ପ୍ରଥମ ରନର୍ସଅପ୍ ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବର୍ଗରେ ବାଲେଶ୍ୱର ଜୋନ୍ ଚମ୍ପିଆନ୍, ବ୍ରହ୍ମପୁର ଜୋନ୍ ପ୍ରଥମ ରନର୍ସଅପ୍ ଓ କଟକ ଜୋନ୍ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ୧୪ ବର୍ଷରୁ କମ୍ ବର୍ଗରେ ବାଲେଶ୍ୱର ଜୋନ୍ ଚମ୍ପିଆନ୍, ବ୍ରହ୍ମପୁର ଜୋନ୍ ପ୍ରଥମ ରନର୍ସଅପ୍ ଓ ବଲାଙ୍ଗିର ଜୋନ୍ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ତାଇକୋଣ୍ଡ ପ୍ରତିଯୋଗିତାରେ ବାଲେଶ୍ୱର ଜୋନ୍ ୮ଟି ପଦକ ହାସଲ କରିଥିବା ଜଣାପଡିଛି।

## ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ୨-୧ ଗୋଲରେ କଟକ ଚାମ୍ପିଅନ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଏକ ବର୍ଣ୍ଣାଢ୍ୟ ପରିବେଶ ତଥା ୧୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତିରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ରବିବାର ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଚରଣ ଫାଇନାଲ ଖେଳ କଟକ ଓ ସମ୍ବଲପୁର ମଧ୍ୟରେ ୧-୧ ଗୋଲ ବିନିମୟରେ ସମାପ୍ତ ହୋଇଛି। ମାତ୍ର ଗତ ୧ ତାରିଖରେ ବୌଦ୍ଧ ଠାରେ ଅନୁଷ୍ଠିତ ଫାଇନାଲ ଖେଳରେ କଟକ ସମ୍ବଲପୁର ବିପକ୍ଷରେ ୧-୦ ଗୋଲରେ ବିଜୟ ଲାଭ କରିଥିବାରୁ କଟକକୁ ସମ୍ବଲପୁର ବିପକ୍ଷରେ ୨-୧ ଗୋଲରେ ବିଜୟୀ ଘୋଷଣା କରାଯାଇଛି। ଆଜିର ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱୀତା ତଥା ଉତ୍ତେଜନାପୂର୍ଣ୍ଣ ଦ୍ୱିତୀୟ ଚରଣ ଫାଇନାଲର ପ୍ରଥମାର୍ଦ୍ଧର ୪୦ତମ ମିନିଟରେ କଟକର ଲାଖାଇ ମୁର୍ମୁ ଏକ ଦର୍ଶନୀୟ ଗୋଲ ଜରିଆରେ ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧର ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି କେତୋଟି ଉଲ୍ଲେଖନୀୟ ଆକ୍ରମଣ ରଚନା କରିଥିଲେ। ଦ୍ୱିତୀୟାର୍ଦ୍ଧର ୯୦ ମିନିଟରେ ଗୋଲଟିକୁ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। ଆଜି କେନ୍ଦୁଝର ଷ୍ଟାଡିୟମ ଅନୁଷ୍ଠିତ ଏହି ଅମୀମାଂସିତ ଖେଳ ଖେଳ ଆରମ୍ଭ ହେବା ଠାରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ବେଶ ଉପଭୋଗ୍ୟ ହୋଇଥିଲା। ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୁକ୍ତ ମୋହନ ଚରଣ ମାଝୀଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଏହି ଟୁର୍ନାମେଣ୍ଟରେ ଫୁଟବଲ ଆସୋସିଏସନର ସଭାପତି ତଥା ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ,ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ ଓଡିଶା ଅଲିମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳରେ ଶିବଶଙ୍କର ପଣ୍ଡା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଉତ୍କଳମଣି ବେହେରା ଓ ଶଶୀକାନ୍ତ ଦାସିଆ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ସଉକତ ଅଲ୍ଲୀ ଖାଁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳ ମଧ୍ୟାନ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଦର୍ଶକଙ୍କୁ ଉଦବୋଧନ ଦେଇ ରାଜ୍ୟ ସରକାର କେନ୍ଦୁଝର ଷ୍ଟାଡିୟମରେ ଏକ ପୂର୍ଣ୍ଣାଙ୍ଗ ଅଥଲେଟିକ ଷ୍ଟାଡିୟମରେ ପରିଣତ କରିବା ସହ ଏଠାରେ ସିନ୍ଥେଟିକ ଟ୍ରାକ ସହ ଗ୍ୟାଲେରୀ ଏବଂ ଫ୍ଲଡ ଲାଇଟ ବ୍ୟବସ୍ଥା କରାଯିବା ସହ ଏଠାରୁ ୩ କିମି ଦୂର ରକ୍ଷଙ୍କି ଠାରେ ଏକ ଫୁଟବଲ ଏକାଡେମୀ, ମାଇନିଙ୍ଗ ସ୍କୁଲ ଠାରେ କ୍ରିକେଟ ଗ୍ରାଉଣ୍ଡ, ଗୋବିନ୍ଦପୁର ଠାରେ ସୁଇମିଙ୍ଗ ପୁଲ ନିର୍ମାଣ କରାଯିବା ସହ କେନ୍ଦୁଝରକୁ ଏକ ସ୍ପୋର୍ଟ୍ସ ହବରେ ପରିଣତ କରାଯିବ ବୋଲି ଘୋଷଣା କରିଥିଲେ। ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଚମ୍ପିୟାନ କଟକ ଦଳକୁ ଟ୍ରଫି ସହ ନଗଦ ଏକ ଲକ୍ଷ ଟଙ୍କା ଓ ରନର୍ସ ଅପ ସମ୍ବଲପୁର ଦଳକୁ ଟ୍ରଫି ସହ ନଗଦ ପଚାଶ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲ କିପର ଭାବେ କଟକର ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବେ କଟକର ପ୍ରେମ ପିୟୁଷ ବାଗ, ଶ୍ରେଷ୍ଠ ମିଡ଼ ଫିଲଡର ଭାବେ ସମ୍ବଲପୁରର ବିନୟ କିଷାନ, ଶ୍ରେଷ୍ଠ ପୁରୋଭାଗ ଖେଳାଳି ଭାବେ କଟକର ପରାଗ ଟୁଡୁ ଏବଂ ମ୍ୟାନ ଅଫ ଦି ଫାଇନାଲ ଭାବେ କଟକର ଲାଖାଇ ମୁର୍ମୁ ପୁରସ୍କୃତ ହୋଇଥିଲେ।

## ବିସିସିଆଇ ପକ୍ଷରୁ ସ୍କ୍ରିନିଂ ଏଜେନ୍ସି ନିଯୁକ୍ତ ପ୍ରକ୍ରିୟା ଜାରି

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ବୟସ ଜାଲିଆତି ବିରୁଦ୍ଧରେ ଏହାର ଅଭିଯାନକୁ ତୀବ୍ର କରିଛି ଏବଂ ଖେଳାଳିମାନଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ଏକ ବାହ୍ୟ ଏଜେନ୍ସିକୁ ନିଯୁକ୍ତି ଦେବା ପ୍ରକ୍ରିୟାରେ ଅଛି। ଏକ ଆର୍‌ଏଫ୍‌ପି (ପ୍ରସ୍ତାବ ପାଇଁ ଅନୁରୋଧ) ସମ୍ପ୍ରତି ଜାରି କରାଯାଇଛି, ଯାଞ୍ଚ ସେବା ପ୍ରଦାନ କରିବା ପାଇଁ ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରୁ ବିଡ୍ ଆମନ୍ତ୍ରଣ କରାଯାଇଛି। ଆଉଟସୋର୍ସଡ୍ ଏଜେନ୍ସି ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ପାଇଁ ଟ୍ରିଗର ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ, କିନ୍ତୁ ଏହା ସେହି ଉଦାହରଣରୁ ସୃଷ୍ଟି ହୋଇଥିବା ପରି ମନେ ହେଉଛି ଯେଉଁଠାରେ ଦାଖଲ ହୋଇଥିବା ଡକ୍ୟୁମେଣ୍ଟ କିମ୍ବା ପ୍ରମାଣପତ୍ର ସନ୍ଦେହଜନକ ବୋଲି ଜଣାପଡିଥିଲା। ଏହା ସ୍ପଷ୍ଟ ଯେ ଇଉଉଓ ଏହି ପ୍ରକ୍ରିୟାକୁ ବୃତ୍ତିଗତ କରିବା ଏବଂ ସିଷ୍ଟମରେ ଅଧିକ ବୟସ୍କ ଖେଳାଳିଙ୍କ ପ୍ରବେଶର ସମ୍ଭାବନାକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି। ବିସିସିଆଇ ଏକ ଦୁଇ-ସ୍ତରୀୟ ବୟସ-ଯାଞ୍ଚ ବ୍ୟବସ୍ଥା ଗ୍ରହଣ କରେ - ପ୍ରଥମଟିରେ ଡକ୍ୟୁମେଣ୍ଟ ଏବଂ ଜନ୍ମ ପ୍ରମାଣପତ୍ରର ଯାଞ୍ଚ ଅନ୍ତର୍ଭୁକ୍ତ, ଯେତେବେଳେ ଦ୍ୱିତୀୟଟି ହେଉଛି ଏକ ହାଡ଼ ପରୀକ୍ଷା, ଯାହାକୁ ସାଧାରଣତଃ ଟିଡବ୍ଲ୍ୟୁ୩ (ଟ୍ୟାନର-ହ୍ୱାଇଟ୍‌ହାଉସ୍ ୩) ପଦ୍ଧତି ଭାବରେ ଜଣାଶୁଣା। ଏହି ଯାଞ୍ଚଗୁଡ଼ିକ ସାଧାରଣତଃ ପୁଅମାନଙ୍କ ପାଇଁ ୧୬ ବର୍ଷରୁ କମ୍ ସ୍ତରରେ ଏବଂ ଝିଅମାନଙ୍କ ପାଇଁ ୧୫ ବର୍ଷରୁ କମ୍ ସ୍ତରରେ କରାଯାଏ। ବିସିସିଆଇ ବିଡିଂ ସଂସ୍ଥାଗୁଡ଼ିକଠାରୁ ଆଶା କରାଯାଉଥିବା ଆବଶ୍ୟକତାଗୁଡ଼ିକୁ ବର୍ଣ୍ଣନା କରିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଆପଣଙ୍କ ପେଟ ଗୁଡ୍ ଗୁଡ୍ କରୁଛି କି ? ଜାଣନ୍ତୁ ଏହାର କାରଣ ଏବଂ ଏହାକୁ ଦୂର କରିବାର ଘରୋଇ ଉପଚାର। ପେଟରୁ ଶବ୍ଦ ବାହାରିବାର ପ୍ରଥମ କାରଣ ଆପଣଙ୍କ ଅନ୍ତନଳୀରେ ଗ୍ୟାସ କାରଣରୁ ହୋଇଥାଇପାରେ। ଏହାସହ ଛୋଟ ଅନ୍ତନଳୀରେ ମଧ୍ୟ ଇମଫେକସନ୍‌ର କାରଣ ମଧ୍ୟ ହୋଇପାରେ। ଯେତେବେଳେ ତୁମେ ପେଟରୁ ଗୁଡ୍ ଗୁଡ୍ ଶବ୍ଦ ଆସୁଛି ସେହି ସମୟରେ ପାଣି ପିଇଦିଅନ୍ତୁ। ଏହା ସହିତ ପେଟ ସମସ୍ୟା କମିଯାଇପାରେ । ଏହା ହଜମ ପ୍ରକ୍ରିୟାରେ ଥିବା ବ୍ୟାଘାତକୁ ହ୍ରାସ କରିଥାଏ । କିନ୍ତୁ ଗୋଟିଏ ଥରରେ ଅଧିକ ପାଣି ପିଅନ୍ତୁ ନାହିଁ । ଆପଣଙ୍କ ଅଳ୍ପ ଅଳ୍ପ ପରିମାଣର ପାଣି ପିଅନ୍ତୁ । ବେଳେବେଳେ ପେଟରୁ ଆସୁଥିବା ଶବ୍ଦ ପଛର କାରଣ ମଧ୍ୟ ପେଟ ଖାଲି ହୋଇପାରେ । ନିଜକୁ ଭୋକିଲା ରହିବା ଠାରୁ ଦୂରେଇ ରୁହନ୍ତୁ । ତୁମେ ହାଲୁକା ଜିନିଷ ଖାଇବା ଉଚିତ୍ । କିନ୍ତୁ ଏକାଥରକେ ପ୍ରଚୁର ପରିମାଣର ଖାଦ୍ୟ ଖାଇବା ଠାରୁ ଦୂରେଇ ରୁହନ୍ତୁ ।ମନେରଖନ୍ତୁ ଯେ ଆପଣଙ୍କର ୩ଟି ମିଲକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ ଏବଂ ୬ ଥର ଏବଂ ଖାଆନ୍ତୁ । ଏହା ପେଟ ଜନିତ ସମସ୍ୟାକୁ ହ୍ରାସ କରିପାରେ । ଖାଦ୍ୟକୁ ସଠିକ୍ ଭାବରେ ନ ଚୋବାଇବା ଦ୍ୱାରା ପେଟ ଗର୍ଜନ ମଧ୍ୟ ହୋଇପାରେ । ତେବେ ଆପଣ ଖାଦ୍ୟକୁ ଭଲ ଭାବରେ ଚୋବାନ୍ତୁ ଏବଂ ଏହାକୁ ଖାଆନ୍ତୁ । ଯାହାଦ୍ୱାରା ଆପଣ ପେଟ ଗୁଡ୍ ଗୁଡ୍‌ରୁ ଦୂରରେ ରହିବେ।





## ସୋମବାରରେ କରନ୍ତୁ ଏହିସବୁ କାମ

*ହିନ୍ଦୁ ଧର୍ମରେ ଶ୍ରାବଣ ମାସର ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି । ଧାର୍ମିକ ଶାସ୍ତ୍ର ଅନୁସାରେ ଶ୍ରାବଣ ମାସ ସୋମବାରରେ ଶିବଙ୍କୁ ଆରାଧନା କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ଉପାୟ ରହିଛି । କାରଣ ଏହି ଦିନ ଭଗବାନ ଶିବଙ୍କ ସହିତ ଚନ୍ଦ୍ର ଏବଂ ଅନ୍ୟ ଗ୍ରହଗୁଡ଼ିକର ସ୍ଥିତି ବି ଶୁଭ ପ୍ରଭାବ ପକାଇଥାଏ ...*

■ ଶ୍ରାବଣ ସୋମବାର ଦିନ କ୍ଷୀର ଓ ଜଳରେ ଶିବଲିଙ୍ଗଙ୍କୁ ଅଭିଷେକ କରନ୍ତୁ । ଏହା ସହିତ ଧଳା ଚନ୍ଦନ, ଧଳା ଫୁଲ ଅର୍ପଣ କରନ୍ତୁ। ଅଭିଷେକ ସମୟରେ ଓଁ ସୌଂ ସୋମାୟ ନମଃ ମନ୍ତ୍ର ଜପ କରନ୍ତୁ । ଏହି ଉପାୟ ଆପଣାଇଲେ ମାନସିକ ଶାନ୍ତି ମିଳିବ । ଅର୍ଥାଭାବ ସମସ୍ୟା ମଧ୍ୟ ଦୂର ହୋଇପାରିବ ।

■ ସେହିପରି କାଳ ସର୍ପ ଦୋଷ ଥିବା ବ୍ୟକ୍ତି ମଧ୍ୟ ସୋମବାର ଦିନ ମହାଦେବଙ୍କ ପୂଜା କଲେ ଦୁଃଖ କଷ୍ଟ ତଥା ଜୀବନରେ ଲାଗି ରହିଥିବା ସମସ୍ୟା ଦୂର ହେବ । କାଳ ସର୍ପ ଦୋଷ ଦୂର କରିବା ପାଇଁ ସୋମବାର ଦିନ ଆପଣ ଚାନ୍ଦିର ନାଗ ନାଗୁଣୀ ଯୋଡ଼ିକୁ ଶିବଲିଙ୍ଗ ଉପରେ ଚଢ଼ାଇଲେ ଆପଣଙ୍କୁ ଆଶୀର୍ବାଦ ମିଳିବ। ରୁଦ୍ରାକ୍ଷ ମାଳ ଧରି ଓଁ ନମଃ ଶିବାୟ ଜପ କରନ୍ତୁ ।

■ ସେହିପରି ଆର୍ଥିକ ସଂକଟ ବା କରଜରେ ବୁଡ଼ି ରହିଥିବା ଲୋକମାନେ ଶ୍ରାବଣ ସୋମବାରରେ ମହାଦେବଙ୍କୁ ପୂଜା କଲେ ବାବାଙ୍କ ଆଶୀର୍ବାଦ ମିଳିବ । ଆର୍ଥିକ ସମସ୍ୟାକୁ ଦୂର କରିବା ପାଇଁ ଆଖୁରସରେ ଶିବଲିଙ୍ଗ ଅଭିଷେକ କରନ୍ତୁ । ଏହା ପରେ ୧୧ଟି ଚାଉଳ ଓ ୧୧ଟି ବେଲପତ୍ର ଅର୍ପଣ କରନ୍ତୁ । ପ୍ରତି ସୋମବାରରେ ଶିବ ମନ୍ଦିର ସମ୍ମୁଖରେ ଗରିବଙ୍କୁ ଖାଦ୍ୟ କିମ୍ବା କ୍ଷୀର ଦାନ କରନ୍ତୁ । ଏଭଳି ଉପାୟକୁ ଆପଣାଇଲେ ଆପଣଙ୍କ ଆର୍ଥିକ ସମସ୍ୟ ନିଶ୍ଚିତ ଦୂର ହେବ ।

■ ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି । ଭକ୍ତଙ୍କ କଷ୍ଟକୁ ହରଣ କରନ୍ତି । ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି । ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ୍ୟ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି ମହାଦେବ । ତେଣୁ ଆପଣ ଏହି ଶ୍ରାବଣ ମାସ ସୋମବାରରେ ଜଳାଭିଷେକ କଲେ ମଧ୍ୟ ମହାଦେବଙ୍କ ଆଶିଷ ମିଳିବ ।



## ମା' ହେବେ ପରିଣୀତି !



**ପ**ରିଣୀତି ଚୋପ୍ରା ନିକଟରେ ସ୍ୱାମୀ ରାଘବ ଚଢ଼ାଙ୍କ ସହ କପିଲ ଶର୍ମାଙ୍କ ଶୋ 'ଦି ଗ୍ରେଟ ଇଣ୍ଡିଆନ କପିଲ ଶର୍ମା ଶୋ'ରେ ପହଞ୍ଚିଥିଲେ। ଯେଉଁଠାରେ ଉଭୟେ ସେମାନଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡିତ ଅନେକ ମଜାଦାର କାହାଣୀ ଶେୟାର କରିଥିଲେ। ଏହି ସମୟରେ ରାଘବ ପରିଣିତିଙ୍କ ଗର୍ଭଧାରଣ ଉପରେ ଏକ ବଡ଼ ସଙ୍କେତ ମଧ୍ୟ ଦେଇଥିଲେ। ସେ କହିଥିଲେ ଯେ ସେ ଖୁବ ଶୀଘ୍ର ଭଲ ଖବର ଦେବାକୁ ଯାଉଛନ୍ତି। ପରିଣୀତି ଚୋପ୍ରା ୨୦୨୩ ମସିହାରେ ଆପ ନେତା ରାଘବ ଚଢ଼ାଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ, ଅଭିନେତ୍ରୀ ନିରନ୍ତର ଚର୍ଚ୍ଚାରେ ରହିଛନ୍ତି। ସମ୍ପ୍ରତି ଉଭୟେ ଏକାଠି କପିଲ ଶର୍ମାଙ୍କ ଶୋ'ରେ ପହଞ୍ଚିଥିଲେ। ଯେଉଁଠାରେ ଉଭୟ କପିଲ ଏବଂ ଶୋ'ର ଟିମ ସହିତ ବହୁତ ମଜା କରିଥିଲେ। ଏହାର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ମଧ୍ୟ ହେଉଛି।

ସେହି ସମୟରେ, କପିଲ ପରିଣିତି ଏବଂ ରାଘବଙ୍କୁ କୁହନ୍ତି ଯେ ଯେତେବେଳେ ସେ ବିବାହ କଲେ ଏବଂ ଗିନିଙ୍କୁ ଘରକୁ ଆଣିଲେ, ସେତେବେଳେ ତାଙ୍କ ମାଆଙ୍କ ଜେଜେମା ମୋଡ ଅନ୍ ହୋଇଗଲା। ତା'ପରେ ସେ ରାଘବଙ୍କୁ ପଚାରନ୍ତି ଯେ ତୁମ ଉପରେ ଏପରି କୌଣସି ଚାପ ଅଛି କି? ରାଘବ କୁହନ୍ତି ଯେ 'ଦେବି...ଦେବି'। ଖୁବ ଶୀଘ୍ର ଭଲ ଖବର ଦେବି।' ରାଘବଙ୍କଠାରୁ ଏହା ଶୁଣି ପରିଣିତି ଆଶ୍ଚର୍ଯ୍ୟ ହୋଇଗଲେ। ସୂଚନାଯୋଗ୍ୟ, ପରିଣିତି ତାଙ୍କ ଇନଷ୍ଟା ଆକାଉଣ୍ଟରେ ଶୋ'ର ଅନେକ ଅନସିନ୍ ଫଟୋ ସେୟାର କରିଛନ୍ତି। ଫଟୋଗୁଡ଼ିକରେ ପରି ଏବଂ ରାଘବ ହସୁଛନ୍ତି। ଏହା ବ୍ୟତୀତ, ଗୋଟିଏ ଫଟୋରେ ଉଭୟ ବିବାହ ରୀତିନୀତି କରୁଥିବାର ମଧ୍ୟ ଦେଖାଯାଇଥିଲା। ଏହି ଫଟୋଗୁଡ଼ିକୁ ସେୟାର କରି ପରିଣିତି କ୍ୟାପସନରେ ଲେଖିଛନ୍ତି, 'ଏହି ଏପିସୋଡ ଆମର ସମସ୍ତ ପାଗଳାମିକୁ ବାହାର କରିଦେଲା। ଶେଷ ଏପିସୋଡ କ'ଣ ଆପଣଙ୍କର ପ୍ରିୟ କେବଳ ନେଟଫ୍ଲିକ୍ସରେ।'

## ପଣସ ଖାଇ ବ୍ରେଥ୍ ଆନାଲାଇଜର ପରୀକ୍ଷାରେ ଫସିଲେ ଡ୍ରାଇଭର

**ପ**ଣସ ଖାଇ ମଦୁଆ ମଦୁଆ ବାସିଲେ। ବ୍ରେଥ୍ ଆନାଲାଇଜର ପରୀକ୍ଷାରେ ଫସିଲେ। ଡ୍ରାଇଭର ପିଇ ନଥିଲେ ମଦ ହେଲେ ଫସାଇଦେଲା ପାଚିଲା ପଣସ। ଦେଖୁ ଦେଖୁ ବଢିଗଲା ମିଟର ରିଡିଂ। କାବା ହୋଇଗଲେ ଅଧିକାରୀ। କେରଳରେ ଘଟିଛି ଏଭଳି ଅଜବ ଘଟଣା। ପାଚିଲା ପଣସ ଖାଇ ହଟହଟା ହୋଇଛନ୍ତି ୩ ଡ୍ରାଇଭର। ଘଟଣାଟି ହେଉଛି ପଠାନମଥିଟ୍ଟାର। ଏଠାରେ ସରକାରୀ ବସ୍ ଚଲାଉଥିବା ଜଣେ ଡ୍ରାଇଭର୍ ଘରୁ ପାଚିଲା ପଣସ ଧରି ଡିପୋକୁ ଆସିଥିଲେ। ସାଥୀମାନଙ୍କ ସହ ବାଣ୍ଟି ମିଶି ଖୁସି ମନରେ ପାଚିଲା ପଣସ ଖାଇଥିଲେ। ପଣସ ପାର୍ଟି ପରେ ଡ୍ରାଇଭର୍ ଜଣଙ୍କ ବସ୍ ଧରି ଗନ୍ତବ୍ୟସ୍ଥଳକୁ ବାହାରିଲେ। ଏହା ପୂର୍ବରୁ ତାଙ୍କର ବ୍ରେଥ୍ ଆନାଲାଇଜରରେ ଟେଷ୍ଟ ହେଲା। ଏହି ପରୀକ୍ଷାରେ ସେ ଫେଲ୍ ମାରିଥିଲେ। ଦେଖୁ ଦେଖୁ ମିଟର ରିଡିଂ ୦ ରୁ ୧୦ ଯାଏଁ ବଢିଗଲା। ଡ୍ରାଇଭର ଜଣଙ୍କ ମଦ ପିଇ ଆସିଥିବା ଅଧିକାରୀ କହିଲେ। କିନ୍ତୁ ଡ୍ରାଇଭର୍ ଜଣଙ୍କ ମାନିବାକୁ ନାରାଜ୍। ତାଙ୍କ କଥାର ସତ୍ୟତା ଯାଞ୍ଚ ପାଇଁ ଅନ୍ୟ ଡ୍ରାଇଭରଙ୍କର ଟେଷ୍ଟ ବି ହେଲା। ସେମାନେ ମଧ୍ୟ ମିଟର ରିଡିଂରେ ଫେଲ୍ ମାରିଥିଲେ। ବୁଝୁ ବୁଝୁ ଜଣାପଡ଼ିଲା ଏମାନେ କିଛି ସମୟ ଆଗରୁ ପଣସ ଖାଇଥିଲେ। ହେଲେ ଅଧିକାରୀଙ୍କ ମନରେ ବି ଗୁଡ଼ାଏ ପ୍ରଶ୍ନ। କ'ଣ ପଣସ ଖାଇଲେ ସତରେ ନିଶା ହୁଏ ? ଏହାର ସତ୍ୟତା ଯାଞ୍ଚ ପାଇଁ ଅଧିକାରୀ ନିଜେ ପଣସ ଖାଇ ମିଟର ରିଡିଂ କରିଥିଲେ। ସତକୁ ସତ ମିଟର କଣ୍ଟା ଉପରକୁ ଉଠିଗଲା। ଏଥିରୁ ଜଣା ପଡ଼ିଲା ମଦ ତ ଖାଲି ନାଁକୁ ବଦନାମ୍... ପ୍ରକୃତ ଦୋଷୀ ତ ଏଠି ପଣସ। ଏହି ଘଟଣା ପରେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ... କଣ ସତରେ ପଣସ ଖାଇବା ପରେ ନିଶା ହୁଏ? ଏନେଇ କଣ କହୁଛନ୍ତି ବିଶେଷଜ୍ଞ ଜାଣନ୍ତୁ। ବିଶେଷଜ୍ଞଙ୍କ ଅନୁଯାୟୀ, ଥେନବରିକା କିସମର ପଣସକୁ ହନି ପଣସ କୁହାଯାଏ। ଏହା ଅତ୍ୟନ୍ତ ମିଠା କିସମର। ଏହାର ସ୍ୱାଦ ମହୁ ଭଳି। ଯାହାକି ଦୀର୍ଘ ସମୟ ପର୍ଯ୍ୟନ୍ତ ବାସ୍ନା ହୁଏ। ଅଧିକ ପାଚିଲା ପଣସ ନାଚୁରାଲ୍ ଫର୍ମେଣ୍ଟେସନ ଯୋଗୁଁ ଇଥାନଲ୍ ତିଆରି କରେ। ଯାହାକି ବ୍ରେଥ୍ ଆନାଲାଇଜରରେ ଭୁଲ୍ ରିଡିଂ ଦେଖାଏ। ଖାଲି ପଣସ ନୁହେଁ, କଦଳୀ, ଆମ୍ବ, ଡ୍ୟୁରିଏନ ଭଳି ଫଳ ମଧ୍ୟ ଇଥାନଲ୍ ଉତ୍ପନ୍ନ କରନ୍ତି। ଏହାକୁ ଖାଇ ବ୍ରେଥ୍ ଆନାଲାଇଜରରେ ପରୀକ୍ଷା କଲେ ଭୁଲ୍ ରିଡିଂ ଦେଖାଏ।



ଗତ ଜୁଲାଇ ୩୧ରେ ମୁକ୍ତିଲାଭ କରିଛି ବିଜୟ ଦେବରକୋଣ୍ଡା ଷ୍ଟାରର୍ 'କିଙ୍ଗ୍‌ଡମ୍' । ଫିଲ୍ମରେ ତାଙ୍କର ଅନ୍‌ସ୍କ୍ରିନ୍ ପ୍ରେମିକା ଭୂମିକାରେ ଅଭିନୟ କରିଛନ୍ତି ଭାଗ୍ୟଶ୍ରୀ ବୋର୍ସେ । ଭାଗ୍ୟଶ୍ରୀଙ୍କ ଚରିତ୍ର ଫିଲ୍ମର କାହାଣୀକୁ ଆଗକୁ ନେଇଥିବା ଚର୍ଚ୍ଚା ହେଉଛି । ଫ୍ୟାନ୍ କହୁଛନ୍ତି, ଅଭିନୟ ଦକ୍ଷତାର ପ୍ରମାଣ ଦେବାକୁ ଫିଲ୍ମ ଭାଗ୍ୟଶ୍ରୀଙ୍କୁ ଭରପୂର ସୁଯୋଗ ଦେଇଛି । 'କିଙ୍ଗ୍‌ଡମ୍'ର ନିର୍ଦ୍ଦେଶନା ଦେଇଛନ୍ତି ଗୌତମ ଟିନ୍ନାନୁରୀ। ଫିଲ୍ମଟି ଭାଗ୍ୟଶ୍ରୀଙ୍କର ପ୍ରଥମ ବଡ଼ ପ୍ରୋଜେକ୍ଟ। ଏହା ପୂର୍ବରୁ କିଛି ପ୍ରୋଜେକ୍ଟରେ ସେ ଅଭିନୟ କରିଛନ୍ତି । ରବି ତେଜାଙ୍କ 'ମିଷ୍ଟର ବଚ୍ଚନ' (୨୦୨୪) ଜରିଆରେ ସେ ଅଭିନୟ ଜଗତରେ ଏଣ୍ଟ୍ରି କରିଥିଲେ । ଫିଲ୍ମରେ ତାଙ୍କୁ ଅଭିନୟର ପର୍ଯ୍ୟାପ୍ତ ସୁଯୋଗ ମିଳିନଥିଲା ।

## ଭାଗ୍ୟଶ୍ରୀଙ୍କୁ ବଡ଼ ସୁଯୋଗ

ଫିଲ୍ମକୁ ଦର୍ଶକ ଖାସ୍ ପସନ୍ଦ ନ କରିବାରୁ ଭାଗ୍ୟଶ୍ରୀଙ୍କ ପାଇଁ ତାହା ଖାସ୍ ଫଳପ୍ରଦ ହୋଇନଥିଲା । କାର୍ତ୍ତିକ ଆର୍ୟନଙ୍କ ଅଭିନୀତ 'ଚନ୍ଦୁ ଚାମ୍ପିଅନ୍' ଏବଂ 'ୟାରିୟାଁ-୨'ରେ ଛୋଟ ଭୂମିକାରେ ସେ ପରଦାକୁ ଆସିଥିଲେ । କିନ୍ତୁ 'କିଙ୍ଗ୍‌ଡମ୍' ତାଙ୍କୁ ଅଭିନୟ ଦକ୍ଷତା ପ୍ରଦର୍ଶନର ବଡ଼ ସୁଯୋଗ ଦେଲା । ମହିଳାଙ୍କ ପାଇଁ ସଶକ୍ତ ଚରିତ୍ର ପ୍ରସ୍ତୁତ କରିବା ପାଇଁ ଗୌତମ ପରିଚିତ । ସେହି ଦୃଷ୍ଟିରୁ ଫିଲ୍ମରେ ଭାଗ୍ୟଶ୍ରୀଙ୍କୁ ପ୍ରଶଂସା କରିବା ବଡ଼ ସରପ୍ରାଇଜ୍ ନୁହେଁ । ଭାଗ୍ୟଶ୍ରୀଙ୍କ ଅପ୍‌କମିଙ୍ଗ ଫିଲ୍ମରେ ଅଛି ଆଟ୍‌ଲିଙ୍କ 'ଏଏ୨୨ଏକ୍ସଏ୬' । ଫିଲ୍ମ 'କାନ୍ଥା'ରେ ଦୁଲକର ସଲମାନଙ୍କ ସହ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରାଣା ଦଗୁବାତି। ଆସନ୍ତା ସେପ୍ଟେମ୍ବର ୧୨ରେ ଏହା ମୁକ୍ତିଲାଭ କରିପାରେ। ରାମ ପୋଥିନେନିଙ୍କ ଅପ୍‌କମିଙ୍ଗ ଫିଲ୍ମରେ ମଧ୍ୟ ତାଙ୍କୁ କାଷ୍ଟ୍ କରାଯାଇଛି, ଯେଉଁଥିରେ ସେ ମହାଲକ୍ଷ୍ମୀ ଭୂମିକାରେ ଅଭିନୟ କରିବେ।

## ଅଭିନୟ ଦୁନିଆରେ ପାଦ ଦେଲେ ସଲମାନଙ୍କ ବଡିଗାର୍ଡ

**ସ**ଲମାନ ଖାନଙ୍କ ବଡିଗାର୍ଡ ଶେରା, ଯିଏ ସବୁବେଳେ ତାଙ୍କ ସହିତ ଛାଇ ପରି ରୁହନ୍ତି, ସେ ଖୁବ୍ ଲୋକପ୍ରିୟ। ଶେରା କେବେ ପରଦାରେ ଦେଖାଯାଇ ନାହାଁନ୍ତି। ଏବେ ପ୍ରଥମ ଥର ପାଇଁ ସଲମାନ ଖାନଙ୍କ ବଡିଗାର୍ଡ ଶେରା ଅଭିନୟରେ ପ୍ରବେଶ କରିଛନ୍ତି। ସେ ଏକ କିରାଣା ଡେଲିଭରି ଆପର ରକ୍ଷାବନ୍ଧନ ଅଭିଯାନ ମାଧ୍ୟମରେ ତାଙ୍କର ଅଭିନୟ ଆରମ୍ଭ କରିଛନ୍ତି। ତାଙ୍କ ବିଜ୍ଞାପନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏବଂ ଲୋକମାନେ ତାଙ୍କର ଦମଦାର ଅନ୍ଦାଜକୁ ଖୁବ୍ ପସନ୍ଦ କରୁଛନ୍ତି। ଇନଷ୍ଟାମାର୍ଟର ନୂତନ ରକ୍ଷାବନ୍ଧନ ବିଜ୍ଞାପନରେ, ସଲମାନ ଖାନଙ୍କ ସୁରକ୍ଷାକର୍ମୀ ଶେରା ଅନେକ ଅସୁବିଧାରେ ଥିବା କିମ୍ବା ଆବଶ୍ୟକ ମହିଳାଙ୍କ ପାଇଁ 'ଭାଇ' ଭୂମିକାରେ ଅଭିନୟ କରୁଥିବାର ଦେଖାଯାଇଛି। ସେ ବର୍ଷାରେ ଜଣେ ମହିଳାଙ୍କୁ ଅଟୋରିକ୍ସା ନେବାରେ ସାହାଯ୍ୟ କରନ୍ତି, ଜଣେ ଦୁଷ୍କର୍ମକାରୀ ସହପାଠୀଙ୍କ କବଳରୁ କାହାକୁ ବଞ୍ଚାନ୍ତି। ଭିଡିଓରେ ଶେରା ଶୀଘ୍ର ଇନଷ୍ଟାମାର୍ଟ ଡ୍ରାଇଭରଙ୍କ ସ୍କୁଟରରେ ଚଢ଼ି କହୁଛନ୍ତି, 'ଭାଇ, ମୁଁ ମାତ୍ର ୧୦ ମିନିଟ ମଧ୍ୟରେ ଆସିବି।' ତା'ପରେ ସେ ବର୍ଷାରେ ଅଟୋ ପାଇଁ ଅପେକ୍ଷା କରିଥିବା ଜଣେ ମହିଳାଙ୍କୁ ସାହାଯ୍ୟ କରନ୍ତି ଏବଂ କୁହନ୍ତି, 'ମୁଁ ଶେରା, ଭାଇର ଅଙ୍ଗରକ୍ଷୀ, ମୁଁ ସୁରକ୍ଷା ଦିଏ, ତେଣୁ ପ୍ରତ୍ୟେକ ରକ୍ଷାବନ୍ଧନରେ ଯେଉଁମାନଙ୍କର ଭାଇ ନାହାଁନ୍ତି ସେମାନେ ମୋତେ ସେମାନଙ୍କର ଭାଇ କରନ୍ତି। ମୁଁ ମୋର କର୍ତ୍ତବ୍ୟ କରିଥିଲି, ତୁମେ ପୂର୍ବରୁ ଭାଇ ଏବଂ ଭଉଣୀ, ତୁମର କର୍ତ୍ତବ୍ୟ କର, ମାତ୍ର ୧୦ ମିନିଟ ମଧ୍ୟରେ ଇନ୍‌ଷ୍ଟାମାର୍ଟରୁ ରାଖୀ ଏବଂ ଉପହାର ଅର୍ଡର କର।' ଏହି ବିଜ୍ଞାପନଟି ଶୁକ୍ରବାର, ରକ୍ଷାବନ୍ଧନର ଠିକ ପୂର୍ବରୁ ପ୍ରକାଶିତ ହୋଇଥିଲା ଏବଂ ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଇନଷ୍ଟାଗ୍ରାମରେ ମାର୍କେଟିଂ ପୃଷ୍ଠା ଏବଂ ଫ୍ୟାନ କ୍ଲବ ଦ୍ୱାରା ବହୁଳ ଭାବରେ ସେୟାର କରାଯାଇଥିଲା। ଅନେକ ଶେରାଙ୍କୁ ଯୁବରାଜ ସିଂହ ଏବଂ ମିକା ସିଂହଙ୍କ ସହ ତୁଳନା କରିଥିଲେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷୟିତ୍ରୀ ପ୍ରଭାତ ମଞ୍ଜରୀ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ଦିଆଯାଇଛି। ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ବେଉରିଆ, ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ରାମଚନ୍ଦ୍ର ମହାନ୍ତି, ଦୁଃଖିଶ୍ୟାମ ଦାଶ, ସମାଜସେବୀ ବିଶ୍ୱମ୍ବର ରାଉତ, ଅଧ୍ୟାପକ ଅନାଦି ଚରଣ ସାହୁ ବକ୍ତବ୍ୟ ରଖି ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନା ବିଦ୍ୟାଳୟକୁ ନିଜ ଘର ଓ ଛାତ୍ରଛାତ୍ରୀଙ୍କୁ ନିଜ ପିଲା ଭାବେ ଗ୍ରହଣ କରି ଶିକ୍ଷାଦାନରେ ସ୍ୱତନ୍ତ୍ରତା ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ, ବିଦ୍ୟାଳୟର ଛାତ୍ରଛାତ୍ରୀ, ପାଚିକା ଗୋଷ୍ଠୀ, ପରିଚାଳନା ପରିଷଦ, ଷୋଳମପୁର ଶିଶୁମନ୍ଦିର, ସ୍ୱୟଂ ସହାୟିକା ଗୋଷ୍ଠୀ, ଗ୍ରାମବାସୀମାନଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ ଓ ଶରତ ଥାଟୋଇ ଧନ୍ୟବାଦ ଦେଇଥିଲେ। ପରିଚାଳନା ପରିଷଦ ସଭାପତି ମନୋଜ ଦାସ, ନରେନ୍ଦ୍ର କୁମାର ବେଉରିଆ, ଗଜେନ୍ଦ୍ର ଦାସ, ଶିକ୍ଷକ ଦିପ୍ତି ରଞ୍ଜନ ଶେଣ୍ଠ, ବାସୁଦେବ ସୋରେନ, ଜ୍ୟୋତିରଞ୍ଜନ ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।


# ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀକୁଳ ହାତାଶ



ସତ୍ୟବାଦୀ,(ଭାସ୍କର ନ୍ୟୁଜ୍): ଶ୍ରାବଣ ମାସରେ ବର୍ଷା ନାହିଁ। ଆଉକିଛି ଦିନ ପରେ ଭାଦ୍ରବ ମାସ ଆସି ପହଞ୍ଚିବ। ଏହି ଚିନ୍ତାରେ ଅଛନ୍ତି ସତ୍ୟବାଦୀ ଅଞ୍ଚଳର ଶ୍ରୀରାମଚନ୍ଦ୍ର ପୁର, ନରେନ୍ଦ୍ର ପୁର, ପେଣ୍ଟପଡା, ଜୟପୁର, ସାଣ୍ଡରା, ବଳପୁର ମଧୁବନ, ନୂଆ ସୋମେଶ୍ୱରପୁର, ବିଦ୍ୟାଧରପୁର, ବଳରାମପୁର ଗଡ଼, ଶୁକଳ, ଆଳିଶ ପଞ୍ଚାୟତର ଶହଶହ ଚାଷୀଙ୍କ ବିଲରେ ପାଣି ନାହିଁ। ଫଳରେ ଚାଷକାର୍ଯ୍ୟ ଆଗେଇ ପାରୁନାହିଁ। ପାଣି ନଥିବା ଧାନତଳି ପଡ଼ିବାର ୨ ମାସରୁ ଅଧିକ ସମୟ ହୋଇଥିଲେ ମଧ୍ୟ ଧାନ ତଳି ରୁଆ ହୋଇପାରୁନାହିଁ। ଅପରପକ୍ଷରେ ଧାନ ବୁଣା ହୋଇଥିବା ବିଲରେ ପାଣି ନଥିବାରୁ ଜମିରେ ବେଉଷଣ ହୋଇପାରୁନାହିଁ। ଅନେକ ବିଲରେ ପାଣି ନଥିବାରୁ ପ୍ରଚଣ୍ଡ ଖରାରେ କିଛି ଧାନ ବିଲ ଫାଟି ଆଁ କରି ଧାନ ତଳି ମରିବାକୁ ବସିଲାଣି। ଏହି ଅଞ୍ଚଳରେ ଜଳସେଚନର କିଛି ସୁବିଧା ନଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ମୁଖ୍ୟତଃ ଅଞ୍ଚଳର ଜନସାଧାରଣ ଧାନ ଚାଷ ଉପରେ ନିର୍ଭର କରୁଥିବାବେଳେ ଧାନ ଅମଳ କଲାପରେ ନିଜେ ଖାଇବା ପାଇଁ ଧାନ ସଞ୍ଚିତ କଲାପରେ ବଳକା ଧାନ ବିକ୍ରି କରି ଯାହାକିଛି ଅର୍ଥ ଉପାର୍ଜନ ହୁଏ ବର୍ଷସାରା ପରିବାର ପ୍ରତିପୋଷଣରେ କରିଥାନ୍ତି। ଏବେ ବର୍ଷା ନିଖୋଜ ସୋଇଯାଇଥିବାରୁ ଆରମ୍ଭରୁ ମରୁଡି ହେବା ଆଶଙ୍କା କରି ଚିନ୍ତା ରେ ଅଛନ୍ତି ଅଞ୍ଚଳର ଶହଶହ ଚାଷୀ। ବର୍ଷାର ଆଗମନ ଦେଖି ଚାଷୀ ଧାନ ବିହନ ସଂଗ୍ରହ କରି ତଳି ପକାଇଥିଲା। ତେଣୁ ତଳିକୁ ବଞ୍ଚାଇବା ପାଇଁ ଚାଷୀ ଚୁଆ ଓ ଖାଲ ଜମିରୁ ପାଣି ସଂଗ୍ରହ କରି ବିଲରେ ପକାଉଛି। ଏସମ୍ପର୍କରେ କାହାର ନଜର ନାହିଁ।ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ଅଧିକାରୀଙ୍କର ପାଣି ପାଇଁ କାହାରି ଚିନ୍ତା ନାହିଁ ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଗଡିଆ, ଚୁଆ, ନୟନଜୋରୀ ରେ ଥିବା ଅଳ୍ପ ପାଣିକୁ ଚାଷୀମାନେ ତଳିକୁ ପାଣି ବୋହି ସୁଖାଇ ସାରିଲେଣି, ତଥାପି ଧାନ ତଳି ବଞ୍ଚାଇ ରଖିବା ବହୁ କଷ୍ଟକର ହୋଇ ପଡିଛି। ସତ୍ୟବାଦୀ ବ୍ରାଞ୍ଚ କେନାଲରେ ଟୋପାଏ ପାଣି ନାହିଁ। ଯଦି ଦୁଇ ତିନି ଦିନ ମଧ୍ୟରେ ଲଗାଣ ବର୍ଷା ସହିତ କେନାଲରେ ପାଣି ନ ଆସିଲେ ଚଳିତବର୍ଷର ଖରିଫ ଧାନ ଫସଲ ଉଜୁଡି ଯିବ ବୋଲି ଚାଷୀ ସନାତନ ମାଝୀ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ନବକିଶୋର ମହାପାତ୍ର, ମାଗୁଣି ଜେନା, ପ୍ରଭାକର ମହାପାତ୍ର ରାମଚନ୍ଦ୍ର ଜେନା ପ୍ରମୁଖ କହିଛନ୍ତି। ତେବେ ଏହି ପରିସ୍ଥିତି କୁ ସରକାର କିଭଳି ସମାଧାନ କରୁଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା ।

## କୋଷାଗୁମୁଡାରେ ପୁଣି ଲଜ୍ଜା।।।।

# ଯୁବତୀଙ୍କୁ ଦୁଷ୍କର୍ମ ସହ ହତ୍ୟା ଅଭିଯୋଗ




କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : କୋଷାଗୁମୁଡା ଠାରେ ଯୁବତିଙ୍କୁ ହତ୍ୟା ଅଭିଯୋଗ ଆଣିଲେ ପରିବାର। ରବିବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ଠାରେ। ପରିବାର ଅଭିଯୋଗ ପ୍ରକାରେ ମୃତ ଅଷ୍ଟମା ଗୌଡ଼( ବୟସ ୧୮) ପିତା ପର୍ଶୁ ରାମ ଗୌଡ଼ ଶନିବାର ରାତ୍ର ୭ ଘଣ୍ଟା ସମୟରେ ଘରୁ ଶୌଚ ହେବାକୁ ଯାଇ ଘରକୁ ୧୦ଟା ସୁଦ୍ଧା ଫେରିନଥିଲେ। ଘର ଲୋକେ ଖୋଜା ଖୋଜି କରିବାପରେ ନିଜ ଘର ନିକଟ ପ୍ରାୟ ୩୦୦ ମିଟର ଦୂରତା ଗଳିରେ ଅଷ୍ଟମାଙ୍କ ମୃତ ଶରୀର ପଡିଥିବା ଖବର ପାଇଥିଲେ। ପରିବାର ଲୋକେ ଏକ ମୋଟର ସାଇକେଲ ଯୋଗେ କୋଷାଗୁମୁଡା ଡାକ୍ତରଖାନାକୁ ଆଣିଥିଲେ ସେତିକି ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ସେତିକି ବେଳକୁ ଯୁବତୀର ଆଉ ଜୀବନ ନଥିଲା। ପରିବାର ଲୋକଙ୍କ ଅଭିଯୋଗ କେହି ଦୁର୍ବୃତ୍ତ ହତ୍ୟା କରି (ଗଳା ଚିପି)ଝିଅକୁ ରାସ୍ତାରେ ଛାଡ଼ି ଦେଇ ପଳେଇଛି। ଘଟଣାକୁ ନେଇ କୋଷାଗୁମୁଡା ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ସୂଚନା ପ୍ରକାରେ ଘଟଣା ସ୍ଥଳରେ ପ୍ରଥମେ (ପର୍ଶୁରାମ ଭତ୍ରା) ମଣ୍ଟୁ ନାମକ ନାମକ ଜଣେ ଯୁବକ ଶନିବାର ରାତି ୧୦ଟା ସମୟରେ ଶୌଚ ପାଇଁ ନିଜ ଘର ଗଳିରେ ଯିବା ସମୟରେ ଯୁବତୀ ତଳେ ଅଚେତ ଅବସ୍ଥାରେ ପଡିଥିବା ଦେଖି ନିକଟରେ ଥିବା ପଡ଼ୋଶୀ ଝିଅକୁ ଡାକିଥିଲେ। କୁମ୍ଭାର ସାହି ଛକ ଠାରୁ ୫୩ମିଟର ଏକ ଗଳିରେ ଯୁବତୀଙ୍କ ମୃତ ଶରୀର ପଡ଼ିଥିଲା। ରାତି ୧୦:୨୦ରେ ଯୋଗେଶ୍ୱର ରନ୍ଧାରୀ ଓ ଡମ୍ବରୁ ଗୌଡ଼ ନାମକ ଦୁଇ ଯୁବକ ଖବର ପାଇ ଘଟଣାରୁ ଯୁବତୀକୁ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଭର୍ତ୍ତି କଲେ। ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ସ ସ୍କାଡ଼ ସହ ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ, କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ସହ କୋଷାଗୁମୁଡା ଥାନା ଟିମ ରବିବାର ୧୧:୩୦ରେ ଘଟଣା ଉପରେ ତଦନ୍ତ କରିବା ଦେଖିବାକୁ ମିଳିଛି। ଏପଟେ ମୃତ ଯୁବତୀର ବାପା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି କୋଷାଗୁମୁଡା ଥାନା ଅଧିକାରୀ ୧୫୪/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ମୃତ ଯୁବତୀଙ୍କ ମର ଶରୀରକୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦର ରିପୋର୍ଟ ଆସିବା ଓ ସାଇଣ୍ଟିଫିକ ଟିମ, ଡୋଗସ୍କାଡ଼ର ରିପୋର୍ଟ ପରେ ଘଟଣାର ପ୍ରକୃତ କାରଣ ଲୋକଲୋଚନକୁ ଆସିବ ବୋଲି ପାପଡାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ ସୂଚନା ଦେଇଛନ୍ତି।

# ଚଳନ୍ତା ଟ୍ରେନରୁ ପଡି ଜଣେ ମୃତ




ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରୁ ଖସିପଡ଼ି କଣ୍ଟାବାଞ୍ଜି, ଅଶୋକ ନଗରର ଗୋପାଳ ବଛା ( ୬୦)ନାମକ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ସେ ଶୁକ୍ରବାର ରାତିରେ ଟିଟିଲାଗଡ଼ ପଟରୁ ରଙ୍ଗବତୀ ପାସେଞ୍ଜର ଯୋଗେ କଣ୍ଟାବାଞ୍ଜି ଯାଉଥିଲେ। ମୁରିବାହାଲ ରେଳ ଷ୍ଟେସନରେ ଭାରସାମ୍ୟ ହରାଇ ଚଳନ୍ତା ଟ୍ରେନରୁ ପଡିଯାଇଥିବା ବେଳେ ତାଙ୍କ ଉପରେ ଟ୍ରେନ ମାଡ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ମୁଣ୍ଡ ଗଣ୍ଡି ଅଲଗା ହୋଇ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତ ଥିବା ବେଳେ ଘରେ ତାଙ୍କର କେବଳ ବିଧବା ବୃଦ୍ଧା ମା ଅଛନ୍ତି। ସେ ପ୍ରତିଦିନ ବିଭିନ୍ନ ଟ୍ରେନ ବଗି ଗୁଡିକ ଝାଡୁ ଧରି ସଫା ସୁତୁରା କରୁଥିବା ବେଳେ ଯିଏ ଯାହା ଖୁଚୁରା ଦେଲେ ନିଜର ଗୁଜୁରାଣ ମେଣ୍ଟାଉଥିଲା। ମୁରିବାହାଲ ଷ୍ଟେସନ ମାଷ୍ଟରଙ୍କ ଠାରୁ ସୂଚନା ପାଇ କଣ୍ଟାବାଞ୍ଜି ଜିଆରପି ଏଏସ୍‌ଆଇ ମକାରୁ ସାହୁ ଓ ଆରପିଏଫ ଏଏସ୍‌ଆଇ ଏମ. ଟପ୍ପୋ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଜିଆର୍‌ପି ଥାନାରେ ଅପମୃତ୍ୟୁ କେଶ ନଂ ୩୮/୨୫ ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଏଏସଆଇ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ସୁପ୍ତ ଅବସ୍ଥାରେ ବନ ବିଭାଗ



ମାଥିଲି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ପାଙ୍ଗମ୍ ବନାଞ୍ଚଳ ସେକ୍ସନ ଅଧୀନରେ ଦେଖିବାକୁ ମିଳିଛି ମଧୁ ଚନ୍ଦ୍ରିକା। ସୂଚନା ଅନୁଯାୟୀ ଘେନାଗୁଡା ଓ ପାଙ୍ଗମ ଗ୍ରାମର କିଛି ନ୍ୟସ୍ତ ସାଧିତ ବ୍ୟକ୍ତି ବନ ବିଭାଗ କର୍ମଚାରୀଙ୍କ ସହ ମଧୁଚନ୍ଦ୍ରିକା କରି ଜଙ୍ଗଲ ସଫା କରି ନିଜ ଆୟତ୍ତକୁ ନେଇଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱକୁ ଲାଗିଥିବା ଜଙ୍ଗଲକୁ ସଫା କରି ଧାନ ଚାଷ କରିବାରେ ବ୍ୟସ୍ତ ଚାଷୀ କିନ୍ତୁ ବନ ବିଭାଗ ସବୁ ଜାଣି ମଧ୍ୟ ଚୁପ୍। ସ୍ଥାନୀୟ ବାସିନ୍ଦା ବନ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ସୋହଯୋଗ ରହିଥିବା କଥା କହିବା ସହ ଜଙ୍ଗଲ ନଷ୍ଟ ହୋଇ ବହୁ କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଇଛି। ଏଭଳି ପରିସ୍ଥିତିରେ ଦୋଷୀଙ୍କୁ ଉଚିତ୍ ଦଣ୍ଡ ନ ମିଳିଲେ ଆଗାମୀ ଦିନରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ପାଙ୍ଗମ୍ ସେକ୍ସନ ଅଧୀନରେ ଫରେଷ୍ଟର ଓ ଗାର୍ଡ ନିୟୋଜିତ ଅଛନ୍ତି। ଯଦି ସେମାନେ ସେମାନଙ୍କର ଦାୟିତ୍ୱ ସୁଚାରୁ ରୂପେ ପାଳନ କରିଥାନ୍ତେ ତେବେ ହୁଏ ତ ଏମିତି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୦ନଂ.ୱାର୍ଡ଼ ସ୍ଥିତ ଯଯାତୀ କେଶରୀ କ୍ଲବ୍ ପରିସରରେ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ନେତ୍ରମ ଆଇ ହସ୍ପିଟାଲର ସହଯୋଗରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ପାରିଷଦ ବିଜୟ କୁମାର ମଲ୍ଲିକ୍, ସୁବ୍ରତ ସାମଲ ଓ ଆଶୁତୋଷ ଦାସ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୨୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଥିବାବେଳେ ୨୨ଜଣଙ୍କର ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ନେତ୍ରମ ଆଇ ହସ୍ପିଟାଲର କୋଅର୍ଡ଼ିନେଟର ଜଗନ୍ନାଥ ବାରିକ ପରିଚାଳନା କରିବା ସହିତ ପାରାମେଡ଼ିକାଲ ଷ୍ଟାଫ୍, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱଚ୍ଛ ସାଥୀ ପ୍ରମୁଖ ଯୋଗ ଦେଇଥିଲେ।

## ସାଧନ କେନ୍ଦ୍ରସ୍ତରୀୟ ଅଂଶୀଦାର ବୈଠକ



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ କୁଲଣା ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଝୁଟୁଣା ଉପ୍ରା ବିଦ୍ୟାଳୟରେ ସାଧନକେନ୍ଦ୍ରସ୍ତରୀୟ ଦ୍ୱିତୀୟ ଅଂଶୀଦାର ବୈଠକ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନାଙ୍କ ସଂଯୋଜନାରେ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗରପଡାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଡଃ ପ୍ରଦୀପ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଓ ଛାତ୍ରଛାତ୍ରୀ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁବାଟିକା ସହାୟକ ଶିକ୍ଷକ ପୁସ୍ତିକା ଓ କାର୍ଯ୍ୟପୁସ୍ତିକା, ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ନମୁନା ପାଠଟୀକା, ଶିକ୍ଷକଙ୍କ ଗତିବିଧି ଯୋନା, ଶିକ୍ଷକଙ୍କ ଦ୍ୱାରା ପାଠଟୀକା ପ୍ରସ୍ତୁତି ଓ ଉପସ୍ଥାପନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧନକେନ୍ଦ୍ର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲଏନ୍ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

# ଶିଶୁଙ୍କୁ ଭବିଷ୍ୟତର ବୈଜ୍ଞାନିକ କରିବା ବିଜ୍ଞାନମେଳାର ମୂଳଲକ୍ଷ୍ୟ



ନିଆଳି, (ଭାସ୍କର ନ୍ୟୁଜ୍) : ଅଗଷ୍ଟ ୨୦୨୫ରିଖ ଶନିବାର ଦିନ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ବର୍ଗର କୃଷି ଆଧାରିତ ନମୁନା, ଆବର୍ଜନା ସଦୁପଯୋଗ, ଶକ୍ତି ସଂରକ୍ଷଣ, ବଳର ପ୍ରକାର, ନୂତନ ପ୍ରୟୋଗ ଆଦି ବିଷୟରେ ମୋଟ ୨୧ ଟି, ବାଲ ବର୍ଗର ଜୀବାଣୁ ଇନ୍ଧନ ଆଧାରିତ ୮ ଟି ପ୍ରକଳ୍ପ, କିଶୋର ବର୍ଗର ଜଳ ସଂରକ୍ଷଣ ଆଧାରିତ ୬ ଟି ପ୍ରକଳ୍ପ, ଏବଂ ଗଣିତରେ ୬ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଜ୍ଞାନେନ୍ଦ୍ର ପାଣିଗ୍ରାହୀ ଓ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ରାଜେଶ ସେନାପତି ବିଚାରକ ତଥା ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ସାହାଣୀ ଏବଂ ସମ୍ପାଦକ ଭରତ ଚନ୍ଦ୍ର ପାଇଟାଲ ଯୋଗଦାନ କରି କୃତି ଶିଶୁ ମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ଦିବସରେ ଶିଶୁ ବାଟିକାର ପୁଷ୍ପ ପ୍ରଦର୍ଶନି, ପ୍ରଥମ ଶ୍ରେଣୀରୁ ପନିପରିବା ପ୍ରଦର୍ଶନି, ଦ୍ୱିତୀୟ ଶ୍ରେଣୀର ଫଳ ପ୍ରଦର୍ଶନୀ ଏବଂ ତୃତୀୟ ଶ୍ରେଣୀର ଔଷଧୀୟ ବୃକ୍ଷ ପ୍ରଦର୍ଶନି ଆୟୋଜିତ ହୋଇଥିଲା।



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆଜିକାର ବିଜ୍ଞାନ ମେଳାରେ ମୋଟ ୧୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପାରଳାଖେମୁଣ୍ଡି ସହରର ବିଭିନ୍ନ ସରକାରୀ ତଥା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ପରିଦର୍ଶନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସାମ୍ପିକ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶେଷରେ ବିଦ୍ୟାଳୟର ସହ-ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଯଥା ବିନୋଦ ଚନ୍ଦ୍ର ଜେନା, ମନୋଜ କୁମାର ପଣ୍ଡା, ପ୍ରମୋଦ କୁମାର ରଥ, ହରିକୃଷ୍ଣ ମିଶ୍ର, ହରିନାଥ ପାତ୍ର, ସର୍ବୋତ୍ତମ ପ୍ରକଳ୍ପ ଚୟନ କରିବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାନଙ୍କର ସହଯୋଗ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଜ୍ଞାନବିଜ୍ଞାନ ମେଳାରେ ଗଣିତ ପ୍ରକଳ୍ପରେ ୧୦୦ ଜଣ, ବିଜ୍ଞାନ ପ୍ରକଳ୍ପରେ ୧୮୦ ଜଣ, ପ୍ରଶ୍ନମଞ୍ଚରେ ୪୦୩ ଜଣ, ପ୍ରୟୋଗରେ ୧୪୩ ଜଣ, ପତ୍ରବାଚନରେ ୯୦ ଜଣ, ମୂର୍ତ୍ତୀକଳାରେ ୫୨ ଜଣ, କଥାକଥନ ୫୬ ଜଣ ଓ ନିବନ୍ଧ ଲିଖନରେ ୪୭ଜଣ ଏହିପରି ସର୍ବମୋଟ ୧୦୭୧ ଜଣ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇଭଉଣୀମାନେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ। ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇ କୃତି ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ବେତନଟୀ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଆମ୍ବଗଡ଼ିଆ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ନିଜ ଚାଷ ଜମିରେ କାମ କଲାବେଳେ ହଠାତ୍ ମେଘ ଓ ଘଡ଼ଘଡ଼ି ହେବା ଯୋଗୁଁ ବଜ୍ରପାତରେ ଈଶ୍ୱର ବେଶ୍ରା ନାମକ ୩୪ ବର୍ଷିୟ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ପ୍ରଥମେ ବଜ୍ରପାତର ପ୍ରଭାବରେ ସେ ବିଲ ଭିତରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଅନ୍ୟ ଚାଷୀଙ୍କ ସହାୟତାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ପାଇ ୩୮ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇଥିବା ସୂଚନା ମିଳିଛି।

## ଧାରଣାରେ ବସିଲେ ଶିକ୍ଷକ ଓ କର୍ମଚାରୀ



ଝିଙ୍କାରପୁର, (ଭାସ୍କର ନ୍ୟୁଜ୍) : ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଝିଙ୍କାରପୁର ଶାଖା ପକ୍ଷରୁ ୬ ଦଫା ଦାବି ନେଇ ଆଜି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦିଆଯାଇଛି। ଏହି ଧାରଣାରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ। ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ, ଅବସର ନେବାକୁ ଥିବା ଓ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ ଏବଂ ଅବସର କାଳୀନ ସୁବିଧା ଯୋଗାଇଦେବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଆଦି ୬ଟି ଦାବି ନେଇ ଏହି ଧାରଣା ଜାରି ରହିଛି। ରାଜ୍ୟ ଶିକ୍ଷକ ମହାସଂଘ ସଭାପତି ଧନଞ୍ଜୟ କେଶରୀ ରାଉତରାୟ, ସନ୍ତୋଷ ମିଶ୍ର, ମୀନକେତନ ପୁହାଣ, ଜିଲ୍ଲା ଓଷ୍ଟା ପରାମର୍ଶ ଦାତା ସୁବାସ ଚନ୍ଦ୍ର ପ୍ରଧାନ, ଓଷ୍ଟା ସମ୍ପାଦକ ତଥା ମିଳିତ ଶିକ୍ଷକ ଓଡ଼ିଶା ସ୍କୁଲ, କଲେଜ ଆବାହକ ଭରତ ଚନ୍ଦ୍ର ନାୟକ, ପିତାମ୍ବର ସ୍ୱାଇଁ, ସୁବାସ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଧାରଣାରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଧାରଣାକୁ ସମର୍ଥନ ଜଣାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରବୋଧ କୁମାର ଦାସ, ବିଜେପି ନେତା ପୁରୁଷୋତ୍ତମ ବେହେରା ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦେଇଛି ବ୍ଲକ ଓଷ୍ଟା ସଂଘ।

# ବଦଳି ଆଦେଶକୁ ରଦ୍ଦ କଲେ ନୂତନ ଜିଲ୍ଲାପାଳ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଗତ ଜୁନ ମାସରେ ପତ୍ର ସଂଖ୍ୟା ୩୭୭୭/ ୩୭୮୧/୩୭୭୫/୧୩/୦୬/୨୫ ପ୍ରକାରେ ୪୧ ଜଣ ରାଜସ୍ୱ ସହାୟକ, ୨୮ ଜଣ ରାଜସ୍ୱ ନିରିକ୍ଷକ ଏବଂ ୧୨ ଜଣ ଅତିରିକ୍ତ ରାଜସ୍ୱ ନିରିକ୍ଷକଙ୍କୁ ଜିଲ୍ଲା ମଧ୍ୟରେ ଅନ୍ୟତ୍ର ବଦଳି କରିଥିଲେ। ବଦଳି ଆଦେଶ ଅନୁସାରେ ସଂପୃକ୍ତ କର୍ମଚାରୀମାନେ ନିଜନିଜ ସ୍ଥାନକୁ ଯାଇ ଜଏନ ମଧ୍ୟ କରିଥିଲେ। ଏହାର କିଛିଦିନ ପରେ ଜିଲ୍ଲାପାଳ ମହୋଦୟଙ୍କ ମାଲକାନଗିରିରୁ ଅନ୍ୟତ୍ର ବଦଳି ହୋଇ ଯାଇଥିଲା। ଜିଲ୍ଲାପାଳ ଏଠାରୁ ଯିବାପରେ ତାଙ୍କ ସ୍ଥାନରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କିଛି ଦିନ ପାଇଁ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲାପାଳ ବଦଳି କରିଥିବା ମୋଟ ୮୧ ଜଣ କର୍ମଚାରୀ ମଧ୍ୟରୁ ୨୧ ଜଣଙ୍କୁ , ସେମାନେ ଚାହୁଁ ଥିବା ସ୍ଥାନ ଏବଂ ପୂର୍ବରୁ ଥିବା ସ୍ଥାନକୁ ପତ୍ର ସଂଖ୍ୟା ୫୨୬୪/୫୨୬୬/ ୫୨୬୨/୨୯.୭.୨୫ ଏବଂ ୫୨୮୬/ ୩୦.୭.୨୫ ପ୍ରକାରେ ଅତିରିକ୍ତ ଜିଲ୍ଲାପାଳ ବଦଳି କରିଛନ୍ତି। ଏଥିରେ ୭ ଜଣ ରାଜସ୍ୱ ସହାୟକ,୧୦ ଜଣ ରାଜସ୍ୱ ନିରିକ୍ଷକ ଏବଂ ୪ ଜଣ ଅତିରିକ୍ତ ରାଜସ୍ୱ ନିରିକ୍ଷକ ରହିଥିବା ବେଳେ ବ୍ୟାପକ ଅର୍ଥ କାରବାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ତେବେ ଏହି ତାଲିକାରେ ୭ ଜଣ ରାଜସ୍ୱ ସହାୟକ ମଧ୍ୟରୁ ମଣିମାଳା ପଟ୍ଟନାୟକ, ପି.ଶ୍ରୀନିବାସ ରାଓ, ସୁରେନ୍ଦ୍ର ଖଟେଇ, ସୋମନାଥ ପାତ୍ର, ଭିଡିଭି ସତ୍ୟନାରାୟଣ, ପି.ଅଜିତ କୁମାର ପାତ୍ର ଏବଂ କାଳି ପ୍ରସାଦ ମିଶ୍ର ରହିଛନ୍ତି। ରାଜସ୍ୱ ନିରିକ୍ଷକ ତାଲିକା ମଧ୍ୟରୁ ସତାବଦ୍ଦି ମଣ୍ଡଳ, ପ୍ରୀୟଙ୍କା ପ୍ରଧାନ, ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀ ନାରାୟଣ ଖଣ୍ଡୁଆଳ, ସିମାଞ୍ଚଳ ସାହୁ, ପ୍ରୀୟଙ୍କା କୁମାରି ଖରା, ବଜା ମାଡକାମି, ଚିନ୍ମୟୀ ମହାପାତ୍ର, ଲମ୍ବୋଦର ପାତ୍ର ବିଦ୍ୟୁତ୍ ପ୍ରଭା କୁଅାଁର ରହିଛନ୍ତି। ସେହିପରି ଅତିରିକ୍ତ ରାଜସ୍ୱ ନିରିକ୍ଷକ ତାଲିକା ମଧ୍ୟରୁ ଗୀତା ଦେବୀ ବାରୋଇ, ତପୁଶ୍ରୀ ଦେବନାଥ, ପଦ୍ମାବତୀ ସରକାର ଏବଂ ମିଥୁନ ହନ୍ତାଳ ରହିଥିବା ଜଣାପଡିଛି। ତେବେ କାହା ସ୍ୱାର୍ଥରେ ପୂର୍ବତନ ଜିଲ୍ଲାପାଳ କରିଥିବା ଅନ୍ୟତ୍ର ବଦଳିକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଦ୍ୱାରା ବାତିଲ ଘଟଣା ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ତେଣୁ ନୂତନ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏ ଦିଗରେ ଦୃଷ୍ଟି ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କରିଥିବା ବଦଳିକୁ ରଦ୍ଦ କରିଥିବା ସୂଚନା ମିଳିଛି।

# ଅବାଧରେ ଚାଲିଛି ଗୋମାତା ବିକ୍ରି: ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାର ଗ୍ରାମାଞ୍ଚଳରୁ ଗାଈଗୋରୁଙ୍କ ସଂଖ୍ୟା ହ୍ରାସ ଏବଂ ଚାରଣ ଭୂମିର ଅଭାବ ଏକ ନୂତନ ସମସ୍ୟା ନୁହେଁ। କିନ୍ତୁ ଏହା ଏକ ଗମ୍ଭୀର ଚ୍ୟାଲେଞ୍ଜ ଯାହା ବହୁ ଦଶନ୍ଧି ଧରି ଚାଲିଆସିଛି ଏବଂ ଗ୍ରାମୀଣ ଭାରତର ମୂଳଦୁଆକୁ ଦୋହଲାଇ ଦେଇଛି। କାରଣ ବର୍ତ୍ତମାନ ବଜାରରେ ବିକ୍ରି ହେଉଥିବା ମାଛ ଦର ଠୁଁ କମ୍ ଦାମ୍‌ରେ ନିଜ ଗାଈଗୋରୁଙ୍କୁ ବିକି ଦେଉଛନ୍ତି ଚାଷୀ ଓ ସାଧାରଣ ଲୋକ ମାନେ। ଏହା ଦେଖି ଆଶ୍ଚର୍ଯ୍ୟ ଏବଂ ଦୁଃଖ ଲାଗୁଛି ଯେ ଯେତେବେଳେ ଏହି ସମସ୍ୟା ଏତେ ପୁରୁଣା ଏବଂ ବର୍ତ୍ତମାନ ଏହା ଗମ୍ଭୀର ରୂପ ନେଇଛି, ପ୍ରଶାସନ ପକ୍ଷରୁ କାହିଁକି ଆଶା କରାଯାଇଥିବା ସକ୍ରିୟତା ଏବଂ ତୁରନ୍ତ ପଦକ୍ଷେପ ନିଆଯାଉ ନାହିଁ। ଏହା ହେଉଛି ମୌଳିକ ପ୍ରଶ୍ନ ଯାହା ଯୋଗୁଁ ଗାଈଗୋରୁ ଧୀରେ ଧୀରେ ଗାଁରୁ ଲୋପ ପାଉଛନ୍ତି ଏବଂ ଚାଷୀମାନେ ବହୁତ କମ୍ ମୂଲ୍ୟରେ ସେମାନଙ୍କର ଗାଈ ବିକ୍ରି କରିବାକୁ ବାଧ ହେଉଛନ୍ତି। କାରଣ ବର୍ତ୍ତମାନ ବର୍ଷା ଋତୁ ଚାଲିଛି ଏହି ସମୟରେ ଗ୍ରାମାଞ୍ଚଳରେ ଚାଷୀ ମାନେ ନିଜ ନିଜର ଜମିରେ ଧାନ ତଳି ପକାନ୍ତି ଏବଂ ଯେତେବେଳେ ଏହି ଅଞ୍ଚଳରେ ଥିବା ସମ୍ପୂର୍ଣ୍ଣ ଜାଗାରେ ଧାନ ବୁଣା ବା ଧାନ ତ ଳ ି ଲ ଗ ା ଇ ବ ା ସରିଯାଇଥାଏ ସାଧାରଣତଃ ଗାଈ ଗୋରୁ ଠୁଁ ଆରମ୍ଭ କରି ଛେଳି ଆଦି ସମସ୍ତ ଗୃହପାଳିତ ପ୍ରାଣୀ ନିଜ ଘରେ ବାନ୍ଧିକି ରଖିବା ପାଇଁ ସୂଚନା ବା ସ୍ଲୋଗାନ ଦିଆଯାଇଥାଏ ଏବଂ ପରବର୍ତ୍ତୀ ସମୟରେ ଯଦି କୌଣସି ଗରିବ ବା ମଧ୍ୟବିତ୍ତ ପରିବାରର ଚାଷୀଙ୍କ ସେହି ଭୋକ ଉପାସରେ ରହିଥିବା ନିରୀହ ପ୍ରାଣୀ ଯଦି କାହାରି ଫସଲକୁ ଖାଇ ନିଜ ଭୋକିଲା ପେଟକୁ ପୋଷଣ କରନ୍ତି ସେତେବେଳେ ଲାଗି ଯାଏ କଳି। ଧାନ ଜମି ମାଲିକ ଓ ପାଳନ କରିଥିବା ଗାଈ ମାଲିକଙ୍କ ମଧ୍ୟରେ ମାର୍ ପିଟ୍ ସହ କ୍ଷତିପୂରଣ ପାଇଁ ଗାଈ ମାଲିକଙ୍କୁ ବାଧ କରାଯାଇଥାଏ। ତେବେ ଏହାର ମୁଖ୍ୟ କାରଣଗୁଡ଼ିକ ଜମିରେ ଅନୁବାଦ କରିବା ଉପରେ ଏନ୍‌କ୍ରୋଚମେଣ୍ଟ ଏବଂ ବେଆଇନ ବୃତ୍ତି ବୃଦ୍ଧି କରୁଛି। ଜମି ମାଲିକ ରେକର୍ଡରେ ଲିପିବଦ୍ଧ ହୋଇଛି, କିନ୍ତୁ ଭୂମି ବାସ୍ତବତା ଅନ୍ୟ କିଛି ଅଟେ। ଯାହା ଦ୍ୱାରା ପଶୁମାନଙ୍କ ପାଇଁ ଚରାଇବା ପାଇଁ ସ୍ଥାନ ନାହିଁ। ଯେତେବେଳେ ଗାଈମାନଙ୍କ ପାଇଁ କୌଣସି ଚାରଣଭୂମି ନଥାଏ, ଚାଷୀମାନେ ସେମାନଙ୍କୁ ପାଳନ କରିବାକୁ ଆର୍ଥିକ ଭାବରେ ଅସମର୍ଥ ହୋଇଥାନ୍ତି। ସେମାନଙ୍କୁ ଖାଦ୍ୟ କିଣିବାକୁ ପଡ଼େ, ଯାହା ଏକ ବିରାଟ ବୋଝ। ଚାଷୀମାନେ ସେମାନଙ୍କର ଗାଈମାନଙ୍କୁ କମ୍ ମୂଲ୍ୟରେ ବା ଆଳୁ ବସ୍ତା ଦର ମୂଲ୍ୟରେ ବିକ୍ରି କରିବାକୁ ବାଧ ହୁଅନ୍ତି। ଯାହା ଗ୍ରାମୀଣ ଅର୍ଥନୀତି, ଜୈବିକ କୃଷି ଏବଂ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ବଡ଼ କ୍ଷତି। ତେବେ ପ୍ରଶାସନିକ ଅଧିକାରୀମାନେ, ସେମାନେ ଜିଲ୍ଲା ମାଜିଷ୍ଟ୍ରେଟ ହୁଅନ୍ତୁ କ ି ମ୍ବ ା ତହସିଲଦାର, ସେମାନଙ୍କର ପ୍ରାଥମିକ ଦାୟିତ୍ୱ ହେଉଛି ସାର୍ବଜନୀନ ଜମି, ବିଶେଷକରି ଗୋଚର ଜମିକୁ ସୁରକ୍ଷା ଦେବା। ଯଦ୍ୱାରା ବେଆଇନ ଭାବେ ଦଖଲ କରାଯାଇଥିବା ଗୋଚର ଭୂମି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ଏବଂ ଜବରଦଖଲ ହଟାଇ ପାରିବ, ଯାହା ଫଳରେ ଜମି ରେକର୍ଡକୁ ସ୍ୱଚ୍ଛ ଏବଂ ସଠିକ କରିପାରିବ। ତେଣୁ ଚାରଣ ଭୂମି ପାଇଁ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଦାବି କରାଯାଇଛି, ଯାହା ଦ୍ୱାରା ସ୍ଥାନୀୟ ସମ୍ପ୍ରଦାୟ ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକ ସଶକ୍ତ ହେବା ସହ ସେମାନେ ସେମାନଙ୍କର ଅଧିକାର ଏବଂ ଜମିକୁ ସୁରକ୍ଷା ଦେଇପାରିବେ। ତେଣୁ ମାଲକାନଗିରି ଜିଲ୍ଲା ପ୍ରଶାସନ ନୀରବତା ଭାଙ୍ଗି ଏହି ଗମ୍ଭୀର ସଙ୍କଟ ପ୍ରତି ତୁରନ୍ତ ଧ୍ୟାନ ଦେବାର ସମୟ ଆସିଛି, ନଚେତ୍ କେବଳ ଗୋରୁ ନୁହେଁ ବରଂ ଗ୍ରାମୀଣ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟ ଆମ ଗାଁରୁ ଧୀରେ ଧୀରେ ଲୋପ ପାଇଯିବ। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ଏହି ଦିଗରେ କଣ ପଦକ୍ଷେପ ନେଉଛି ତାହା ପ୍ରତି ସମସ୍ତଙ୍କର ନଜର ରହିଛି।

**ଗୋଚର ଭୂମି ଉପରେ ଜବରଦଖଲ ସାଜିଛି ମୁଖ୍ୟକାରଣ**

## ଚାନ୍ଦୁଆ ଥାନାରେ ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି



ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତ ନେଲେ ଅବସର ତାଙ୍କ ବଦଳରେ ଚାନ୍ଦୁଆ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇ ଦାୟିତ୍ୱଗ୍ରହଣ କରିଛନ୍ତି ଲକ୍ଷ୍ମଣ କୁମାର ନାଏକ। ତେବେ ଯୋଗଦେବା ପରେ ଦୁର୍ବୃତ୍ତ, ଜୁଆଳି, ଚୋରା ଗୋ ଚାଲାଣକାରୀ ଏବଂ ଅସାମାଜିକ ଲୋକ ଉପରେ ତୀବ୍ର ନଜର ରଖିବା ସହ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି। ତେବେ ପୂର୍ବତନ ଥାନା ଅଧିକାରୀ ଅବସର ନେବାପରେ ଓ କାର୍ଯ୍ୟରେ ଯୋଗଦେଇ ଥିବା ଥାନାଅଧିକାରୀ ଉଭୟ ଦେଉଳି ସ୍ଥିତ ଓମ ଶିଶୁ ଶିକ୍ଷା କେନ୍ଦ୍ରକୁ ଆସି, ଛାତ୍ରଛାତ୍ରୀଙ୍କୁ ଭଲ କାର୍ଯ୍ୟକରି ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଭଲ ମଣିଷ ହେବାପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଓମ୍ ଶିଶୁ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବେହେରା ଓ ଅଧ୍ୟକ୍ଷା ଚନ୍ଦ୍ରିକା ପୁଆଳଙ୍କ ସହ ସମସ୍ତ ଶିକ୍ଷକ ଶିକାୟିତ୍ରୀ ଉପସ୍ଥିତ ଥିଲେ।



ବଡ଼ଚଣା, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧକ୍ଷତାରେ କଲେଜ ନବ ମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ବାର ତାରିଖରୁ କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଏହା ଏକ ବର୍ଷ ବ୍ୟାପି ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। କଲେଜ ପରିସରରେ ଥିବା ଭାରତ ପାକିସ୍ତାନ ଯୁଦ୍ଧରେ ସାମିଲ ଥିବା ବିଜୟ ସ୍ମାରକୀ ଋଷିଆ ନିର୍ମିତ ୫୫ କମାଣର ରକ୍ଷଣାବେକ୍ଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। ଏହି ବୈଠକରେ ଏଥିରେ ସଂଘର ଉପଦେଷ୍ଟା ନିହାର ରଂଜନ ଦାସ ପଟ୍ଟନାୟକ, ଉପସଭାପତି ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଓ ପ୍ରଦୀପ କୁମାର ଧଳ, ସୁଶ୍ରୀ କାମିନୀ ନାୟକ, ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ଚନ୍ଦନ ନାୟକ, ଅଧ୍ୟାପକ ବିଜୟ କେତନ ସାମଲ ଓ ଡ ଦିଲ୍ଲୀପ କୁମାର ନାୟକ, ପ୍ରସନ୍ନ କୁମାର ବିଶ୍ୱାଳ, ମନୋରଞ୍ଜନ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ପବିତ୍ର କୁମାର ରାଉତ, ଅନିଲ କୁମାର ଦାସ, ଜୟରାମ ସାହୁ, କଳ୍ପତରୁ ସାହୁ, ଦେବେନ୍ଦ୍ର କୁମାର ନାୟକ, ଦିପକ କୁମାର ସାମଲ, ତନ୍ମୟ ଜିତ ସ୍ୱାଇଁ, ସତ୍ୟବ୍ରତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।



# ମୁଖ୍ୟ ରାସ୍ତାରେ ରହୁଛି ବସ୍, ଯାତ୍ରୀ ହନ୍ତସନ୍ତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ମହକୁମାର ମୁଖ୍ୟ ରାସ୍ତା କଡରେ ଯାତ୍ରୀ ପରିବହନକୁ ନେଇ ଦୀର୍ଘ ସମୟ ଧରି ବସ ଠିଆ ହେବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ କିଛି ସମୟ ଛିଡା ହେବା ପରେ ପୁଣି ସେଠାରୁ ୨୦୦ ମିଟର ଦୂର ଲାବଣ୍ୟ ଛକରେ ବହୁ ସମୟ ଧରି ଛିଡା ହେଉଛି ବସ ଗୁଡିକ। ଫଳରେ ଲାବଣ୍ୟଛକରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟାଉନ ପୋଲିସ ପକ୍ଷରୁ ବେଆଇନ ପାର୍କିଂ କରୁଥିବା ବସ ଗୁଡିକୁ ତାଗିଦ କରାଯାଇଥିଲେ ମଧ୍ୟ ଲାବଣ୍ୟ ଛକରେ ବସ ଗୁଡିକ ଦୀର୍ଘ ସମୟ ଧରି ଠିଆ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଲାବଣ୍ୟ ଛକ ଦିନକୁ ଦିନ ଟ୍ରାଫିକ୍ ବ୍ୟବସ୍ଥା ଜନସାଧାରଣଙ୍କ ପାଇଁ ଯନ୍ତ୍ରଣା ଦାୟକ ହେଉଥିବା ବେଳେ ଏହି ଟ୍ରାଫିକ୍ ସମସ୍ୟା ପାଇଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି କେନ୍ଦୁଝର ସହରର ତହସିଲ ଛକ ରାସ୍ତାରେ ସାଧାରଣ ଲୋକେ ଯାତାୟତ କରିବା ଘୋର ବିପଦଜନକ ହୋଇପଡିଛି।




ଏହି ରାସ୍ତାରେ ବହୁ ସମୟ ଧରି ରାସ୍ତା ଜାମ ଯୋଗୁଁ ଲୋକମାନେ ହଇରାଣ ହେଉଛନ୍ତି। ଏହି ରାସ୍ତାରେ କିଛି ସମୟରେ ଜରୁରୀ ସେବା ଯଥା ଆମ୍ବୁଲାନ୍ସ ମଧ୍ୟ ବହୁସମୟ ଧରି ଅଟକୁଥିବା ନଜିର ରହିଛି। ଦୁଇଚକିଆ ଯାନରେ ଯାଉଥିବା ଲୋକମାନେ ମଧ୍ୟ ବହୁ ସମୟରେ ଅଟକି ରହୁଥିବା ଲକ୍ଷ୍ୟ କରାଯାଉଛି। ସବୁଦିନେ ଲୋକମାନେ ଅଯଥା ଟ୍ରାଫିକ୍ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ରାସ୍ତା କଡରେ ଏବେ ବି ଦୀର୍ଘ ସମୟ ଧରି ଯାତ୍ରୀବାହୀ ବସଗୁଡିକ ଠିଆ ହୋଇ ରହୁଥିବା ବେଳେ ନିର୍ମିତ ହୋଇଥିବା ବସଷ୍ଟାଣ୍ଡ କାମରେ ଆସୁନାହିଁ। ତେବେ କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ବସଷ୍ଟାଣ୍ଡକୁ ସମସ୍ତ ବସ ଗୁଡିକ ଯାଉ ନଥିବା ଅଭିଯୋଗ ହେଉଛି। କେନ୍ଦୁଝର ସହରର ବିଭିନ୍ନ ଛକ ଗୁଡିକରେ ଦୀର୍ଘ ସମୟ ଧରି ଛିଡା ହୋଇଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଭଳି ବସଗୁଡିକର ବେଆଇନ ପାର୍କିଂକୁ ସାଧାରଣ ଲୋକ ବିରୋଧ କରୁଥିବାରୁ ପ୍ରଶାସନର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

# 'ଆସ ବୃକ୍ଷ ସହ କରିବା ମିତ' କାର୍ଯ୍ୟକ୍ରମ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ) :ଅଗଷ୍ଟ ମାସ ପ୍ରଥମ ରବିବାର ହେଉଛି ବନ୍ଧୁତା ଦିବସ ଏହି ଅବସରରେ ବ୍ରହ୍ମପୁର ସବୁଜବାହିନୀ ଓ କଳିଙ୍ଗ ବିଦ୍ୟା ମନ୍ଦିରର ମିଳିତ ଆନୁକୂଲ୍ୟରେ ଏକ ନିଆରା କାର୍ଯ୍ୟକ୍ରମ 'ଆସ ବୃକ୍ଷ ସହ କରିବା ମିତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ



ସହରରେ ଥିବା ଶହ ଶହ ପୁରୁଣା ବଡ଼ ବଡ଼ ବଟ ଓ ଅସ୍ୱତତ୍ ବୃକ୍ଷ ଗୁଡ଼ିକର ସୁରକ୍ଷା ପାଇଁ ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କୁ ସହ ମିଶି ପରିବେଶ ଅନୁକୂଳ ଫୁଲ ଓ ନଡ଼ିଆ ଗଛର ପତ୍ରରେ ତିଆରି କରାଯାଏ ମିତ୍ରତାର ଡୋରି। ସେହି ଡୋରିକୁ ସମସ୍ତେ ଗଛରେ ବାନ୍ଧି ବୃକ୍ଷ ସହ ମିତ୍ରତା କରିବା ସହ ଗଛକୁ ସୁରକ୍ଷା ଦେବା ପାଇଁ ଶପଥ ନେଉଥିବା ବେଳେ ଏହି ବର୍ଷ ସୂକୁଣ୍ଡା ହଜ ଠାରେ ବିଗତ ଦିନରେ ଲଗା ଯାଇଥିବା ବିଭିନ୍ନ ପ୍ରକାରର ବୃକ୍ଷ ମାନଙ୍କୁ ପରିବେଶ ଅନୁକୂଳ ଫୁଲ ଓ ପତ୍ରରେ ମିତ୍ରତାର ଡୋରି ତିଆରି କରିବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥିଲା। ଡୋରି ତିଆରି କରି ବୃକ୍ଷକୁ ବାନ୍ଧିଥିଲେ, ସଂଗଠନର ସଦସ୍ୟ ମାନେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ଏକ ସ୍ୱତନ୍ତ୍ର ନାରା 'ବନ୍ଧୁତା ଦିବସରେ ନେବା ଶପଥ, ଆସ ବୃକ୍ଷ ସହ କରିବା ମିତ' ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଭିନ୍ନ ପର୍ବ ପର୍ବାଣୀରେ ଲୋକମାନଙ୍କୁ ପ୍ରକୃତି ସହିତ ଜଡିବା ଓ ପରିବେଶର ସୁରକ୍ଷା ଦେବା ଯାହା ଦ୍ୱାର ବୃକ୍ଷର ସୁରକ୍ଷା ସହିତ ବୃକ୍ଷର ଉପକାରିତା ସମ୍ପର୍କରେ ଲୋକମାନେ ସୋଚେତନ ହେବେ ଓ ପରିବେଶ ସହିତ ଯୋଡ଼ି ହେବା। ଏହି କାର୍ଯ୍ୟକ୍ରମରେ ପରିଚାଳନା କରିଥିଲା ସଂଗଠନର ସଭାପତି ଶିବରାମ ପାଣିଗ୍ରାହି, ସମ୍ପାଦକ ସାଗର ପ୍ରସାଦ ପାତ୍ର, ଉପ ସଭାପତି ଏ ପ୍ରକାଶ, ପି ବିନୋଦ, ଅନିଲ ଚୌଧୁରୀ,ଅଜୟ ସାହୁ, ପ୍ରବୀଣ ନାୟକ, ସୀମାଦ୍ରି ବାଲାଜୀ ଓ ସ୍କୁଲର ଶିକ୍ଷକ ମାନେ ସହଯୋଗ କରିଥିଲେ।

# ଅଧିବାସୀ ସମାଜ ବିକାଶ ପରିଷଦର ଜିଲ୍ଲାସ୍ତରୀୟ ବୈଠକ ଓ ଭେଟଘାଟ

ପାପଡାହାଣ୍ଡି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜଟାବାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚ଼ିଙ୍ଗଡ଼ସର ଗ୍ରାମରେ କୋଟିଆ ଆଧିବାସୀ ସମାଜ ବିକାଶ ପରିଷଦର ଜିଲ୍ଲାସ୍ତରୀୟ ବୈଠକ ଓ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି କୈଳାଶ ଦୋରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିରୂପେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ବିଧାୟକ ପ୍ରତିନିଧି ରଜନୀକାନ୍ତ ଶାସମଲ, ଜିଲ୍ଲା ସଭାପତି ଅଖିଳ ଭାରତୀୟ ଏସସି, ଏସଟି ସଂଘ ଭଗବାନ ବୈରାଗୀ, ଅନୁସୂଚିତ ଏସସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, କୋଟିଆ ଅଧିବାସୀ ସମାଜ କୋରାପୁଟ ଜିଲ୍ଲା ସଭାପତି ଡମ୍ବରୁଧର ଉଣ୍ଡା, କୋରାପୁଟ ଜିଲ୍ଲା ସମ୍ପାଧକ ଗଙ୍ଗାଧର ପାଙ୍ଗି, କୋରାପୁଟ ଜିଲ୍ଲା ସହ ସମ୍ପାଧକ ସୁବାଷ ବୁରୁଡି, କୋରାପୁଟ ଜିଲ୍ଲା କୋଷାଧକ୍ଷ ଘନଶ୍ୟାମ ବୁରୁଡି, ବୈପାରୀଗୁଡା ବ୍ଲକ ସଭାପତି ଜଗତ ରାୟ, ଜଟାବାଲ ସମିତି ସଭ୍ୟ, ଜଟାବାଲ ଗ୍ରାମପଞ୍ଚାୟତ ନାଇବ ସରପଞ୍ଚ ଯାହାଙ୍ଗୀର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ବୈଠକରେ ନବରଙ୍ଗପୁର ଜିଲ୍ଲା ଉପସଭାପତି ତ୍ରିନାଥ ପାଇକ, ସମ୍ପାଧକ ପୀତବାସ ରାଣା, ଯୁଗ୍ମ ସମ୍ପାଧକ ରବୀନ୍ଦ୍ର ତାଂଗୁଲ, କୋଷାଧକ୍ଷ ଖଗେଶ୍ୱର ପାଇକ ସହ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ୧୯୯୩ ମସିହାରେ ଜଙ୍ଗଲ ବଣ ପାହାଡ ଘେରା ଆନ୍ଧ୍ର ସୀମାନ୍ତ ଆଲମଣ୍ଡା ସରକାରୀ ହାଇସ୍କୁଲରେ ଶିକ୍ଷାଦାନ ଆରମ୍ଭ କରିଥିଲେ ରାଜେନ୍ଦ୍ର କୁମାର ରାଉତ। ସୀମାନ୍ତରେ ଶିକ୍ଷାର ବିକାଶ, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ୩୩ ବର୍ଷ ଶିକ୍ଷକ ଭାବେ ଶିକ୍ଷା ପ୍ରଦାନ କରିବା ସହ ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଯାହାଫଳରେ ବର୍ତ୍ତମାନ ଭଲ ଛାତ୍ର ଆଉ ସ୍କୁଲରେ ଦେଖାଯାଉ ନାହାନ୍ତି। ଆଜି ଅନେକ ଭଲ ଛୋଟ ଛୋଟ ଶିଶୁକୁ ଅବିଭାବକ ଗାଡ଼ି ମାଧମରେ ଆନ୍ଧ୍ରପ୍ରଦେଶ କୁ ପାଠ ପଢ଼ାଇବା ପାଇଁ ପଠାଉଛନ୍ତି। ସ୍କୁଲର ସୌନ୍ଦର୍ଯ୍ୟ କରଣ ଓ ପରିବେଶ ସୁରକ୍ଷା ରେ ଦଶ ହଜାର ରୁ ଅଧିକ ଗଛ ଲଗେଇ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଯେତେବେଳେ ସେ ଯୋଗ ଦେଇଥିଲେ ସେତେବେଳେ ବଣ ଜଙ୍ଗଲ ନଥିଲା। ଜଙ୍ଗଲ ସୁରକ୍ଷା ଜଙ୍ଗଲ ସୃଷ୍ଟି ଲକ୍ଷରେ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ କିସମର ଆମ୍ବ, କାଜୁ, ପିଜୁଳି ପରି ବିଭିନ୍ନ ଫଳ ଚାରା ପ୍ରସ୍ତୁତ କରି ଗାଁ ଗାଁ' ରେ ସଚେତନ କରେଇ ଗଛ ଲଗେଇ ଥିଲେ। ଏଥିରେ ସେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ



ଠାରୁ ପୁରସ୍କାର ପାଇ ସାରିଛନ୍ତି। ତାଙ୍କରି ଆଦର୍ଶ ରେ ଅନୁପ୍ରାଣିତ ହୋଇ ପ୍ରତିବର୍ଷ ଜୁଲାଇ ମାସରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜଙ୍ଗଲ ସୃଷ୍ଟି ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଥାନ୍ତି। ଅବସର ପରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଏକ ଟ୍ରଷ୍ଟି ଗଠନ କରି ରକ୍ତଦାନ ଶିବିର ଆୟୋଜନ କରିବା ସହ ଗଛ ଲଗେଇବା ପରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ ରଖିଥିବା କହିଛନ୍ତି ରାଜେନ୍ଦ୍ର କୁମାର ରାଉତ। ରାଜ୍ୟ ବାହାରୁ ଦେଶବିଦେଶରୁ ୩୩ ବର୍ଷର ଶିକ୍ଷାଦାନ କରିଥିବା ଛାତ୍ରଛାତ୍ରୀମାନଙ୍କ ମିଳିତ ଉଦ୍ୟମରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇ ଥିଲା ସ୍କୁଲ ପରିସରରେ। କିଏ ଡାକ୍ତର, କିଏ ଇଂଜିନିୟରି, କିଏ ବ୍ୟାଙ୍କ କର୍ମଚାରୀ ତ କିଏ ଶିକ୍ଷକ ତ କିଏ ପୋଲିସ ତ କିଏ ଠିକାଦାର ଆଉ କିଏ ସଫଳ ବ୍ୟବସାୟୀ। ନିଜ ପିଲା ଛୁଆଙ୍କ ସହ ଛୁଟି ଆସି ଯୋଗଦେଇଥିଲେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ। କିଏ ଫୁଲମାଳ ଦେଇ ପାଦ ସ୍ପର୍ଶ କରି ଆଶିର୍ବାଦ ନେଉଥିଲା ତ କିଏ ଫୁଲ ଉପଢ଼ୌକନ ତ କିଏ ସୁନାମୁଦୀ ଦେଇ ସ୍ମୃତିକୁ ମନେ ରଖିବାକୁ ଫଟୋ ଉଠାଉଥିଲା। ତ ଆଉ କିଏ ନିଜ ପିଲାଛୁଆଙ୍କୁ ସାରଙ୍କ ପାଖରେ ବସାଇ ଆଦର୍ଶ ବିଦ୍ୟାଳୟରେ ଆଦର୍ଶ ବିଦାୟ କାଳୀନ ପ୍ରଧାନ ଶିକ୍ଷକଙ୍କ ସହିତ ଫୋଟ ଉଠାଇ ଥିଲେ। ଅନେକ ଛାତ୍ରଛାତ୍ରୀ ପ୍ରଧାନ ଶିକ୍ଷକ ନିଜେ କଣ କିପରି ତାଙ୍କ ଆଦର୍ଶରେ ଆଜି ତା ବାପା ସରକାର କର୍ମଚାରୀ ହୋଇ ସେବା କରୁଛି ବଖାଣି ଥିଲେ। ବିରାଟ ସମାବେଶରେ ରେ ସାଢ଼େ ତିନିହଜାର ଛାତ୍ରଛାତ୍ରୀ, ପରିବାର ବର୍ଗ ,ଗ୍ରାମବାସୀ ଯୋଗ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିଥିଲେ ଆଲମଣ୍ଡା ସରକାରୀ ହାଇସ୍କୁଲ ପରିସରରେ। ବିଭିନ୍ନ ବର୍ଷର ପୁରାତନ ଛାତ୍ରଛାତ୍ରୀ ଭିନ୍ନଭିନ୍ନ ପ୍ରକାରରେ ସମ୍ବୋଧିତ କରି ଫୋଟୋ ଉଠେଇ ସ୍ମୃତି ସାଉଁଟି ଥିଲେ। ସ୍କୁଲ କର୍ତ୍ତୃପକ୍ଷ ,ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଇଭେଣ୍ଟ ସଭାପତି ଭାବେ ଜିଲ୍ଲା ସମ୍ପାଦକ ଅଲେଖ ପ୍ରସାଦ ରାଉତ, ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ।

# ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



କଣ୍ଟାମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବରଗୋଛା ପଞ୍ଚାୟତର ମାଝିପଡା ଗ୍ରାମର ଅତି ଗରିବ ନିରୀହ ରମେଶ ଜଗଦଲା (୪୦) ତାମିଲ ନାଡୁରେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ହୋଇଯାଇଛି। ଅଗ୍ରଣୀ ସାମାଜିକ ସଂଗଠନ ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ମୃତକଙ୍କ ଶବ ଘରକୁ ଆଣିବା ପାଇଁ ଅନୁରୋଧ କରାଯାଇଛି। ସୂଚନା ଅନୁସାରେ,ମାଝିପଡ଼ା ଗ୍ରାମର ରମେଶ ଗତ ମାର୍ଚ୍ଚ ୨୧ ତାରିଖରୁ ତାମିଲନାଡୁ ରାଜ୍ୟର ଏରୋଡ ଜିଲ୍ଲା ଅଧୀନସ୍ଥ ଚିନିମେଲାଇ ଥାନାର ଏଙ୍ଗର ଶିବକୋଟ ଏରିୟା ଗ୍ରାମର ସୁପ୍ରିମ ଇଣ୍ଡୋଷ୍ଟିୟା ପ୍ରାଇଭେଟ୍ ଲିମିଟେଡ଼ରେ ଏକ ପ୍ଲାଷ୍ଟିକ କମ୍ପାନୀରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ରବିବାର ୧୧ଟା ସମୟରେ କମ୍ପାନୀ ଭିତରେ କାର୍ଯ୍ୟ କରୁଥିବା ସମୟରେ ହଠାତ କମ୍ପାନୀ ଭିତରେ ଚେତାଶୂନ୍ୟ ହୋଇ ପଡିଗଲେ। ଅଚେତ୍ ଅବସ୍ଥାରେ ତାଙ୍କ ସହିତ କାମ କରୁଥିବା ଶ୍ରମିକ ମାନେ ମେଡିକାଲକୁ ନେଇଥିଲେ, ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦାଦନ ଶ୍ରମିକ ରମେଶ ଜଗଦଲାଙ୍କ ଧର୍ମ ପତ୍ନୀ ମହେନ୍ଦ୍ରୀ ଜଗଦଲା ସହିତ ଚାରୋଟି ପୁଅ ଝିଅ ଥିବା ବେଳେ ବାପାଙ୍କୁ ହରାଇ ସମସ୍ତେ ଅନାଥ ହୋଇ ପଡିଛନ୍ତି। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମସ୍ତେ ଭାଙ୍ଗି ପଡିଥିବା ବେଳେ ୪ପୁଅ ଝିଅଙ୍କୁ ନେଇ କେମିତି ଚଳିବେ ସେ ନେଇ ମହେନ୍ଦ୍ରି ଚିନ୍ତାରେ ପଡିଛନ୍ତି। ଦାଦନ ଶ୍ରମିକ ରମେଶଙ୍କ ମର ଶରୀରକୁ ନିଜ ଜନ୍ମ ମାଟିକୁ ଆଣିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଉପଯୁକ୍ତ ଆର୍ଥିକ କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ଅଗ୍ରଣୀ ସାମାଜିକ ସଂଗଠନ ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ନିକଟରେ ଅନୁରୋଧ କରିଛନ୍ତି।

# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ରବିବାର ସକାଳ ଜାତୀୟ ରାଜପଥ ନଂ.୫୭ର ମନମୁଣ୍ଡା ଥାନା ଜମଟାଙ୍ଗୀ ଗ୍ରାମ ନିକଟରେ ଏକ କାର ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଜମଟାଙ୍ଗୀ ନିକଟ ସାହୁପଡା ଗ୍ରାମର ବିକାଶ ଦେହୁରୀ ଏକ ବାଇକ ଯୋଗେ ବାଉଁଶୁଣୀ ଛକ ଆଡ଼କୁ ଆସୁଥିବା ବେଳେ ଅଁଳାପାଲିରୁ ଏକ କାର ସୋନପୁର ଆଡକୁ ଯାଉଥିବା ବେଳେ ଜମଟାଙ୍ଗୀ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ବାଉଁଶୁଣୀ ଦମକଳ ବାହିନୀ ଗୁରୁତର ବାଇକ ଆରୋହୀଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ଗୁରୁତର ବିକାଶ ଦେହୁରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିଥିବା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିବା ସୂଚନା ମିଳିଛି।

# ବନ୍ଧୁତା ଦିବସ ପାଳିତ

ନିଆଳି, (ଭାସ୍କର ନ୍ୟୁଜ୍): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ (ସିଭିପି)ପକ୍ଷରୁ ରବିବାର ସନ୍ଧ୍ୟାରେ ଏରଞ୍ଚ ଗୁରୁ ନୃତ୍ୟ ପ୍ରତିଷ୍ଠାନ ପରିସରରେ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ତନ, ମନ, ଧନ ପୂର୍ବକ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଶପଥ ନେଇଥିଲେ। ପରିଷଦର ସମ୍ପାଦକ ସାଗର କୁମାର ଗୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ପିତାମ୍ବର ସାହୁ, ସିଭିପି ମୁଖ୍ୟ ସରୋଜ



କୁମାର ସ୍ୱାଇଁ, ପାଠଚକ୍ର ସଂଯୋଜକ ସମରେନ୍ଦ୍ର ଗୁରୁ ଓ ସହ ସଂଯୋଜକ ବିଶ୍ୱଜିତ ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନରେ ଅଂଶଗ୍ରହଣ କରିଥିଲେ। ଯୁବ ସଂଗଠକ ସଂଗ୍ରାମ ବାରିକ ଧନ୍ୟବାଦ ଦେଇ ଥିଲେ।

# ମଠଜମିରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ବିଲ୍ ଉଠାଇବାକୁ ମସୁଧା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିସିଙ୍ଗା ଗ୍ରାମର ମଠଜମିରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯାଇ ବିଲ ଉଠାଇ ନେବାକୁ ବ୍ଲକ ପ୍ରଶାସନ ମସୁଧା ପଦାରେ ପଡିଛି। ଉଭୟ ନିର୍ମାଣ କାର୍ଯ୍ୟ ଓ ବିଲ ଉଠାଇବାକୁ ବିରୋଧ କରି ଆସୁଥିବା ମଠ ମହନ୍ତଙ୍କୁ ଠିକାଦାର ସଲାସୁତରରେ ବ୍ଲକ ପ୍ରଶାସନ ପ୍ରଭାବିତ କରି ଅଭିଯୋଗ ଖଣ୍ଡନ ଲେଖା ହାସଲ କରିଥିବା ଜଣାଯାଇଛି। ଗ୍ରାମର ଖାତାନଂ ୧୫୨ରେ ଖସଡା ନଂ ୬୫୨ ରକବା ଏ୦.୦୬ ଡେସିମିଲ ଘରବାଡି କିସମ ଅଟେ। ଏହି ଜମିର ମାଲିକ ଯାଜପୁର ଜିଲ୍ଲା ଗୁରୁଦାସପୁର ଗ୍ରାମର ଶ୍ରୀଚୈତନ୍ୟ ମଠ ମାର୍ଫତ ମହନ୍ତ ନିମାଁଇ ଚରଣ ଦାସଙ୍କ ନାମରେ ରହିଛି। ଏହା ଦେବୋତ୍ତର ସମ୍ପତ୍ତି ଅଟେ। ବ୍ଲକ ପକ୍ଷରୁ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦୨୩-୨୪ ଆର୍ଥୀକ ବର୍ଷରେ ମଞ୍ଜୁର ହୋଇଥିବା ଗୋଷ୍ଠୀକେନ୍ଦ୍ର ଏହି ଜମି ଉପରେ ବିଭାଗୀୟ ଭାବେ ବଳପୂର୍ବକ ନିର୍ମାଣ କରାଯାଇଛି। ବହୁ ଦୂରରେ ଥିବାରୁ ଜମିକୁ ମଠ ପକ୍ଷରୁ ଜଗାରଖା କରିବା ସମ୍ଭବ



ହେଉନାହିଁ। ଏହାର ସୁଯୋଗ ନେଇ ଏହି ଜମି ଉପରେ ସରକାରୀ ପ୍ରକଳ୍ପ ନିର୍ମାଣ କରି ବିଲ କରାଇ ନେବାକୁ ଉଦ୍ୟମ ବହୁବାର କରାଯାଇଛି। ସଂପୃକ୍ତ ମଠ ମହନ୍ତ ଏଥିପାଇଁ ଆରମ୍ଭରୁ ବିରୋଧ କରିଆସିଛନ୍ତି। ପ୍ରଥମେ ନିର୍ମାଣ କାର୍ଯ୍ୟ କରୁଥିବା ଜନୈକ ବ୍ୟକ୍ତି ମହନ୍ତଙ୍କ ନାମରେ ଏକ ମିଥ୍ୟା ଶପଥପାଠ ବ୍ଲକରେ ଦାଖଲ କରି ବିଲ ଉଠାଇବାକୁ ପ୍ରୟାସ କରିଥିଲେ। ଗତ ମାର୍ଚ୍ଚ ୧୮ ତାରିଖରେ ଖୋଦ ମଠ ମହନ୍ତ ବିଡିଓଙ୍କ ନିକଟରେ ଏଭଳି ଲିଖିତ ଅଭିଯୋଗ କରିବା ସହ ଏଥିପ୍ରତି ସତର୍କ ରହିବାକୁ ଅନୁରୋଧ କରିଥିଲେ। ଏବେ ମଠ ମହନ୍ତଙ୍କ ଠାରୁ ଅଭିଯୋଗ ପ୍ରତ୍ୟାହାର ଲେଖା ବ୍ଲକ ପ୍ରଶାସନ ହାସଲ କରିଥିବା ଜଣାଯାଇଛି। ହେଲେ ଏହି ମଠର ସମ୍ପତ୍ତି ଦେବୋତ୍ତର ଅଧିନରେ ରହିଛି। ମଠ ମହନ୍ତ ବ୍ୟକ୍ତିଗତ ଇଚ୍ଛାରେ କାହାକୁ ମଠ ସମ୍ପତ୍ତି ବ୍ୟବହାର ପାଇଁ ଅନୁମତି ଦେବା ବେଆଇନ ଅଟେ। ଆଇନଗତ ବାଧକ ସତ୍ତ୍ୱେ ମଠ ମହନ୍ତଙ୍କ ଅଭିଯୋଗ ପ୍ରତ୍ୟାହାର ଲେଖାକୁ ଢାଲ କରି ଦାଇତ୍ୱରେ ଥିବା ସିଖିଆ ଯନ୍ତ୍ରୀ ଯଥାଶିଘ୍ର ବିଲପାସ କରି ବିଡିଓଙ୍କ ଅନୁମୋଦନ ପାଇଁ ପଠାଇ ଥିବାରୁ ଓ ବ୍ଲକରେ ସବୁକିଛି ସମ୍ଭବ ହୋଇପାରୁଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଏହି ପ୍ରକଳ୍ପ ବିଲ ହୋଇନାହିଁ ଓ ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି ବୋଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ସରପେଲି ଓ କେଲାର ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫୁଟବଲ ମ୍ୟାଚ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କେଲାର ଗ୍ରାମ ସ୍ଥିତ କେବିକେ ପଡିଆ ଠାରେ ବନ୍ଧୁଗାଁ ବ୍ଲକର ସରପେଲି ଟିମ ଓ କେଲାର ଟିମ ମଧ୍ୟରେ ଏକ ବନ୍ଧୁତା ପୂର୍ଣ୍ଣ ଫୁଟବଲ ମ୍ୟାଚ ର ଆୟୋଜନ କରାଯାଇଥିଲା। ଏଥିରେ ୮୦ ମିନିଟ୍ ସମୟ ଦିଆ ଯାଇଥିବା ବେଳେ ଖେଳ ଆରମ୍ଭର ପ୍ରଥମ ୧୫ ମିନିଟ ମଧ୍ୟରେ ଉଭୟ ପକ୍ଷରୁ କୌଣସି ପ୍ରକାର ଗୋଲ ହୋଇନଥିଲା। ଏହାର ପରେ ସରପେଲି ଟିମ୍ ପ୍ରଥମେ ଗୋଟିଏ ଗୋଲ କରି ଅଗ୍ରଣୀ ଲାଭ କରିବାର କିଛି ସମୟ ପରେ କେଲାର ଟିମ ତରଫରୁ ଏକ ଗୋଲ ହୋଇଥିଲା। ତାପରେ ପୁଣି ଥରେ ସରପେଲି ଟିମ ଏକ ଗୋଲ କରି ୨/୧ ରେ ମ୍ୟାଚକୁ ନିଜ କବ୍ଜାକୁ ନେଇଥିବା ବେଳେ କେଲାର ଟିମ ଜୋର ସୋର ରେ ଲାଗି ପଡ଼ି ୫/୨ ରେ ମ୍ୟାଚ ଜିତି ସରପେଲି ଟିମକୁ ପରାସ୍ତ କରି ବିଜୟର ସ୍ୱାଦ ଚାଖିଥିଲା।

# ୮ରୁ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୟୁନିଟ-୬ ଆଥଲେଟିକ ଆସୋସିଏସନ, ଭୁବନେଶ୍ୱର ଅନୁକୁଲ୍ୟରେ ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଚଳିତ ଅଗଷ୍ଟ ମାସ ୮ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ - ୧ ମଧ୍ୟରେ ଥିବା ବା ଫୁଟବଲ ଏକାଡେମୀ ପଡ଼ିଆରେ ଖେଳା ଯିବାକୁ ସ୍ଥିର ହୋଇଅଛି। ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ଷୋଳଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ପ୍ରତିଯୋଗିତାଟି ଲିଗ୍-କମ୍-ନକଆଉଟ୍ ଭିତ୍ତିରେ ଖେଳାଯିବ। ତୃଣମୂଳ ସ୍ତରରୁ ଫୁଟବଲ ଖେଳାଳିଙ୍କୁ ଖେଳାଳିଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପ୍ରତ୍ୟେକ ଖେଳରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବା ସହିତ ଅନେକ ଆକର୍ଷଣୀୟ ତଥା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଆସୋସିଏସନର ସଭାପତି ତପନ କୁମାର ମହାନ୍ତି ଓ ସମ୍ପାଦକ ଦିଲୀପ କୁମାର ଦାସ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଚଳିତ ପ୍ରତିଯୋଗିତାକୁ ସଫଳ ଆୟୋଜନ ପାଇଁ ସମସ୍ତ ଫୁଟବଲ ପ୍ରେମୀଙ୍କୁ ଅନୁରୋଧ କରିଛନ୍ତି।

# ଅଟଳ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଅଟଳ ଯୁବ ବାହିନୀ ତରଫରୁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବି.ରବି ରାଓଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ଶ୍ରୀରାମ ନଗର ସ୍ଥିତ ଭଜରାମ ବିହାର ଠାରେ 'ବୃକ୍ଷରୋପଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଟଳ ଯୁବ ବାହିନୀ ଗଞ୍ଜାମ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ 'ବୃକ୍ଷରୋପଣ' ଅଭିଯାନ କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ଆଜି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ 'ବୃକ୍ଷ ହିଁ ଜୀବନ'କୁ ମୂଳମନ୍ତ୍ର କରି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା 'ମା' ପାଇଁ ଗଛଟିଏ' ମନ୍ତ୍ରର ଆହ୍ୱାନକୁ ନେଇ ଆଜି ୧୦୦ରୁ ଉର୍ଦ୍ଧ୍ୱ 'ବୃକ୍ଷରୋପଣ' କରାଯାଇଛି। ଏହି ଅବସରରେ ଅଟଳ ଯୁବ ବାହିନୀର ସଭାପତି ଶିବ ଶଙ୍କର ପତି ଯୋଗ ଦେଇ କହିଛନ୍ତି ଯେ, ଏହି ଅଭିଯାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ପରିବେଶ ସୁରକ୍ଷା ଉଦ୍ୟମର ଏକ ଅଂଶ, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ତିଆରି କରିବା। ଆଜିର




ଏହି 'ବୃକ୍ଷରୋପଣ' ଅଭିଯାନ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ କମଲ ପାତ୍ର, କିଶୋର କୁମାର ସାହୁ, ଜି.ବିଜୟ ପାତ୍ର, ଆଇନଜିବୀ କୁଞ୍ଜବିହାରୀ ପଣ୍ଡା, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଶକ୍ତି ପଟ୍ଟନାୟକ, ଶୀତଲ ଜେନା, ଦେବୁନ ପଟ୍ଟନାୟକ, ଅଖିଳ ବେହେରା, କୃଷ୍ଣ ପୋଲାଇ, ଆଲୋକ ସାହୁ, ଲିପୁନ୍ ପଟ୍ଟନାୟକ, ରଜତ ପଟ୍ଟନାୟକ, ଚିତ୍ତରଞ୍ଜନ ସାହୁ, ଅଜୟ ଦାସ, ମନୋଜ ପାଣିଗ୍ରାହୀ, ସାଗର ମୁଖୀ, ପ୍ରିୟଙ୍କର ସ୍ୱାଇଁ, ଯୋଗେଶ୍ୱର ଗୌଡ଼, ପ୍ରଫୁଲ୍ଲ ସାହୁ, ସଞ୍ଜୟ କୁମାର ଦାସ, ସାଗର ସାହୁ, ସରୋଜ ଦାସ, ବିରଜା ସାହୁ, ଶ୍ରୀଧର ପାଳ, ଅମର ସାହୁ, ଭାବଗ୍ରାହୀ ପାଳ, ଧର୍ମରାଜ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବର୍ଷା ନହେବାରୁ ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଶ୍ରାବଣ ସରିବାକୁ ବସିଲାଣି। ପ୍ରଚଣ୍ଡ ରୋଦ୍ରତାପ ଯୋଗୁଁ ଚାଷ ଜମି ଫାଟି ଆଁ କଲାଣି। କିନ୍ତୁ ବର୍ଷାର ଦେଖା ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଏକ କୃଷି ଭିତ୍ତିକ ଅଞ୍ଚଳ ଅଟେ। ସ୍ଥାନୀୟ ଅଞ୍ଚଳର ମୁଖ୍ୟ ବେଉସା ଚାଷ କହିଲେ ଧାନ ଚାଷକୁ ବୁଝାଏ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ବର୍ଷା ଦେଖାନଥିବା ବେଳେ କେହି କେହି ପାଣି ମଟର ସହାୟତାରେ କା ଭାଁ ଚାଷ ହୋଇଥିବା ବେଳେ ବର୍ଷାର ଅଭାବ ଯୋଗୁଁ ଫସଲ ନଷ୍ଟ ହେବା ସହ ମରୁଡି ପରିସ୍ଥିତି ଦେଖା ଦେଲାଣି। ଅନେକ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି, ଅନେକ ସ୍ଥାନରେ ବିଲରେ ଗୋରୁ ଛାଡି ଲେଣି। ବର୍ଷା ପାଇଁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନୂଆଗଡ, ଝାଡ଼ଲିଙ୍ଗ, ମାଣ୍ଡୁକି, ଶିଶୁଅ, ସରିପୁର ସମେତ ଅନ୍ୟ ପଂଚାୟତ ଗୁଡିକ ରେ ଚାଷୀ ହାହାକାର ହେଉଥିବା ବେଳେ ପୂର୍ବ ପୁରୁଷରୁ ବିଶ୍ୱାସ ରହିଛି ଇନ୍ଦ୍ର ଦେବତାଙ୍କୁ ପୂଜା କଲେ ବର୍ଷା ହୋଇଥାଏ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଝାଡ଼ଲିଙ୍ଗ ପଂଚାୟତ ସରପଞ୍ଚ ବୃନ୍ଦାବନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାନପୁର ସ୍ଥିତ ଅବଦୁତ ମଠ ପରିସରରେ ଥିବା ଅନନ୍ତ ମହାବୀର ପୀଠ ନିକଟରେ ସ୍ୱତନ୍ତ୍ର ପୂଜକଙ୍କ ଦ୍ୱାରା ରବିବାର ପ୍ରତ୍ୟୁଷରୁ ଇନ୍ଦ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ଇନ୍ଦ୍ର ଦେବତାଙ୍କୁ ଆବାହମାନ କରି ଚାଷ ଜମିରେ ଇନ୍ଦ୍ର ପୂଜା ମଧ୍ୟ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଅବଦୁତ ମଠ ଠାରେ ହୋମ ଯଜ୍ଞ କରିବା ସହ ଗ୍ରାମର ପୁରୁଷ ଓ ମହିଳାମାନେ ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ବ୍ୟକ୍ତି ଘର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ପଣ୍ଡିତ ସୁବାସ ଚନ୍ଦ୍ର ଦାଶ ଓ ରମାକାନ୍ତ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜା କର୍ତ୍ତା ଭାବେ ନିଜେ ସରପଞ୍ଚ ବୃନ୍ଦାବନ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ତ୍ର ଧ୍ୱନିରେ ଇନ୍ଦ୍ର ପୂଜା କରାଯାଇଥିଲା। ବିଶ୍ୱାସ ରହିଛି ପୂଜା କରିଛନ୍ତି ଆଶା ରହିଛି ବର୍ଷା ନିହାତି ହେବ ଓ ଚାଷ କାର୍ଯ୍ୟ ଆଗେଇବ।

## ମହାଲିଙ୍ଗ-ଦାବଜୋର ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

# ଭାଙ୍ଗା ରାସ୍ତା ବିପଦକୁ କରୁଛି ନିମନ୍ତ୍ରଣ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଠାରୁ ଦାବଜୋର ମୁଖ୍ୟମନ୍ତ୍ରୀ ସଡକ ରାସ୍ତା କାର୍ଯ୍ୟ ସରିବାର ବର୍ଷେ ହେଉଣୁ ଭାଙ୍ଗି ପଡ଼ିଥିବା ବେଳେ ଏଥିପାଇଁ ଉକ୍ତ ରାସ୍ତା ଦେଇ ଯାଉଥିବା ଅନେକ ବାଇକ ଆରୋହି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ମହାଲିଙ୍ଗଠାରୁ ଦାବଜୋର ରାସ୍ତା ଗତ ୨୦୨୩ ଡିସେମ୍ବର ମାସ ୧୩ ତାରିଖ ଦିନ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗତବର୍ଷ ଜୁନ ମାସରେ କାର୍ଯ୍ୟ ସରିଥିବା ସୂଚନାଫଳକରୁ ଜଣାପଡୁଛି। ଏହି ରାସ୍ତା କାର୍ଯ୍ୟ ନୂଆପଡ଼ା ଜିଲ୍ଲାର ଏ ଶ୍ରେଣୀ ଠିକାଦାର ରୂପେଶ ଅଗ୍ରୱାଲ କରିଥିବା ଜଣାଯାଏ। ସୂଚନାଫଳକ ଅନୁସାରେ ୨୩ ଲକ୍ଷ ୧୭ ହଜାର ୩୭୩ ଟଙ୍କା ଅଟକଳ ମୂଲ୍ୟ ଦର୍ଶା ଯାଇଥିବା ବେଳେ ଏହାର ଅଟକଳ ପରିମାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏତେ କମ ପରିମାଣର ଅଟକଳ ମୂଲ୍ୟରେ ମୁଖ୍ୟମନ୍ତ୍ରୀ ସଡକ ରାସ୍ତା ହେବା ସମ୍ଭବପର ନୁହେଁ। ଏହି ରାସ୍ତା କାର୍ଯ୍ୟ କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ଠାରୁ ବଲାଙ୍ଗିର ଜିଲ୍ଲା ଦାବଜୋର ପର୍ଯ୍ୟନ୍ତ ୬ କିମି ରାସ୍ତା ହୋଇଛି। କାର୍ଯ୍ୟ ଚାଲୁଥିବା ସମୟରେ ଏହି ରାସ୍ତାରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅନେକ ଅଭିଯୋଗ ହୋଇଥିବା ବେଳେ ଅନେକ ଖବରକାଗଜରେ ନିମ୍ନମାନର କାମ ହେଉଥିବା ନେଇ ଖବର ପ୍ରସାରଣ ହୋଇଥିଲା। କିନ୍ତୁ ଏହି ଖବରକୁ ବେଖାତିର କରିଥିଲା ସଂପୃକ୍ତ ଠିକା ସଂସ୍ଥା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ। ଯାହାରି ଫଳରେ ରାସ୍ତାର ଅନେକ ଜାଗାରେ ରାସ୍ତା ଭାଙ୍ଗି ପଡିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଦବି ଯାଇଛି। ଅନେକ ସ୍ଥାନରେ ପିଚୁ ଉଠି ପଡିଥିବା ବେଳେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇଯାଇଥିବାରୁ ବର୍ଷା ପାଣି ଭର୍ତ୍ତି ହୋଇ ଦିନକୁ ଦିନ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଲାଣି। ଏହି ରାସ୍ତା ଦେଇ ଅଞ୍ଚଳର ଲୋକେ ପଡୋଶୀ ନୂଆପଡା ଜିଲ୍ଲା ତଥା ଛତିଶଗଡ଼କୁ ଯିବା ଆସିବା କରୁଥିବା ବେଳେ ରାସ୍ତାର ବଡ ବଡ ଖାଲରେ ପଡି ଅନେକ ଗାଡ଼ି ଦୁର୍ଘଟଣା ଶିକାର ହୋଇଥିବା ଅଭିଯୋଗ ହେଉଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଏକ ବର୍ଷ ହୋଇ ଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ୨୦୨୯ ମସିହା ଜୁନ ମାସ ୧୨ ତାରିଖ ପର୍ଯ୍ୟନ୍ତ ଅଛି। ସଂପୃକ୍ତ ରାସ୍ତା ବିଷୟରେ ମତାମତ ନେବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳି ପାରିନାହିଁ। ଏହି ରାସ୍ତା ଧିରେ ଧିରେ ଖରାପ ହେବାକୁ ବସୁଥିବା ବେଳେଏହି ରାସ୍ତାକୁ ତୁରନ୍ତ ମରାମତି କରିବା ସହିତ ଭିଜିଲାନ୍ସ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

# ପୁରୁଣା ପେନ୍‌ସନ୍ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାର କର୍ମଚାରୀଙ୍କ ନିମନ୍ତେ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ ଘୋଷଣା ହେବା ପରେ ଦେଶ ତଥା ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଚାରି ଲକ୍ଷ କର୍ମଚାରୀ ମାନଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶା ସରକାର ବିନା ଆଲୋଚନାରେ ଓଡ଼ିଶାରେ ୟୁନିଫାଇଡ୍ ପେନ୍‌ସନ୍ ସ୍କିମ୍ ଲାଗୁ କରିଥିବାରୁ ରାଜ୍ୟ ସରକାରୀ କର୍ମଚାରୀ ଅଗଷ୍ଟ ଏକ ତାରିଖରେ ତିରିଶଟି ଜିଲ୍ଲାରେ ଜିଲ୍ଲାପାଳ ମାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଳାହାଣ୍ଡି ଏନ୍‌ଏମ୍‌ଓପି ଏସ୍ ସାଧାରଣ ସମ୍ପାଦକ ଲଳିତ କୁମାର ନାଏକଙ୍କ ନେତୃତ୍ୱରେ ଶତାଧିକ କଳାହାଣ୍ଡି ଏନ୍‌ପିଏସ୍ କର୍ମଚାରୀ ଏକଜୁଟ ହୋଇ ଜେଲ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ସହ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଅବିକଳ ପୁରୁଣା ପେନସନ ଲାଗୁ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବୀପତ୍ର ପ୍ରଦାନ ତଥା ଶୋଭାଯାତ୍ରାରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସଦର ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ବଙ୍କିମ ସାଗର, ଦୁର୍ଗା ମାଧବ ପଣ୍ଡା, ଉପେନ୍ଦ୍ର ପ୍ରଧାନ, ବ୍ଲକ ପ୍ରାଥମିକ ସଂଘ ସଭାପତି ମଧୁ ପ୍ରଧାନ, ବିଦ୍ୟୁତ୍ ବିଭାଗ ମାଧବ ଚନ୍ଦ୍ର ପଣ୍ଡା, ଏନ ଏମ ଓ ପି ଏସ ଉପସଭାପତି ପ୍ରଫୁଲ୍ଲ କୁମାର ଠାକୁର, ମାଧ୍ୟମିକ ଏନ୍ ପି ଏସ ଶିକ୍ଷକ ଗିରିଜା କୁମାର ସାହୁ, ରୂପକଶୋର ଦଳେଇ, ଜାକିର ଖାନ, ଶିକ୍ଷୟତ୍ରୀ ସୁପ୍ରଭା ପଟ୍ଟାୟକ, ବସୁମତି ସାହୁ, ଅଜିତ କୁମାର ନାୟକ, ଅଜିତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନରେ ଦୁର୍ନୀତି ଅଭିଯୋଗ

ନର୍ଲା, (ଭାସ୍କର ନ୍ୟୁଜ୍) : ଓଡିଶାରେ ନିର୍ବାଚନ ସମୟରେ ବିଜେପି ତାର ଘୋଷଣା ପତ୍ରରେ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା। ଏପ୍ରିଲ୍ ୧୧ ତାରିଖ ସମଗ୍ର ଓଡ଼ିଶା ପ୍ରଦେଶରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଶୁଭାରମ୍ଭ କରାଯାଇଥିଲା ମଧ୍ୟ। ସାରା ଓଡିଶାର ବିଭିନ୍ନ ସ୍ଥାନରେ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ନର୍ଲା ବ୍ଲକର ୪ଗୋଟି କେନ୍ଦ୍ରରେ ଯଥା, ପଲମ୍, ରୁପ୍ରା, ରୁପ୍ରାରୋଡ ଓ ଉଲିକୁପା କେନ୍ଦ୍ର ମାନଙ୍କରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଶୁଭାରମ୍ଭ କରାଯାଇ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ଗୋଟିଏ କେନ୍ଦ୍ରରେ ୨ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହେଇଥିବା ବେଳେ ୪ଗୋଟି କେନ୍ଦ୍ର ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ଅନୁଦାନ ଆସିଥିବା ସୂଚନା ମିଳିଛି। ୨ଲକ୍ଷ ୫୦ହଜାର ଟଙ୍କା ଲୋକଙ୍କ ପାଇଁ ଖର୍ଚ୍ଚ ହେବା କଥା କିନ୍ତୁ ଟା, ଜଳଖିଆରେ ୨ଲକ୍ଷ ୫୦ହଜାର ଟଙ୍କାର ଖର୍ଚ୍ଚ କାଗଜ କଲମରେ ରିପୋର୍ଟ ତିଆରି କରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଆମ ପ୍ରତିନିଧି ଫାର୍ମାସିଟ୍ ଉଲିକୁପା ଓ ରୁପ୍ରାରୋଡ଼ ଫାର୍ମାସିଟ୍ ମାନଙ୍କୁ ଯୋଗାଯୋଗ କରି କେତେ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ପଚାରି ବୁଝିବାରୁ ଏହାର କୌଣସି ଉତ୍ତର ମିଳିନ ଥିଲା। ଫାର୍ମାସିଟ୍ କହିବା ଅନୁସାରେ ଆମକୁ ରିପୋର୍ଟ ତିଆରି କରି ଦେବା ପାଇଁ ଡକ୍ଟର ଅକ୍ଷୟ କୁମାର ଗୋଛାୟତ କହିଛନ୍ତି। ଆମେ ରିପୋର୍ଟ ତିଆରି କରି ଦେଇଛୁ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ଯେ ୪ଗୋଟି କେନ୍ଦ୍ର ମାନଙ୍କରେ ଫାର୍ମାସିଟ୍ ମାନଙ୍କ ନେତୃତ୍ୱରେ ହୋଇଥିଲା। ଲୋକେ ସନ୍ଦେହ କରୁଛନ୍ତି ଏମାନେ ସମସ୍ତେ ମିଳିମିଶି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରି ଏହାର ସତ୍ୟା ସତ୍ୟ ପଦାକୁ ଆଣିବାପାଇଁ ଦାବି କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ଜୟପାଟଣା, (ଭାସ୍କର ନ୍ୟୁଜ୍): ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୁଖିଗୁଡ଼ା ଠାରେ ଶିକ୍ଷା ବର୍ଷ ୨୦୨୫/୨୬ର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମେନ୍ଦ୍ର ସାମନ୍ତ ସିଂହାରଙ୍କ କର କମଳରେ ଉଦ୍ଘାଟନ କରିଥିଲେ, ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର ଭାଇ, କୁରୁକ୍ଷେତ୍ର ଭାଇ, ପ୍ରତିମା ଗୁରୁମା, ପରିଚାଳନା କରିଥିବା ବେଳେ ଗୁରୁମା ମମତା ପାଢ଼ୀ ଓ ନିତ୍ୟାନନ୍ଦ ଗୁରୁଜୀ ପରିଚୟ ପ୍ରଦାନ କରିଥିଲେ, ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଜ୍ଞାନ ସମ୍ବନ୍ଧୀୟ ପ୍ରଦର୍ଶନୀ କରିଥିଲେ, ଅପରାହ୍ନରେ ରମେଶ ଚନ୍ଦ୍ର ଦୋରା ମୁଖୀଗୁଡା ଫାଣ୍ଡି ଅଧିକାରୀ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ, ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ପାଢ଼ୀ ସର୍ବ ବ୍ୟବସ୍ଥା ପ୍ରମୁଖ ଥିବା ବେଳେ, ଗୁରୁଜୀ ବିକାଶ କୁମାର୍ ପଣ୍ଡା ପ୍ରମୁଖ ଓ ଅନ୍ୟ ଗୁରୁଜୀ ଗୁରୁମା ଜଳପାନ ଓ ଭୋଜନ ବ୍ୟବସ୍ଥାକୁ ସୁଚାରୁ ରୁପେ ତୁଲାଇଥିଲେ, କାର୍ଯ୍ୟକ୍ରମରେ ସ୍କୁଲ ସମ୍ପାଦକ ମୂରଲୀଧର ସାହୁ, ସଭାପତି ଶିଶିର କୁମାର୍ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ମାର୍ଗ ଦର୍ଶନ କରିଥିଲେ, ମୁଖ୍ୟବକ୍ତା ଭାବେ ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିପିନ ବିହାରୀ ନାୟକ ଦାୟିତ୍ୱ ତୁଲାଇ ଥିଲେ।

# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଉଦ୍ୟମକୁ ପ୍ରଶଂସା




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ ନନ୍ଦ ଗାଁ ମା ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉଦ୍ୟମ ଅଞ୍ଚଳ ପାଇଁ ଏକ ଉଦାହରଣ ସୃଷ୍ଟି ହୋଇଛି। ଗୋଷ୍ଠୀର ସଦସ୍ୟ ମାନେ ଗାଁ ପରିବେଶ, ସୁସ୍ଥ ଗାଁ ଓ ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରସର ହୋଇଛନ୍ତି। ଆଜି ନନ୍ଦ ଗାଁ ରାସ୍ତା ଘାଟ ବନ୍ଦ ହୁଡା ତଥା ଅନାବନା ଗଛ କାଟି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବା ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିବା ବେଳେ ସଫେଇ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ର ସଭାନେତ୍ରୀ ହେମଲତା ସୁନାନୀ ଓ ସମ୍ପାଦିକା ରଶ୍ମିତା ମହାନନ୍ଦଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗୋଷ୍ଠୀ ସଦସ୍ୟା ପଙ୍କ ବେମାଲ, ଇଛା ବେମାଲ, ନୀଳ ବେମାଲ ଚମ୍ପେ ଦୁର୍ଗା ପ୍ରମୁଖ ସାମିଲ ହୋଇଥିଲେ। ଗାଁର ଘର ଘର ଯାଇ ପ୍ଲାଷ୍ଟିକ ଆବର୍ଜନା ସାମଗ୍ରୀ ସଂଗ୍ରହ କରିବା ସହ ରାସ୍ତା ଘାଟ ସରକାରୀ କାର୍ଯ୍ୟାଳୟ ପରିସର ଆଦି ସଫେଇ କରିଥିଲେ। ମହିଳା ଗୋଷ୍ଠୀର ଏଭଳି କାର୍ଯ୍ୟକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଭୁରିଭୁରି ପ୍ରଶଂସା କରିବା ସହ ପୂର୍ଣ୍ଣ ପ୍ରୋତ୍ସାହ ଓ ସହାୟତା ଯୋଗାଇ ଦେବାକୁ ପ୍ରତିବଦ୍ଧ ଥିବା ଜଣାପଡିଛି। ଅନ୍ୟପଟେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ଯୁବ ନେତା ଭବାନୀ ଶଙ୍କର ବାଣୁଆ ଓ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ କିରଣ ମୟୀ ବାଣୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ତୀର୍ଥ ମାଝୀ, ସମାଜ ସେବୀ ସଞ୍ଜୟ କୁମାର ପଟେଲ ପୂର୍ବତନ ସରପଞ୍ଚ ସତ୍ୟବାନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଆଗକୁ ପଞ୍ଚାୟତ ଅଧିନ ସମସ୍ତ ଗାଁରେ ଏଭଳି ସଚେତନା ବାର୍ତ୍ତା ଦେବା ସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ମିଶନ ମାଧ୍ୟମରେ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସଭାନେତ୍ରୀ ହେମଲତା ସୁନାନୀ ପ୍ରକାଶ କରିଛନ୍ତି।

# ବ୍ଲକରେ ବୁଥ ସଂଶୋଧନ ବୈଠକ



ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ବ୍ଲକ ସମ୍ମେଳନ କକ୍ଷରେ ବୁଥ ସଂଶୋଧନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଏ ନେଇ ଆୟୋଜିତ ବୈଠକରେ ନର୍ଲା ତହସିଲଦାର ବିଭୁପ୍ରସାଦ ସିଂ ଓ ନର୍ଲା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବି ନାଏକ ମଞ୍ଚାସୀନ ଥିଲେ। ନିର୍ବାଚନ ପ୍ରକ୍ରିୟାରେ ସାମିଲ ଥିବା ନର୍ଲା ବିଏଲଓ ସୁନୀତା ପଣ୍ଡା, ଉଲିସିର୍କା ବିଏଲଓ ନେପାଳ ସାହୁ, ବିଏଲଓ ସୁପର ଭାଇଜର କ୍ଷୀରସିନ୍ଧୁ ବାଗ, ଫିରୋଜ ପଧାନ ପ୍ରମୁଖ ଉପସ୍ଥିତ ରହି ବୁଥ ଗୁଡିକର ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ବିଜେପି ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପଧାନ, ସଦସ୍ୟ ବିକାଶ ଦତ୍ତା, ଲକ୍ଷ୍ମଣ ଦୀପ, ସେହିଭଳି ବିଜେଡି ଦଳ ତରଫରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାହୁ ଓ ନର୍ଲା ପଞ୍ଚାୟତ ସଭାପତି କିଶୋର ମାଝୀ, କଂଗ୍ରେସ ଦଳ ତରଫରୁ ନର୍ଲା ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, ସିପିଆଇଏମଏଲ ପାର୍ଟିର ଜିଲ୍ଲା ସମ୍ପାଦକ କେଶବ ପଧାନ, ବହୁଜନ ସମାଜ ପାର୍ଟି ତରଫରୁ ଦୁର୍ଯ୍ୟୋଧନ କୁମାର ଓ ଅନ୍ୟାନ୍ୟ ଦଳୀୟ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନର୍ଲା ବ୍ଲକ ମଧ୍ୟରେ ରହିଥିବା ୧୨୦ ଗୋଟି ବୁଥ ମଧ୍ୟରୁ ୧୧୦୦ ରୁ ଉର୍ଦ୍ଧ୍ୱ ଭୋଟ ଦାତା ରହିଥିବା ଓ ୨୪ ଗୋଟି ବୁଥର ବିଭାଜନ ବିଷୟ ଏଥିରେ ଆଲୋଚିତ ହୋଇଥିଲା।


## ବଡ ଭାଇ ନେଲା ସାନ ଭାଇର ଜୀବନ

ଜୁନାଗଡ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅନ୍ତର୍ଗତ ମହୀଭର ଗ୍ରାମରେ ସାନ ଭାଇକୁ ହତ୍ୟା କଲା ବଡ଼ ଭାଇ। ସୂଚନାରୁ ପ୍ରାପ୍ତ ଯେ ଜୁନାଗଡ ଥାନା ଅନ୍ତର୍ଗତ ମହୀଭର୍ ଗ୍ରାମ ଲିଙ୍ଗରାଜ ନାଏକ ଓ ତାଙ୍କ ବଡ ଭାଇ ପ୍ରେମାନନ୍ଦ ନାଏକ ଜମି ବାଡିକୁ କେନ୍ଦ୍ର କରି ଯୁକ୍ତି ତର୍କ ହୋଇଥିଲା। ଯୁକ୍ତିତର୍କ ଏତେ ବଢି ଯାଇଥିଲା ଯେ ବଡ ଭାଇ ପ୍ରେମାନନ୍ଦ ଏକ କୋଦାଳରେ ସାନ ଭାଇ ମୁଣ୍ଡରେ ଆଘାତ ଦେଇଥିଲା ଘଟଣା ସ୍ଥଳ ରେ ସାନ ଭାଇର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଜୁନାଗଡ଼ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ ପୋଲିସ ମହୀଭର୍ ଗ୍ରାମକୁ ଯାଇ ଅଭିଯୁକ୍ତକୁ ଗିରଫ କରିବା ସହ ହତ୍ୟା ମାମଲା ରଜୁ କରି ଅଧିକ ତଦନ୍ତ ପାଇଁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜୁନାଗଡ ଥାନା ଅଧିକାରୀ ଶେଷ ଦେବ ବେହେରା ପ୍ରକାଶ କରିଛନ୍ତି।

# ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋରାପଦର ପଞ୍ଚାୟତର କେର୍ଣ୍ଣାପଲା ଗାଁ। ୨୦୨୦ରେ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା କମ୍‌ଥିବାରୁ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଲେ। ଫଳରେ ଏହି ଗାଁର ଛାତ୍ରୀଛାତ୍ର ୨ କିମି ଦୂରରେ ଥିବା ମ. ରାମପୁର ବ୍ଲକ୍ ଟୁର୍ଚ୍ଚି ବିଦ୍ୟାଳୟରେ ପାଠ ପଢୁଛନ୍ତି। ଏହା ବ୍ୟତୀତ ଜନସଂଖ୍ୟା କମ୍ କାରଣରୁ କେର୍ଣ୍ଣାପଲା ଗାଁ ଓ ପୁରଗୁଡ଼ିପଦର ଗାଁ ପାଇଁ ବତୀକୁପା ଠାରେ ରହିଛି ଅଙ୍ଗନୱାଡ଼ି କେନ୍ଦ୍ର। ଯାହା ଦ୍ୱାରା ଛୋଟଛୋଟ ଶିଶୁମାନେ ପ୍ରାକ୍ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଗାଁକୁ ଯିବାକୁ ହେଲେ ମ.ରାମପୁର ବ୍ଲକର ଟୁର୍ଚ୍ଚିଠାରୁ ୨ କିମି ଅତିକ୍ରମ କଲାପରେ କେର୍ଣ୍ଣାପଲା ଗାଁ ପଡ଼ିଥାଏ। ଏଣୁ ଉକ୍ତ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରିବା ଓ ପ୍ରାଥମିକ ବିଦ୍ୟାଳୟକୁ ପୁଣିଥରେ ଖୋଲିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



କେସିଙ୍ଗା, (ଭାସ୍କର ନ୍ୟୁଜ୍) : ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମିତିର ଆହ୍ୱାନ କ୍ରମେ ଓଷ୍ଟା, କେସିଙ୍ଗା ବ୍ଲକ୍ ସଭାପତି ଅଭୟ କୁମାର ଦେବତାଙ୍କ ନେତୃତ୍ୱରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣ ଧାରଣା ଆୟୋଜିତ ହୋଇଯାଇଛି। ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ କୁମାର ରଥ, ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର ଓ ବ୍ଲକ ସମ୍ପାଦକ ସମୀର କୁମାର ବେହେରା ଏବଂ ପ୍ରାୟ ୭୫ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣ ଶିକ୍ଷକ କର୍ମଚାରୀମାନଙ୍କ ଉପସ୍ଥିତିରେ ଛଅ ଦଫା ସମ୍ବଳିତ ଏକ ଦାବୀପତ୍ର ଯଥା ପୁରାତନ ପେନସନ୍ ପ୍ରଦାନ, ଗ୍ରେଡ ପେ ବୃଦ୍ଧି, ଅବସର ସମୟ ସୀମା ୬୨ ବର୍ଷକୁ ବୃଦ୍ଧି, ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହା ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କୁ ନ୍ୟାସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଅବସର ପ୍ରାପ୍ତ ଓ ଅବସର ନେବାକୁ ଥିବା କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ ଅନୁସାରେ ସୁବିଧା ସୁଯୋଗ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଓ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଇତ୍ୟାଦି ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ, ଓଡିଶା ସରକାରଙ୍କ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀ, କେସିଙ୍ଗା ମାଧ୍ୟମରେ ପ୍ରଦାନ କରାଯାଇଥିଲା।

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ





ନର୍ଲା, (ଭାସ୍କର ନ୍ୟୁଜ୍): ୭୯ତମ ସ୍ୱାଧିନତା ଦିବସ ପାଳନ ନେଇ ନର୍ଲା ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ମାଝୀ, ବ୍ଲକ ସାମାଜିକ ଅଧିକାରୀ ପ୍ରଦୀପ ବେହେରା, ବ୍ଲକ ସେକ୍ସନ ଅଫିସର ସୁଦର୍ଶନ ରାଉତ ଓ ଏକାଉଣ୍ଟ ଅଫିସର ପ୍ରତୀକ ରଥ ମଞ୍ଚାସୀନ ହୋଇ ୭୯ତମ ସ୍ୱାଧିନତା ଦିବସ ପାଳନ ପାଇଁ ଖସଡା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବଦ୍ରୀପ୍ରସାଦ ମିଶ୍ର, ନର୍ଲା ଡିଗ୍ରୀ କଲେଜର ଅଧ୍ୟକ୍ଷ ନାରାୟଣ ନାଏକ, ଆରଡବ୍ଲୁଏସ୍‌ଏସ୍‌ର ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀ, ଭୋଳାନାଥ ଦାସ, ସିଡିପିଓ ଅଞ୍ଜଳୀ ପଟ୍ଟନାୟକ, ଯୁକ୍ତ ଦୁଇ କଲେଜର ଅଧ୍ୟାପକ ସନ୍ତୋଷ କୁମାର ବୁଢ଼ିଆ, ଆରଡବ୍ଲୁ ଏସଏସ କର୍ମଚାରୀ ସନତ କୁମାର ନାୟକ, ଓଏଲଏମ୍ ସଂଯୋଜକ ସନତ କୁମାର ସାହୁ, ନର୍ଲା ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ ଜୟଦେବ ପୋଢ, ଷ୍ଟେଟ ବ୍ୟାଙ୍କ ନର୍ଲା ଶାଖା ପରିଚାଳକ, ନର୍ଲା ଅଗ୍ନିଶମ ବିଭାଗ କର୍ମଚାରୀ, ଜବାହର ନବୋଦୟ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ।

# ରାଶିଫଳ


ସୋମବାର, ୦୪ ଅଗଷ୍ଟ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।




**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।




**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।




**କର୍କଟ:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।




**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ।




**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।




**ତୁଳା:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ୍ୟ ଆଜି ଭଲ ଫଳାଫଳ ପାଇବେ।




**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ।




**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯